

ସଲ୍‌ମାନଙ୍କ ନାୟିକା ହେବେ ସାମନ୍ଥା

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-255 ◆SATURDAY ◆14 MARCH 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୫୫ ◆ଶନିବାର ◆୧୪ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଦରମା ଆଧାରରେ ମିଳିବ ଏଚ୍-୧ବି ଭିସା




■ ୱାସିଂଟନ,୧୩।୩(ଏଜେନ୍ସି): ଆମେରିକା ସରକାର ଏଚ୍-୧ବି ଭିସା ଚୟନ ପ୍ରକ୍ରିୟାରେ ବଡ଼ ପରିବର୍ତ୍ତନ କରିଛନ୍ତି। ଏଣିକି ଆଉ ଲଟେରୀ ମାଧ୍ୟମରେ ନୁହେଁ, ବରଂ କର୍ମଚାରୀଙ୍କ ଦରମା ଆଧାରରେ ଭିସା ପ୍ରଦାନ କରାଯିବ। ଏଥିପାଇଁ ନୂଆ 'ଫର୍ମ ୧-୧୨୯' ବ୍ୟବସ୍ଥା ଆସିଛି। ଏହା ୨୦୨୬ ଏପ୍ରିଲ ପହିଲାରୁ ଲାଗୁ ହେବ। ଆବେଦନକାରୀଙ୍କୁ ୪ଟି ୱେଜ୍ ଲେଭେଲ ଅର୍ଥାତ ଦରମା ସ୍ତରରେ ବିଭକ୍ତ କରାଯିବ। ଅଧିକ ଦରମା ପାଉଥିବା କର୍ମଚାରୀଙ୍କ ଭିସା ପାଇବା ସମ୍ଭାବନା ଅଧିକ ରହିବ। ଉଚ୍ଚସ୍ତରର କର୍ମଚାରୀ (ଲିଭେଲ-୪)ଙ୍କୁ ଚୟନ ପାଇଁ ୪ଟି ସୁଯୋଗ ମିଳିବ, ଯେଉଁଠାରେ ପ୍ରାରମ୍ଭିକ ସ୍ତରର (ଲିଭେଲ-୧) ମାତ୍ର ଗୋଟିଏ ସୁଯୋଗ ମିଳିବ। ଆମେରିକା ସରକାର ଏହି ଭିସା ଫିସ୍ ବୃଦ୍ଧି କରି ପ୍ରାୟ ୯୦ ଲକ୍ଷ ଟଙ୍କା କରିଛନ୍ତି। ଏହାର ପ୍ରଭାବ ଭାରତୀୟଙ୍କ ଉପରେ ଅଧିକ ପଡ଼ିବ। ପ୍ରତିବର୍ଷ ଜାରି ହେଉଥିବା ଏଚ୍-୧ବି ଭିସାର ପ୍ରାୟ ୭୦ ପ୍ରତିଶତ ଭାରତୀୟଙ୍କୁ ମିଳିଥାଏ। ଏହି କଠୋର ନିୟମ ଯୋଗୁଁ ଅନେକ ଭାରତୀୟ ସଫ୍ଟୱେୟାର ଇଞ୍ଜିନିୟର ଓ ବୃତ୍ତିଧାରୀ ପ୍ରଭାବିତ ହେବେ। ଅଧିକ ଖର୍ଚ୍ଚ ଯୋଗୁଁ ଭାରତୀୟ ପ୍ରତିଭାମାନେ ଏବେ ୟୁରୋପ, କାନାଡ଼ା, ଅଷ୍ଟ୍ରେଲିଆ ▶ପୃଷ୍ଠା-୭

## ରାପର୍ ବାଦ୍‌ଶାହାଙ୍କୁ ଗିରଫ ପାଇଁ ନିର୍ଦ୍ଦେଶ



■ ଚଣ୍ଡିଗଡ଼, ୧୩।୩ (ଏଜେନ୍ସି): ରାପର ବାଦ୍‌ଶାହାଙ୍କ ନୂଆ ଗୀତ 'ତତେରୀ'କୁ ନେଇ ସୃଷ୍ଟି ହୋଇଥିବା ବିବାଦ ଏବେ ତାଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ହରିୟାଣା ମହିଳା କମିଶନ ଶୁକ୍ରବାର ବାଦ୍‌ଶାହାଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କମିଶନ ପକ୍ଷରୁ ବାରମ୍ବାର ସମନ ଜାରି କରାଯିବା ସତ୍ତ୍ୱେ ବାଦଶାହା ବ୍ୟକ୍ତିଗତ ଭାବେ ହାଜର ନ ହେବାରୁ ଏହି କଠୋର ପଦକ୍ଷେପ ନିଆଯାଇଛି। କମିଶନ ତାଙ୍କୁ ଶୁକ୍ରବାର ଅପରାହ୍ନ ୩ଟା ସୁଦ୍ଧା ହଜାର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବାଦଶାହା ହାଜର ନ ହୋଇ ତାଙ୍କ ଓକିଲଙ୍କୁ ପଠାଇଥିଲେ ଓ ଏହାକୁ କମିଶନ ଅଗ୍ରାହ୍ୟ କରିଦେଇଛନ୍ତି। କମିଶନ ଅଧ୍ୟକ୍ଷା ରେଣୁ ଭାଟିଆ ସ୍ପଷ୍ଟ କରିଛନ୍ତି ଯେ ବାଦ୍‌ଶାହା ହାଜର ନ ହେବା ପର୍ଯ୍ୟନ୍ତ ହରିୟାଣାରେ ତାଙ୍କର କୌଣସି କାର୍ଯ୍ୟକ୍ରମ ବା ଶୋ'କୁ ଅନୁମତି ଦିଆଯିବ ନାହିଁ। ଆବଶ୍ୟକ ପଡ଼ିଲେ ତାଙ୍କ ପାସପୋର୍ଟ ମଧ୍ୟ ଜବତ କରିବାକୁ ପୁଲିସ୍‌କୁ କୁହାଯାଇଛି। ବାଦ୍‌ଶାହାଙ୍କ ନୂଆ ଗୀତ 'ତତେରୀ'ରେ ସ୍କୁଲ ୟୁନିଫର୍ମ ପିନ୍ଧିଥିବା ଛାତ୍ରୀମାନଙ୍କୁ ଆପତ୍ତିଜନକ ଭଙ୍ଗୀରେ ଦେଖାଯାଇଥିବା ଓ ଗୀତର ଲେଖା ଅଶ୍ଳୀଳ ବୋଲି ଅଭିଯୋଗ ହୋଇଛି। ଏ ନେଇ ▶ପୃଷ୍ଠା-୭

# ସାରା ଦେଶରେ ଗ୍ୟାସ୍ ସଙ୍କଟ ତୀବ୍ର

## ସଂସଦରେ ଉଦ୍‌ବେଗ: ସରକାରଙ୍କୁ ଘେରିଲେ ବିରୋଧୀ

■ ନୂଆଦିଲ୍ଲୀ, ୧୩।୩ (ଏଜେନ୍ସି): ଇରାନ-ଇସ୍ରାଏଲ ଯୁଦ୍ଧର ତାତି ସଂସଦରେ ଦେଖିବାକୁ ମିଳିଛି। ମଧ୍ୟପ୍ରାଚ୍ୟ ଉତ୍ତେଜନାର ପ୍ରଭାବରେ ଦେଶରେ ଏଲ୍‌ପିଜି ସଙ୍କଟ ସୃଷ୍ଟି ହୋଇଥିବାବେଳେ ବିରୋଧୀ ଏହାକୁ ପ୍ରସଙ୍ଗ କରିଛି। ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନର ପଞ୍ଚମ ଦିନରେ ଶୁକ୍ରବାର ଗୃହରେ ଏଲ୍‌ପିଜି ସଙ୍କଟକୁ ନେଇ ହଙ୍ଗାମା କରିଛନ୍ତି। ସରକାର ମଧ୍ୟ ସଙ୍କଟ କଥା ସ୍ୱୀକାର କରିଛନ୍ତି। ଅର୍ଥଣନ୍ତ୍ରୀ ନିର୍ମଳା ସୀତାରମଣ ଗୃହରେ କହିଥିଲେ ଯେ ବିଦେଶରେ ଘଟୁଥିବା ଘଟଣାବଳୀ ଯୋଗୁଁ ଆମ ଦେଶରେ କିଛି ସମସ୍ୟା ସୃଷ୍ଟି ହେଉଛି। ଆବଶ୍ୟକୀୟ ପାଣ୍ଠି ଯୋଗାଇଦେବା ଏବଂ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ଏଭଳି ସମୟରେ ବିରୋଧୀମାନେ ସରକାରଙ୍କୁ ସମର୍ଥନ କରିବା କଥା, କିନ୍ତୁ ସେମାନେ ଦାୟିତ୍ୱହୀନ ଭାବେ କାର୍ଯ୍ୟ କରୁଛନ୍ତି। ଅର୍ଥମନ୍ତ୍ରୀଙ୍କ ବୟାନ ଦେବା ସତ୍ତ୍ୱେ ଗୃହକାର୍ଯ୍ୟ ଚାଲିପାରି ନ ଥିଲା। ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ ଅନେକ ବିରୋଧୀ ସାଂସଦ ୮ ସଦସ୍ୟଙ୍କ ନିଲମ୍ବନ ପ୍ରତ୍ୟାହାର ଦାବି କରିଛନ୍ତି। ଏହାକୁ ନେଇ ବାଚସ୍ପତି ଓମ୍ ବିର୍ଲା କହିଥିଲେ ଯେ ଯଦି ଗୃହର ଟେବୁଲ୍ ଉପରକୁ ଚଢ଼ିବେ, ତେବେ ▶ପୃଷ୍ଠା-୭



## ଭାରତକୁ ସହଯୋଗର ହାତ ବଢ଼ାଇଲା ରୁଷିଆ

### ତେଲ ପରେ ଏଲ୍‌ଏନ୍‌ଜି ଦେବାକୁ ଅଫର

■ ମସ୍କୋ, ୧୩।୩ (ଏଜେନ୍ସି): ଭାରତକୁ ଏଲ୍‌ଏନ୍‌ଜି ଯୋଗାଇଦେବାକୁ ରୁଷିଆ ରାଜି। ପାଶ୍ଚାତ୍ୟ କଟକଣା ଯୋଗୁ ପୂର୍ବରୁ ହୋଇଥିବା ଚୁକ୍ତିରେ ଏ ନେଇ ବାଧା ଉପୁଜିଥିଲା। ବର୍ତ୍ତମାନ ଭାରତକୁ ଏଲଏନଜି ଯୋଗାଇଦେବାକୁ ମସ୍କୋ ନୂଆ ରାସ୍ତାର ସନ୍ଧାନ କରୁଛି। ଭାରତରେ ଅବସ୍ଥାପିତ ରୁଷିଆ ରାଷ୍ଟ୍ରଦୂତ ଡେନିସ ଏଲିପୋଭ ଏହି ସୂଚନା ଦେଇଛନ୍ତି। ରୁଷିଆ ସମ୍ବାଦ ସରବରାହ ସଂସ୍ଥାକୁ ଦେଇଥିବା ,କ ସାକ୍ଷାତକାରରେ ଏଲିପୋଭ କହିଛନ୍ତି ଯେ କିଛି ବର୍ଷ ପୂର୍ବରୁ ଭାରତକୁ ଏଲଏନଜି ଯୋଗାଇ ଦେବାକୁ କଣ୍ଟ୍ରାକ୍ଟ ହୋଇଥିଲା, ହେଲେ କଟକଣା ଯୋଗୁ ଏଥିରେ ବାଧା ଉପୁଜିଥିଲା। ଉଲ୍ଲେଖଯୋଗ୍ୟ ଯେ ଭାରତୀୟ କମ୍ପାନୀ ଜିଏଆଇଏଲ ରଷିଆର ସରକାରୀ ତୈଳ ଓ ଗ୍ୟାସ୍ କମ୍ପାନୀ ଗାଜପ୍ରୋମ ସହିତ ବାର୍ଷିକ ୨.୫ ନିୟୁତ ଟନ୍‌ର ଏଲଏନଜି କ୍ରୟ ଲାଗି ୨୦ ବର୍ଷିଆ ଦୀର୍ଘ ରାଜିନାମା କରିଛି। ତେବେ ୟୁକ୍ରେନ ସହିତ ଯୁଦ୍ଧ ଲାଗିବା ଯୋଗୁ ପାଶ୍ଚାତ୍ୟ କଟକଣା କାରଣରୁ ରୁଷିଆ ଉପରେ ପ୍ରତିବନ୍ଧକ ଲାଗିଯାଇଛି। ରଷିଆ କମ୍ପାନୀ ଗାଜପ୍ରୋମର ଜର୍ମାନ ୟୁନିଟ୍ ଗଜପ୍ରୋମ ଜର୍ମାନିୟାକୁ ଜର୍ମାନୀ ଏବେ ▶ପୃଷ୍ଠା-୭

## ରେଳବାଇ କିଚେନରେ ଇଣ୍ଡକ୍ସନ

■ ନୂଆଦିଲ୍ଲୀ, ୧୩।୩ (ଏଜେନ୍ସି): ଇରାନ ଯୁଦ୍ଧକୁ ନେଇ ସାରା ବିଶ୍ୱରେ ଶକ୍ତି ସଙ୍କଟ ଦେଖାଦେଇଚି। ଭାରତରେ ବିଶେଷ କରି ଯୁଦ୍ଧର ପ୍ରଭାବ ରନ୍ଧନ ଗ୍ୟାସ ଉପରେ ପଡ଼ିଛି। ଦେଶର ଅନେକ ବଡ଼ ସହରରେ ଏଲପିଜି ଗ୍ୟାସ ସିଲିଣ୍ଡର ଅଭାବ ଦେଖିବାକୁ ମିଳୁଛି। ଚେନ୍ନଇ କୋଲକାତା ଏବଂ ବେଙ୍ଗାଲୁରୁ ଭଳି ମହାନଗରରେ ଗ୍ୟାସ ଯୋଗାଣ ସଙ୍କଟ କାରଣରୁ ହୋଟେଲ ଏବଂ ରେସ୍ତୋରାଁ ଶିଳ୍ପ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏମିତିରେ ଏହି ବଡ଼ ସଙ୍କଟକୁ ଦୃଷ୍ଟିରେ ରଖି ରେଳବାଇ ପକ୍ଷରୁ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି। ଆଇଆର୍‌ସିଟିସି ରେଳ ଷ୍ଟେସନରେ ଥିବା ଏହାର ବେସ୍ ▶ପୃଷ୍ଠା-୭

### ଆମେରିକାର ମେରୁଦଣ୍ଡରେ ଇରାନ ପ୍ରହାର

## ତୁର୍କୀର ପରମାଣୁ ଘାଟୀ ଉପରେ କ୍ଷେପଣାସ୍ତ୍ର ମାଡ଼

■ ତେହରାନ/ତେଲ ଆଭିଭ, ୧୩।୩ (ଏଜେନ୍ସି): ଆମେରିକା-ଇସ୍ରାଏଲ ଏବଂ ଇରାନ ସଂଘର୍ଷ ମଧ୍ୟପ୍ରାଚ୍ୟରେ ସବୁଠାରୁ ବଡ଼ ସଙ୍କଟ ସୃଷ୍ଟି କରିଛି। ଇରାନର ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲି ଖାମନେଇଙ୍କୁ ହତ୍ୟା ପରଠାରୁ ଅଞ୍ଚଳରେ

### ଓମାନରେ ଇରାନ୍ ଆକ୍ରମଣ; ୨ ଭାରତୀୟ ମୃତ

### ଇରାନ ଶୀଘ୍ର ଆତ୍ମସମର୍ପଣ କରିବ: ଟ୍ରମ୍ପ

### ଇରାନକୁ ୨ ଲକ୍ଷ ଡଲାରର ସହାୟତା ଘୋଷଣା କଲା ଚୀନ୍

ଚାପା ଉତ୍ତେଜନା ଲାଗି ରହିଛି। ସବୁ ଦେଶ ଏହି ସଂଘର୍ଷରେ ପ୍ରଭାବିତ ହୋଇଛନ୍ତି। ମାତ୍ର ଆମେରିକା ଏବଂ ଇସ୍ରାଏଲ ଯେଉଁ ଆଶା ରଖିଥିଲେ ତାହା ସଫଳ ହୋଇପାରି ନାହିଁ। ଏ ପର୍ଯ୍ୟନ୍ତ ଇରାନକୁ ନୁଆଁଇବାରେ ଦୁଇ ଦେଶ ବିଫଳ ହୋଇଛନ୍ତି। ଇରାନ ସରକାରଙ୍କୁ ମଧ୍ୟ ଭୁଶୁଡ଼ାଇ ପାରିନାହାନ୍ତି। ତେବେ ତେହରାନ ରକ୍ତମୁଖା ହୋଇ ଆମେରିକା ଏବଂ ଇସ୍ରାଏଲର ବିପୁଳ କ୍ଷତି କରି ଚାଲିଛି। କ୍ଷେପଣାସ୍ତ୍ର ଏବଂ ଡ୍ରୋନ ମାଡ଼ରେ ମଧ୍ୟପ୍ରାଚ୍ୟରେ ଥିବା ଆମେରିକା ସେନା ଘାଟୀ ଏବଂ ଇସ୍ରାଏଲର ସହରରେ ନିଆଁ ବର୍ଷାର ଭ୍ରମ ସୃଷ୍ଟି ହେଉଛି। ଇରାନରେ ମଧ୍ୟ ▶ପୃଷ୍ଠା-୭

## ମୋଜତବା ଗୁରୁତର !

### କୋମାରେ ଥିବା ଚର୍ଚ୍ଚା



ଇରାନର ସର୍ବୋଚ୍ଚ ନେତା ମୋଜତବା ଖାମନେଇଙ୍କୁ ହତ୍ୟା କରାଯାଇଛି ବୋଲି ଇସ୍ରାଏଲ ଦାବି କରିଛି। ଏପରି ସମୟରେ ମୋଜତବା ଜୀବିତ ଥିବା ଜଣାପଡ଼ିଛି। ଗତ ଫେବୃଆରୀ ୨୮ରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣରେ ଗୁରୁତର ଆହତ ହୋଇଥିବା ମୋଜତବା କୋମାରେ ଥିବା ▶ପୃଷ୍ଠା-୭

### ଆଦିବାସୀ ନାବାଳିକାଙ୍କୁ ଅସଦାଚରଣରୁ ତୁମୁଳକାଣ୍ଡ

## ତହସିଲଦାରଙ୍କ ଗାଡ଼ି ଭାଙ୍ଗିଲେ, ପୁଲିସକୁ ଗୋଡ଼ାଇ ପିଟିଲେ



■ ରାଇରଙ୍ଗପୁର, ୧୩।୩ (ସମିସ): ଜଣେ ନାବାଳିକାକୁ ଅସଦାଚରଣ ଘଟଣାକୁ ନେଇ ତିରିଂ ଥାନା ଅଞ୍ଚଳରେ ଆଜି ତୁମୁଳକାଣ୍ଡ ଘଟିଛି। ଗ୍ରାମବାସୀ ଓ ପୁଲିସ ମଧ୍ୟରେ କଥା କଟାକଟିରୁ ଉତ୍ତେଜନା ପ୍ରକାଶ ପାଇବାରୁ ଉତ୍ତ୍ୟକ୍ତ ଲୋକେ ତହସିଲଦାରଙ୍କ ଗାଡ଼ି ଭଙ୍ଗାରୁଜା କରିବା ସହ ପୁଲିସକୁ ଗୋଡ଼ାଇ ଗୋଡ଼ାଇ ପିଟିଛନ୍ତି। ଏଥିରେ ୮ରୁ ୯ ଜଣ ପୁଲିସ ଆହତ ହୋଇଥିବା ଜଣାଯାଇଛି। ଖାଲି ସେତିକି ନୁହେଁ, ଉତ୍ତ୍ୟକ୍ତ ଗ୍ରାମବାସୀ ବହଳଦା ବାଇପାସ୍ ନିକଟରେ ୨୨୦ନଂ ଜାତୀୟ ରାଜପଥକୁ ୬ଘଣ୍ଟା ଧରି ଅବରୋଧ କରିବାରୁ ଏହି ରାସ୍ତା ଦେଇ ଯାତାୟାତ ଠପ୍ ହୋଇଯାଇଥିଲା। ଅଭିଯୁକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତଥାପି, ଉତ୍ତେଜନା ଜାରି ରହିଥିବାରୁ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯିବା ସହ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି।

ସୂଚନାନୁଯାୟୀ, ତିରିଂ ଥାନା ଅଞ୍ଚଳର ଜଣେ ଆଦିବାସୀ ନାବାଳିକା ଗୁରୁବାର ବ୍ୟାଙ୍କ ଯାଇଥିଲେ। ସେଠାରୁ ଘରକୁ ଫେରୁଥିବା ବେଳେ ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକ ତାଙ୍କୁ ଅସଦାଚରଣ କରିଥିଲେ। ନାବାଳିକାଜଣଙ୍କ ସେଠାରୁ ଖସି ଆସି ଏ ବାବଦରେ ପରିବାରଲୋକଙ୍କୁ ଜଣାଇଥିଲେ। କଥା ଗାଁରେ ଜଣାପଡ଼ିବା ପରେ ଗ୍ରାମବାସୀମାନେ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ। ସଂଘବଦ୍ଧ ହୋଇ ଗୁରୁବାର ସନ୍ଧ୍ୟାରେ ଉକ୍ତ ଯୁବକଙ୍କ ଗ୍ରାମକୁ ଯାଇଥିଲେ। ଯୁବକକୁ ଖୋଜାଖୋଜି କରିଥିବା ବେଳେ ସେ ଫେରାର୍ ଥିବାରୁ ତାଙ୍କୁ ପାଇନଥିଲେ। ଉତ୍ତେଜିତ ହୋଇ ଯୁବକଙ୍କ ଘରକୁ ଗ୍ରାମବାସୀ ଭଙ୍ଗାରୁଜା କରିଥିଲେ। ଯୁବକକୁ ପୁଲିସ ଗିରଫ କରିବାକୁ ଗ୍ରାମବାସୀ ଦାବି କରିଥିଲେ। ଏହାସହ ଅସଦାଚରଣ ଯୋଗୁଁ ଆହତ ନାବାଳିକାଙ୍କୁ ଏକ ଖଟରେ ଶୁଆଇ ରାସ୍ତାରେ ଟାୟାର ଜାଳି ଅବରୋଧ କରିଥିଲେ।

### ୬ ଘଣ୍ଟା ପରେ ହଟିଲା ରାସ୍ତା ଅବରୋଧ

### ସ୍ଥାନୀୟ ଅଞ୍ଚଳରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆନଯିବାରୁ ଆଜି ପୁଣି ଗ୍ରାମବାସୀମାନେ ବହଳଦା ବାଇପାସ୍‌ରେ ୨୨୦ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ▶ପୃଷ୍ଠା-୭

### ବିଜେଡିର ରାଜ୍ୟସଭା ନିର୍ବାଚନ କସରତ

## ନବୀନ ନିବାସରେ ବିଧାୟକଙ୍କୁ ତାଲିମ

■ ଭୁବନେଶ୍ୱର, ୧୩।୩ (ସମିସ): ଆସନ୍ତା ୧୬ ତାରିଖରେ ରାଜ୍ୟସଭା ନିର୍ବାଚନ ପାଇଁ ଭୋଟ । ଏହା ପୂର୍ବରୁ ତିନି ପ୍ରମୁଖ ରାଜନୈତିକ ଦଳ ଆରମ୍ଭ କରିଛନ୍ତି ନିଜନିଜର ଗୋଟି ଚାଳନା। ପୂର୍ବରୁ ବିଜେଡି ଓ କଂଗ୍ରେସ ନିଜ ଦଳର ବିଧାୟକମାନଙ୍କ ପାଇଁ ୩ ଧାଡ଼ିଆ ହ୍ୱିପ୍ ଜାରି କରିଥିବାବେଳେ ଆଜି ବିଜେପି ବି ନିଜ ଦଳର ବିଧାୟକଙ୍କ ପାଇ ଦୁଇ ଧାଡ଼ିଆ ହ୍ୱିପ୍ ଜାରି କରିଛି। ସେହିପରି ବିଜେଡି ବିଧାୟକମାନେ ଆଜି ନବୀନ ନିବାସରେ ରାଜ୍ୟସଭା ଭୋଟ ସଂକ୍ରାନ୍ତରେ ତାଲିମ୍ ନେଇଛନ୍ତି। ଆସନ୍ତାକାଲି ଓ ରବିବାର ମଧ୍ୟ ନବୀନ ନିବାସ ଡ଼କରା ହୋଇଛି ଏବଂ କିପରି ଠିକ୍‌ଭାବରେ ବିଧାୟକମାନେ ଭୋଟ ଦେବେ ସେ ସମ୍ପର୍କରେ ପୁଣି ଅଭ୍ୟାସ କରାଯିବ ବୋଲି ସୂଚନା ମିଳିଛି। ସେପଟେ ବେଙ୍ଗାଲୁରୁ ଗସ୍ତରେ ଥିବା କଂଗ୍ରେସର ୮ଜଣ ବିଧାୟକଙ୍କ ସହ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡ଼ି. କେ.ଶିବକୁମାର ରାଜ୍ୟସଭା ନିର୍ବାଚନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

### ଅରୁଣ ସମ୍ଭାଳିଲେ ମଙ୍ଗ, ଶନିବାର ଓ ରବିବାର ମଧ୍ୟ ଚାଲିବ ଟ୍ରେନିଂ

### ଦଳୀୟ ବିଧାୟକଙ୍କ ପାଇଁ ବିଜେପିର ଦୁଇ ଧାଡ଼ିଆ ହୁଇପ୍

ଶୁକ୍ରବାର ସନ୍ଧ୍ୟା ସାଢ଼େ ୫ଟା ସମୟରେ ନବୀନ ନିବାସରେ ବିଧାୟକମାନଙ୍କୁ ରାଜ୍ୟସଭା ନିର୍ବାଚନରେ ମତଦାନ ନିମନ୍ତେ ତାଲିମ ଦିଆଯାଇଛି। ପ୍ରାରମ୍ଭରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ରାଜ୍ୟସଭା ନିର୍ବାଚନ ଓ ଦଳୀୟ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଏହାପରେ ବରିଷ୍ଠ ବିଧାୟକ ଡ. ଅରୁଣ କୁମାର ସାହୁ ଏବଂ ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ର ବିଧାୟକମାନଙ୍କୁ ଭୋଟଦାନ ସମ୍ପର୍କରେ ଅଭ୍ୟାସ କରାଇଥିଲେ। ଦଳୀୟ ପ୍ରାର୍ଥୀ ଡ. ସଂତୃପ୍ତ ମିଶ୍ର ଓ ବିଜେଡି ପକ୍ଷରୁ ଘୋଷିତ ମିଳିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତା ମଧ୍ୟ ଏହି ଟ୍ରେନିଂ କାର୍ଯ୍ୟକ୍ରମରେ ନିଜସ୍ୱ ବକ୍ତବ୍ୟ ରଖିଥିଲେ। ଯଦି ସେମାନେ ସାଂସଦ ଭାବେ ନିର୍ବାଚିତ ହୁଅନ୍ତି, ତାହେଲେ ରାଜ୍ୟସ୍ୱାର୍ଥକୁ ସର୍ବାଧିକ ପ୍ରାଥମିକତା ଦେବେ ▶ପୃଷ୍ଠା-୭

### ବାଲେଶ୍ୱର ବିଜେପି ରାଜନୀତିରେ ନୂଆ ମୋଡ଼

## ରବୀନ୍ଦ୍ର ଆସିଲେ; ଜୀବନ ଛାଡ଼ିଲେ



### ବିଜେପି ଶାସନକୁ ଆସିବା ପରେ ନୈତିକ ପତନ ଘଟିଛି: ଜୀବନ

■ ବାଲେଶ୍ୱର, ୧୩।୩ (ସମିସ): ମାତ୍ର ଦୁଇ ତିନି ଦିନ ମଧ୍ୟରେ ବାଲେଶ୍ୱରରେ ରାଜନୀତିରେ ଦେଖିବାକୁ ମିଳିଛି ନୂଆ ମୋଡ଼। ତିନିଦିନ ପୂର୍ବରୁ ବିଜେଡିରୁ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କ ଇସ୍ତଫା ଓ ଠିକ୍ ଦିନକ ପରେ ବିଜେପିରେ ଯୋଗଦାନ ବାଲେଶ୍ୱରରେ ହଲଚଲ ସୃଷ୍ଟି କରିଥିବାବେଳେ ଆଜି ବିଜେପି ଛାଡ଼ିଛନ୍ତି ପୂର୍ବତନ ବିଧାୟକ ଜୀବନପ୍ରଦୀପ ଦାଶ। ରବୀନ୍ଦ୍ରଙ୍କ ବିଜେପି ପ୍ରବେଶକୁ ବିରୋଧ କରି ଦଳ ଛାଡ଼ିଥିବା ସେ ଘୋଷଣା କରିଛନ୍ତି ଓ ଶାସନକୁ ଆସିବା ପରେ ବିଜେପିର ନୈତିକ ପତନ ଘଟିଥିବା ସେ ଅଭିଯୋଗ କରିଛନ୍ତି। କେବଳ ସେତିକି ନୁହେଁ; ଯେଉଁ ବିଜେପି ରବୀନ୍ଦ୍ର ଜେନାଙ୍କୁ ଚିଟ୍‌ଫଣ୍ଡ ଅଭିଯୁକ୍ତ ବୋଲି କହୁଥିଲା, ତାଙ୍କୁ କିପରି ବିନା ଦ୍ୱିଧାରେ କୋଳେଇ ନେଲା ବୋଲି ଜୀବନପ୍ରଦୀପ ପ୍ରଶ୍ନ କରିଛନ୍ତି।

ଏକ ସାମ୍ବାଦିକ ସମ୍ମିଳନୀରେ ଜୀବନପ୍ରଦୀପ ବିଜେପି ବିରୋଧରେ ସାଂଘାତିକ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ଦୀର୍ଘ ବର୍ଷ ଧରି ବିଜେପି ଠାରୁ ଦୂରେଇ ରହିବା ପରେ ବହୁ ଆଶା ଭରସା ନେଇ ୨୦୨୧ରେ ପୁଣିଥରେ ଦଳକୁ ଫେରିଥିଲେ। ବିଜେପିରେ ରହି ସଂଗଠନ କାର୍ଯ୍ୟ କରିଥିଲେ। ଏପରିକି ୫ବର୍ଷରୁ ଅଧିକ ଦିନ ଧରି ଯେଉଁ ଦାୟିତ୍ୱ ▶ପୃଷ୍ଠା-୭

## ରଶ୍ମିରଞ୍ଜନ ସ୍ୱାଇଁ ଓୟୁଏସ୍‌ଇଏସ୍‌ସି ଅଧ୍ୟକ୍ଷ



■ ଭୁବନେଶ୍ୱର, ୧୩।୩ (ସମିସ): ଜମ୍ମୁ ଓ କଶ୍ମୀରର ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ରଶ୍ମୀ ରଞ୍ଜନ ସ୍ୱାଇଁ ଓଡ଼ିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ(ଓୟୁଏସ୍‌ଇଏସ୍‌ସି)ର ପ୍ରଥମ ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ଏନେଇ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ ୧୯୯୧ ମସିହାର ଆଗମୁଟ କ୍ୟାଡର ଆଇପିଏସ ଶ୍ରୀ ସ୍ୱାଇଁ ଜମ୍ମୁ ଓ କଶ୍ମୀରର ୧୭ତମ ପୁଲିସ ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ସମ୍ଭାଳିଥିଲେ। ୨୦୨୪ ମସିହା ସେପ୍ଟେମ୍ବର ୨୪ ତାରିଖରେ ସେ ନିଜ ପଦରୁ ଅବସର ଗ୍ରହଣ କରିଥିଲେ।

### ଓଡ଼ିଶାର ଜମି ଉପରେ ପଡ଼ିଶାଙ୍କ ନଜର

## ଛତିଶଗଡ଼ ଦଖଲରେ ଝାରସୁଗୁଡ଼ାର ୩ କିମି ରାସ୍ତା

■ ଭୁବନେଶ୍ୱର, ୧୩।୩ (ସମିସ): ଦକ୍ଷିଣରେ ଆନ୍ଧ୍ର କୋଟିଆ ମାଡ଼ି ବସିବାକୁ ଷଡ଼ଯନ୍ତ୍ର ଚଳାଇଛି। କୋଟିଆକୁ ନିଜ ଅଞ୍ଚଳ ବୋଲି ଦାବି କରୁଛି। ଉତ୍ତରବାଲେଶ୍ୱରର ଭୋଗରାଇ ବ୍ଲକ୍ ଅଞ୍ଚଳରେ ସୁବର୍ଣ୍ଣରେଖା ନଦୀ ତଟ ଅଞ୍ଚଳକୁ ପଶ୍ଚିମବଙ୍ଗ ଦଖଲକୁ ବୋକୁ ଉଦ୍ୟମ କରୁଛି। ଓଡ଼ିଶା ଅଞ୍ଚଳରେ ସଡ଼କ ନିର୍ମାଣ କରୁଛି। ଏବେ ପଡ଼ୋଶୀ ଛତିଶଗଡ଼ ପଶ୍ଚିମ ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲାର ୩ କିଲୋମିଟର ରାସ୍ତା ଜବରଦଖଲ କରି ସାରିଛନ୍ତି। ମାତ୍ର ସରକାରଙ୍କ ନିଦ ଭାଙ୍ଗୁନାହିଁ, ଝାରସୁଗୁଡ଼ା ପ୍ରଶାସନ ମଧ୍ୟ ଏପରି ସ୍ପର୍ଶକାତର ପ୍ରସଙ୍ଗରେ ନିରବ ରହିଛି। ଯାହାକୁ ନେଇ ବିଧାନସଭାରେ କ୍ଷୋଭ ପ୍ରକାଶ ସହ ସରକାରୀ ଅପାରଗତାକୁ ସମାଲୋଚନା କରିଛି ବିଜେଡି। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ବିଧାନସଭାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇବା ସହ ସରକାର ତୁରନ୍ତ ତତ୍ପରତା ପ୍ରକାଶ କରିବାକୁ ଦାବି କରିଛନ୍ତି।

### ବିଧାନସଭାରେ ବିରୋଧୀଦଳ ଉପନେତାଙ୍କ ଉଦ୍‌ବେଗ

### ଓଡ଼ିଶା ପାଇଁ ଘାତକ ହେବ ସରକାରଙ୍କ ନିରବତା: ପ୍ରସନ୍ନ

ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ବହୁ ସଂଘର୍ଷ ପରେ ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା। ୧୯୫୬ ମସିହା ସୀମା ନିର୍ଦ୍ଧାରଣ ସମୟରେ ଓଡ଼ିଶା ଅବହେଳାର ଶିକାର ହେଲା। ଖରସୁଆଁ ଓ ଷଢ଼େଇକଳା ଭଳି ବହୁ ଅଞ୍ଚଳ ଓଡ଼ିଶାରେ ରହିପାରିଲା ନାହିଁ। ଏହି ସମସ୍ୟା ସମାଧାନ ହୋଇନାହିଁ। ମାତ୍ର ଏହି ମୟରେ ଓଡ଼ିଶାକୁ ବିକଳାଙ୍ଗ କରିବାକୁ ପୁଣି ଆରମ୍ଭ ହୋଇଛି। ଆନ୍ଧ୍ର ପ୍ରଦେଶ ସରକାର କୋଟିଆରେ ବେଆଇନ ପ୍ରବେଶ କରୁଛନ୍ତି। ତାଙ୍କ ସରକାରଙ୍କର ମନ୍ତ୍ରୀମାନେ ସେଠାରେ ସଭା ସମିତି କରୁଛନ୍ତି। ପଞ୍ଚାୟତ ନିର୍ବାଚନ କରିବା ପାଇଁ ପ୍ରୟାସ କରୁଥିଲେ। ଏବେ ଛତିଶଗଡ଼ ମଧ୍ୟ ଏହି ଉଦ୍ୟମ ଆରମ୍ଭ କରିଛି। ଆମର ପଡ଼ୋଶୀ ଛତିଶଗଡ଼ ସହ ଝାରସୁଗୁଡ଼ା, ବରଗଡ଼ ଓ ଅନ୍ୟ ଜିଲ୍ଲାର ସୀମା ଲାଗି ରହିଛି। ▶ପୃଷ୍ଠା-୭

ସକାଳ
www.sakalaepaper.com



## ଇଣ୍ଟରଭ୍ୟୁ ମଝିରେ ଟ୍ରମ୍ପଙ୍କ ଡକରାରେ ଆମେରିକା ଅର୍ଥମନ୍ତ୍ରୀ ଭୟଭୀତ

ୱାଶିଂଟନ, ୧୩।୩(ଏଜେନ୍ସି): ଆମେରିକା ଅର୍ଥମନ୍ତ୍ରୀ ସ୍କଟ ବେସେଣ୍ଟ ଗୁରୁବାର ହ୍ୱାଇଟ ହାଉସ୍‌ରେ ଏକ ଲାଇଭ ଟେଲିଭିଜନ ଇଣ୍ଟରଭ୍ୟୁ ଦେଉଥିବା ବେଳେ ରାଷ୍ଟ୍ରପତି ଡୋନାଲ୍ଡ ତାଙ୍କୁ ତୁରନ୍ତ ସିଚୁଏସନ ରୁମ୍‌କୁ ଡକାଇଥିଲେ। ବେସେଣ୍ଟ ସ୍କାଇ ନ୍ୟୁଜର ସାମ୍ବାଦିକ ବିଲଫ୍ରେଡ୍ ପ୍ରଷ୍ଟଙ୍କ ସହ କଥା ହେଉଥିବା ବେଳେ ତାଙ୍କ ସହଯୋଗୀ ଆସି କହିଲେ, ରାଷ୍ଟ୍ରପତି ଆପଣଙ୍କୁ ତୁରନ୍ତ ଖୋଜୁଛନ୍ତି। ଏହା ଶୁଣି ବେସେଣ୍ଟ ମାଇକ୍ରୋଫୋନ କାଢ଼ି ପଳାଇଯାଇଥିଲେ। ସାମ୍ବାଦିକ ଜଣକ ଦୁଇ ଘଣ୍ଟା ଅପେକ୍ଷା କରିବା ପରେ ବେସେଣ୍ଟ ଫେରିଥିଲେ। ଫେରିବା ପରେ ତାଙ୍କ ସ୍ୱର କମ୍ପୁଥିଲା ଓ ସେ କଥାବାର୍ତ୍ତାରେ ସେ ଟିକିଏ ଅସ୍ୱାଭାବିକ ଲାଗୁଥିଲେ। ଇରାନ ସ୍ଥିତି ସମ୍ପର୍କରେ ପଚାରିବାରୁ ସେ କହିଥିଲେ ଯେ ରାଷ୍ଟ୍ରପତି ବହୁତ ଭଲ ମୁଡ୍‌ରେ ଅଛନ୍ତି ଓ ଇରାନ ମିଶନ ଯୋଜନାଠାରୁ ବହୁତ ଆଗରେ ଚାଲିଛି। ଅନ୍ୟପଟେ ଟ୍ରମ୍ପ ଜି-୭ ଦେଶଗୁଡ଼ିକ ସହ ଆଲୋଚନା ସମୟରେ ଦାବି କରିଛନ୍ତି ଯେ ଇରାନ ଆତ୍ମସମର୍ପଣ କରିବାକୁ ଯାଉଛି ଏବଂ ସେ ଏକ କର୍କଟ ରୋଗ ଅର୍ଥାତ ଇରାନର ଶାସନକୁ ସମାପ୍ତ କରିଦେଇଛନ୍ତି। ଯୁଦ୍ଧ କାରଣରୁ ମଧ୍ୟ ପ୍ରାଚ୍ୟରେ ଉତ୍ତେଜନା ଲାଗି ରହିଥିବା ବେଳେ ବେସେଣ୍ଟଙ୍କ ଏହି ବ୍ୟବହାରକୁ ନେଇ ଚର୍ଚ୍ଚା ଚାଲୁଛି।

## ନୂଆ ଦଳ ଘୋଷଣା କଲେ ଶଶିକଳା

ଚେନ୍ନଇ, ୧୩।୩(ଏଜେନ୍ସି): ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ ଜୟଲଳିତାଙ୍କ ଦୀର୍ଘଦିନର ସହଯୋଗୀ ତଥା ଏଆଇଏଡିଏମ୍‌କେରୁ ବହିଷ୍କୃତ ନେତ୍ରୀ ଭିକେ ଶଶିକଳା ଶୁକ୍ରବାର ଦିନ ନିଜର ନୂଆ ରାଜନୈତିକ ଦଳର ନାମ ଓ ସଙ୍କେତ ଘୋଷଣା କରିଛନ୍ତି। ଶଶିକଳା ତାଙ୍କ ନୂଆ ଦଳର ନାମ ଅଲ୍ ଇଣ୍ଡିଆ ପୁରୁଚି ଥଲାଇଭର ମକ୍କାଲ ମୁନେତ୍ର କାଝାଗମ (ଏଆଇପିଟିଏମ୍‌ଏମ୍‌କେ) ରଖିଛନ୍ତି। ଏଥିସହ କେ କହିଛନ୍ତି ଯେ, ତାଙ୍କ ନୂଆ ଦଳର ନିର୍ବାଚନ ସଙ୍କେତ 'ନଡ଼ିଆ ବଗିଚା' ରଖାଯିବ। ତାମିଲନାଡୁ ନିର୍ବାଚନ ପୂର୍ବରୁ ରାଜନୈତିକ ବାତାବରଣ ସରଗରମ ଥିବା ବେଳେ ଶଶିକଳା ଏହି ଘୋଷଣା କରିଛନ୍ତି। ଏହି ଚିହ୍ନ ଏକତାର ପ୍ରତୀକ ଓ ତାଙ୍କ ଦଳ ଯୌଥ ପରିବାର ଭଳି କାର୍ଯ୍ୟ କରିବ। ଆଗାମୀ ବିଧାନସଭା ନିର୍ବାଚନରେ ଏହି ଦଳ ତାମିଲନାଡୁ ଓ ପୁଡୁଚେରୀର ସମସ୍ତ ଆସନରେ ପ୍ରାର୍ଥୀ ଦେବ ବୋଲି ସେ ସୂଚନା ଦେଇଛନ୍ତି। ରାମନାଥପୁରମ ଜିଲ୍ଲାର କାମୁଥିଠାରେ ଜୟଲଳିତାଙ୍କ ଜୟନ୍ତୀ ଅବସରରେ ସେ ଦଳୀୟ ପତାକା ଉନ୍ମୋଚନ କରିଛନ୍ତି। ଏହି ପତାକାରେ କଳା, ଧଳା ଓ ନାଲି ରଙ୍ଗ ରହିବା ସହ ମଝିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସିଏନ୍ ଆନ୍ନାଦୁରାଇ, ଏମ୍‌ଜି ରାମଚନ୍ଦ୍ରନ (ଏମ୍‌ଜିଆର) ଓ ଜୟଲଳିତାଙ୍କ ପ୍ରତିକୃତି ରହିଛି। ତାମିଲନାଡୁର ଏହି ବିଧାନସଭା ନିର୍ବାଚନ ଏବେ ବହୁମୁଖୀ ପ୍ରତିଦ୍ୱନ୍ଦ୍ୱୀତା ଦେଖିବାକୁ ମିଳିବ। ଏହି ନିର୍ବାଚନୀ ଲଢ଼େଇରେ ଏମ୍‌କେ ଷ୍ଟାଲିନ, ଏଡାପାଡ଼ି ପାଲାନିସ୍ୱାମୀ, ଓ ପନିରସେଲଭମ ଓ ଶାଶିକଳା ମଇଦାନକୁ ଓହ୍ଲାଇଛନ୍ତି। ବିଜେପି ଓ କଂଗ୍ରେସ ଭଳି ଜାତୀୟ ଦଳଗୁଡ଼ିକ ମଧ୍ୟ ଏହି ରାଜ୍ୟରେ ନିଜର ସ୍ଥିତି ମଜବୁତ କରିବାକୁ ଲକ୍ଷ୍ୟ ରଖିଛନ୍ତି।

## ମାସିକ ଧର୍ମ ସମୟରେ ପେଡ୍ ଲିଭ୍ ଆବେଦନ ସୁପ୍ରିମକୋର୍ଟରେ ଖାରଜ



ନୂଆଦିଲ୍ଲୀ, ୧୩।୩ (ଏଜେନ୍ସି): ସାରା ଦେଶରେ ଛାତ୍ରୀ ଏବଂ କର୍ମଜୀବୀ ମହିଳାମାନଙ୍କୁ ପିରିୟଡ୍ସ (ଋତୁସ୍ରାବ) ସମୟରେ ପେଡ୍ ଲିଭ୍ ଦେବା ପାଇଁ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ସିଜେଆଇ ସୂର୍ଯ୍ୟକାନ୍ତ କହିଛନ୍ତି ଯେ ଏଭଳି ଆବେଦନ ଦ୍ୱାରା ଅଜାଣତରେ ମହିଳାମାନଙ୍କ ବିଷୟରେ ଥିବା ରୂଢ଼ିବାଦୀ ଚିନ୍ତାଧାରାକୁ ଆହୁରି ମଜବୁତ କରିପାରେ। ଯଦି ଏହି ଆଇନ ପ୍ରଣୟନ ହୁଏ, ତେବେ କେହି ମହିଳାମାନଙ୍କୁ କାମ ଦେବେ ନାହିଁ ଏବଂ ସେମାନଙ୍କ କ୍ୟାରିୟର ଶେଷ ହୋଇଯିବ। ଏହି ଆବେଦନଗୁଡ଼ିକ ଭୟ ସୃଷ୍ଟି କରିବା ପାଇଁ, ମହିଳାମାନଙ୍କୁ ହୀନ ଦେଖାଇବାକୁ ଏବଂ ପିରିୟଡ୍ସରେ ସେମାନଙ୍କ ସହ କିଛି ଖରାପ ଘଟୁଥିବା ଦର୍ଶାଇବା ପାଇଁ ଦାଖଲ କରାଯାଇଛି। ଏହା ସେମାନଙ୍କର ପଜିଟିଭ୍ ରାଇଟ୍ ତଥା ସକାରାତ୍ମକ ଅଧିକାର, କିନ୍ତୁ ସେହି ନିଯୁକ୍ତିଦାତାଙ୍କ କଥା ଥରେ ଚିନ୍ତା କରନ୍ତୁ। ସିଜେଆଇ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚିଙ୍କ ବେଞ୍ଚ ଶୁଣାଣି ସମୟରେ ମେନଷ୍ଟ୍ରୁଆଲ ଲିଭ୍‌କୁ ବାଧ୍ୟତାମୂଳକ କରିବା ଦ୍ୱାରା ହେବାକୁ ଥିବା ସମ୍ଭାବ୍ୟ ସାମାଜିକ ପରିଣାମ ବିଷୟରେ ଚିନ୍ତା ପ୍ରକଟ କରିଥିଲେ। ଏହା ସହିତ କୋର୍ଟ ଆବେଦନକାରୀଙ୍କ ଅଧିକାର କ୍ଷେତ୍ର ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। କହିଛନ୍ତି ଯେ ଏହି ମାମଲାକୁ ନେଇ ନିଜେ କୌଣସି ମହିଳା କୋର୍ଟକୁ ଆସିନାହାଁନ୍ତି।

# ଇରାନର ଦମ୍ଭ 'ମୋଜାଇକ୍ ଡିଫେନ୍ସ'



ତେହରାନ, ୧୩।୩ (ଏଜେନ୍ସି): ଆମେରିକା ଏବଂ ଇସ୍ରାଏଲ୍ 'ଅପରେସନ୍ ଏପିକ୍ ଫ୍ୟୁରୀ'' ଅଧୀନରେ ଇରାନ ଉପରେ ଭୟାବହ ବିମାନ ଆକ୍ରମଣ ଆରମ୍ଭ କରିଥିଲେ। ସେତେବେଳେ ଡୋନାଲ୍ଡ ଟ୍ରମ୍ପ ତେହରାନରେ ଭେନେଜୁଏଲା ଭଳି ଶାସନ ପରିବର୍ତ୍ତନର ଆଶା ରଖିଥିଲେ। କିନ୍ତୁ ଏହା ଏ ପର୍ଯ୍ୟନ୍ତ ସମ୍ଭବ ହୋଇପାରି ନାହିଁ। ଯୁଦ୍ଧର ପ୍ରାୟ ଦୁଇ ସପ୍ତାହ ପରେ, ଇସଲାମିକ ଶାସନ ନିଜର ଶୀର୍ଷ ନେତୃତ୍ୱକୁ ହରାଇବା ସତ୍ତ୍ୱେ ମଧ୍ୟପ୍ରାଚ୍ୟରେ ଆକ୍ରମଣ ଜାରି ରଖି ଇରାନ ପାଲଟା ଜବାବ ଦେଉଛି। ଇରାନର ଲଢ଼େଇ ଜାରି ରଖିବାର ଏହି କ୍ଷମତା ପଛରେ ସେନା ଦ୍ୱାରା ପ୍ରସ୍ତୁତ 'ମୋଜାଇକ୍ ଡିଫେନ୍ସ' ରଣନୀତି ରହିଛି। ବହୁ ବର୍ଷ ପୂର୍ବେ ଇରାନୀ ରଣନୀତିଜ୍ଞ ମହମ୍ମଦ ଅଲି ଜାଫରୀ ଏହାକୁ ପ୍ରସ୍ତୁତ କରିଥିଲେ। ତାଙ୍କ ପାଇଁ ଆଜି ଇସ୍ରାଏ ଏବଂ ଆମରିକା ଆଗରେ ଇରାନ ଦମ୍ଭ ଦେଖାଇ ଛିଡ଼ା ହୋଇଛି। ଅନେକ ଧମକ ସତ୍ତ୍ୱେ ଇରାନ ପଛଘୁଞ୍ଚା ଦେଉନାହିଁ।

ଇରାନର ବୈଦେଶିକ ମନ୍ତ୍ରୀ ସୟଦ ଅବ୍ବାସ ଆରାଘଚି ଇରାନର ଏହି ପ୍ରତିରକ୍ଷା ରଣନୀତିକୁ 'ପୂର୍ବ ଏବଂ ପଶ୍ଚିମରେ ଆମେରିକୀୟ ସେନାର ପରାଜୟ' ଉପରେ ଦୁଇ ଦଶନ୍ଧିର ଅଧ୍ୟୟନ ଭାବରେ ବର୍ଣ୍ଣନା କରିଛନ୍ତି।ଆମେରିକା-ଇସ୍ରାଏଲ୍ ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲି ଖାମେନେଇଙ୍କ ମୃତ୍ୟୁର କିଛି ଦିନ ପରେ ଆରାଘଚି କହିଛନ୍ତି, ଆମେ ସେହି ଅନୁଯାୟୀ ଶିକ୍ଷା ଗ୍ରହଣ କରିଛୁ। ରାଜଧାନୀରେ ବୋମା ବିସ୍ଫୋରଣ ଆମର ଯୁଦ୍ଧ କରିବାର କ୍ଷମତା ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ବିକେନ୍ଦ୍ରୀକୃତ ମୋଜାଇକ୍ ଡିଫେନ୍ସ ଯୁଦ୍ଧ କେବେ ଏବଂ କିପରି ଶେଷ ହେବ ତାହାର ନିଷ୍ପତ୍ତି ନେବାକୁ ଆମକୁ କ୍ଷମତା ପ୍ରଦାନ କରିଛି।

ଇରାନର ମୋଜାଇକ୍ ଡିଫେନ୍ସର ରଣନୀତିକାର ଭାବେ ମେଜର ଜେନେରାଲ୍ ମହମ୍ମଦ ଅଲି ଜାଫରୀ ପରିଚିତ। ସେ ଜଣେ ପୂର୍ବତନ ସାମରିକ ଅଧିକାରୀ। ସେ ୨୦୦୭ ରୁ ୨୦୧୯ ପର୍ଯ୍ୟନ୍ତ ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ର କମାଣ୍ଡର-ଇନ୍-ଚିଫ୍ ଥିଲେ। ରିପୋର୍ଟ ଅନୁଯାୟୀ, ସେ ଇସଲାମିକ ବିପ୍ଳବ ପରେ ଇରାନର କୁର୍ଦ୍ଦିସ୍ତାନ ପ୍ରଦେଶରେ କାର୍ଯ୍ୟ କରୁଥିବା ଏକ ଗୋଇନ୍ଦା ୟୁନିଟରେ ଯୋଗ ଦେଇଥିଲେ। ଦେଶର ଶୀର୍ଷ ନେତୃତ୍ୱକୁ ହରାଇବା ପରେ ମଧ୍ୟ କିପରି ଯୁଦ୍ଧ ଜାରି ରହିପାରିବ, ତାହା ନିଶ୍ଚିତ କରିବା ପାଇଁ ସେ ବହୁ ବର୍ଷ ଧରି ଇରାନର ସାମରିକ ରଣନୀତିକୁ ନୂଆ ରୂପ ଦେଇଥିଲେ।

ଜାଫରୀ ୧୯୮୦ ରୁ ୧୯୮୮ ପର୍ଯ୍ୟନ୍ତ ଚାଲିଥିବା ଇରାନ-ଇରାକ ଯୁଦ୍ଧରେ ଲଢ଼ିଥିଲେ ଏବଂ ଆଇଆରଜିସିର ବିଭିନ୍ନ ପଦପଦବୀରେ ପଦୋନ୍ନତି ପାଇଥିଲେ। ୧୯୯୨ ରେ ସେ ଗାର୍ଡସର ଗ୍ରାଉଣ୍ଡ ଫୋର୍ସର ସାମଗ୍ରିକ କମାଣ୍ଡର ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କୁ ଆଇଆରଜିସିର ଏକ ଅଭିଜ୍ଞ ୟୁନିଟ୍ ସାରଲ୍ଲାର ମୁଖ୍ୟ ଭାବରେ ଦାୟିତ୍ୱ ଦିଆଯାଇଥିଲା। ୟୁଏସ୍ ଇନଷ୍ଟିଚ୍ୟୁଟ୍ ଅଫ୍ ପିସର ଏକ ରିପୋର୍ଟ ଅନୁଯାୟୀ, ୨୦୦୫ ରେ ଜାଫରୀଙ୍କୁ ଆଇଆରଜିସିର ରଣନୀତିକ ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ ଭାବରେ ନିଯୁକ୍ତ କରାଯାଇଥିଲା। ସେ ଇରାନ-ଇରାକ ଯୁଦ୍ଧ ଏବଂ ୨୦୦୩ ରେ ଆମେରିକା ନେତୃତ୍ୱାଧୀନ ମେଣ୍ଟ ଦ୍ୱାରା ଇରାକ ଆକ୍ରମଣରୁ ଶିକ୍ଷା ଗ୍ରହଣ କରି ଇରାନର 'ମୋଜାଇକ୍ ଡକ୍ଟ୍ରିନ୍' ପ୍ରସ୍ତୁତ କରିବା ପାଇଁ ନିଜ ପଦବୀର ବ୍ୟବହାର କରିଥିଲେ।

ପରବର୍ତ୍ତୀ ସମୟରେ ୨୦୦୭ ରେ ଜାଫରୀଙ୍କୁ ଆଇଆରଜିସିର କମାଣ୍ଡର-ଇନ୍-ଚିଫ୍ କରାଯାଇଥିଲା ଏବଂ ସେ ନିଜ କାର୍ଯ୍ୟକାଳ ମଧ୍ୟରେ 'ମୋଜାଇକ୍ ଡିଫେନ୍ସ ଡକ୍ଟ୍ରିନ୍' କୁ କାର୍ଯ୍ୟକାରୀ କରିଥିଲେ, ଯାହାକୁ ଆମେରିକା ଏବଂ ଇସ୍ରାଏଲ୍ ସେନା ଏପର୍ଯ୍ୟନ୍ତ ଭେଦ କରିପାରି ନାହାଁନ୍ତି।

## କେମିତି କାମ କରୁଛି ମୋଜାଇକ୍ ଡିଫେନ୍ସ

ମୋଜାଇକ୍ ଡିଫେନ୍ସ ହେଉଛି ଏକ ଇରାନୀ ସାମରିକ ଅବଧାରଣା, ଯାହା ଦେଶର ପ୍ରତିରକ୍ଷା ନୀତିକୁ ଗୋଟିଏ କେନ୍ଦ୍ରୀୟ ନିୟନ୍ତ୍ରଣ ବଦଳରେ ଅନେକ ଆଞ୍ଚଳିକ ଏବଂ ଅର୍ଦ୍ଧ-ସ୍ୱୟଂଶାସିତ ସ୍ତରରେ ସଂଗଠିତ କରେ। ଏହା ଦ୍ୱାରା ଶୀର୍ଷ ନେତୃତ୍ୱ ଉପରେ କୌଣସି ବଡ଼ ଧରଣର ଆକ୍ରମଣ ହେଲେ ବି ସମ୍ପୂର୍ଣ୍ଣ ପ୍ରତିରକ୍ଷା ବ୍ୟବସ୍ଥା ଅଚଳ ହୋଇପଡ଼େ ନାହିଁ। ଏହି ମଡେଲ୍ ଅଧୀନରେ ଆଇଆରଜିସି, ବାସିଜ୍, ନିୟମିତ ସେନା ୟୁନିଟ୍, କ୍ଷେପଣାସ୍ତ୍ର ବାହିନୀ, ନୌସେନା ସମ୍ପତ୍ତି ଏବଂ ସ୍ଥାନୀୟ କମାଣ୍ଡ ସଂରଚନାଗୁଡ଼ିକ ଏକ ବିକେନ୍ଦ୍ରୀକୃତ ବ୍ୟବସ୍ଥାର ଅଂଶ ଭାବରେ କାର୍ଯ୍ୟ କରନ୍ତି। ଯଦି ଗୋଟିଏ ଅଂଶ ଆକ୍ରମଣର ଶିକାର ହୁଏ, ଅନ୍ୟ ଅଂଶଗୁଡ଼ିକ କାର୍ଯ୍ୟ ଜାରି ରଖନ୍ତି ଏବଂ ଯଦି ବରିଷ୍ଠ ନେତାମାନେ ନିହତ ହୁଅନ୍ତି, ତେବେ ଏହି ଶୃଙ୍ଖଳା ଭୁଶୁଡ଼ି ପଡ଼େ ନାହିଁ। ଆଇଆରଜିସି ୩୧ଟି ପ୍ରାଦେଶିକ କମାଣ୍ଡରେ ବିଭକ୍ତ ଏବଂ ପ୍ରତ୍ୟେକ ପ୍ରାଦେଶିକ କମାଣ୍ଡ ନିଜସ୍ୱ ଅସ୍ତ୍ରଶସ୍ତ୍ର, ଗୋଇନ୍ଦା ଏବଂ ନିୟନ୍ତ୍ରଣ ବ୍ୟବସ୍ଥା ସହିତ ଏକ ସ୍ୱୟଂସମ୍ପୂର୍ଣ୍ଣ ସାମରିକ ୟୁନିଟ୍ ଭାବରେ କାର୍ଯ୍ୟ କରେ। ଯଦି ଶୀର୍ଷ ନେତୃତ୍ୱଙ୍କ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଏ, ତେବେ ଏହି ରଣନୀତି ସ୍ଥାନୀୟ ୟୁନିଟଗୁଡ଼ିକୁ ନିଜ ନିଷ୍ପତ୍ତି ନେବା ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କ୍ଷମତା ପ୍ରଦାନ କରିଥାଏ।

## ଆର୍ମେନିଆ ପହଞ୍ଚିଲେ ୧୭୦ ଭାରତୀୟ

ନୂଆଦିଲ୍ଲୀ, ୧୩।୩(ଏଜେନ୍ସି): ପଶ୍ଚିମ ଏସିଆରେ ଚାଲିଥିବା ଉତ୍ତେଜନା ମଧ୍ୟରେ ଭାରତ ସରକାର ଇରାନରେ ଫସି ରହିଥିବା ନିଜ ନାଗରିକଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ବ୍ୟାପକ ପ୍ରୟାସ କରୁଛନ୍ତି। ବୈଦେଶିକ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଗତ କିଛି ଦିନ ମଧ୍ୟରେ ୧୭୦ ଜଣ ଭାରତୀୟ ନାଗରିକ ସ୍ଥଳପଥ ଦେଇ ଅର୍ମେନିଆ ସୀମାରେ ପ୍ରବେଶ କରିଛନ୍ତି। ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ଏହି ୧୭୦ଜଣଙ୍କ ମଧ୍ୟରୁ ଅନେକ ଭାରତୀୟ ପୂର୍ବରୁ ଦେଶକୁ ଫେରିସାରିଛନ୍ତି। ଅବଶିଷ୍ଟ ବ୍ୟକ୍ତିମାନେ ଆର୍ମେନିଆରୁ ବାଣିଜ୍ୟିକ ବିମାନ ମାଧ୍ୟମରେ ଆସନ୍ତା କିଛି ଦିନ ମଧ୍ୟରେ ଭାରତ ଫେରିବେ।

# ତେହରାନରେ 'କୁଦ୍‌ସ ଦିବସ' ଶୋଭାଯାତ୍ରାରେ ବିସ୍ଫୋରଣ



ତେହରାନ, ୧୩।୩(ଏଜେନ୍ସି): ଇରାନ ରାଜଧାନୀ ତେହରାନରେ ଆୟୋଜିତ ଏକ ସରକାରୀ ସମର୍ଥକ ପ୍ରଦର୍ଶନ (କୁଦ୍‌ସ ଦିବସ ଶୋଭାଯାତ୍ରା) ସମୟରେ ଭୟଙ୍କର ବିସ୍ଫୋରଣ ଘଟିଛି। ଶୁକ୍ରବାର ଫେରଦୋସି ସ୍କୋୟାର ଅଞ୍ଚଳରେ ଏହି ବିସ୍ଫୋଣ ହୋଇଥିଲା ଓ ଆକାଶରେ ଧୂଆଁର କୁଣ୍ଡଳୀ ଦେଖିବାକୁ ମିଳିଥିଲା। ବିସ୍ଫୋରଣର ଠିକ୍ ପୂର୍ବରୁ ଇସ୍ରାଏଲ ସେନା ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଇସ୍ରାଏଲ ନିଜର ଫର୍ସୀ ଭାଷା ସୋସିଆଲ ମିଡ଼ିଆ ଆକାଉଣ୍ଟରେ ଉଲ୍ଲେଖ କରିଥିଲା ଯେ, ସେମାନେ ସେହି ଅଞ୍ଚଳରେ ଅପରେସନ କରିବେ ଏବଂ ସେଠାରେ ଉପସ୍ଥିତ ରହିବା ଜୀବନ ପାଇଁ ବିପଜ୍ଜନକ ହୋଇପାରେ। ଇରାନର ସର୍ବୋଚ୍ଚ ନେତା ମୋଜତାବା ଖାମନେଇ ଏହି ଶୋଭାଯାତ୍ରାରେ ଯୋଗ ଦେବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ସେ ଆମେରିକା ଓ ଇସ୍ରାଏଲ ବିରୋଧରେ ପ୍ରତିଶୋଧ ନେବାକୁ ଶପଥ ନେଇଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଘଟଣାକୁ ନେଇ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଇରାନର ନୌସେନା, ବାୟୁସେନା ଓ ଡ୍ରୋନ ବ୍ୟବସ୍ଥାକୁ ଧ୍ୱଂସ କରାଯାଇଛି ଓ ସେମାନଙ୍କ ନେତାମାନଙ୍କୁ ପୃଥିବୀ ପୃଷ୍ଠରୁ ଲଭାଇ ଦିଆଯାଇଛି। କୁଦ୍‌ସ ଦିବସ ହେଉଛି ରମଜାନ ମାସର ଶେଷ ଶୁକ୍ରବାର ଦିନ ପାଳନ କରାଯାଉଥିବା ଏକ ବାର୍ଷିକ କାର୍ଯ୍ୟକ୍ରମ। ୧୯୭୯ରେ ସେତେବେଳର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମନେଇ ଏହାକୁ ଆରମ୍ଭ କରିଥିଲେ। ଏହା ମୁଖ୍ୟତଃ ପାଲେଷ୍ଟାଇନ୍ ସମର୍ଥନରେ ଓ ଓ ଇସ୍ରାଏଲ ବିରୋଧରେ ପ୍ରଦର୍ଶନ କରିବା ପାଇଁ ପାଳନ କରାଯାଇଥାଏ। ଏହି ବିସ୍ଫୋରଣ ପ୍ରକୃତ କାରଣ ଜଣାପଡ଼ିନାହିଁ। ତେବେ ଏହି ଘଟଣା ଇରାନ- ଇସ୍ରାଏଲ ମଧ୍ୟରେ ଚାଲିଥିବା ଉତ୍ତେଜନାକୁ ଆହୁରି ବଢ଼ାଇଛି।

## ପାକିସ୍ତାନର କୋହାଟ ସାମରିକ ଦୁର୍ଗ ଉପରେ ଆଫଗାନିସ୍ତାନର ଡ୍ରୋନ୍ ମାଡ଼



କାବୁଲ, ୧୩।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଥମି ନଥିବା ବେଳେ ଦକ୍ଷିଣ ଏସିଆରେ ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ସଂଘର୍ଷ ହୋଇଥିବାର ଏକ ବଡ଼ ଘଟଣା ସାମ୍ନାକୁ ଆସିଛି। ଗୁରୁବାର ରାତିରେ ପାକିସ୍ତାନ ସେନା ପକ୍ଷରୁ ଆଫଗାନିସ୍ତାନ ରାଜଧାନୀ କାବୁଲ ଓ କାନ୍ଦାହାର ଉପରେ କରାଯାଇଥିବା ବାୟୁସେନା ଆକ୍ରମଣର ଜବାବରେ ଆଫଗାନିସ୍ତାନ ପକ୍ଷରୁ ପାଲଟା ଆକ୍ରମଣ କରାଯାଇଛି। ତାଲିବାନ ଅଧିକାରୀଙ୍କ ଦାବି ଅନୁଯାୟୀ, ପାକିସ୍ତାନର ଏହି ଆକ୍ରମଣରେ ୬ ଜଣଙ୍କର ମୃତ୍ୟୁ ହୋଇଛି। ତେବେ ଜଣାଶୁଣ ନ୍ୟୁଜ୍ ଏଜେନ୍ସି ରଏଟର୍ସର ରିପୋର୍ଟ ଅନୁଯାୟୀ, ପାକିସ୍ତାନର ଏହି ଆକ୍ରମଣରେ ମହିଳା ଓ ଶିଶୁଙ୍କ ସମେତ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୫ ଜଣ ଆହତ ହୋଇଛନ୍ତି। ଏହି ଆକ୍ରମଣରେ ଅନେକ ଘର ମଧ୍ୟ ଭାଙ୍ଗିଯାଇଛି। ତାଲିମାନ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ୍‌ଙ୍କ କହିବା ଅନୁସାରେ, ଏହି ଆକ୍ରମଣ ଏକ ବେସରକାରୀ ବିମାନ ସଂସ୍ଥା 'କାମ ଏୟାର'ର ଇନ୍ଧନ ଡିପୋ ଉପରେ କରାଯାଇଛି। ଏହା ସାଧାରଣ ବିମାନ ଓ ମିଳିତ ଜାତିସଂଘର ବିମାନଗୁଡ଼ିକୁ ଇନ୍ଧନ ଯୋଗାଇଥାଏ। ଅନ୍ୟପକ୍ଷରେ ପାକିସ୍ତାନ ସୁରକ୍ଷା ଅଧିକାରୀମାନଙ୍କ କହିବା ଅନୁଯାୟୀ, ଏହି କାର୍ଯ୍ୟାନୁଷ୍ଠାନ ପାକିସ୍ତାନୀ ତାଲିବାନ (ଟିଟିପି) ର ଠିକଣା ଉପରେ କରାଯାଇଛି।

ପାକିସ୍ତାନର ଆକ୍ରମଣ ପ୍ରତିଶୋଧ ସ୍ୱରୂପ ଆଫଗାନ ବାୟୁସେନା ଶୁକ୍ରବାର ସକାଳେ ଖାଇବର ପଖତୁନଖ୍ୱାର କୋହାଟ ଅଞ୍ଚଳରେ ପାକିସ୍ତାନୀ ସେନାର ରଣନୈତିକ ସାମରିକ କେନ୍ଦ୍ର ଓ ସ୍ଥାପନାଗୁଡ଼ିକୁ ଟାର୍ଗେଟ କରିଛି। ଏଥିରେ ଆହୁରି ଦାବି କରାଯାଇଛି ଯେ, ଏହି ଆକ୍ରମଣରେ କୋହାଟ ସାମରିକ ଦୁର୍ଗ ନଷ୍ଟ ହୋଇଯାଇଛି। ଏହି ଦୁର୍ଗଠାରୁ ଦୁଇ କିମି ଦୂରରେ ଥିବା ଡୁରାଣ୍ଡ ଲାଇନ୍ ବିବାଦର କମାଣ୍ଡ ସେଣ୍ଟର ଓ ସାମରିକ ଦୁର୍ଗର କମାଣ୍ଡର କାର୍ଯ୍ୟାଳୟକୁ ମଧ୍ୟ ସଠିକ୍ ଭାବେ ଟାର୍ଗେଟ କରାଯାଇଛି।

## ଇଣ୍ଡିଗୋରେ ପ୍ରତି ବିମାନ ପାଇଁ ଅଛନ୍ତି ସବୁଠୁ କମ୍ ପାଇଲଟ୍

ନୂଆଦିଲ୍ଲୀ, ୧୩।୩(ଏଜେନ୍ସି): ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଗୁରୁବାର ସଂସଦରେ ସୂଚନା ଦେଇଛି ଯେ, ଦେଶରେ ବିଭିନ୍ନ ବିମାନ ସେବା ସଂସ୍ଥା ମଧ୍ୟରେ ଇଣ୍ଡିଗୋର ପାଇଲଟ- ବିମାନ ଅନୁପାତ ସବୁଠାରୁ କମ୍ ରହିଛି। ଇଣ୍ଡିଗୋର ବିମାନ ପିଛା ହାରାହାର ୮ ଜଣ (୭.୬) ପାଇଲଟ ଅଛନ୍ତି। ଅନ୍ୟପଟେ ସ୍ପାଇସ୍‌ଜେଟ୍‌ରେ ଏହି ସଂଖ୍ୟା ସର୍ବାଧିକ ୯.୪ ରହିଛି। ସେହିପରି ଆକାଶ ଏୟାରରେ ଏହି ସଂଖ୍ୟା ୯.୩୩, ଏୟାର ଇଣ୍ଡିଆରେ ପ୍ରତି ବିମାନ ପାଇଁ ୯.୧ ପାଇଲଟ ସଂଖ୍ୟା ଥିବା ବେଳେ ଏହାର ସହଯୋଗୀ କମ୍ପାନୀ ଏୟାର ଇଣ୍ଡିଆ ଏକ୍ସପ୍ରେସ ପାଇଁ ଏହି ସଂଖ୍ୟା ୮.୮ ରହିଛି। ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମାହୋଲ ଲୋକସଭାରେ ଏହି ଲିଖିତ ଉତ୍ତରରେ ଏହି ତଥ୍ୟ ପ୍ରଦାନ କରିଛନ୍ତି। ପ୍ରକୃତରେ ଗୋଟିଏ ବିମାନ ଦିନସାରା ଅନେକ ଉଡ଼ାଣ ଭରିଥାଏ ଏବଂ ପାଇଲଟମାନଙ୍କୁ ବିଶ୍ରାମ ନେବାକୁ ପଡ଼ିଥାଏ। ସେଥିପାଇଁ ଗୋଟିଏ ବିମାନ ପାଇଁ ଏକାଧିକ ପାଇଲଟ ନିୟୋଜିତ ଥାନ୍ତି। ଇଣ୍ଡିଗୋର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ପିଟର ଏଲବର୍ସ ମାର୍ଚ୍ଚ ୧୦ରେ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଉଲ୍ଲେଖଥାଉ କି, ୨୦୨୫ ଡିସେମ୍ବରରେ ବିମାନ ଚଳାଚଳରେ ବିଭ୍ରାଟ ଯୋଗୁଁ ପ୍ରାୟ ୩ ଲକ୍ଷ ଯାତ୍ରୀ ପ୍ରଭାବିତ ହୋଇଥିଲେ। ଏଥିପାଇଁ ଇଣ୍ଡିଗୋ ଉପରେ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ୨୨.୨୦ କୋଟି ଟଙ୍କାର ଜରିମାନା ଲାଗୁ କରିଥିଲା। ଇଣ୍ଡିଗୋର ମୋଟ୍ ୫, ୨୦୦ ପାଇଲଟଙ୍କ ମଧ୍ୟରେ ୯୭୦ଜଣ ମହିଳା ପାଇଲଟ ଅଛନ୍ତି। ସେହିପରି ଏୟାର ଇଣ୍ଡିଆରେ ୩, ୧୨୩ ପାଇଲଟଙ୍କ ମଧ୍ୟରୁ ୫୦୮ ଓ ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ରେ ୧.୮୨୦ ମଧ୍ୟରୁ ୨୩୪ଜଣ ମହିଳା ପାଇଲଟ ଅଛନ୍ତି। ସେହିପରି ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ରେ ୪୮ ଓ ଇଣ୍ଡିଗୋରେ ୨୯ ଜଣ ବିଦେଶୀ ପାଇଲଟ ଅଛନ୍ତି।

ଜାତୀୟ ରାଜପଥରେ ଟୋଲ ଆଦାୟ ୬୧, ୦୦୦ କୋଟି ଟଙ୍କା ଅତିକ୍ରମ କରିଛି ବୋଲି ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀ ଲୋକସଭାରେ ସୂଚନା ଦେଇଛନ୍ତି। ଦେଶରେ ଟୋଲ ଆଦାୟ ଗତ ୫ ବର୍ଷ ମଧ୍ୟରେ ୧୨୦ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ପଶ୍ଚିମ ଏସିଆ ତଥା ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଲାଗିଥିବା କାରଣରୁ ଭାରତ ସରକାର ଇରାନରେ ରହୁଥିବା ପ୍ରାୟ ୯, ୦୦୦ ଭାରତୀୟଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

## ମଧ୍ୟପ୍ରାଚ୍ୟକୁ କ୍ଷେପଣାସ୍ତ୍ର ରକ୍ଷା ପ୍ରଣାଳୀ ସ୍ଥାନାନ୍ତର କରୁଛି ଆମେରିକା

ସିଓଲ, ୧୩।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଇରାନ ଯୁଦ୍ଧ ପାଇଁ ଆମେରିକା ଆଉ ଏକ ଚକିତ କଲା ଭଳି ପଦକ୍ଷେପ ନେଇଛି। ଆମେରିକା ଦକ୍ଷିଣ କୋରିଆରେ ମୁତୟନ ଥିବା 'ଟର୍ମିନାଲ ହାଇ- ଅଲ୍ଟିଚ୍ୟୁଡ୍ ଏରିଆ ଡିଫେନ୍ସ' କ୍ଷେପଣାସ୍ତ୍ର ରକ୍ଷା ପ୍ରଣାଳୀର କିଛି ଅଂଶକୁ ମଧ୍ୟପ୍ରାଚ୍ୟକୁ ସ୍ଥାନାନ୍ତର କରିଛି। ଆମେରିକାର ଏହି ପଦକ୍ଷେପକୁ ନେଇ ଦକ୍ଷିଣ କୋରିଆ ସରକାର ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ଦକ୍ଷିଣ କୋରିଆରେ ଆମେରିକାର ପ୍ରାୟ ୨୮, ୫୦୦ ସୈନ୍ୟ ମୁତୟନ ଅଛନ୍ତି ଓ ଏମାନେ ପରାମାଣୁ ଅସ୍ତ୍ରରେ ସଜ୍ଜିତ ଉତ୍ତର କୋରିଆଠାରୁ ଦେଶକୁ ସୁରକ୍ଷା ଦେଉଛନ୍ତି। ଏହି କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥା ହଟିବା ଦ୍ୱାରା ଦକ୍ଷିଣ କୋରିଆର ସୁରକ୍ଷା ବ୍ୟବସ୍ଥା ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲି ଜେ ମ୍ୟୁଙ୍ଗ ଏହି ପ୍ରତ୍ୟାହାରକୁ ବିରୋଧ କରିଛନ୍ତି। ବିଶେଷଜ୍ଞଙ୍କ ମତରେ, ଏହା ଦ୍ୱାରା ଉତ୍ତର କୋରିଆ ଶାସକ କିମ୍- ଜୋଙ୍ଗ-ଉନ୍ ଏହାକୁ ସୁଯୋଗ ଭାବି ଦେଶରେ ଉତ୍ତେଜନା ସୃଷ୍ଟି କରିପାରନ୍ତି। ଆମେରିକାର ଏହି ପଦକ୍ଷେପ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦକ୍ଷିଣ କୋରିଆ ପ୍ରତି ସୁରକ୍ଷା ପ୍ରତିଶ୍ରୁତିକୁ ନେଇ ସନ୍ଦେହ ସୃଷ୍ଟି କରିଛି। ଉତ୍ତର କୋରିଆ ପୂର୍ବରୁ ହିଁ ଦକ୍ଷିଣ କୋରିଆକୁ ତା'ର ସବୁଠାରୁ ବଡ଼ ଶତ୍ରୁ ବୋଲି ଘୋଷଣା କରିସାରିଛି। ଦକ୍ଷିଣ କୋରିଆ ଗଣମାଧ୍ୟମ ଅନୁଯାୟୀ, ସରକାର ଏବେ ନିଜସ୍ୱ ପ୍ରତିରକ୍ଷା କ୍ଷମତା ବୃଦ୍ଧି ଉପରେ ଗୁରୁତ୍ୱ ଦେଉଛନ୍ତି। ସେପଟେ ଇରାନର ଏକ ଆକ୍ରମଣରେ ଆମେରିକାର ୩୦୦ ମିଲିୟନ ଡଲାର ମୂଲ୍ୟର ଥାଡ୍ 'ରାଡାର ସିଷ୍ଟମ' ନଷ୍ଟ ହେବା ଫଳରେ ଆମେରିକା ଏହି ପଦକ୍ଷେପ ନେବାକୁ ବାଧ ହୋଇଛି ବୋଲି କୁହାଯାଉଛି।

● ଜଷ୍ଟିସ ଯଶୋବନ୍ତ ବର୍ମା କ୍ୟାଶ୍ ମାମଲା

## ସଂସଦୀୟ ତଦନ୍ତ କମିଟିର ଶୁଣାଣି ଆରମ୍ଭ

ନୂଆଦିଲ୍ଲୀ, ୧୩।୩(ଏଜେନ୍ସି): ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ମାସଭବନରୁ ନଗଦ ଟଙ୍କା ଜବତ ମାମଲାରେ ସଂସଦୀୟ ତଦନ୍ତ କମିଟି ଶୁକ୍ରବାରଠାରୁ ପ୍ରତିଦିନ ଶୁଣାଣି ଆରମ୍ଭ କରିବ। ଏହି ପ୍ରକ୍ରିୟା ଆସନ୍ତା ମାର୍ଚ୍ଚ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଶୁଣାଣ ମହା ଅଭିଯୋଗ ସହ ଜଡ଼ିତ ଅଭିଯୋଗର ଏକ ଅଂଶ। ସଂସଦୀୟ କମିଟି ଏହି ସମୟ ମଧ୍ୟରେ ବିଭିନ୍ନ ଦସ୍ତାବିଜ, ପ୍ରମାଣ ଓ ପକ୍ଷମାନଙ୍କ ଜବାବର ସମୀକ୍ଷା କରିବେ। ଜଷ୍ଟିସ ର୍ବମା ମଧ୍ୟ ନିଜର ସଫେଇ ଦେଇଛନ୍ତି। ନିଜର ଲିଖିତ ଜବାବରେ ଜଷ୍ଟିସ ବର୍ମା କହିଛନ୍ତି ଯେ ତାଙ୍କ ଘରୁ ମିଳିଥିବା ଟଙ୍କା ତାଙ୍କର ନୁହେଁ। ଘରେ ନିଆଁ ଲାଗିବା ସମୟରେ ସେ ଉପସ୍ଥିତ ନଥିଲେ ବୋଲି ଦାବି କରିଛନ୍ତି। ତାଙ୍କ ଭବନରୁ କୌଣସି ନଗଦ ଟଙ୍କା ଜବତ ହୋଇନାହିଁ। ଉଲ୍ଲେଖଥାଉ କି, ୨୦୨୫ ମାର୍ଚ୍ଚ ୧୪ରେ ଜଷ୍ଟିସ ବର୍ମାଙ୍କ ସରକାରୀ ବାସଭବନର ଷ୍ଟୋର ରୁମ୍‌ରେ ନିଆଁ ଲାଗିଯାଇଥିଲା। ସେଠାରୁ ବହୁ ପରିମାଣର ଅଧାପୋଡ଼ା ନୋଟ୍ ମିଳିବା ପରେ ତଦନ୍ତ ଆରମ୍ଭ ହୋଇଥିଲା। ଏହାପରେ ଆଭ୍ୟନ୍ତରୀଣ ତଦନ୍ତ ପରେ ତତ୍କାଳୀନ ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନା ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଜଷ୍ଟିସ ବର୍ମାଙ୍କୁ ହଟାଇବା ପାଇଁ ସୁପାରିଶ କରିଥିଲେ। ୨୦୨୫ ଅଗଷ୍ଟ ୧୨ରେ ୧୪୬ ଜଣ ସାଂସଦଙ୍କ ସ୍ୱାକ୍ଷର ସମ୍ବଳିତ ନୋଟିସ ଆଧାରରେ ଏକ ୩ ଜଣିଆ ତଦନ୍ତ କମିଟି ଗଠନ କରାଯାଇଥିଲା।

## ସିଦ୍ଧୁ ମୁସେୱାଲା ହତ୍ୟା ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଜାମିନ

ନୂଆଦିଲ୍ଲୀ, ୧୩।୩(ଏଜେନ୍ସି): ପ୍ରସିଦ୍ଧ ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲାଙ୍କ ବହୁ ଚର୍ଚ୍ଚିତ ହତ୍ୟାକାଣ୍ଡ ମାମଲାରେ ସୁପ୍ରିମକୋର୍ଟ ଶୁକ୍ରବାର ଦୁଇ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଏହି ଦୁଇ ଅଭିଯୁକ୍ତ ହେଲେ ପବନ ବିଷ୍ଣୋଇ ଓ ଜଗତାର ସିଂହ। ପବନଙ୍କ ବିରୋଧରେ ହତ୍ୟାକଣ୍ଡରେ ବ୍ୟବହୃତ ବୋଲେରୋ ଗାଡ଼ି ବ୍ୟବସ୍ଥା କରିଥିବା ଅଭିଯୋଗ ହୋଇଥିଲା। ସେହିପରି ଜଗତାରଙ୍କୁ ଏହି ମାମଲାରେ ଅନ୍ୟଏକ ଆଧାରରେ ଗିରଫ କରାଯାଇଥିଲା। ଅଭିଯୁକ୍ତଙ୍କ ଓକିଲ ଦର୍ଶାଇଛନ୍ତି ଯେ ପବନଙ୍କୁ କେବଳ ଏକ ସ୍ୱୀକାରୋକ୍ତି ଆଧାରରେ ଫସାଯାଇଛି ଓ ତାଙ୍କ ବିରୋଧରେ କୌଣସି ପ୍ରମାଣ ନାହିଁ। ସେ ପ୍ରାୟ ସାଢ଼େ ୩ ବର୍ଷ ଧରି ହେପାଜତରେ ଅଛନ୍ତି। ସେହିପରି ଜଗତାର ଜଣେ ପଡୋଶୀ ହୋଇଥିବାରୁ ତାଙ୍କୁ ମିଥ୍ୟା ଅଭିଯୋଗରେ ଛନ୍ଦି ଦିଆଯାଇଥିବା ଦର୍ଶାଯାଇଛି। ଜଷ୍ଟିସ ବିକ୍ରମ ନାଥ ଓ ଜଷ୍ଟିସ୍ ସନ୍ଦୀପ ମେହେଟାଙ୍କ ଖଣ୍ଡପୀଠ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଜାମିନ ପ୍ରଦାନ କରିଛନ୍ତି।

## ୪ ବର୍ଷର ଲିଭ୍-ଇନ୍ ସମ୍ପର୍କ ପରେ ଆତ୍ମହତ୍ୟା କଲେ ଯୁବତୀ



ଆଗ୍ରା, ୧୩।୩(ଏଜେନ୍ସି): ଉତ୍ତରପ୍ରଦେଶରେ ଆଗ୍ରାରେ ଜଣେ ଯୁବତୀ ଆତ୍ମହତ୍ୟା କରିଥିବା ମାମଲା ସାମ୍ନାକୁ ଆସିଛି। ମୃତ୍ୟୁ ପୂର୍ବରୁ ସେ ଏକ ଭିଡ଼ିଓ ବାର୍ତ୍ତା ଜରିଆରେ ତାଜଗଞ୍ଜ୍ ଥାନାର କର୍ଯ୍ୟରତ ଜଣେ ପୁଲିସ କନେଷ୍ଟବଳଙ୍କ ଉପରେ ଶରୀରିକ ଓ ମାନସିକ ନିର୍ଯାତନା ଓ ପ୍ରତାରଣାର ଗୁରୁତର ଅଭିଯୋଗ ଆଣିଛନ୍ତି। ମୃତ ଯୁବତୀଙ୍କ ଅଭିଯୋଗ ଅନୁଯାୟୀ, କନେଷ୍ଟବଳ ଜେଭି ଗୌତମଙ୍କ ସହ ସେ ୪ ବର୍ଷ ଧରି ଲିଭ୍-ଇନ୍‌ରେ ରହୁଥିଲେ। ବିବାହର ପ୍ରତିଶ୍ରୁତି ଦେଇ କନେଷ୍ଟବଳ ତାଙ୍କୁ ପତ୍ନୀ ଭଳି ରଖିଥିଲେ, କିନ୍ତୁ ପରେ ବିବାହ କରିବାକୁ ମନା କରିଦେଇଥିଲେ। ତାଙ୍କ ପରିବାର ଲୋକେ ବିବାହାର ରାଜି ନଥିବେ କହି ତାଙ୍କୁ ଧୋକା ଦେଇଥିଲେ ଏବଂ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିବାକୁ ପ୍ରସ୍ତୁତି କରୁଥିଲେ। ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଭିଡ଼ିଓରେ ଯୁବତୀ ଜଣକ ନିଜ ମୃତ୍ୟୁ ପାଇଁ କନଷ୍ଟେବଳ ଓ ତାଙ୍କ ପରିବାରକୁ ଦାୟୀ କରିଛନ୍ତି। ସେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିକଟରେ ନ୍ୟାୟ ଭିକ୍ଷା କରିଥିଲେ। ଏହି ଭିଡ଼ିଓ ଭାଇରାଲ ହେବା ପରେ ବରିଷ୍ଠ ଅଧିକାରମାନେ କନଷ୍ଟେବଳ ଗୌତମଙ୍କୁ ନିଲମ୍ବିତ କରିଛନ୍ତି। ଯୁବତୀଙ୍କ ବାପାଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା ରୁଜୁ ହୋଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

## ସ୍ୱାମୀଙ୍କୁ ପକୋଡ଼ି କିଣିବାକୁ ପଠାଇ ପ୍ରେମିକଙ୍କ ସହ ଫେରାର ହେଲେ ନବବିବାହିତା

ମୁରାଦାବାଦ୍, ୧୩।୩(ଏଜେନ୍ସି): ଉତ୍ତରପ୍ରଦେଶର ମୁରାଦାବାଦ୍ ଜିଲ୍ଲାରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜଣେ ନବବିବାହିତା ପତ୍ନୀ ନିଜ ସ୍ୱାମୀଙ୍କୁ ପକୋଡ଼ି ଆଣିବାକୁ କହି ବସ୍‌ଷ୍ଟାଣ୍ଡରୁ ରହସ୍ୟମୟ ଭାବେ ନିଖୋଜ ହୋଇଯାଇଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ସୃଷ୍ଟି ହୋଇଛି। ଅମରୋହା ଜିଲ୍ଲାର ପୀତମ ସିଂହ ସହ ଗତ ଡିସେମ୍ବରରେ ୧ରେ ରାମପୁର ଜିଲ୍ଲାର ୧୮ ବର୍ଷୀୟା ରିମ୍‌ଝିମ୍‌ଙ୍କ ବିବାହ ହୋଇଥିଲା। ହୋଲି ଛୁଟି ପାଇଁ ରିମ୍‌ଝିମ୍ ନିଜ ବାପ ଘରକୁ ଯାଇଥିଲେ। ମାର୍ଚ୍ଚ ୯ରେ ପ୍ରୀତମ ତାଙ୍କୁ ଫେରାଇ ଆଣିବାକୁ ଯାଇଥିଲେ। ଫେରିବା ବାଟରେ ମୁରାଦାବାଦର ବିଲାରୀ ବସ୍‌ଷ୍ଟାଣ୍ଡରେ ସେମାନେ ଅନ୍ୟଏକ ବସ୍‌କୁ ଅପେକ୍ଷା କରୁଥିଲେ। ସେହି ସମୟରେ ରିମ୍‌ଝିମ୍ ପୀତମଙ୍କୁ ପାଖ କ୍ୟାଣ୍ଟିନରୁ ଗରମ ଗରମ ପକୋଡ଼ି ଆଣିବାକୁ ପଠାଇଥିଲେ। ପୀତମ ଯେତେବେଳେ ପକୋଡ଼ା ନେଇ ଫେରିଲେ, ସେତେବେଳେ ପତ୍ନୀ ସେଠାରେ ନଥିଲେ। ଆଖପାଖରେ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ସହଯାତ୍ରୀଙ୍କଠାରୁ ଜାଣିବାକୁ ମିଳିଲା ଯେ, ସେ ଫୋନ୍‌ରେ କାହା ସହ କଥା ହେଉ ହେଉ ବସ୍‌ରୁ ଓହ୍ଲାଇ ପଳାଇଥିଲେ। ପୀତମ ଏ ନେଇ ପୁଲିସରେ ଅଭିଯୋଗ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ରିମ୍‌ଝିମ୍ ତାଙ୍କ ପୁରୁଣା ପରିଚିତ ଯୁବକ ତଥା ପ୍ରେମିକଙ୍କ ସହ ଫେରାର ହୋଇଛନ୍ତି। ପୁଲିସ ଏହି ଘଟଣାରେ ଏକ ମିସିଂ କେସ୍ ରୁଜୁ କରିଛି। ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ରିମ୍‌ଝିମ୍‌ଙ୍କ ମୋବାଇଲ ଲୋକେସନ ଆଧାରରେ ତଦନ୍ତ ଜାରି ରହିଛି।

# ଆଉଟସୋର୍ସିଂ କର୍ମଚାରୀଙ୍କ ସମର୍ଥନରେ ଗୃହ କମ୍ପାଇଲା କଂଗ୍ରେସ

**ଭୁବନେଶ୍ୱର, ୧୩।୩ (ସମିସ):** ରାଜ୍ୟର ୭୦ ହଜାରରୁ ଅଧିକ ଆଉଟ୍‌ସୋର୍ସିଂ କର୍ମଚାରୀ ରାଜରାସ୍ତାରେ ବସିଛନ୍ତି। ଖରା-କାକରରେ ଏହି କର୍ମଚାରୀମାନେ ଧାରଣାରେ ବସିଥିବା ବେଳେ ସରକାର ସେମାନଙ୍କ କଥା ଆଦୌ ଶୁଣୁ ନାହାନ୍ତି। ବିରୋଧୀ ଦଳରେ ଥିବା ବେଳେ ଯେଉଁ ଦାବିକୁ ସମର୍ଥନ କରୁଥିଲେ, ସରକାରକୁ ଆସିବା ପରେ ଏବେ ସେହି କର୍ମଚାରୀଙ୍କ ପ୍ରତି ଦୃଷ୍ଟି ଦେଉନାହାନ୍ତି। ଅନ୍ୟପଟେ ଏହି ପ୍ରସଙ୍ଗରେ କଂଗ୍ରେସ ଦଳ ମୁଲତବୀ ପ୍ରସ୍ତାବ ଆଣିଥିଲେ ମଧ୍ୟ ଏହାକୁ ଅଗ୍ରାହ୍ୟ କରି ଦିଆଯାଇଥିବାରୁ ସରକାରଙ୍କ ଉପରେ ଦଳ ବର୍ଷିଛି।

ଶୁକ୍ରବାର ଶୂନ୍ୟକାଳରେ ଆଉଟସୋର୍ସିଂ କର୍ମଚାରୀଙ୍କ ପ୍ରସଙ୍ଗ ଉଠାଇ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି, କଂଗ୍ରେସ ପକ୍ଷରୁ ଆଲୋଚନା ପାଇଁ ଅଣାଯାଇଥିବା ମୁଲତବୀ ପ୍ରସ୍ତାବକୁ ଗ୍ରହଣ ନକରି ସରକାର ବଦନାମି ଏଡ଼ାଇବା ପାଇଁ ପ୍ରୟାସ କରୁଛନ୍ତି। ରାଜ୍ୟର ୭୦ ହଜାରରୁ ଊର୍ଦ୍ଧ୍ୱ ଆଉଟ୍‌ସୋର୍ସିଂ କର୍ମଚାରୀ ଆଜି ରାଜରାସ୍ତାରେ ବସିଛନ୍ତି। କିନ୍ତୁ ସରକାର ତାଙ୍କ ଦାବି ପ୍ରତି କର୍ଣ୍ଣପାତ କରୁନାହାନ୍ତି। କଂଗ୍ରେସ ପକ୍ଷରୁ ଏ ସମ୍ପର୍କରେ ଆଲୋଚନା ଲାଗି ମୁଲତବୀ ପ୍ରସ୍ତାବ ଦିଆଯାଇଥିଲା।

- ମୁଲତବୀ ପ୍ରସ୍ତାବ ଗ୍ରହଣ ନହେବାରୁ ବିଧାୟକଙ୍କ କ୍ଷୋଭ
- ଖରାରେ ବସିଛନ୍ତି ୭୦ ହଜାର ଆଉଟସୋର୍ସିଂ କର୍ମଚାରୀ
- ପ୍ରତିଶ୍ରୁତି ଦେଇ ପୂରଣ କରୁନାହାନ୍ତି ବିଜେପି ସରକାର

କିନ୍ତୁ, ସରକାର କାଳେ ବଦନାମ ହେବେ, ସେଥିପାଇଁ ତାହାକୁ ଗ୍ରହଣ କଲେ ନାହିଁ। ସରକାରଙ୍କ ବିଭିନ୍ନ ବିଭାଗରେ ବହୁ ଶିକ୍ଷିତ ଯୁବକ ଯୁବତୀ ଆଉଟ୍‌ସୋର୍ସିଂ ମାଧ୍ୟମରେ ନିଯୁକ୍ତି ପାଇଛନ୍ତି। ସେମାନଙ୍କର ଇପିଏଫ୍ କି ଜିପିଏଫ୍ କଟୁନାହିଁ। ସେମାନଙ୍କ ଚାକିରିର କିଛି ସ୍ଥାୟିତ୍ୱ ନାହିଁ। ସେମାନେ ଅଧିକ କାମ କରୁଥିଲେ ମଧ୍ୟ ସେହି ଅନୁସାରେ ତାଙ୍କ ଦରମା ପାଉନାହାନ୍ତି। ସରକାର ସେମାନଙ୍କ ଦାବି ଉପରେ ବିଚାର କରିବା ଆବଶ୍ୟକ। ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା, ଛଟେଇ ବନ୍ଦ କରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ କାଡାମ ଦାବି କରିଛନ୍ତି।

ସେହିପରି ଶୂନ୍ୟକାଳରେ ସମାନ ପ୍ରସଙ୍ଗ ଉଠାଇ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ମଧ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି, ଏତେ ଖରାରେ ରାଜ୍ୟର ଶିକ୍ଷିତ ଯୁବକ ଯୁବତୀ ଧାରଣାରେ ବସିଛନ୍ତି। ଦୀର୍ଘ ଦିନ ହେବ ସେମାନେ ଚାକିରି କଲେଣି। ସେମାନଙ୍କୁ ନିଯୁକ୍ତି ଦେଇଥିବା ସଂସ୍ଥା ସରକାରଙ୍କଠାରୁ ୨୦୦୦୦ ଟଙ୍କା ନେଇ ସେମାନଙ୍କୁ ୮-୧୦ ହଜାର ଟଙ୍କା ଦେଉଛନ୍ତି। ଏଭଳି ମହଙ୍ଗା ସମୟରେ ପରିବାର ଚଳାଇବା ତାଙ୍କ ପକ୍ଷେ କଷ୍ଟସାଧ୍ୟ ହେଉଛି। ସରକାର ଓ ନିଯୁକ୍ତି ଦାତା ସଂସ୍ଥା ଦ୍ୱାରା ସେମାନେ ଶୋଷିତ ହେଉଛନ୍ତି। କିଛି କାରଣ ନଥାଇ ସେମାନଙ୍କୁ ଛଟେଇ କରାଯାଉଛି। ପୂର୍ବରୁ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ, ଏହି ସମୟରେ ବିଜେପି ବିଧାୟକ ବାବୁ ସିଂ ଓ ଇରାଶିଶ ଆଚାର୍ଯ୍ୟ ଧାରଣ ସ୍ଥଳରେ ଯାଇଥିଲେ। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସେମାନଙ୍କ ସହ ଆଲୋଚନା କରି କମିଟି ଗଠନ ହୋଇ ତାଙ୍କ କଥା ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ବିଜେପି ବିରୋଧୀ ଦଳରେ ଥିବା ବେଳେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେମାନଙ୍କ ପାଇଁ ଲଢ଼େଇ କରିବେ ବୋଲି କହିଥିଲେ। ଆଜି ଡବଲ୍ ଇଞ୍ଜିନ ସରକାର କାହିଁକି ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେଉନାହିଁ ବୋଲି ସେ ପ୍ରଶ୍ନ କରିଥିଲେ। ଉକ୍ତ କମିଟିର ସ୍ଥିତି କ'ଣ ମନ୍ତ୍ରୀ ଗୃହକୁ ଜାଣନ୍ତୁ ବୋଲି ତାରା ଦାବି କରିଥିଲେ। କଂଗ୍ରେସ ବିଧାୟିକା ସୋଫିଆ ଫିରଦୋସ ମଧ୍ୟ ସମାନ ପ୍ରସଙ୍ଗ ଉଠାଇ ତାଙ୍କ ଦାବି ପୂରଣ କରିବା ପାଇଁ ସରକାରଙ୍କ ନିକଟରେ ଦାବି ରଖିଥିଲେ। ଦିଲ୍ଲୀ, ପଞ୍ଜାବ ସମେତ ଅନ୍ୟ କିଛି ରାଜ୍ୟ ଆଉଟସୋର୍ସିଂ ବ୍ୟବସ୍ଥାର ଉଚ୍ଛେଦ କରିଛନ୍ତି। ଏହାକୁ ଓଡ଼ିଶାରେ ମଧ୍ୟ ବନ୍ଦ କରାଯାଉ ବୋଲି ସେ କହିଥିଲେ।

**ଶ୍ରୀମନ୍ଦିରରେ ଅଘଟଣ**

# ଗର୍ଭଗୃହରେ ଗୋଡ଼ ଖସିବାରୁ ବୋଝିଆଙ୍କ ମୁଣ୍ଡ ଫାଟିଲା

ପୁରୀ, ୧୩।୩ (ସମିସ): ଶ୍ରୀମନ୍ଦିରରେ ଅଘଟଣ। ଗର୍ଭଗୃହରେ ଗୋଡ଼ ଖସିଯିବାରୁ ଜଣେ ବୋଝିଆ ପଡ଼ି ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡ ଫାଟି ଯାଇଥିବା ବେଳେ ମେରୁଦଣ୍ଡରେ ଆଘାତ ଲାଗିଛି। ସମ୍ପୃକ୍ତ ବୋଝିଆ ହେଲେ, ଶାସନ ଦାମୋଦରପୁରର ଅଶୋକ ପ୍ରଧାନ (୩୨)। ଶୁକ୍ରବାର ଅପରାହ୍ଣ ପ୍ରାୟ ୩ଟା ୧୫ରେ ମଧ୍ୟାହ୍ନ ଧୂପ ଶେଷ ହୋଇଥିଲା। ଏହାପରେ ବୋଝିଆମାନେ ଗର୍ଭଗୃହରୁ ଭୋଗ ବୋହୁଥିଲେ। ଅଶୋକ ମଧ୍ୟ ଏଥିରେ ନିୟୋଜିତ ଥିଲେ। ସେ ଏକ ବେତାରେ ୨ଟି ଗରମ ଡାଲି ଏବଂ ଗୋଟିଏ ଅନ୍ନ (ଦାସିଆ) ଆଣି ଆସିବା ବେଳେ ଗର୍ଭଗୃହରେ ତାଙ୍କ ଗୋଡ଼ ଖସିଯାଇଥିଲା। ଫଳରେ ସେ ତଳେ ପଡ଼ି ଯାଇଥିଲେ। ପଥରରେ ତାଙ୍କ ମୁଣ୍ଡ ମାଡ଼ ହୋଇ ଫାଟିଯିବା ସହ ରକ୍ତସ୍ରାବ ହୋଇଥିଲା। ଏଥିସହ ତାଙ୍କ ମେରୁଦଣ୍ଡରେ ମଧ୍ୟ ଆଘାତ ଲାଗିଥିଲା। ସଙ୍ଗେସଙ୍ଗେ ତାଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

**ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ**

ତାଙ୍କ ମୁଣ୍ଡରେ ୭ଟି ଷ୍ଟିଚ୍ ପଡ଼ିଥିବା ବେଳେ ମେରୁଦଣ୍ଡ ଆଘାତ ପାଇଁ ମଧ୍ୟ ପ୍ରାଥମିକ ଚିକିତ୍ସା କରାଯାଇଛି। ସୂଚନାଥାଉ କି, ବିଭିନ୍ନ ସମୟରେ ଗର୍ଭଗୃହ ହେଉ କିମ୍ବା ଭୋଗ ବୋହିବା ବେଳେ ବୋଝିଆ ପଡ଼ିଯିବାର ନଜିର ରହିଛି। କେତେବେଳେ ବୋଝିଆଙ୍କ ଗୋଡ଼ ଖସିଯାଏ ତ କେତେବେଳେ ଡାଲି, ଅନ୍ନହାଣ୍ଡି ମିଳାଇ ଯାଇ ସେମାନଙ୍କ ଉପରେ ପଡ଼ିଥାଏ।

ଅପରପକ୍ଷେ, କଳାହାଟ ଦ୍ୱାର ନିକଟରେ ରକ୍ତ ପଡ଼ିବାରୁ ସେହିଠାରେ ନୀତି ଅଟକା ଯାଇ ବଡ଼ ମହାସ୍ନାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ରତ୍ନସିଂହାସନଠାରୁ ଜୟବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୁନପାଣି ପଡ଼ିଥିଲା। ସନ୍ଧ୍ୟା ୬ଟା ୫ରେ ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ୬ଟା ୧୦ରେ ମହାସ୍ନାନ ପୂଜା ବଢ଼ିବା ପରେ ଯେଉଁଠାରେ ନୀତି ଅଟକା ଯାଇଥିଲା, ପୁନଶ୍ଚ ସେହିଠାରୁ ନୀତିକାନ୍ତି ଆରମ୍ଭ ହୋଇଥିଲା। ମହାସ୍ନାନ ପାଇଁ ଦର୍ଶନ ବି ବନ୍ଦ ରହିଥିଲା। ଫଳରେ ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ନୀତିକାନ୍ତିରେ ବିଳମ୍ବ ହୋଇଥିଲା।

**ସଂସଦରେ ଦାବି କଲେ ସାଂସଦ ମାନସ**

# ଭୁବନେଶ୍ୱରରୁ କୋରାପୁଟକୁ ଚାଲୁ ବନ୍ଦେ ଭାରତ ଟ୍ରେନ୍



**ଭୁବନେଶ୍ୱର, ୧୩।୩(ସମିସ):** ଅବିଭକ୍ତ କୋରାପୁଟ ଜିଲ୍ଲାକୁ ବନ୍ଦେ ଭାରତ ସ୍ଲିପର ବା ସ୍ପେସାଲ୍ ଟ୍ରେନ୍ ଚଳାଚଳ କରିବା ପାଇଁ ରାଜ୍ୟସଭାରେ ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଦାବି କରିଛନ୍ତି । ଏହା ସହ ଭୁବନେଶ୍ୱରରୁ ଦକ୍ଷିଣ ଓଡ଼ିଶାକୁ ରେଳ ଚଳାଚଳ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ସେ ପ୍ରଶ୍ନ କରିଛନ୍ତି। ଏହାର ଉତ୍ତରରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ନୂତନ ଟ୍ରେନ୍ ଚଳାଚଳ କରିବା ଲାଇନ୍ କ୍ଷମତା, ରୋଲିଂ ଷ୍ଟକ୍ ଉପଲବ୍ଧତା, ଭିତ୍ତିଭୂମୀ ଓ ଅନ୍ୟାନ୍ୟ ପ୍ରାୟୋଗିକ ପାରାମିଟର ଉପରେ ନିର୍ଭର କରେ। ଏହି ରୁଟ୍‌ରେ ବନ୍ଦେ ଭାରତ ଟ୍ରେନ୍ ଚଳାଚଳ ପାଇଁ ମନ୍ତ୍ରୀ କୌଣସି ସ୍ପଷ୍ଟ ସୂଚନା ଦେଇ ନ ଥିବାବେଳେ ଓଡିଶାରେ ରେଳ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ପଦକ୍ଷେପ ନିଆଯାଇଥିବା ଦର୍ଶାଇଛନ୍ତି। ପୂର୍ବାପେକ୍ଷା ରାଜ୍ୟ ପାଇଁ ବହୁ ଅଧିକ ବଜେଟ୍ ବ୍ୟୟବରାଦ କରାଯାଇଛି। ୨୦୦୯ ରୁ ୧୪ ମଧ୍ୟରେ ବାର୍ଷିକ ଆବଣ୍ଟନ ୮୩୮ କୋଟି ଥିବାବେଳେ କେବଳ ୨୦୨୫-୨୬ରେ ୧୦,୫୯୯ କୋଟି ପ୍ରଦାନ କରାଯାଇଛି। ପୂର୍ବ ତୁଳନାରେ ଏହା ପ୍ରାୟ ୧୩ ଗୁଣା ଅଧିକ। ଏହା ସହିତ ରାଜ୍ୟରେ ନୂତନ ରେଳ ଲାଇନ୍ ଓ ଡବଲିଂ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ବର୍ତ୍ତମାନ ରାଜ୍ୟରେ ୪୯ଟି ରେଳ ପ୍ରକଳ୍ପ ଅନୁମୋଦିତ ହୋଇଥିବା ବେଳେ ମୋଟ ୪୦୧୦ କିଲୋମିଟର୍ ଲମ୍ବା ଲାଇନ୍ ପ୍ରକଳ୍ପ ଚାଲୁ ରହିଥିବା ସେ ସୂଚନା ଦେଇଛନ୍ତି।

**ଉତ୍ତର ଏଡ଼ାଇ ଗଲେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ**

**ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଧନଜୀବନ ହାନିକୁ ନେଇ ଗଭୀର ଦୁଃଖପ୍ରକାଶ କଲେ ନବୀନ**

# ଏ ବର୍ଷ ବିଜେଡି ପାଳିବନି 'ଇଫତାର ଓ ଇଦ୍ ମିଳନ'



**ଭୁବନେଶ୍ୱର,୧୩।୩(ସମିସ):** ମଧ୍ୟପ୍ରାଚ୍ୟରେ ଭୟାବହ ଯୁଦ୍ଧ ଯୋଗୁଁ ହଜାର ହଜାର ନିରୀହ ଲୋକଙ୍କ ପ୍ରାଣହାନି ଘଟିଛି। ଲକ୍ଷ ଲକ୍ଷ ସାଧାରଣ ଜନତା ଆହତ ହୋଇଛନ୍ତି। ଲକ୍ଷ ଲକ୍ଷ ଲୋକ ବାସହରା ହୋଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଏଭଳି ସ୍ଥିତିରେ ଯୁଦ୍ଧର ଅନ୍ତ ତଥା ଶାନ୍ତି ପ୍ରତିଷ୍ଠା ପାଇଁ ବିଜୁ ଜନତା ଦଳ "ଇଫତାର ଓ ଇଦ୍ ମିଳନ' ପାଳନ କରିବନି ବୋଲି ନିଷ୍ପତ୍ତି ନେଇଛି। ଏନେଇ ଦଳ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା କହିଥିଲେ ଯେ ପ୍ରତିବର୍ଷ ବିଜୁ ଜନତା ଦଳ ତରଫରୁ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ମୁସଲମାନ ଭାଇଭଉଣୀ ଏବଂ ବିଭିନ୍ନ ଧର୍ମର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କୁ ନେଇ ମହାସମାରୋହରେ "ଇଫତାର ଓ ଇଦ୍ ମିଳନ' ପାଳନ କରାଯାଇଥାଏ। ଯୁଦ୍ଧ ଯୋଗୁଁ ମଧ୍ୟପ୍ରାଚ୍ୟରେ ଓଡ଼ିଶାର ଅନେକ ଭାଇଭଉଣୀ ଦୁଃଖଦ ସ୍ଥିତିରେ ଫସି ରହିଛନ୍ତି। ଏହି ଯୁଦ୍ଧ ଦ୍ୱାରା ୧୦ରୁ ଅଧିକ ଦେଶ ପ୍ରତ୍ୟକ୍ଷ ଭାବେ କ୍ଷତିଗ୍ରସ୍ତ ହେବା ସହ ସାରା ବିଶ୍ୱ ପ୍ରଭାବିତ ହୋଇଛି। ଏଭଳି ସ୍ଥିତିରେ ଚଳିତ ବର୍ଷ ଦଳ ତରଫରୁ "ଇଫତାର ଓ ଇଦ୍ ମିଳନ' ପାଳନକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧରେ ବ୍ୟାପକ ଧନଜୀବନ ହାନୀ ଯୋଗୁଁ ଦଳର ସଭାପତି ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିବା ସହ ଏହି ଦୁଃଖଦ ମୂହୁର୍ତ୍ତରେ କୌଣସି ପ୍ରକାର ଉତ୍ସବ ପାଳନରୁ ନିବୃତ୍ତ ରହିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଦଳର ସାଧାରଣ ସମ୍ପାଦକ ମନ୍ମଥ ରାଉତରାୟ, ବରିଷ୍ଠ ନେତା ଶେଖ୍ ନିଜାମୁଦ୍ଦିନ୍, ମୁଖପାତ୍ର ସୋଫିଆ ଆଲମ ଓ ସଂଖ୍ୟାଲଘୁ ସେଲର ସହ ସଂଯୋଜିକା ରିଜୱାନା ବେଗମ ପ୍ରମୁଖ ଉପସ୍ଥିତ ଥିଲେ।

**● ଜମିବାଡ଼ି ବିବାଦର ଭୟଙ୍କର ପରିଣତି**

# ମାଆ ଓ ବଡ଼ଭାଇକୁ ହତ୍ୟା

ନିଶ୍ଚିନ୍ତକୋଇଲି, ୧୩।୩ (ସମିସ): ଜମିବାଡ଼ି ଭାଗବଣ୍ଟାକୁ କେନ୍ଦ୍ର କରି ନିଶ୍ଚିନ୍ତକୋଇଲି ବ୍ଲକ୍ ସାଲେପୁର ଥାନା ଅଧୀନ ଫଗୋଲ ଗ୍ରାମରେ ଶୁକ୍ରବାର ଦୁଇ ଦୁଇଟି ହତ୍ୟାକାଣ୍ଡ ଘଟିଛି। ମୃତକଦ୍ୱୟ ହେଲେ, କୁଲୁସୁମ୍ ବିବି (୭୫) ଓ ତାଙ୍କ ବଡ଼ ପୁଅ ସେକ୍ ସମସେର ଅଲୀ ଓରଫ ସମିମ୍ (୫୫)। ସାଲେପୁର ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନମ୍ବର ୧୫୭/୨୬ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହାସହ ହତ୍ୟାକାଣ୍ଡରେ ବ୍ୟବହୃତ କାଠଫାଳିଆ ଓ ଫାଉଡ଼ାକୁ ଜବତ କରିବା ସହ ମୃତ ସମିମ୍‌ଙ୍କ ସାନ ଭାଇ ସେକ୍ ପପୁ ଓ ଅନ୍ୟ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ପୁଲିସ ସୂଚନାନୁଯାୟୀ, ପପୁ ଜଣେ ଭିନ୍ନକ୍ଷମ। ପପୁ ଓ ସମିମ୍‌ଙ୍କ ମଧ୍ୟରେ ଜମିବାଡ଼ି ଭାଗବଣ୍ଟାକୁ ନେଇ ବିବାଦ ଚାଲିଥିଲା। ଆଜି ବିବାଦୀୟ ଜାଗାରେ ସମିମ୍ ନିଜ ଘର କାମ କରୁଥିବା ଦେଖି ପପୁର ରାଗ ମୁଣ୍ଡକୁ ଚଢ଼ି ଯାଇଥିଲା। ଏହି ଘଟଣାକୁ ନେଇ ଆଜି ପୂର୍ବାହ୍ନରେ ସେ ସମିମ୍‌ଙ୍କ ସହ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ଏଥିରେ ମା' କୁଲୁସୁମ୍ ବିବି ହସ୍ତକ୍ଷେପ କରିବାରୁ ପପୁ ଆହୁରି ରାଗି ଯାଇଥିଲା। ଉତ୍କ୍ଷିପ୍ତ ପପୁ ନିକଟରେ ପଡ଼ିଥିବା ଏକ କାଠଫାଳିଆରେ ପ୍ରଥମେ ମାଆ କୁଲୁସୁମ୍‌ଙ୍କ ମୁଣ୍ଡକୁ ଶକ୍ତ ପ୍ରହାର କରିଥିଲା। ଏଥିରେ କୁଲୁସୁମ୍ ଘଟଣାସ୍ଥଳରେ ହିଁ ଟଳିପଡ଼ିଥିଲେ। ପରେ ବଡ଼ଭାଇ ସମିମ୍ ବାରଣ କରିବାରୁ ପପୁ ତାଙ୍କୁ ମଧ୍ୟ ଏକ କାଠଫାଳିଆ ଓ ଫାଉଡ଼ାରେ ନିର୍ଘାତ ମାଡ଼ ମାରିଥିଲା। ଫଳରେ, ଘଟଣାସ୍ଥଳରେ ହିଁ ଦୁଇଜଣଙ୍କ ମୃତ୍ୟୁ ହୋଇଯାଇଥିଲା। ସମିମ୍‌ଙ୍କ ପୁଅ ସେକ୍ ସାଜନ୍‌ଙ୍କ ଅଭିଯୋଗକ୍ରମେ ସାଲେପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ପୁଲିସ ହତ୍ୟାକାଣ୍ଡରେ ବ୍ୟବହୃତ କାଠଫାଳିଆ ଓ ଫାଉଡ଼ାକୁ ଜବତ କରିବା ସହ ଅଭିଯୁକ୍ତ ପପୁ ଓ ଅନ୍ୟ ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟାକାଣ୍ଡର ଅଧିକ ସତ୍ୟାସତ୍ୟ ପର୍ଦ୍ଦାଫାସ ହେବ ବୋଲି ପୁଲିସ ପ୍ରକାଶ କରିଛି।

- ଘର ନିର୍ମାଣକୁ ନେଇ ଲାଗି ରହିଥିଲା ବିବାଦ
- କାଠ ଫାଳିଆ ଓ ଫାଉଡ଼ା ଚୋଟରେ ଚାଲିଗଲା ଦୁଇଟି ଜୀବନ
- ଅଭିଯୁକ୍ତ ଅଟକ

**କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡ଼ନ ନିଷେଧ ଆଇନ କାର୍ଯ୍ୟକାରୀ ମାମଲା**

# ଟୋଲ ଫ୍ରି' ନମ୍ବର ଓ ଅଭିଯୋଗ ବାକ୍ସ ସ୍ଥାପନ ସଂକ୍ରାନ୍ତରେ ସତ୍ୟପାଠ ଦିଅ: ହାଇକୋର୍ଟ

କଟକ, ୧୩।୩ (ସମିସ): କର୍ମ କ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡ଼ନ ନିଷେଧ ଆଇନ-୨୦୧୩ରେ ଥିବା ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉନଥିବା ପ୍ରସଙ୍ଗରେ ରୁଜୁ ଅଦାଲତ ଅବମାନନା ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ। ଉପରୋକ୍ତ ଆଇନରେ ଥିବା ବ୍ୟବସ୍ଥା ଅନୁସାରେ ବିଭିନ୍ନ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନରେ ସୂଚନା ଫଳକ ମାଧ୍ୟମରେ ଟୋଲ-ଫ୍ରି' ନମ୍ବର ପ୍ରଦର୍ଶିତ କରାଯିବା ସହ ଅଭିଯୋଗ ବାକ୍ସ ବସାଯାଇଛି ବୋଲି ସରକାରଙ୍କ ତରଫରୁ ଦର୍ଶାଯାଇଥିଲା। ହେଲେ ଏହା ଅନୁପାଳନ ହୋଇ ନଥିବା ଆବେଦନକାରୀ ଅଭିଯୋଗ କରିଥିବା ବେଳେ ଗ୍ରହଣ କରାଯାଇଥିବା ଉପରୋକ୍ତ ପଦକ୍ଷେପ ସମ୍ପର୍କିତ ସତ୍ୟପାଠ ଦାଖଲ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ଡକ୍ଟର ସୁଜାତା ଦାଶଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏପ୍ରିଲ ୧୦କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମାମଲାରୁ ପ୍ରକାଶ ଯେ ହାଇକୋର୍ଟ ଗତ ୨୦୨୩ ସେପ୍ଟେମ୍ବର ୧୫ରେ ଉପରୋକ୍ତ ଆଇନର ଧାରା ୧୯(ବି)ରେ ଥିବା ବ୍ୟବସ୍ଥାକୁ ୩ ମାସ ମଧ୍ୟରେ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନ, ହସ୍ପିଟାଲ, ବସ୍, ଅନ୍ୟାନ୍ୟ ଘରୋଇ ଓ ସରକାରୀ ପ୍ରତିଷ୍ଠାନଗୁଡ଼ିକରେ ବିଲ୍‌ବୋର୍ଡ ମାଧ୍ୟମରେ ଟୋଲ୍-ଫ୍ରି' ନମ୍ବର ପ୍ରଦର୍ଶିତ କରାଯିବ। ଏଥିପାଇଁ ଫୋନ୍ ନମ୍ବର ପ୍ରଦାନ କରାଯିବ। ଯଦି କୌଣସି ସମୟରେ ମହିଳା ନିର୍ଯାତିତ ହୁଅନ୍ତି, ତେବେ ନିଜ ସୁରକ୍ଷା ପାଇଁ ଏନେଇ ତୁରନ୍ତ ରିପୋର୍ଟ କରିପାରିବେ ବୋଲି ଅଦାଲତ କହିଥିଲେ। ହେଲେ ଏହି ଆଦେଶ କାର୍ଯ୍ୟକାରୀ ହୋଇନଥିବା ଅଭିଯୋଗ ନେଇ ଅଦାଲତ ଅବମାନନା ମାମଲା ରୁଜୁ ହୋଇଛି। ସରକାରଙ୍କ ତରଫରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।

# ମାର୍ଚ୍ଚ ୨୫ରେ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

**କଟକ,୧୩।୩(ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା-୨୦୨୬' ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ନବମ ଶ୍ରେଣୀରେ ସିଧାସଳଖ ନାମଲେଖା ପାଇଁ ଆଶାୟୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ଏହି ପରୀକ୍ଷା ଆୟୋଜନ କରାଯାଉଛି। ସକାଳ ୧୦ଟାରୁ ଅପରାହ୍ଣ ୧ଟା ପର୍ଯ୍ୟନ୍ତ ଏହି ପରୀକ୍ଷା ଅନୁଷ୍ଠିତ ହେବ। ସମୁଦାୟ ୧୦୦ନମ୍ବର ବିଶିଷ୍ଟ ଏହି ପରୀକ୍ଷାରେ ୧୦୦ଟି ପ୍ରଶ୍ନ ପଡ଼ିବ। ଏହି ପରୀକ୍ଷା ପାଇଁ ଆଡମିଟ୍ କାର୍ଡ ଆସନ୍ତା ମାର୍ଚ୍ଚ ୧୬,ଠାରୁ ଉପଲବ୍ଧ ହେବ। ପରୀକ୍ଷାର୍ଥୀମାନେ ବୋର୍ଡର ଅଫିସିଆଲ୍ ୱେବସାଇଟ୍ www.bseodisha.ac.in କୁ ଯାଇ ନିଜର ବ୍ୟକ୍ତିଗତ ତଥ୍ୟ ମାଧ୍ୟମରେ ଏହାକୁ ଡାଉନଲୋଡ୍ କରିପାରିବେ।

# ପିଏମ୍ କିଷାନର ୨୨ତମ କିସ୍ତି ବଣ୍ଟନ

ଭୁବନେଶ୍ୱର, ୧୩।୩(ସମିସ): ପିଏମ୍ କିଷାନ ସମ୍ମାନ ନିଧିର ୨୨ତମ କିସ୍ତି ଆଜି ଚାଷୀଙ୍କୁ ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସାମର ଗୌହାଟୀରେ ଏକ କାର୍ଯ୍ୟକ୍ରମରେ ଦେଶର ୯. ୩୨ କୋଟି କୃଷକଙ୍କୁ ପ୍ରାୟ ୧୯ ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃଷକଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି ଯେ ଚାଷୀଙ୍କୁ ବିହନ, ସାର ଏବଂ ଅନ୍ୟାନ୍ୟ କୃଷି ଉପକରଣ କିଣିବାରେ ଏହା ସହାୟତା କରୁଛି। ଜଣେ କ୍ଷୁଦ୍ର ଚାଷୀ ପାଇଁ ଏହା ପରିଶ୍ରମର ସମ୍ମାନ। ରାଜ୍ୟର ୩୪,୨୪୦୦୦ରୁ ଅଧିକ ଚାଷୀଙ୍କୁ ସମୁଦାୟ ୬୮୪ କୋଟି ଟଙ୍କା ସହାୟତା ପ୍ରଦାନ କରାଯାଇଛି। ପିଏମ୍ କିଷାନ୍ ସହିତ ରାଜ୍ୟରେ ସିଏମ୍ କିଷାନ ଯୋଜନାରେ ମଧ୍ୟ ଚାଷୀଙ୍କୁ ବାର୍ଷିକ ୪ ହଜାର ଟଙ୍କା ପ୍ରଦାନ କରାଯାଉଛି। ୬ ଲକ୍ଷରୁ ଅଧିକ ନୂତନ ହିତାଧିକାରୀ ଏହି ଯୋଜନାରେ ସାମିଲ ହୋଇଛନ୍ତି। ସିଏମ୍ କିଷାନ ହିତାଧିକାରୀଙ୍କ ପିଲାଙ୍କୁ କୃଷି ବିଦ୍ୟାନିଧି ଯୋଜନାରେ ଦିଆଯାଉଥିବା ଛାତ୍ରବୃତ୍ତିର ଲାଭ ନେବାକୁ ସେ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବାବୁ ସିଂ, ପ୍ରଶାନ୍ତ ଜଗଦେବ, କୃଷି ସଚିବ ସଚିନ ରାମଚନ୍ଦ୍ର ଯାଦବ, ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ ରାଉଳ, ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ ମଧ୍ୟ ଉପସ୍ଥିତ ଥିଲେ।

# ପୋଖରୀରେ ବୁଡ଼ି ଦୁଇ ଛାତ୍ରୀ ମୃତ

**ଭଦ୍ରକ/ବାସୁଦେବପୁର, ୧୩।୩(ସମିସ):** ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ଅରଣ୍ଡୁଆ ପଞ୍ଚାୟତରେ ଆଜି ଏକ ଦୁଃଖଦ ଘଟଣା ଘଟିଛି। ଗାଁ ପୋଖରୀରୁ ଶାମୁକା ସଂଗ୍ରହ କରିବାକୁ ଯାଇଥିବା ବେଳେ ପାଣିରେ ବୁଡ଼ି ଯାଇ ୨ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ଛାତ୍ରୀଦ୍ୱୟ ହେଲେ, ଅରଣ୍ଡୁଆ ଗାଁର ସତ୍ୟବ୍ରତ ବାରିକଙ୍କ ଝିଅ ତପଦୀପା ବାରିକ ଓ ବିଜୟ କୁମାର ବାରିକଙ୍କ ଅନ୍ନପୂର୍ଣ୍ଣା ବାରିକ। ଜଣେ ୪ର୍ଥ ଓ ଅନ୍ୟ ଜଣେ ୫ମ ଶ୍ରେଣୀରେ ପଢୁଥିଲେ। ଦୁହେଁ ଆଜି ସକାଳେ ସ୍କୁଲରେ ପରୀକ୍ଷା ଦେଇ ଘରକୁ ଫେରିଥିଲେ। ପରୀକ୍ଷା ଶେଷ ଦିନ ହୋଇଥିବାରୁ ଖୁସିରେ ସେମାନେ ସାଙ୍ଗସାଥୀଙ୍କ ସହିତ ଖେଳିବାକୁ ଯାଇଥିଲେ। ବିଲ ମଝିରେ ଥିବା ଏକ ପୋଖରୀ ପାଖରେ ସେମାନେ ଖେଳୁଥିଲେ। ଏହି ସମୟରେ ତପଦୀପା ଓ ଅନ୍ନପୂର୍ଣ୍ଣା ପୋଖରୀରୁ ଶାମୁକା ସଂଗ୍ରହ କରିବାକୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ଗଭୀର ଜଳରାଶିକୁ ଚାଲିଯାଇଥିଲେ ଏବଂ ସେଠାରେ ବୁଡ଼ି ଯାଇଥିଲେ। ପାଖରେ ଖେଳୁଥିବା ଅନ୍ୟ ସାଙ୍ଗମାନେ ଡାକ ପକାଇବାରୁ ଗ୍ରାମବାସୀ ସେଠାରେ ପହଞ୍ଚି ତପଦୀପାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଅଗ୍ନିଶମବାହିନୀ ଖୋଜାଖୋଜି କରି ପୋଖରୀରୁ ଅନ୍ନପୂର୍ଣ୍ଣାଙ୍କ ଶବକୁ ଉଦ୍ଧାର କରିଥିଲା। ଦୁଇ ଶିଶୁକନ୍ୟାଙ୍କ ମୃତ୍ୟୁକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଏନେଇ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଛାତ୍ରୀଦ୍ୱୟଙ୍କ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।



# ବେଙ୍ଗାଲୁରୁରେ କଂଗ୍ରେସ ବିଧାୟକଙ୍କୁ ଭେଟିଲେ ଡିକେ

**ଭୁବନେଶ୍ୱର, ୧୩।୩ (ସମିସ):** ବେଙ୍ଗାଲୁରୁ ସହରର ଉପକଣ୍ଠରେ ୱଣ୍ଡ୍ରଲା ରିସର୍ଟରେ ଓଡ଼ିଶାର ୮ ବିଧାୟକ ଓ ପିସିସି ସଭାପତିଙ୍କୁ ସ୍ୱାଗତ କରିଛନ୍ତି କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର। ଏହି ଅବସରରେ ଓଡ଼ିଶାର ବିଧାୟକମାନଙ୍କ ସହ ଡି.କେ. ଶିବକୁମାର ଓ କର୍ଣ୍ଣାଟକର କିଛି ବରିଷ୍ଠ କଂଗ୍ରେସ ନେତା ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ପୂର୍ବରୁ ଓଡ଼ିଶାରୁ ଯାଇଥିବା କଂଗ୍ରେସ ବିଧାୟକମାନଙ୍କୁ ବିମାନବନ୍ଦର ନିକଟବର୍ତ୍ତୀ ହୋଟେଲରେ ରଖାଯିବା ବ୍ୟବସ୍ଥା ହୋଇଥିଲେ ହେଁ ଶେଷ ମୁହୂର୍ତ୍ତରେ ୱାଣ୍ଡ୍ରେଲା ରିସର୍ଟ ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ଓଡ଼ିଶା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମଙ୍କ ସହ ତାରାପ୍ରସାଦ ବାହିନୀପତି, ରମେଶ ଜେନା ଓ ସାଗର ଦାସ ଶନିବାର ସକାଳ ସୁଦ୍ଧା ବେଙ୍ଗାଲୁରୁରେ ପହଞ୍ଚିବେ ବୋଲି ସୂଚନା ମିଳିଛି। ଡିକେ କହିଛନ୍ତି ଯେ, ଓଡ଼ିଶାର ବିଧାୟକମାନଙ୍କୁ ବେଙ୍ଗାଲୁରୁକୁ ଅଣାଯାଇନାହିଁ। ସେମାନେ ନିଜ ଇଚ୍ଛାରେ ଏଠାକୁ ଆସିଛନ୍ତି। ବିଧାୟକମାନେ ବେଙ୍ଗାଲୁରୁ ଆସୁଥିବା ନେଇ ତାଙ୍କୁ ଓଡ଼ିଶା ପିସିସି ସଭାପତି ଫୋନ୍ କରି କହିଥିଲେ। ସେମାନେ କିଛି ସମୟ ସେମାନଙ୍କ ପରିବାର ସହ ବିତାଇବାକୁ ଚାହୁଁଥିଲେ ଓ ସୌଜନ୍ୟତା ଦୃଷ୍ଟିରୁ ଆମେ ତାହାର ବ୍ୟବସ୍ଥା କରିଛୁ। ରାଜ୍ୟସଭା ନିର୍ବାଚନରେ କ୍ରସ୍-ଭୋଟିଂ ରୋକିବା ପାଇଁ ଦଳ ତାଙ୍କୁ ଦାୟିତ୍ୱ ଦେଇଛି କି ନାହିଁ ବୋଲି ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ ବିଜେପି ଘୋଡ଼ା ବେପାରରେ ବେଶ୍ ପୋଖତ ଖେଳାଳି। ଏଥିରେ କିଛି ନୂଆ କଥା ନାହିଁ। ଆମ ଦଳ ମୋତେ ଯାହା ନିର୍ଦ୍ଦେଶ ଦେବ, ମୁଁ ତାହା କରିବି। ଆମ ଦଳର ବିଧାୟକମାନେ ଘୋଡ଼ା ହେବେ ନାହିଁ। ବେଙ୍ଗାଲୁରୁ ନିରାପଦ ହୋଇଥିବାରୁ ଏଠାରେ ରହିବାକୁ ସେମାନେ ପସନ୍ଦ କରୁଛନ୍ତି ବୋଲି ବିଧାୟକମାନେ ତାଙ୍କୁ ଜଣାଇଥିବା ଡିକେ କହିଛନ୍ତି।



ଏଠାରେ ଉଲ୍ଲେଖଯୋଗ୍ୟ ଯେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ବିଧାୟକ ଅଶୋକ ଦାସ, ସିଏସ୍ ରାଜନ ଏକ୍କା, ଆପ୍ପାଲା କାଡ୍ରାକା ସ୍ୱାମୀ, ମଙ୍ଗୁ ଖିଲ, ପବିତ୍ରା ସାଉଁନ୍ତା, ନୀଳମାଧବ ହିକ୍କା, ପ୍ରଫୁଲ୍ଲ ପ୍ରଧାନ ଏବଂ ସତ୍ୟଜିତ ଗୋମାଙ୍ଗୋ ପ୍ରମୁଖ ବର୍ତ୍ତମାନ ବେଙ୍ଗାଲୁରୁରେ ରହିଛନ୍ତି। ବିଧାନସଭା ଚାଲିଥିବା ଯୋଗୁଁ ବେଙ୍ଗାଲୁରୁ ଯାଇ ନ ଥିବା ଅନ୍ୟ ୬ ବିଧାୟକଙ୍କ ମଧ୍ୟରୁ ଆସନ୍ତାକାଲି ସେଠାରେ ୪ ବିଧାୟକ ପହଞ୍ଚିବେ ଓ ଏହାପରେ ଏଆଇସିସିର କିଛି ବରିଷ୍ଠ ନେତା ସେମାନଙ୍କ ସହ ଆଲୋଚନା କରିବେ। ତେବେ କଂଗ୍ରେସର ଅନ୍ୟ ଦୁଇ ବିଧାୟକ ସୋଫିଆ ଫିରଦୋସ ଓ ଦାଶରଥି ଗମାଙ୍ଗ ବେଙ୍ଗାଲୁରୁ ଯିବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ବିଧାୟକମାନେ ସୋମବାର ସିଧା ଭୁବନେଶ୍ୱର ଫେରି ରାଜ୍ୟସଭା ଭୋଟ୍‌ଦାନରେ ସାମିଲ ହେବେ।

- ଆଉ ୬ ବିଧାୟକଙ୍କୁ ନେବାକୁ ହେଉଛି ଯୋଜନା
- ଏବେ ବେଙ୍ଗାଲୁରୁରେ ଅଛନ୍ତି ୮ କଂଗ୍ରେସ ବିଧାୟକ

# ୨ ଟ୍ରକ ମୁହାଁମୁହିଁ ଧକ୍କା; ୨ ମୃତ

**ଅତାବିରା,୧୩।୩(ସମିସ):** ୫୩ନମ୍ବର ଜାତୀୟ ରାଜପଥର ଅତାବିରା ଧର୍ମଶାଳା ନିକଟରେ ଗୁରୁବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ୨ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ଟ୍ରକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ଟ୍ରକ୍‌ର ହେଲ୍ପରଦ୍ୱୟ ସାମାନ୍ୟ ଆହତ ହୋଇଛନ୍ତି। ମୃତ ଚାଳକଦ୍ୱୟ ହେଲେ, ବିହାର ରାଜବାର୍ଡର ମହମ୍ମଦ ଇସମାଇଲ (୩୦) ଓ ମଧ୍ୟପ୍ରଦେଶ ଛେରିର ବିକାଶ ଗନ୍ଧର(୨୭)। ମହାରାଷ୍ଟ୍ରରୁ ତରଭୁଜ ବୋଝେଇ କରି କୋଲକାତା ଅଭିମୁଖେ ଯାଉଥିବା ଟ୍ରକ(ଡବ୍ଲ୍ୟୁବି-୨୩-ଏମ-୯୭୮୬) ନମ୍ବର ବିଶିଷ୍ଟ ଟ୍ରକ୍ ଭାରସାମ୍ୟ ହରାଇ ଡିଭାଇଡରକୁ ଚଢ଼ି ଝାରସୁଗୁଡାରୁ ବରଗଡ଼ ପଟକୁ ଯାଉଥିବା ଟ୍ରକ୍(ଏମଏଚ-୪୦- ସିଟି-୮୩୪୫)କୁ ସାମ୍ନାରୁ ଜୋର୍‌ରେ ଧକ୍କା ଦେଇଥିଲା। ଖବର ପାଇ ଅତାବିରା ପୁଲିସ, ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ମୃତ ଡ୍ରାଇଭର ଦ୍ୱୟଙ୍କ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ପଠାଇଥିଲେ। ଟ୍ରକ୍‌ଦ୍ୱୟକୁ ଜବତ କରାଯାଇ ଘଟଣାର ତଦନ୍ତ ଜାରି ରହିଥିବା ଅତାବିରା ଥାନା ଅଧିକାରୀ ପ୍ରକାଶ କର୍ଣ୍ଣ କହିଛନ୍ତି।

# ଧାନ ବିକିବାକୁ ହନ୍ତସନ୍ତ ଚାଷୀ; ଜିଲ୍ଲାପାଳଙ୍କୁ ଫେରାଦ

ଭୋଗରାଇ, ୧୩।୩(ସମିସ)

ଧାନ ବିକ୍ରୟ କରି ନ ପାରି ଭୋଗରାଇ ବ୍ଲକର ବିଭିନ୍ନ ସମବାୟ ସମିତି ଅନ୍ତର୍ଗତ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ଜିଲ୍ଲାପାଳଙ୍କୁ ଚାଷୀଙ୍କ ସମସ୍ୟା ସମ୍ପର୍କରେ ଫେରାଦ ହୋଇଛନ୍ତି ବାଉଁଶଡିହା ସେବା ସମବାୟ ସମିତିର ସମ୍ପାଦକ ଓ ଧାନ କ୍ରୟ କମିଟିର ସଦସ୍ୟ ତଥା ପରିଚାଳନା ପରିଷଦର ନିର୍ଦ୍ଦେଶକ ରଣଜିତ କୁମାର ମହାପାତ୍ର। ସେମାନେ ଏ ନେଇ ବାଲେଶ୍ୱର ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ, ବିଭାଗୀୟ ଜିଲ୍ଲା ଉପମୁଖ୍ୟ ନିବନ୍ଧକ ବାଲେଶ୍ୱର, ଭୋଗରାଇ ତହସିଲଦାର ଓ ଭୋଗରାଇ ଯୋଗାଣ ଅଧିକାରୀଙ୍କୁ ପତ୍ର ଲେଖି ଧାନ କ୍ରୟ କରିବାକୁ ଅନୁରୋଧ କରିଛନ୍ତି। ଏଯାଏଁ ସମିତିର ୩୭୨ ଜଣ ଟୋକନଧାରୀ ଚାଷୀ ଧାନ ବିକ୍ରୟ କରି ନପାରି ହନ୍ତସନ୍ତ ହେଉଛନ୍ତି। ଧାନର କ୍ରୟ ଅବଧି ମାର୍ଚ୍ଚ ୩୧ତାରିଖ ରହିଥିବାସ୍ଥଳେ ଶେଷ ହେବାକୁ ମାତ୍ର ୧୮ ଦିନ ବାକି ରହିଛି। ଏହି ସମୟସୀମା ମଧ୍ୟରେ ଧାନ କିପରି କ୍ରୟ କରାଯିବ ସେ ସମ୍ପର୍କରେ ଚିନ୍ତା ପ୍ରକଟ କରି ଆଜି ଏହି ଚିଠି ମାଧ୍ୟମରେ ନିବେଦନ କରାଯାଇଛି। ଏହାଛଡ଼ା ଧାନ କ୍ରୟ ପାଇଁ ନିଯୁକ୍ତ ମିଲର ସଠିକ୍ ଭାବେ ନ ଆସିବା ଯୋଗୁଁ ମଧ୍ୟ ଚାଷୀ ହଇରାଣ ହେଉଥିବା ଚିଠିରେ ଦର୍ଶାଯାଇଛି। ଏହି ସ୍ଥିତିରେ ଚାଷୀ ମାନେ ହତାଶ ହୋଇ ରାସ୍ତାରୋକ ଭଳି ଆନ୍ଦୋଳନକୁ ଓହ୍ଲାଇବାର ଚେତାବନୀ ଦେଇଛନ୍ତି ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି। ସେହିପରି ଧାନ କ୍ରୟ କରୁଥିବା ମିଲରଙ୍କୁ ଆବଶ୍ୟକ ପରିମାଣର ଟାର୍ଗେଟ ଯୋଗାଇ ଦେବାକୁ ଦାବି ହୋଇଛି। ସମସ୍ୟାକୁ ଗମ୍ଭୀରତାର ସହ ଗ୍ରହଣ କରି ଅବଶିଷ୍ଟ ଟୋକନଧାରୀ ଚାଷୀଙ୍କର ସମସ୍ତ ଧାନ କ୍ରୟର ବ୍ୟବସ୍ଥା କରିବାକୁ ସେ ନିବେଦନ କରିଛନ୍ତି।

# ପଞ୍ଚୁରୁଖି ବାବା ସିଦ୍ଧେଶ୍ୱରଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ



ରାଜଘାଟ, ୧୩।୩(ସମିସ): ବସ୍ତା ବ୍ଲକ କୁଳିଦା ପଞ୍ଚାୟତର ପଞ୍ଚୁରୁଖି ଗ୍ରାମର ବାବା ସିଦ୍ଧେଶ୍ୱରଙ୍କ ମନ୍ଦିରର ନୂତନ ଗର୍ଭଗୃହ ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମ ଦିବସରେ ଅଧିବାସ, ଅଙ୍କୁରାରୋପଣ, ଦ୍ୱିତୀୟ ଦିବସରେ ନବଗ୍ରହ ଓ ପାର୍ଶ୍ୱ ଦେବାଦେବୀଙ୍କ ପୂଜା ସହ ଗ୍ରାମର ଶତାଧିକ ମହିଳାଙ୍କ ଦ୍ୱାରା ସୁବର୍ଣ୍ଣରେଖାର ବେଣାପୁରା ଘାଟରୁ ପାଣି ଧରି ବିରାଟ କଳସ ଶୋଭାଯାତ୍ରା ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଆଜି ନୂତନ ବିଗ୍ରହଙ୍କ ସ୍ଥାପନ ଅବସରରେ ନାମଯଜ୍ଞ ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଫଳରେ ଗ୍ରାମରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନା ରେ ଗ୍ରାମ୍ୟ ପୁରୋହିତ ନୃସିଂହ ମିଶ୍ର ଓ ମୁଖ୍ୟ ପୂଜକ ପଣ୍ଡିତ ସନ୍ଦିପ କୁମାର ହୋତାଶର୍ମାଙ୍କ ସମେତ ଗ୍ରାମ୍ୟ କମିଟି ସଭାପତି ଚକ୍ରଧର ପ୍ରଧାନ ଓ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ମିତ୍ରପୁର ବ୍ଲୁ ଲେକ୍ ଉନ୍ନତୀକରଣ ଖୁବ୍‌ଶୀଘ୍ର



ନୀଳଗିରି, ୧୩।୩(ସମିସ): ମିତ୍ରପୁର ବ୍ଲୁ ଲେକ୍‌ରେ ସୁରକ୍ଷା ଦୃଷ୍ଟିରୁ ଗାର୍ଡ ୱାଲ ନିର୍ମାଣ କରାଯାଇ ନିର୍ମାଣ ହେବ ମିନି ପାର୍କ। ଏ ନେଇ ଆଜି ନୀଳଗିରି ବିଡିଓ ବିକ୍ରମ କେଶରୀ ପରିଡ଼ା ବ୍ଲୁ ଲେକ୍ ପରିଦର୍ଶନ କରିଛନ୍ତି। ସୂଚନା ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅନ୍ତର୍ଗତ ମଛୁଆ ପଞ୍ଚାୟତର ସ୍ୱର୍ଣ୍ଣଚୁଡ଼ ପାହାଡ଼ ପାଦଦେଶରେ ମିତ୍ରପୁର ପଥର ଖାଦାନ ରହିଥିଲା ଏବେ ତାହା ସମ୍ପୂର୍ଣ୍ଣ ଜଳମଗ୍ନ ହୋଇ ରହିଛି, ଯାହାର ନୀଳ ଜଳରାଶି ଅତ୍ୟନ୍ତ ମନୋରମ। ପ୍ରାକୃତିକ ପରିବେଶ ମଧ୍ୟରେ ଏହି ନୀଳ ଜଳ ରାଶି ଦେଖିବାକୁ ଅଧିକାଂଶରେ ଏହି ଠାରେ ପର୍ଯ୍ୟଟକଙ୍କ ଭିଡ଼ ଲାଗୁଛି। ଏହାକୁ ଦୃଷ୍ଟିରେ ରଖି ଏବଂ ସାଧାରଣ ଲୋକଙ୍କ ସୁରକ୍ଷା ଓ ପର୍ଯ୍ୟଟନର ବିକାଶକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଶୁକ୍ରବାର ନୀଳଗିରି ବିଡିଓ ବିକ୍ରମ କେଶରୀ ପରିଡ଼ା, ମଛୁଆ ସରପଞ୍ଚ କମଳାକାନ୍ତ ସିଂ, ଜେଇ ବୈଦ୍ୟନାଥ ସିଂ ବ୍ଲୁ ଲେକ୍ ଠାରେ ପହଞ୍ଚି ପରିଦର୍ଶନ କରିଛନ୍ତି। ତେବେ ଖୁବ୍‌ଶୀଘ୍ର ଏହାର ଉନ୍ନତିକରଣ କରାଯାଇ କାର୍ଯ୍ୟକ୍ଷମ କରାଗଲେ ଅଧିକ ପର୍ଯ୍ୟଟକ ଆସିବା ସହିତ ଲୋକଙ୍କ ସୁରକ୍ଷା ହୋଇପାରିବ ବୋଲି କହିଛନ୍ତି ସ୍ଥାନୀୟ ସରପଞ୍ଚ। ତେବେ ଏହି ବ୍ଲୁ ଲେକ୍‌ରେ ବିଗତ ଦିନରେ ଅନେକ ଘଟଣାମାନ ଘଟି ଲୋକଙ୍କ ଜୀବନ ଯାଇଥିବାବେଳେ କେବେ ଏହାର ସୌନ୍ଦର୍ଯ୍ୟକରଣ ହେଉଛି ଏବଂ କେବେ ଏହାର ସୁରକ୍ଷା ପ୍ରାଚୀର ନିର୍ମାଣ ହେଉଛି ତାହା ଦେଖିବାକୁ ବାକି ରହିଲା ବୋଲି କହିଛନ୍ତି।

# ହିତାଧିକାରୀଙ୍କୁ ଆବାସ ପ୍ରୋତ୍ସାହନ ରାଶି ପ୍ରଦାନ

ଖଇରା, ୧୩।୩(ସମିସ): ନିର୍ଦ୍ଧାରିତ ସମୟରେ ଅନ୍ତ୍ୟୋଦୟ ଆବାସ ଗୃହ କାର୍ଯ୍ୟ ଶେଷ କରିଥିବା ପଳସା ପଞ୍ଚାୟତର ୧୨ଜଣ ହିତାଧିକାରୀଙ୍କୁ ଗୁରୁବାର ପ୍ରୋତ୍ସାହନ ରାଶି ବାବଦକୁ ୨୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ଏହି ଅବସରରେ ପଳସା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ବିଡିଓ ନାରାୟଣ ସାହୁ ତହସିଲଦାର ଅମିତ ରଞ୍ଜନ ହୋତା, ସିଡିପିଓ ଉର୍ମିଳା ବେହେରା, ସରପଞ୍ଚ ମନୋରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ୧୫ଜଣରୁ ୧୨ଜଣ ହିତାଧିକାରୀ ଘର ନିର୍ମାଣ ଶେଷ କରିଥିବାରୁ ସେମାନଙ୍କୁ ପ୍ରୋତ୍ସାହିତ ରାଶି ପ୍ରଦାନ କରିଥିଲେ। କନିଷ୍ଠ ଯନ୍ତ୍ରୀ ଅମିୟ ଦାସ, ଏଡିଇଓ କୃଷ୍ଣଚନ୍ଦ୍ର ଦାସ, ସହକାରୀ ଯନ୍ତ୍ରୀ ବିଭୂତି ଭୂଷଣ ନାୟକ, ନିର୍ବାହୀ ଅଧୀକାରିଣୀ ଖୋଲଣା ମଢେଇ ପ୍ରମୁଖ ଉପସ୍ଥିତ ଥିଲେ।

# ଦିବ୍ୟାଙ୍ଗ ପରିବାରକୁ ଆକ୍ରମଣ ଧମକ; ଥାନାରେ ମାମଲା

ନୀଳଗିରି, ୧୩।୩(ସମିସ): ଗୁରୁବାର ଅପରାହ୍ଣରେ ନୀଳଗିରି ଥାନା ସନ୍ତରାଗଡ଼ିଆ ଅଞ୍ଚଳର କୁଳିଗଡ଼ି ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ହାତରେ ତେଲେଙ୍ଗା କଟୁରି ଧରି ସମ୍ପୂର୍ଣ୍ଣ ଫିଲ୍ମ ଷ୍ଟାଇଲରେ ଜଣେ ଯୁବକ ଏକ ଦିବ୍ୟାଙ୍ଗ ପରିବାରକୁ ଜୀବନରୁ ମାରିଦେବାର ଧମକ ଦେଇଥିବା ନେଇ ନୀଳଗିରି ଥାନାରେ ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତେଲେଙ୍ଗା କଟୁରିକୁ ଜବତ କରିଛି। ସୂଚନା ଅନୁସାରେ ସନ୍ତରାଗଡ଼ିଆ କୁଳିଗଡ଼ି ଗ୍ରାମର ଶ୍ରୀଧର ରାଉତ ଘର ପିଣ୍ଡାରେ ବସିଥିବାବେଳେ ତାଙ୍କର ପଡ଼ୋଶୀ ଲୋକନାଥ ସ'ଙ୍କର ପୁଅ ରଘୁନାଥ ସ ଏକ ତେଲେଙ୍ଗାକଟୁରୀ ଧରି ଅଶାଳୀନ ଭାଷାରେ ଗାଳିଗୁଲଜ କରିବାସହ ଏକ କାଗଜରେ ଦସ୍ତଖତ କରିବାକୁ କହିଥିଲେ। କାଗଜରେ ଦସ୍ତଖତ ନକଲେ ତୋତେ ଓ ପରିବାରକୁ ଜୀବନରୁ ଶେଷ କରିଦେବି ବୋଲି କହିବା ସହ ଆକ୍ରମଣ କରିବାକୁ ଉଦ୍ୟମକରି ଶ୍ରୀଧରଙ୍କ ବେକରେ କଟୁରି ଲଗାଇ ଦେଇଥିଲେ। ଭୟରେ ଶ୍ରୀଧର ରାଉତ ଗେଟରେ ଚାବିମାରି ରହିଥିଲେ। ତେବେ ଜଣେ ସ୍ଥାନୀୟ ଯୁବକ କଟୁରିଟି ଛଡ଼ାଇ ନେଇଥିବା ବେଳେ ଯୁବକ ଜଣକ ପରବର୍ତ୍ତୀ ସମୟରେ ଏସିଡ୍ ବୋତଲ ଓ ଠେଙ୍ଗାଆଣି ଜୀବନରୁ ମାରିବାକୁ ଧମକ ଦେଇଥିଲେ। ଇତିମଧ୍ୟରେ ସେ ୧୧୨କୁ ଫୋନ୍ କରିଥିବାବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କ ଠାରୁ ତେଲେଙ୍ଗା କଟୁରି ଓ ଠେଙ୍ଗା ଜବତକରି ଥାନାକୁ ଆଣିଛି। ଏ ନେଇ ଶ୍ରୀଧରଙ୍କ ଦିବ୍ୟାଙ୍ଗ ପୁଅ ପ୍ରଶାନ୍ତ ରାଉତ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ପକ୍ଷରୁ ତଦନ୍ତ ଜାରିରହିଛି।

## ବିଷ ପିଇ ବଙ୍ଗୀୟ ଯୁବକଙ୍କ ଆତ୍ମହତ୍ୟା

ଚନ୍ଦନେଶ୍ୱର, ୧୩।୩(ସମିସ): ଭୋଗରାଇର ତାଳସାରୀସ୍ଥିତ ମେରାଇନ ଡ୍ରାଇଭ୍‌ରେ ଜଣେ ବଙ୍ଗୀୟ ବ୍ୟକ୍ତି ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସକାଳେ କିଛି ସ୍ଥାନୀୟ ଯୁବକ ଉକ୍ତ ବ୍ୟକ୍ତିଙ୍କୁ ମୁମୂର୍ଷୁ ଅବସ୍ଥାରେ ଦେଖିବା ପରେ ତାଙ୍କୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ନେଇ ଡାକ୍ତର ଘୋଷଣା କରିଥିଲେ। ମୃତ ବ୍ୟକ୍ତି ଜଣଙ୍କ ପଶ୍ଚିମବଙ୍ଗର ୨୪ପ୍ରଗଣାର ବୋଲି ଜଣାପଡ଼ିଛି।

**● ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା ଘଟଣା**

## ଭୁଲ ଫଟୋ ପ୍ରକାଶନ ନେଇ ଦୁଃଖ ପ୍ରକାଶ

ବାଲେଶ୍ୱର, ୧୩।୩(ସମିସ): ବାଲେଶ୍ୱରରେ ଫେସ୍‌ବୁକ୍ ପ୍ରେମରୁ ପ୍ରେମିକାକୁ ହତ୍ୟା ଓ ପ୍ରେମିକର ଆତ୍ମହତ୍ୟା ଘଟଣାକୁ ନେଇ ଦୈନିକ 'ସକାଳ' ୧୩ ତାରିଖ ସଂସ୍କରଣରେ 'ଫେସବୁକ ପ୍ରେମର ଦୁଃଖଦ ଅନ୍ତ, ପ୍ରେମିକାକୁ ହତ୍ୟା ପରେ ଟ୍ରେନ୍ ଆଗକୁ ଡେଇଁ ପ୍ରେମିକର ଆତ୍ମହତ୍ୟା' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ହେଲେ ଏହି ଖବରରେ ମୃତ ଯୁବକଙ୍କ ସହ ପ୍ରକାଶିତ ଯୁବତୀଙ୍କ ଫଟୋଟି ମୃତ ମମତା ଦେବନାଥଙ୍କର ନୁହେଁ, ଭୁଲବଶତଃ ଦୀପିଶିଖା ମେକୋଭର ଏକାଡେମୀର ମେକପ ଆର୍ଟିଷ୍ଟ ଦୀପିଶିଖାଙ୍କର ଫଟୋଟି ସ୍ଥାନିତ ହୋଇଯାଇଥିଲା। ତେଣୁ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିବା ସହ ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ 'ସକାଳ' ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଛି।

## ମଦ ସହ ବାଇକ ଜବତ, ଜଣେ ଗିରଫ

ଖଇରା, ୧୩।୩(ସମିସ): ଖଇରା ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ପ୍ରହ୍ଲାଦ ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଟିମ ଖଇରା ଥାନା ରାମପୁର କେନାକଲ ନିକଟରେ ଚଢ଼ଉ କରି ୪୦ଲିଟର ଦେଶୀ ରନ୍ଧାମଦ ଜବତ କରିଥିବା ଜଣାପଡ଼ିଛି। ଏଥିସହ ମଦଚାଲାଣରେ ବ୍ୟବହୃତ ବାଇକ୍‌ଟିକୁ ମଧ୍ୟ ଜବତ କରାଯାଇଛି। ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ କରାଯାଇଥିବା ଏହି ଚଢ଼ଉରେ ଖଇରା ଅବକାରୀ ଥାନା ଉପନିରୀକ୍ଷିକା ଦୀପିକା ପରିଡ଼ା ଓ କନେଷ୍ଟବଳ ଦେବାଶିଷ ମଲ୍ଲିକ ପ୍ରମୁଖ ସାମିଲ ଥିଲେ।

## ଧାର ଟଙ୍କା ମାଗିବାରୁ ଆକ୍ରମଣ; ଅଭିଯୁକ୍ତ ଗିରଫ



ଖଇରା, ୧୩।୩(ସମିସ): ବାଲେଶ୍ୱର ଜିଲ୍ଲା ଖଇରା ଥାନା ହରିପୁର ପଞ୍ଚାୟତ ଅଧୀନ ମହୁଲପଙ୍କା ଗ୍ରାମରେ ଧାର ପଇସା ମାଗିବାରୁ ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ଭୁଜାଲିରେ ଆକ୍ରମଣ କରିବା ଅଭିଯୋଗରେ ଖଇରା ପୁଲିସ ସେହି ଗ୍ରାମର ମନୋଜ ରାଉତଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ପ୍ରାୟ ୧ମାସ ତଳେ ମନୋଜ ପୂର୍ଣ୍ଣଚନ୍ଦ୍ରଙ୍କ ନିକଟରୁ ୪ହଜାର ଟଙ୍କା ନେଇଥିବା ବେଳେ ସମୟସୀମା ଅତିକ୍ରାନ୍ତ ପରେ ପୂର୍ଣ୍ଣଚନ୍ଦ୍ର ଟଙ୍କା ମାଗିବାରୁ ଏହି ଘଟଣା ଘଟିବା ନେଇ ଖଇରା ଥାନାରେ ଅଭିଯୋଗ ହୋଇଥିଲା।

# ମୋନାର ବାର୍ଷିକ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ



ବାଲେଶ୍ୱର, ୧୩।୩(ସମିସ): ମିଳିତ ନିଶା ନିବାରଣ ଅଭିଯାନର ଏକ ବୈଠକ ଆଜି ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦିକା ମମତା ମହାପାତ୍ର ଗତମାସର ବିବରଣୀ ପାଠ କରିଥିଲେ। ବାଲେଶ୍ୱର ତଥା ସମଗ୍ର ରାଜ୍ୟରେ ମଦ୍ୟପାନ ଜନିତ ଦୁର୍ଘଟଣା ଦିନକୁ ଦିନ ବୃଦ୍ଧି ପାଉଥିବାରୁ 'ମୋନା' ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଚଳିତବର୍ଷ ଏପ୍ରିଲ୍ ୧୯ ତାରିଖରେ ହେବାକୁ ଥିବା 'ମୋନା'ର ଦଶମ ବାର୍ଷିକ ସମ୍ମିଳନୀ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଏ ନେଇ ମଧ୍ୟ ଏକ କମିଟି ଗଠନ କରାଯାଇଛି ବୋଲି ଆଲୋଚନା ହୋଇଥିଲା। ଏଥିରେ ସଙ୍ଗଠନର ଉପଦେଷ୍ଟା ସୁବ୍ରତ କର, ଉପସଭାପତି ଡ. କ୍ଷିତୀଶ୍ୱର ଦାଶ, ପ୍ରଫୁଲ୍ଲ କୁମାର ଦାସ, ଲକ୍ଷ୍ମଣ ଚରଣ ବିଶ୍ୱାଳ, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ସୀତାରାମ ପ୍ରଧାନ, ଭାସ୍କର ଚନ୍ଦ୍ର ମିଶ୍ର, ଗୀତାଞ୍ଜଳି ସିଂହ, ତ୍ରିଦିବ ନାୟକ, କଲ୍ୟାଣୀ ନନ୍ଦ, ସୁନାମଣି ଜେନା, ନିରଞ୍ଜନ ପରିଡ଼ା, ପ୍ରଭାକର ସାହୁ, ଦୟାନିଧି ମହାପାତ୍ର, ରାଜେନ୍ଦ୍ର ନାଥ ରାଉତ, ବସନ୍ତ ପ୍ରଧାନ, ସନାତନ ଦାସ, ଗୌତମ କୁମାର ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଭାରତୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

**● ସୁବର୍ଣ୍ଣରେଖା ଗ୍ରାମୀଣ ମହୋତ୍ସବର ଷଷ୍ଠ ସନ୍ଧ୍ୟା**

# ମହମ୍ମଦ ଦାନିସଙ୍କ ଗୀତରେ ଝୁମିଲେ ଦର୍ଶକ




ଜଳେଶ୍ୱର, ୧୩।୩(ସମିସ): ସୁବର୍ଣ୍ଣରେଖା ଗ୍ରାମୀଣ ମହୋତ୍ସବର ଆଜି ଥିଲା ଷଷ୍ଠ ସନ୍ଧ୍ୟା। ଏହି ସନ୍ଧ୍ୟାରେ ମହମ୍ମଦ ଦାନିସଙ୍କ ଗୀତରେ ଦର୍ଶକ ବିଭୋର ହୋଇଥିଲେ। ଆୟୋଜକ ବ୍ରଜ ମୋହନ ପ୍ରଧାନଙ୍କ ପୌରୋହିତ୍ୱରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସରୋଜ କୁମାର ଅତିଥି ଭାବେ ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷା ଶୋଭନା ମହାନ୍ତି, ଅନ୍ୟତମ ସମ୍ମାନିତ ଅତିଥି ଭାବେ ରାଜ୍ୟ ମହିଳା ଆୟୋଗର ସଦସ୍ୟା ପ୍ରତିଭା ଶତପଥୀ, ଅନ୍ୟତମ ସଦସ୍ୟା ମୁକ୍ତା ସାହୁ, କୋଟସାହି ପଞ୍ଚାୟତର ସରପଞ୍ଚ ମଞ୍ଜୁବାଳା ପ୍ରଧାନ, ଜଗନ୍ନାଥ ପ୍ରେମୀ ବିନୟ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଉକ୍ତ ଜଗନ୍ନାଥ ବେଶ ଓ ମହୋତ୍ସବ ଓଡ଼ିଶାରେ ପ୍ରଥମ ମହୋତ୍ସବ ହୋଇଥିବା ବେଳେ ଏହାକୁ ଆଗାମୀ ଦିନରେ ରାଜ୍ୟ ଓ କେନ୍ଦ୍ର ସ୍ତରରେ ପହଞ୍ଚାଇବା ପାଇଁ ସମସ୍ତଙ୍କୁ ପ୍ରବାର୍ତ୍ତାଇବା ସହିତ ଆୟୋଜକ ଓ କମିଟିକୁ ପ୍ରଶଂଶା କରିଥିଲେ।ଅତିଥି ମାନଙ୍କ ଦ୍ୱାରା ଜଗନ୍ନାଥ ମନ୍ଦିର ନିର୍ମାଣ ଓ ତୋରଣ ନିର୍ମାତା ଗୌତମ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ସଭା ପରେ ଇଣ୍ଡିଆନ ଆଡୋଲ ମହମ୍ମଦ ଦାନିସଙ୍କ ସୁମଧୁର ଗୀତରେ ଦର୍ଶକ ଝୁମି ଯାଇଥିଲେ।

# ପିଲାଚୋର ସନ୍ଦେହରେ ଯୁବକ ଅଟକ



ଚନ୍ଦନେଶ୍ୱର, ୧୩।୩(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇସ୍ଥିତ ବିଚିତ୍ରପୁର ଇକୋ-ଟୁରିଜିମ ଠାରୁ ଦୁଇ ଶହ ମିଟର ଭିତରେ ଥିବା ଖଡିବିଲ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଶୁକ୍ରବାର ସନ୍ଧ୍ୟା ସମୟରେ ଦୀର୍ଘ ସମୟ ଧରି ଜଣେ ଅଜଣା ବ୍ୟକ୍ତି ବୁଲୁଥିଲା। ତାକୁ ଦେଖି ସ୍ଥାନୀୟ ୱାର୍ଡମେମ୍ବର ଗୋପାଳ ସାଁ, ନାରାୟଣ ନାୟକ, ରବୀନ୍ଦ୍ର ଦଳାଇ, ଖଗେନ୍ଦ୍ର ପଟ୍ଟାୟତ, ବଙ୍ଗୋ ବେହେରା, ଅଧୀର ମଣ୍ଡଳ, ଅଜୁ ଦଳାଇ, ବିଜୟ ନାୟକ ପ୍ରମୁଖ ପିଲାଚୋର ସନ୍ଦେହ କରି ପଚରାଉଚରା କରିଥିଲେ। ତେବେ ସେ ବ୍ୟକ୍ତି ଜଣକ ବାଂଲାଦେଶୀ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ବୋଲି ଅନୁମାନ କରି ପୁଲିସକୁ ଖବର ଦେବାରୁ ଚନ୍ଦନେଶ୍ୱର ଫାଣ୍ଡି ଅଧିକାରୀ ବନବିହାରୀ ଶତପଥୀ ପହଞ୍ଚି ତାଙ୍କର ଆଧାର କାର୍ଡ ଯାଞ୍ଚ କରି ସମ୍ପୃକ୍ତ ବ୍ୟକ୍ତି ଆମିରୁଲ ଗାଜି, (୩୨) ପିତା -ଏସାର ଅଲି ଗାଜି, ପଶ୍ଚିମବଙ୍ଗର ଦକ୍ଷିଣ ୨୪ପ୍ରଗଣା ଅଞ୍ଚଳର ବୋଲି ଜାଣିବାକୁ ପାଇଥିଲେ। ତେବେ ଚୋର କିମ୍ବା ପିଲା ଚୋର ଜଣାଯାଇ ନଥିଲେ ହେଁ ପୁଲିସ ତାଙ୍କୁ ଚନ୍ଦନେଶ୍ୱର ଫାଣ୍ଡିକୁ ନେଇଯାଇଥିବା ଜଣାପଡ଼ିଛି। ଅପରପକ୍ଷରେ ବିଚିତ୍ରପୁର ଇକୋ-ଟୁରିଜିମ ଓ ପ୍ରକୃତି ନିବାସ ନିକଟରେ ପ୍ରତ୍ୟହଃ ପୁଲିସ ପାଟ୍ରୋଲିଂ ପାଇଁ ଅଞ୍ଚଳବାସୀଙ୍କ ଦାବି କରିଛନ୍ତି।

## ପୁଲିସ ପରିଚୟ ଦେଇ ବଟି ଆଦାୟ କରୁଥିବା ଯୁବକ ଗିରଫ



ଖଇରା, ୧୩।୩(ସମିସ): ନିଜକୁ ପୁଲିସ ପରିଚୟ ଦେଇ ସୋର-କୁପାରୀ ରାସ୍ତାରେ ଗାଡ଼ିରୁ ବଟି ଆଦାୟ କରୁଥିବା ଅଭିଯୋଗରେ ଆଇଆଇସି ଜନ ପଟ୍ଟନାୟକ ଖଇରା ଥାନା ଅର୍ଜୁନପୁର ଗ୍ରାମର ମାହି ରଞ୍ଜନ ଦାସଙ୍କୁ ଶୁକ୍ରବାର ଗିରଫ କରିଛନ୍ତି। ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗତ କିଛିଦିନ ଧରି ରାତିରେ ଅନ୍ୟ କିଛି ସହଯୋଗୀଙ୍କ ସହ ମିଶି ଉପରୋକ୍ତ ରାସ୍ତାରେ ଯାଉଥିବା ଭାରିଯାନଗୁଡ଼ିକରୁ ଏଭଳି ପୁଲିସ ପରିଚୟ ଦେଇ ମୋଟା ଅଙ୍କର ବଟି ଆଦାୟ କରୁଥିବା ଟ୍ରକ୍ର ମାଲିକ ଚତୁର୍ଭୁଜ ଦାସ ଅଭିଯୋଗ କରିଥିଲେ।

# ରାସ୍ତାରେ ଓଲଟିଲା ବାଲି ବୋଝେଇ ଡମ୍ଫର



ନୀଳଗିରି, ୧୩।୩(ସମିସ): ରାସ୍ତାରେ ଓଲଟିଲା ବାଲି ବୋଝେଇ ଡମ୍ଫର। ଡମ୍ଫରର ପଛ ଚକ ଫାଟି ଯିବାରୁ ରାସ୍ତା ମଝିରେ ଓଲଟି ପଡ଼ିଥିଲା। ନୀଳଗିରି ମିତ୍ରପୁର କାଠପାଳ ରାସ୍ତାର ଘାଗରା ପୋଲ ନିକଟରେ ଘଟିଛି ଏହି ଦୁର୍ଘଟଣା। ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଡ୍ରାଇଭର ପଳାଇ ଯାଇଥିବା ବେଳେ ଡମ୍ଫରର ସାମ୍ନା କାଚ ଭାଙ୍ଗିରୁଜି ଯାଇଛି। ସୂଚନା ଅନୁଯାୟୀ ଓଆର୍ ୧୬ ଡି ୦୯୧୬ ନମ୍ବର ବିଶିଷ୍ଟ ଏହି ଡମ୍ଫରଟି ବାଲି ବୋଝେଇ କରି ନୀଳଗିରି ଥାନା କାଠପାଳ ପଟୁ ମିତ୍ରପୁର ଅଭିମୁଖେ ଆସୁଥିବା ବେଳେ ଡମ୍ଫରଟିର ପଛ ଚକ ଫାଟି ଯିବା କାରଣରୁ ଘାଗରା ପୋଲ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଡମ୍ଫରରେ ଥିବା ବାଲି ରାସ୍ତାରେ ବିଛାଡ଼ି ହୋଇ ପଡ଼ିଥିଲା। ଆହତ ଡମ୍ଫର ଡ୍ରାଇଭର ଘଟଣାସ୍ଥଳରୁ ପଳାଇ ଯାଇଥିବା ବେଳେ ଡମ୍ଫରଟି ରାସ୍ତା ଉପରେ ରହିଥିଲା। ତେବେ ଡମ୍ଫରରେ ଲୋଡ୍ ଥିବା ବାଲିର କୌଣସି ବୈଧ କାଗଜପତ୍ର ଅଛି ନା ନାହିଁ ତାହା ଜଣାପଡ଼ିନାହିଁ।

# ପୋଖରୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ଜଳେଶ୍ୱର ବ୍ଲକ, ୧୩।୩(ସମିସ): ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ଜଣେ ବୃଦ୍ଧାଙ୍କ ପ୍ରାଣହାନି ଘଟିଛି। ଏଭଳି ଘଟଣା ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ବାଗବୁଡ଼ା ଗ୍ରାମରେ ଦେଖିବାକୁ ମିଳିଛି। ମୃତକ ହେଲେ ସେହି ଗ୍ରାମର ରାମନାଥ ମହାନ୍ତଙ୍କ ପତ୍ନୀ ମୁଖ ମହାନ୍ତ (୬୫)। ସୂଚନା ମୁତାବକ, ଆଜି ସକାଳ ପ୍ରାୟ ୯ଟା ସମୟରେ ମୁଖ ମହାନ୍ତ ନିକଟସ୍ଥ ବିଲକୁ ମହୁଲ ଗୋଟାଇବା ପାଇଁ ଯାଇଥିଲେ। ମହୁଲ ସଂଗ୍ରହ କରି ଫେରିବା ପରେ ସେ ଶୌଚ ହେବା ସହ ଗାଧୋଇବା ପାଇଁ ଘର ନିକଟସ୍ଥ ଏକ ପୋଖରୀକୁ ଯାଇଥିଲେ। ତେବେ ପୋଖରୀ ତୁଠରେ ଗାଧୋଇବା ସମୟରେ ତାଙ୍କ ଗୋଡ଼ ଖସିଯାଇଥିଲା। ଫଳରେ ସେ ବୁଡ଼ିଯାଇ ପ୍ରାଣ ହରାଇଥିଲେ।

# ଶ୍ରୀହୀନ ହେବ ଭୂଦାରଚଣ୍ଡୀଙ୍କ ପୀଠ; ପ୍ରତିକାର ଦାବି

ନୀଳଗିରି, ୧୩।୩(ସମିସ)

ଉତ୍ତର ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ମଧ୍ୟରେ ସଜନାଗଡ଼ର ମା'ଭୂଦାରଚଣ୍ଡୀ ପୀଠର ସ୍ୱତନ୍ତ୍ରତା ରହିଛି। ମା'ଙ୍କ ସ୍ଥାପନାନେଇ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ନଥିଲେ ମଧ୍ୟ ଲୋକକଥା ଅନୁଯାୟୀ ୧୪୫୨ଖ୍ରୀଷ୍ଟାବ୍ଦରେ ରାଜା ବିରାଟ ଭୂଜଙ୍ଗ ମାନ୍ଧାତା ମା'ଙ୍କ ସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ରାଜା ଶ୍ୟାମଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ସ୍ୱପ୍ନାଦେଶପାଇ ମା'ଙ୍କ ମନ୍ଦିର ନିର୍ମାଣ କରିଥିବା ଜଣାଯାଏ। ତେବେ ପ୍ରାଚୀନ କୀର୍ତ୍ତିରାଜିରେ ପରିପୂର୍ଣ୍ଣ ମନ୍ଦିରର ନିଖୁଣ କାରୁକାର୍ଯ୍ୟ ଏବେ ବିପଦରେ। ରକ୍ଷଣାବେକ୍ଷଣ ଅଭାବରୁ ଶ୍ରୀହୀନ ହେବାକୁ ଯାଉଛି ମନ୍ଦିର ଏବଂ ମନ୍ଦିର ବେଢ଼ା। ରାଜ୍ୟ ଦେବୋତ୍ତର ବିଭାଗ ଅଧୀନରେ ଥିବା ଏହି ମନ୍ଦିରର ସୁରକ୍ଷା ପାଇଁ ପ୍ରଶାସନର ଆନ୍ତରିକତା ନଥିବା ବାରିହୁଏ। ଦୀର୍ଘ ୫/୬ବର୍ଷ ତଳେ ମନ୍ଦିରର ମୁଖ୍ୟପୂଜକ ବିଜୟ କୁମାର ପଣ୍ଡାଙ୍କ ଉଦ୍ୟମରେ କିଛି ଶ୍ରଦ୍ଧାଳୁ, ଭକ୍ତ ଏବଂ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ମନ୍ଦିରର ରଙ୍ଗ ଦିଆଯାଇଥିବା ବେଳେ ଏବେ ମୁଖ୍ୟମନ୍ଦିର, ନାଟମଣ୍ଡପ ଏବଂ ମନ୍ଦିର ବେଢ଼ାରେ ଶିଉଳିଲାଗି କଳା ପଡ଼ିଯିବା ଏବଂ ବର୍ଷାଦିନେ ଅଧିକାଂଶସ୍ଥାନରୁ ପ୍ଲାଷ୍ଟର ଛାଡି ପାଣି ଗଳିବା ଦେଖିବାକୁ ମିଳିଛି। ଫଳରେ ମନ୍ଦିରର ସ୍ଥାୟିତ୍ୱନେଇ ଆଶଙ୍କା ପ୍ରକାଶ ପାଇଛି। ନୀଳଗିରି ଠାକୁରମାହାଲକୁ ପୂଜକ ବିଜୟ ପଣ୍ଡା ଏନେଇ ଅବଗତ କରିଥିଲେ ମଧ୍ୟ କୌଣସି ପ୍ରତିକାର କରାଯାଇ ନାହିଁ। ତେବେ ରାଜ୍ୟ ପର୍ଯ୍ୟଟନ ବିଭାଗ ଦ୍ୱାରା ୨୦ଲକ୍ଷ ଟଙ୍କାର ଅନୁଦାନ ଆସିଥିଲେ ହେଁ ଦୁଇଟି ପର୍ଯ୍ୟାୟରେ ଟେଣ୍ଡର ହୋଇଥିଲା। ମାତ୍ର ପ୍ରଥମଥର ଜଣେ ମାତ୍ର ଆବେଦନକରିଥିବା ବେଳେ ଦ୍ୱିତୀୟଥର ଟେଣ୍ଡରରେ କେହି ଟେଣ୍ଡରଧାରୀ ଆବେଦନ କରିନଥିବାରୁ ଏହାର ଉନ୍ନତୀକରଣ ହୋଇପାରି ନଥିବା ନୀଳଗିରି ବିଡିଓ ବିକ୍ରମ କେଶରୀ ପରିଡ଼ା ସୂଚନା ଦେଇଛନ୍ତି। ଯଦି ଖୁବ୍‌ଶୀଘ୍ର ମନ୍ଦିରର ମରାମତି ଓ ରଙ୍ଗକାର୍ଯ୍ୟ ନ ହୁଏ, ତେବେ ମନ୍ଦିର ଶ୍ରୀହୀନ ହେବା ସହିତ ପାଣିଗଳି ମନ୍ଦିର ପ୍ରତି ବିପଦ ଥିବାର ଆଶଙ୍କା ରହିଛି। ଏ ଦିଗରେ ପ୍ରଶାସନ ଯତ୍ନବାନ ନ ହେଲେ ପୁରାତନ କୀର୍ତ୍ତିରାଜିର ଏହି ମନ୍ଦିରଟି ନିଜର ଅସ୍ତିତ୍ୱ ହରାଇବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।





### ଜବରଦସ୍ତ ରେଙ୍ଗାଲି କାମ ଆରମ୍ଭ କଲା ପ୍ରଶାସନ

# ଚାଷୀଙ୍କୁ ମିଳିଲାନି ଜମିର ମୂଲ୍ୟ

ଦାନଗଦି,୧୩।୩(ସମିସ): ଦୀର୍ଘ ୩ ବର୍ଷ ଧରି ବନ୍ଦ ରହିଥିବା ରେଙ୍ଗାଲି କେନାଲ କାମକୁ ପ୍ରଶାସନ ପକ୍ଷରୁ ଆଜି ଜୋର ଜବରଦସ୍ତ ଆରମ୍ଭ କରାଯାଇଛି। ଖବର ପାଇ କ୍ଷତିଗ୍ରସ୍ତ ଚାଷୀମାନେ ଏକତ୍ରିତ ହୋଇ କାମ ବନ୍ଦ କରିଥିଲେ। ଯାହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଘଟଣାସ୍ଥଳରେ ବ୍ୟାପକ ପୁଲିସ ମୁତୟନ କରି ଠିକା ସଂସ୍ଥା କାମ ଚାଲୁ କରିଥିଲା। ନଡ଼ିଆଭଙ୍ଗା ପଞ୍ଚାୟତ ଦକ୍ଷିଣପଶୀ ଗ୍ରାମର ଆଦିବାସୀ ଲୋକଙ୍କ କହିବା କଥା ଯେ ସେମାନଙ୍କ ଗ୍ରାମ ଦେଇ ଯାଉଥିବା ରେଙ୍ଗାଲି ପ୍ରୋଜେକ୍ଟ କାମକୁ ସେମାନେ ୩ ବର୍ଷ ଧରି ବନ୍ଦ ରଖିଥିଲେ। ରେଙ୍ଗାଲି ବାମପାଶ୍ୱର୍ କେନାଲ ଦ୍ୱାରା ଯାଉଥିବା ଜମି ୯ ୯ ବର୍ଷ ଧରି ଅଣ ବନ୍ଦୋବସ୍ତ ନ ହେବା ଫଳରେ ଜମିର କ୍ଷତିପୂରଣ ସେମାନେ ପାଇପାରିନାହାନ୍ତି। ଉର୍ବର ୨ ଫସଲୀ ଚାଷ ଜମିକୁ ବିନା ମୂଲ୍ୟରେ ନଦେବାକୁ ଲଗାତାର ଜମି ଅଧିଗ୍ରହଣ ସେମାନେ ବନ୍ଦ କରି ଆସୁଥିଲେ। କିନ୍ତୁ ରେଙ୍ଗାଲି କର୍ତ୍ତୃପକ୍ଷ ଆଜି ହଠାତ କିଛି ରେଙ୍ଗାଲି କର୍ମଚାରୀ, ଦାନଗଦୀ ତହସିଲ କର୍ମଚାରୀ, କଳିଙ୍ଗ ନଗର ପୁଲିସ ଓ ଠିକା କାମ ହାତେଇଥିବା ଠିକାସଂସ୍ଥାର କିଛି ଲୋକଙ୍କୁ ଧରି ୩ ଗୋଟି ଜେସିବି ମେସିନ ସାହାଯ୍ୟରେ ଜମିର ହିଡ଼ ଭାଙ୍ଗୁଥିବା ବେଳେ ଗ୍ରାମବାସୀ ଛୁଆପିଲା ଧରି ସେଠାରେ ପହଞ୍ଚି କାମ ବନ୍ଦ ରଖିଥିଲେ। ପୂର୍ବରୁ ତହସିଲଦାର ଜମି ଚିହ୍ନଟ ପରେ କ୍ଷତିପୂରଣ ଦିଆଯାଇ କାମ ଆରମ୍ଭ କରାଯିବ ବୋଲି କହିଥିଲେ। ରେଙ୍ଗାଲି କର୍ତ୍ତୃପକ୍ଷ କିନ୍ତୁ ସେମାନଙ୍କ କଥାକୁ ନ ମାନି ଜୋର ଜବରଦସ୍ତ କାମ କରିଚାଲିଥିଲେ। ପରେ ଆଖପାଖ ଅଞ୍ଚଳର କ୍ଷତିଗ୍ରସ୍ତ ଚାଷୀମାନେ ବହୁତ ସଂଖ୍ୟାରେ ପହଞ୍ଚି ଯିବାରୁ ଜେସିବି ଡ୍ରାଇଭର ମାନେ ମେସିନ୍ ଛାଡି ପଳାଇ ଥିଲେ। ଫଳରେ ଆଜି ପାଇଁ କାମ ବନ୍ଦ ରହିଥିଲା। ଉକ୍ତ ଅଞ୍ଚଳରେ ଚାପା ଉତ୍ତେଜନା ଜାରି ରହିଥିବା ସ୍ଥଳେ ୨୯ ମୌଜା ଭୂମିମୁକ୍ତି କୃଷକ ମଞ୍ଚ ତରଫରୁ ସନ୍ଧ୍ୟାରେ ଜରୁରୀ ବୈଠକ ସେହି ଗ୍ରାମରେ ଡକାଯାଇ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯିବାର ସୂଚନା ମିଳିଛି।

### ● ଜଳିଗଲା ୨ ବଖରା ଓ ଗୁହାଳ

## ୫ଟି ଛେଳି ଜୀବନ୍ତ ଦଗ୍ଧ

ଦଶରଥପୁର,୧୩।୩(ସମିସ): ଦଶରଥପୁର ତହସିଲ ଅଧୀନ ଜୟନ୍ତରା ପଞ୍ଚାୟତ ଚାନ୍ଦକୁଡ଼ା ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଘଟି ଗ୍ରାମର ମଧୁସୂଦନ ଯେନାଙ୍କ ୨ ବଖରା ବାସଗୃହ ଓ ଗୁହାଳ ଘର ପୋଡି ପାଉଁଶ ହୋଇଯାଇଛି। ଗୁହାଳରେ ବନ୍ଧା ହୋଇଥିବା ୨ଟି ଗାଈକୁ ଉଦ୍ଧାର କରାଯାଇଥିଲେ ମଧ୍ୟ ୫ଟି ଛେଳି ଜୀବନ୍ତ ଦଗ୍ଧ ହୋଇଥିବା ଜଣାଯାଇଛି। ଘରେ ଥିବା ଧାନ, ଚାଉଳ, ବାସନକୁସନ, ଦୁଇଟି ସାଇକଲ, ଲୁଗାପଟା ସମେତ ବିଭିନ୍ନ ସାମଗ୍ରୀକୁ ବାହାରକୁ ଆଣିବା ଅସମ୍ଭବ ହୋଇପଡିଥିଲା। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କା ମୂଲ୍ୟର କ୍ଷୟକ୍ଷତି ହୋଇଥିବା ଜଣାଯାଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନଥିଲେ ହେଁ ବିଦ୍ୟୁତ୍ ସର୍ଟସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥାଇପାରେ କୁହାଯାଉଛି। ଦଶରଥପୁରରୁ ଦମକଳ ଆସି ନିଆଁକୁ ଲିଭାଇଥିଲେ। ଏହି ଖବର ପାଇ ସମାଜସେବୀ କର୍ଣ୍ଣାଟକେଶରୀ ଦାସ, ବିଜେଡି ଜିଲ୍ଲା ସଭାପତି ସରୋଜ ମହାପାତ୍ର ଅଗ୍ନିବିପନ୍ନ ମଧୁସୂଦନଙ୍କ ପରିବାରକୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ସହିତ ପଲିଥିନ୍, ଲୁଗାପଟା ଓ ଶୁଖିଲା ଖାଦ୍ୟ ପ୍ରଦାନ କରିଥିବା ବେଳେ ପ୍ରଶାସନ ପକ୍ଷରୁ ତାଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

## ମହିଳାଙ୍କ ଭ୍ୟାନିଟ୍ ଲୁଟିନେଲେ ଦୁର୍ବୃତ୍ତ

ଯାଜପୁର,୧୩।୩(ସମିସ): ଜନୈକା ମହିଳାଙ୍କଠାରୁ ଦୁଇଜଣ ଦୁର୍ବୃତ୍ତ ଭ୍ୟାନିଟ୍ ବ୍ୟାଗ ଲୁଟି ନେଇଛନ୍ତି। ଏ ନେଇ ମହିଳା ଜଣକ ଯାଜପୁର ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାରୁ ପ୍ରକାଶ, ଶୁକ୍ରବାର ଅପରାହ୍ଣ ୩ଟା ସମୟରେ ଚିନ୍ମୟୀ ପାଣି ତାଙ୍କ ସ୍ୱାମୀଙ୍କ ସହିତ ସମ୍ପର୍କୀୟଙ୍କ ବ୍ରତ ଘରକୁ ଯିବା ସମୟରେ ହନୁମାନ ଛକ, ବିରଜା ମଣ୍ଡପ ପାଶ୍ୱର୍ରେ ଦୁଇଜଣ ଦୁର୍ବୃତ୍ତ ଏକ ସ୍କୁଟିରେ ଆସି ମହିଳାଙ୍କ ଠାରୁ ଭ୍ୟାନିଟି ଛଡ଼ାଇ ନେଇ ପଳାଇ ଯାଇଥିଲେ। ମହିଳାଙ୍କ ଠାରୁ ଭ୍ୟାନିଟ୍ ଛଡ଼ାଇବା ସମୟରେ ସଂପୃକ୍ତ ମହିଳା ଜଣକ ବାଇକରୁ ପଡ଼ି କ୍ଷତାକ୍ତ ହେବା ସହ ତାଙ୍କ ମୁଣ୍ଡ ଫାଟି ଯାଇଥିଲା। ଏହାପରେ ମହିଳା ଜଣକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେବା ପରେ ବରୁଆଁ ଥାନାରେ ବ୍ୟାଗ ଚୋରି ସମ୍ପର୍କରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ମହିଳାଙ୍କ ଭ୍ୟାନିଟ୍‌ରେ ନଗଦ ୮ ହଜାର ଟଙ୍କା, ସୁନା ଚେନ୍ ଏକ ମୋବାଇଲ ଫୋନ ଥିଲା।

## ଗ୍ୟାସ୍ ରଖି ପ୍ରତିବାଦ କଲେ ଗ୍ରାହକ



ଯାଜପୁର,୧୩।୨(ସମିସ): ଯାଜପୁର ସହର ଗରିଆପୁର ସ୍କୁଲ ପାଶ୍ୱର୍ରେ ଥିବା ଇଣ୍ଡେନ ଗ୍ୟାସ ନିକଟରେ ଶୁକ୍ରବାର ପୂର୍ବାହ୍ଣରେ ଗ୍ୟାସ୍ ରଖି ରାସ୍ତା ଉପରେ ପ୍ରତିବାଦ କରିଛନ୍ତି ଗ୍ରାହକ। ଆଜି ସକାଳୁ ଇଣ୍ଡେନ ଗ୍ୟାସର ଏଜେନ୍ସି ଅଫିସରେ ତାଲା ପକାଇ ଗ୍ୟାସ ନାହିଁ ବୋଲି ଏକ ପୋଷ୍ଟର ମରାଯାଇଛି। ଅନ୍ୟପଟେ ଶତାଧିକ ଗ୍ରାହକ ଖାଲି ଥିବା ଗ୍ୟାସ ଟାଙ୍କିକୁ ନେଇ ଇଣ୍ଡେନ ଗ୍ୟାସ ପାଖକୁ ଆସିଥିବା ବେଳେ ଅଫିସ ବନ୍ଦ ଦେଖି ଅସନ୍ତୋଷ ହେବା ସହିତ କିଛି ସମୟ ପାଇଁ ଖାଲି ଥିବା ଗ୍ୟାସ୍ ଟାଙ୍କିକୁ ରାସ୍ତା ଉପରେ ରଖି ପ୍ରତିବାଦ କରିଥିଲେ। ରାସ୍ତା ଉପରେ ଗ୍ୟାସ୍ ଟାଙ୍କି ରଖି ପ୍ରତିବାଦ କରିବାରୁ ରାସ୍ତା ଏକ ପ୍ରକାର ଅବରୋଧ ହୋଇଯାଇଥିଲା। ଯାହାଫଳରେ ଏହି ରାସ୍ତା ଦେଇ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ସରକାର ଗ୍ୟାସ୍ ମହଜୁଦ ଥିବା କଥା କହୁଥିବା ବେଳେ ଗ୍ୟାସ୍ ବିତରକ ସଂସ୍ଥା ଗ୍ୟାସ ନାହିଁ ବୋଲି ଗ୍ରାହକଙ୍କୁ କହିବା ସହ ଗ୍ୟାସ୍ ଦେଉନଥିବା ଯୋଗୁ ଗ୍ରାହକଙ୍କ ଅସନ୍ତୋଷ ଦିନକୁ ଦିନ ବଢ଼ି ଚାଲିଛି।

## ନଦୀରୁ ବାଲି ପରିବହନ ବନ୍ଦ ପାଇଁ ଦାବିପତ୍ର

ଯାଜପୁର,୧୩।୩(ସମିସ): ନଦୀ ପଠାରୁ ଅବୈଧ ବାଲି ପରିବହନ ରୋକ୍ ପାଇଁ କୋରେଇ ବିଜେଡି ପକ୍ଷରୁ ଶୁକ୍ରବାର ଜିଲ୍ଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। କୋରେଇ ନିର୍ବାଚନ ମଣ୍ଡଳୀରେ ବୈତରଣୀ ଓ ଖରସ୍ରୋତା ନଦୀ ପଠାରୁ ଅବୈଧ ଭାବେ ମାଇନର ମିନେରାଲ ଖଣିଜ ସମ୍ପଦ ବାଲିର ରୀତିମତ ଭାବେ ନିର୍ଦ୍ଧିଷ୍ଟ ବାଲି ଚୋରଙ୍କ ଦ୍ୱାରା ହାଇୱା, ଟ୍ରକ ଓ ଡମ୍ପର ଯୋଗେ ନଦୀ ଗର୍ଭରୁ ବେଆଇନ ବାଲି ଉତ୍ତୋଳନ କରାଯାଇ ଜିଲ୍ଲା ଓ ଜିଲ୍ଲା ବାହାରେ ପରିବହନ ହେଉଛି। ଏହା ଓଡ଼ିଶା ମାଇନସ୍ ଆକ୍ଟ ପରିବେଶ ନିୟମ ଓ ଟ୍ରାନ୍ସପୋର୍ଟ ନିୟମର ସ୍ପଷ୍ଟ ଉଲ୍ଲଙ୍ଘନ ଅଟେ। ବାଲି ଅବୈଧ ପରିବହନ ଯୋଗୁ ନଦୀ ପଠା, କୃଷି ଭୂମି ନଷ୍ଟ ହେବା ସହ ବିଦ୍ୟାର୍ଥୀ ଯିବାଆସିବା ସମୟରେ ନିଜକୁ ସୁରକ୍ଷିତ ମଣୁନାହାଁନ୍ତି। ଅବୈଧ ବାଲି ପରିବହନ ହେବା ଦ୍ୱାରା ସରକାରଙ୍କ ରାଜସ୍ୱ ଲୀନ ହେଉଛି। ଅତ୍ୟଧିକ ବାଲି ବୋଝେଇ ହାଇୱା ଗାଡ଼ି ପରିବହନ ହେବା ଦ୍ୱାରା ରାସ୍ତାଘାଟ ନଷ୍ଟ ହେଉଛି। ଯାହାକି ଲୋକଙ୍କ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେବା ସହ ଦୁର୍ଘଟଣା ଘଟି ଧନଜୀବନ କ୍ଷୟ ଘଟୁଛି। ଏଣୁ ଏହି ଅବୈଧ ବାଲି ପରିବହନକୁ ବନ୍ଦ କରାଯିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏ ନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ବ୍ୟାସନଗରର ପୂର୍ବତନ ପୌରାଧ୍ୟକ୍ଷା ସବିତା ରାଉତ, ସଦାଶିବ ରାଉତ, ଶ୍ରାବଣୀ ମହାକୁଡ଼ ସମେତ ଶତାଧିକ ବିଜେଡି ନେତା, କର୍ମୀ ଉପସ୍ଥିତ ଥିଲେ।

## ୨୦ରେ ସନାତନ ଧର୍ମ ସମ୍ମିଳନୀ

ଧର୍ମଶାଳା,୧୩।୩(ସମିସ): ଯାଜପୁର ଜିଲ୍ଲା ଶ୍ରୀଅଭିରାମ ଭକ୍ତ ସମିତି ପକ୍ଷରୁ ଧର୍ମଶାଳା ବ୍ଲକ ଜାରକାସ୍ଥିତ ମା' ଜେମାଶୁଣୀଙ୍କ ପୀଠରେ ୨୯ତମ ସନାତନ ଧର୍ମ ସମ୍ମିଳନୀ ଉତ୍ସବ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ୩ଦିନ ବ୍ୟାପୀ ଯଥା ରୀତିନୀତି ଅନୁଯାୟୀ ପାଳନ କରାଯିବ। ଏହି ଅବସରରେ ଷୋଡ଼ଶ ଉପଚାର ପୂଜା, ନଗର ପରିକ୍ରମା, ଭଜନ କୀର୍ତ୍ତନ, ପ୍ରବଚନ, ପାଲା, ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଝୁମର ଓ ଲୀଳା ନାଟକ ଆଦି ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶାନ୍ତିଧାମର ବରିଷ୍ଠ ସାଧୁ ସଦାନନ୍ଦ ଦାସ ମହାରାଜ, ହରେକୃଷ୍ଣ ଦାସ ମହାରାଜ, ପ୍ରବଚକ ବାବାଜୀ ବିଶ୍ୱନାଥ ଦାସ, ବାବାଜୀ ଦିବାକର ଦାସ ମହାରାଜ, ପ୍ରେମସାଗର ବାବା ଅରକ୍ଷିତ ଦାସ, ବାବାଜୀ ସତ୍ୟ ପ୍ରଜ୍ଞାନନ୍ଦ ଦାସ, ଶରଣାରବିନ୍ଦ ଓଝା, ପ୍ରଶାନ୍ତ କୁମାର ଷଡ଼ଙ୍ଗୀ ଓ ପ୍ରବଚିକା ଡ. ପ୍ରତିଭା ମହାରଥୀ ଯୋଗଦେବେ। ଡ.ଭିକାରୀ ଚରଣ ସାମଲଙ୍କ ରଚିତ ଓ ନିର୍ଦ୍ଦେଶନାରେ ଜାରକା ଭକ୍ତ ଗୋଷ୍ଠୀଙ୍କ ଦ୍ୱାରା ଲୀଳା ନାଟକ "ଆଶା ରହିଗଲା କରମଳାରେ' ଓ "ଦିନେ ନ ଖୋଜିଲେ ଦୀନବନ୍ଧୁ' ପରିବେଷଣ କରାଯିବ ବୋଲି ଯାଜପୁର ଜିଲ୍ଲା ଅଭିରାମ ଭକ୍ତ ସମ୍ମିଳନୀ ସମ୍ପାଦକ ଶ୍ରୀବତ୍ସ ପାଢ଼ୀ ସୂଚନା ଦେଇଛନ୍ତି।

## ଗଙ୍ଗାଧରପୁର ପ୍ରାଥମିକ ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ



କୁଆଖିଆ,୧୩।୩(ସମିସ): ରସୁଲପୁର ବ୍ଲକର ଗଙ୍ଗାଧରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ୍ ରସୁଲପୁର ବ୍ଲକର ସଭାପତି ଚିତ୍ତରଞ୍ଜନ ରଥ, ସମ୍ମାନିତ ଅତିଥି ଭାବେ ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁବଳ ମଲିକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗୋପବନ୍ଧୁ ମଲିକ ଯୋଗ ଦେଇଥିଲେ। ଉକ୍ତ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ବେହେରା ସଭାପତିତ୍ୱ କରିଥିଲେ। ସହକାରୀ ଶିକ୍ଷକ ଭବାନୀ ଶଙ୍କର ମହାନ୍ତି କୁନି ପିଲାମାନଙ୍କୁ ଶୃଙ୍ଖଳିତ ହେବା ସହିତ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଞ୍ଚାସୀନ ଅତିଥିମାନଙ୍କୁ ଧନ୍ୟବାଦ୍ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ, ସଭ୍ୟାମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ବିରୂପାରୁ ବାଲିଚାଲାଣ ଓ ଇଟାଭାଟି ବଢ଼ାଉଛି ପ୍ରଦୂଷଣ

କୁନ୍ଦଲ,୧୩।୩(ସମିସ): ଯାଜପୁର ଜିଲ୍ଲା ଦର୍ପଣ ତହସିଲ ଅନ୍ତର୍ଗତ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ପଞ୍ଚାୟତ ଅଧୀନ ନାନପୁର ପୋଲ ନିକଟରୁ ବାଲି ଚୋରାଚାଲାଣ ହେବା ସହ ନଦୀ ପଠାରେ ଇଟାଭାଟି ପୋଡ଼ାଯାଉଛି। ପ୍ରତ୍ୟେକ ରାତିରେ



ଓ ଭୋରୁ ଟ୍ରାକ୍ଟର ଯୋଗେ ଏଠାରୁ ବିଭିନ୍ନ ସ୍ଥାନକୁ ବାଲି ଚୋରାଚାଲାଣ ହେଉଛି। ଯାହା ଫଳରେ ଆଗାମୀ ଦିନରେ ଜାତୀୟ ରାଜପଥର ନାନପୁର ପୋଲଟି ଦୁର୍ବଳ ହେବାର ଆଶଙ୍କା ଅଛି। ନାନପୁର ଠାରେ ନଦୀ ପଠାରେ ଅନେକ ଗୁଡ଼ିଏ ଇଟାଭାଟି ପୋଡ଼ାଯାଉଥିବା ଦେଖିବାକୁ ମିଳିଛି। ତେବେ ଇଟାଭାଟି ପୋଡ଼ି ଦ୍ୱାରା ଗରମରେ ସ୍ଥାନୀୟ ଲୋକେ ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି। ରାଜସ୍ୱ ବିଭାଗ, ପୁଲିସ ପ୍ରଶାସନ, ଜାତୀୟ ରାଜପଥ ବିଭାଗ, ପ୍ରଦୂଷଣ ବିଭାଗ, ରାଜ ରାସ୍ତା କଡ଼ରେ ଏ ସବୁ ଖୁଲମଖୁଲା ହେଉଥିବା ଦେଖି ମଧ୍ୟ ନିରବ। ଏଥିପାଇଁ ପ୍ରଶାସନ ତୁରନ୍ତ ବିହିତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହୋଇଛି।

## ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ

କୁନ୍ଦଲ,୧୩।୩(ସମିସ): ବାଲିଚନ୍ଦ୍ରପୁରସ୍ଥିତ ସାହାସପୁର ମହାବିଦ୍ୟାଳୟ ଓ ଅଭ୍ୟନ୍ତରୀଣ, ଗୁଣବତ୍ତା, ପ୍ରମାଣନ ପ୍ରକୋଷ୍ଠର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସରରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ମିନତିମଞ୍ଜରୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ ଯୋଗଦେଇଥିଲେ। ବିଭାଗ ପକ୍ଷରୁ ଅଧ୍ୟାପକ ଦିପୁନ ପୁହାଣ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଆଦ୍ୟାମୌସୁମୀ ମହାନ୍ତି ଶୀର୍ଷକ ସମ୍ପର୍କିତ ଆଲୋଚନା କରିଥିଲେ। ଅଧ୍ୟାପକ ଅଶୋକ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାପତି ମହାବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଅଧ୍ୟାପକ ସଂଗ୍ରାମ କିଶୋର ପରିଡ଼ା ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଅଭ୍ୟନ୍ତରୀଣ, ଗୁଣବତ୍ତା, ପ୍ରମାଣନ ପ୍ରକୋଷ୍ଠର ସଂଯୋଜକ ଡ.ଜୟଦେବ ଶତପଥିଓଡ଼ିଆ ଭାଷା ସମ୍ପର୍କରେ ଉପଦେୟ ତଥ୍ୟମାନ ପ୍ରଦାନ କରିଥିଲେ। ଉକ୍ତ ସଭାରେ ମହାବିଦ୍ୟାଳୟର ପ୍ରାଧ୍ୟାପକ ହିମାଂଶୁ ଶେଖର ମହାନ୍ତି, ସଂଜୟ କୁମାର ମଲ୍ଲିକ, ତିଳୋତ୍ତମା ହେସା, ମିଳନ କିଶୋର ଜେନା, କାହ୍ନୁ ଚରଣ ଜେନା, ଆଦିତ୍ୟ କୁମାର ସାହୁ, କୁଶଳ ଚନ୍ଦ୍ର ହେମ୍ବ୍ରମ, ବିବେକାନନ୍ଦ ଦାସ, ତଥା ମହାବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

### ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

## ଡାକ୍ତର ଓ କର୍ମଚାରୀ ଅଭାବ



କୟାଁଗୋଲା,୧୩।୩(ସମିସ): ଦଶରଥପୁର ବ୍ଲକ୍ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ଅଭାବ ଯୋଗୁଁ ବିଭିନ୍ନ ସମସ୍ୟା ଦେଖାଦେଉଛି। ଯାଜପୁର ଜିଲ୍ଲା ସମେତ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ରୋଗୀ ସ୍ୱାସ୍ଥ୍ୟ ସେବା ପାଇବା ପାଇଁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। ଦୈନିକ ସାତ ଶହରୁ ଆଠ ଶହ ରୋଗୀ ଏଠାକୁ ଆସିଥାନ୍ତି। ରୋଗୀଙ୍କ ଲମ୍ବା ଧାଡ଼ି ଦେଖିଲେ ଏହି ସ୍ୱାସ୍ଥ୍ୟକେନ୍ଦ୍ରର କେତେ ଯେ ଆବଶ୍ୟକତା ବୁଝା ପଡୁଥିବ। ତେବେ ଏଠାରେ ୧୫ ଜଣ ଡାକ୍ତରଙ୍କ ଜାଗାରେ ଅଛନ୍ତି ମାତ୍ର ୫ ଜଣ। ଆୟୁଷ ଡାକ୍ତର ଝରଣା ଦଳେଇ, ପ୍ରସୂତି ବିଭାଗରେ ସୁଶ୍ରୀ ସଙ୍ଗୀତା ବରାଳ ଅନ୍ୟ ଦୁଇଜଣ ଡେପୁଟେସନରେ ଶୁଭଲକ୍ଷ୍ମୀ ରଥ ଓ ତପନିତା ନାୟକ ରହିଛନ୍ତି। ୧୫ ଜଣ ନର୍ସ ରହିବା ଜାଗାରେ ୫ ଜଣ ଏଠାରେ କାର୍ଯ୍ୟ କରୁଛନ୍ତି। ସେହିପରି ୪ ଜଣ ଆଟେଣ୍ଡାଟ୍ (ଡ୍ରେସର)ଙ୍କ ଜାଗାରେ ମାତ୍ର ଜଣେ କାର୍ଯ୍ୟ କରୁଛନ୍ତି। ଲାବୋରୋଟରି ସହାୟକ ୩ ଜଣ ରହିବା ଜାଗାରେ ମାତ୍ର ଜଣେ ଅଛନ୍ତି। ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଭୁକ୍ତ ୬ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ସେଥିମଧ୍ୟରୁ ୪ଟିରେ ଡାକ୍ତର ରହିଥିବା ବେଳେ ଅନ୍ୟ ଦୁଇଟି କେନ୍ଦ୍ର ଦକ୍ଷିଣବନ୍ଧ ଓ କୟାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି ଏମ୍‌ବିବିଏସ୍ ଡାକ୍ତର ନାହାନ୍ତି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏମବିବିଏସ୍ ଡାକ୍ତର ସହ ଆୟୁଷ ଡାକ୍ତର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉଛି। ଏହା ଯୋଗୁଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ରୋଗୀ ସେବା ଏକ ପ୍ରକାର ଠପ୍ ହୋଇଯାଉଛି। ନଈ ନାଳ ଘେରା ବନ୍ୟା, ବାତ୍ୟା ପ୍ରଭାବିତ ଏହି ଅଞ୍ଚଳରେ ରୋଗ ସର୍ବଦା ଲାଗି ରହିଥାଏ। ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ମେଡିକାଲ୍ ଅଧିକାରିଣୀ ଡାକ୍ତର ଅମ୍ରିତା ପ୍ରିତମ ମଲ୍ଲ କୁହନ୍ତି ଯେ ଡାକ୍ତର ଓ ଅନ୍ୟ ଖାଲି ପଡ଼ିଥିବା ପଦବୀ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅବଗତ କରିଛନ୍ତି। ଅତିକମରେ ୫ଜଣ ଡାକ୍ତର ଓ ୫ ଜଣ ନର୍ସ ଓ ଅନ୍ୟ କର୍ମଚାରୀ ନିହାତି ଆବଶ୍ୟକ। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବେ ବୋଲି ସେ ଆଶାବାଦୀ ଥିବା କହିଛନ୍ତି।

## ପିଏମ୍ କିଷାନର କିସ୍ତି ପ୍ରଦାନ ସମାରୋହ



ଯାଜପୁର,୧୩।୩(ସମିସ): ଆସାମର ଗୌହାଟିରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପିଏମ୍ କିଷାନର ୨୨ତମ କିସ୍ତି ଲୋକାର୍ପଣ ଉପଲକ୍ଷେ ତାହାର ସିଧା ପ୍ରସାରଣ ଜିଲ୍ଲାସ୍ତରୀୟ ସମାନ୍ତରାଳ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଭବାନୀ ଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ ଏଥିରେ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଯାଜପୁର ଜିଲ୍ଲାର ମୋଟ ୧ ଲକ୍ଷ ୬୧ହଜାର ୫୪୩ ଜଣ କୃଷକ ଏହି ୨୨ତମ କିସ୍ତିରେ ୨୦୦୦ ହିସାବରେ ପିଏମ୍ କିଷାନ ସମ୍ମାନ ନିଧି ସହାୟତା ପ୍ରାପ୍ତ କରିଛନ୍ତି। ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ରର ଅଧିକାରୀ ଏହି କାର୍ଯ୍ୟକ୍ରମ ସିଧା ପ୍ରସାରଣର ଆୟୋଜନରେ ସହାୟତା କରିଥଲେ। ଉକ୍ତ ସଭାରେ ସାଂସଦଙ୍କ ପ୍ରତିନିଧି ଜିତେନ୍ଦ୍ର କୁମାର ବିଶ୍ୱାଳ, ଅତିରିକ୍ତ ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଡା. ରଞ୍ଜିତ କୁମାର ସାହୁ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ରାଧେଶ୍ୟାମ ବେହେରା, କୃଷି ଜିଲ୍ଲା ଅଧିକାରୀ ଡ. ପୀୟୁଷ ପଲ୍ଲଭ ପରିଡ଼ା, ସମସ୍ତ ବ୍ଲକ୍‌ସ୍ତରୀୟ ଓ ଜିଲ୍ଲାସ୍ତରୀୟ କୃଷି ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲାର ସମସ୍ତ ବ୍ଲକରୁ ମୋଟ ୧୦୦ରୁ ଊର୍ଦ୍ଧ୍ୱ କୃଷକ ଓ କୃଷିଜୀବୀ ମହିଳା ସାମିଲ ହୋଇଥିଲେ।

# ମଙ୍ଗଳପୁର ବଜାରର ଟ୍ରାଫିକ ସମସ୍ୟା ଗୁରୁତର

ମଙ୍ଗଳପୁର,୧୩।୩(ସମିସ):




ଦଶରଥପୁର ବ୍ଲକର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳି ଭାବେ ମଙ୍ଗଳପୁର ବଜାର ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ବର୍ତ୍ତମାନ ଏହି ବଜାରରେ ଟ୍ରାଫିକ ସମସ୍ୟା ଗୁରୁତର ହେବାରେ ଲାଗିଛି। ଏହି ବଜାର ଉପରେ ଯାଜପୁର ସମେତ ପଡ଼ୋଶୀ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ଜନସାଧାରଣ ନିର୍ଭର କରିଥାନ୍ତି। ଏହି ବଜାରକୁ ପ୍ରତିଦିନ ପ୍ରାୟ ୫୦ ହଜାରେ ଜନସାଧାରଣ ନିଜର ବିଭିନ୍ନ କାର୍ଯ୍ୟ ପାଇଁ ଆସିଥାନ୍ତି। ଏହି ବଜାରରେ ୪ଟି ଜାତୀୟକରଣ ବ୍ୟାଙ୍କ ରହିଥିବା ବେଳେ ୫ଟିରୁ ଊର୍ଦ୍ଧ୍ୱ ଘରୋଇ ବ୍ୟାଙ୍କ ରହିଛି। ମଙ୍ଗଳପୁର ମହିଳା ମହାବିଦ୍ୟାଳୟ ରହିଥିବା ବେଳେ ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ମଧରହିଛି। ସେହିପରି ୫ଟିରୁ ଊର୍ଦ୍ଧ ବେସରକାରୀ ଇଂଲିଶ ମିଡ଼ିଅମ ସ୍କୁଲ ରହିଛି। ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଟିଏ ନର୍ସିଂ କଲେଜ, ଗୋଟିଏ ସପିଙ୍ଗ ମଲ ଓ ସବ ରେଜିଷ୍ଟର ଅଫିସ ମଧ ରହିଛି। ବିଭିନ୍ନ କମ୍ପାନୀର ୫ରୁ ଊର୍ଦ୍ଧ୍ୱ ୨ ଚକିଆ ସୋ'ରୁମ ରହିଥିବା ବେଳେ ନୂଆକରି ସରକାରୀ ବସ୍‌ଷ୍ଟାଣ୍ଡ ଟିଏ ମଧ ରହିଛି। ପ୍ରତିଦିନ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଏହି ବଜାର ରାସ୍ତା ଦେଇ ସ୍କୁଲ କଲେଜ ଯାଇଥାନ୍ତି। କୟାଁଗୋଲା-ପାରିପଦା -ବଡକୁଆଁଲ -ଆଖଣ୍ଡଳମଣି ଆଦି ସ୍ଥାନରୁ ପ୍ରତ୍ୟେହ ମଙ୍ଗଳପୁର ଦେଇ କଟକ ଭୁବନେଶ୍ୱରକୁ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ସରକାରୀ ଓ ବେସରକାରୀ ବସ୍ ଯାତାୟତ କରୁଛି। ଏହି ବଜାରରେ ଛୋଟ ବଡ଼ ପ୍ରାୟ ୧୨ ସହରୁ ଊର୍ଦ୍ଧ ଦୋକାନ ରହିଛି।

ଏହି ବଜାରରେ ପ୍ରତିଦିନ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ବେଳେ ଅନେକ ସମୟରେ ଜରୁରୀ କାଳୀନ ସେବାରେ ନିୟୋଜିତ ଆମ୍ବୁଲାନ୍ସ ଓ ଦମକଳ ଗାଡି ଗୁଡିକ ମଧ ଟ୍ରାଫିକ ସମସ୍ୟାରେ ସମ୍ମୁଖୀନ ହେଉଛି। ଟ୍ରାଫିକ ସମସ୍ୟା ପାଇଁ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଦୋକାନକୁ ଆସୁଥିବା ଗ୍ରାହକମାନେ ନିଜର ବାଇକ୍, ଅଟୋ ଓ କାର୍‌ଗୁଡିକ ଦୋକାନ ଆଗରେ ରଖି ଜିନିଷ ପତ୍ର କିଣିବା ଦ୍ୱାରା ବଜାର ଜାମର ମୁଖ୍ୟ କାରଣ ସାଜିଛି। ମଙ୍ଗଳପୁର ବଜାର ସମ୍ପ୍ରସାରଣ କରିବା ପାଇଁ ଗତ ପ୍ରାୟ ୧୦ ବର୍ଷ ହେବ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ରାଜନେତା କିମ୍ବା କୌଣସି ପ୍ରଶାସନିକ ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେଉନଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବଜାର ସମ୍ପ୍ରସାରଣ ହେଲେ ବଜାରରେ ଥିବା କେତେକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଦୋକାନ ଭାଙ୍ଗିବା ସହ ସେମାନଙ୍କର ଜାଗା ମଧ୍ୟ ରାସ୍ତାରେ ପଳେଇଯିବ। ତେଣୁ ସେମାନେ ଏହି ସମ୍ପ୍ରସାରଣ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି।

ମଙ୍ଗଳପୁର ବଜାରକୁ ସୁରକ୍ଷା ଦେବା ପାଇଁ ବଜାର ପଛ ଦିହୁଡିସାହି ଠାରୁ କରାଣ୍ଡିପୁର ପର୍ଯ୍ୟନ୍ତ ଏକ ବାଇପାସ୍ ରାସ୍ତା ନିର୍ମାଣ କରାଯାଇଛି। ଆଶା ଥିଲା ଏହି ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେଲେ ମଙ୍ଗଳପୁର ବଜାରରେ ଆଉ ଟ୍ରାଫିକ ସମସ୍ୟା ଦେଖା ଦେବ ନାହିଁ। ବାଇପାସ ରାସ୍ତା ନିର୍ମାଣ ପାଇଁ ଜମି ଅଧିଗ୍ରହଣ କରାଯିବା ସହ ରାସ୍ତା କାର୍ଯ୍ୟ ଆରମ୍ଭ ହେଲା। ମାତ୍ର କିଛି ଛୋଟ ଛୋଟ କାରଣ ପାଇଁ ଆଜି ପର୍ଯ୍ୟନ୍ତ ବାଇପାସ ରାସ୍ତା ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ଏହି ରାସ୍ତା ଦେଇ ମନ୍ତ୍ରୀ, ବିଧାୟକ, ପ୍ରଶାସନିକ ଅଧିକାରୀ ଟ୍ରାଫିକ ଜାମରେ ଶିକାର ହେଉଥିଲେ ମଧ୍ୟ ମଙ୍ଗଳପୁର ବଜାରରେ କିପରି ଟ୍ରାଫିକ ସମସ୍ୟା ଦୂର ହୋଇ ପାରିବ ସେଥିପ୍ରତି କେହି ଆନ୍ତରିକତା ପ୍ରକାଶ କରୁନାହାନ୍ତି। ଯାହା ଜନସାଧାରଣଙ୍କ ମୁଣ୍ଡ ବିନ୍ଧାର କାରଣ ସାଜିଛି। ବିଶେଷ କରି ବିଭା÷, ବ୍ରତଘର ଓ ଠାକୁର ଭସାଣି ପାଇଁ ବଜାର ଭିତର ଦେଇ ବିନା ପରିମିସନରେ ଡିଜେ, ବ୍ରାସ ଶୋଭାଯାତ୍ରା ଗଲେ ଘଣ୍ଟା ଘଣ୍ଟା ଧରି ଜରୁରୀକାଳୀନ ଗାଡ଼ି ଯାଇପାରୁନାହିଁ। ତେଣୁ ଏହି ବଜାରର ଟ୍ରାଫିକ୍ ସମସ୍ୟା ତୁରନ୍ତ ଦୂର କରିବାକୁ ଜନସାଧାରଣ ଦାବି କରିଛନ୍ତି।

# ସମ୍ପାଦକୀୟ



ଆଇନର ତର୍ଜମାରେ ଅନିଶ୍ଚିତତା ରହିଲେ ଓକିଲ ମାନଙ୍କର କ୍ଷମତା ପରିସର ସୃଷ୍ଟି ହୁଏ।
-ଜେରେମି ବେନ୍ଥାମ

ସକାଳ
THE SAKALA

## ଟ୍ରମ୍ପଙ୍କ ଅହଂକାରକୁ ଧକ୍କା

ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଏଥି ମଧ୍ୟରେ ୧୩ ଦିନ ଅତିକ୍ରମ କରିଛି। ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣରେ ଇରାନ ତାହାର ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଖାମେନେଇ ଓ ପ୍ରମୁଖ ସାମରିକ କର୍ତ୍ତୃପକ୍ଷଙ୍କୁ ହରାଇଛି। ପ୍ରାରମ୍ଭିକ ବିପର୍ଯ୍ୟୟ ସତ୍ତ୍ୱେ ଇରାନ ହତୋତ୍ସାହିତ ହୋଇନାହିଁ। ବରଂ ସଫଳ ରଣନୀତି ମାଧ୍ୟମରେ ତେହରାନ ଆରବ ରାଷ୍ଟ୍ରରେ ଥିବା ଆମେରିକାର ୧୭ଟି ସାମରିକ କେନ୍ଦ୍ର ଉପରେ କ୍ରମାଗତ ପ୍ରହାର କରି ସହଯୋଗୀଙ୍କ ଶକ୍ତି ଓ ସାମର୍ଥ୍ୟକୁ ଧ୍ୱଂସ କରିଛି। ଆରବ ରାଷ୍ଟ୍ର ସମୂହ ଅସୁରକ୍ଷିତ ଅବସ୍ଥାରେ ଇରାନକୁ ସମର୍ଥନ ଦେବାକୁ ବାଧ୍ୟ ହୋଇଛନ୍ତି। ଇରାନ ରଣନୀତିର ଅନ୍ୟ ଏକ ଦିଗ ହେଲା, ଆମେରିକା ଓ ଇସ୍ରାଏଲର ଏୟାର ଡିଫେନ୍ସ ସିଷ୍ଟମକୁ ଡ୍ରୋନ ଓ କ୍ଷେପଣାସ୍ତ୍ର ମାଧ୍ୟମରେ ଅଚଳ କରି ନିଜର ଆକ୍ରମଣ କ୍ଷମତା ବଢ଼ାଇବା। ଅନ୍ୟ ପକ୍ଷରେ କ୍ରମାଗତ ବୋମାମାଡରେ ମଧ୍ୟ ଇରାନର ବିସ୍ତୃତ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି ଓ ୧୩ ଶହରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଛନ୍ତି। ଏହା ତାଙ୍କୁ ଦୁର୍ବଳ କରିବା ପରିବର୍ତ୍ତେ ପ୍ରତିଶୋଧ ପରାୟଣତାକୁ ଉଜ୍ଜିବିତ କରିଛି। ଏହି ସୁଚିନ୍ତିତ ରଣନୀତି ମାଧ୍ୟମରେ ଇସ୍ରାଏଲ ଉପରେ ଆକ୍ରମଣ କ୍ଷମତା ବୃଦ୍ଧି ପାଇଛି ଇରାନର।

ସମଗ୍ର ମଧ୍ୟପ୍ରାଚ୍ୟ ଏହି ଯୁଦ୍ଧରେ ପ୍ରତ୍ୟକ୍ଷ ଭାବେ ସଂପୃକ୍ତ ନ ହେଲେ ମଧ୍ୟ କ୍ରମାଗତ ଡ୍ରୋନ ଓ କ୍ଷେପଣାସ୍ତ୍ର ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଛି। ଫଳରେ ତୈଳ ଓ ଇନ୍ଧନ ଗ୍ୟାସ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଏହି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଚୁକ୍ତି ଅନୁଯାୟୀ ବିଭିନ୍ନ ରାଷ୍ଟ୍ରକୁ ତୈଳ ରପ୍ତାନି ଜାରି ରଖିବା ସକାଶେ ହୋଇଥିବା ଉଦ୍ୟମ ବାଧାପ୍ରାପ୍ତ ହୋଇଛି। ବିଶେଷ କରି ହର୍ମୁଜ ପ୍ରଣାଳୀ ଦେଇ ପଣ୍ୟବାହୀ ଜାହାଜ ଚଳାଚଳ ଉପରେ ଇରାନ କେବଳ କଟକଣା ପ୍ରୟୋଗ କରିନାହିଁ ଏହି ସମୁଦ୍ର ପଥରେ ମାଇନ ବିଛାଇଥିବାରୁ ପରିସ୍ଥିତି ଦିନକୁ ଦିନ ଅଧିକ ଜଟିଳ ହୋଇଛି। ତୈଳ ଓ ଏଲ୍‌ଏନ୍‌ଜି ଗ୍ୟାସ ଉପରେ ନିର୍ଭରଶୀଳ ରାଷ୍ଟ୍ରଙ୍କ ସ୍ଥିତି ଦୋହଲିବା ଆରମ୍ଭ କରିଛି। ଏକ୍ଷେତ୍ରରେ ଆମେରିକାର ହସ୍ତକ୍ଷେପ ଉଦ୍ୟମ ମଧ୍ୟ ବିଶେଷ ଫଳପ୍ରଦ ହୋଇନାହିଁ। ଏହି ପରିସ୍ଥିତି ବିଶ୍ୱ ଅର୍ଥନୀତି ଉପରେ ପ୍ରତିକୂଳ ପ୍ରଭାବ ପକାଇଛି। ସଫଳ ରଣନୀତି କେବଳ ହର୍ମୁଜ ପ୍ରଣାଳୀରେ ସୀମିତ ରହିନାହିଁ। ସୁଏଜ କେନାଲ ଓ ଲୋହିତ ସାଗର ଜଳପଥ ଉପରେ ହୁତି ମାଧ୍ୟମରେ କଟକଣା ପ୍ରୟୋଗ ପାଇଁ ଇରାନ ଯୋଜନା ପ୍ରସ୍ତୁତ କରିଛି। ଏହି ପ୍ରତିକୂଳ ପରିସ୍ଥିତିରେ ବ୍ୟାରେଲ ପିଛା ତୈଳ ଦର ୨୦୦ ଡଲାର ଅତିକ୍ରମ କରିବ ବୋଲି ଚେତାବନୀ ଶୁଣାଇଛି ତେହେରାନ। ଏଥିମଧ୍ୟରେ ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଇରାନ ପ୍ରତିପକ୍ଷଙ୍କ ସହ ଭାରତରେ ତୈଳ ସଂକଟ ସଂପର୍କରେ ଆଲୋଚନା କରିଛନ୍ତି। ହାର୍ମୁଜ ପ୍ରଣାଳୀ ଦେଇ ଭାରତକୁ ତୈଳବାହୀ ଜାହାଜ ଯାତାୟାତ ସକାଶେ ନିରାପଦ ସୁଯୋଗ ସୃଷ୍ଟି କରିବାକୁ ତେହେରାନ ରାଜି ହୋଇଥିବା ପ୍ରକାଶ। ଏଥି ମଧ୍ୟରେ ପୁଷ୍ପକ ଓ ପରିମଳ ଜାହାଜ ଖାଡ଼ି ଅଞ୍ଚଳ ଅତିକ୍ରମ କରିଛି ବୋଲି ସୂତ୍ରକୁ ଉଦ୍ଧାର କରି ଯାହା କୁହାଯାଉଛି, ଏହା ପଛରେ କେତେ ସତ୍ୟତା ଅଛି ତାହା ମଧ୍ୟ ଅସ୍ପଷ୍ଟ।

ଭୟଙ୍କର ବିପର୍ଯ୍ୟୟର ସମ୍ମୁଖୀନ ହେଲେ ମଧ୍ୟ ତେହେରାନ ସାଲିସ ବିହୀନ ସଂଗ୍ରାମ ଜାରି ରଖିଛି। ଇସ୍ରାଏଲକୁ ନିଶ୍ଚିହ୍ନ କରିବା ସକାଶେ ସତେ ଯେପରି ବଜ୍ର ଶପଥ ନେଇଛି ଇରାନ। ନିର୍ବାଧାରେ ଲକ୍ଷ୍ୟ ଭିତ୍ତିକ ଆକ୍ରମଣ ସକାଶେ ସୃଷ୍ଟି ହୋଇଥିବା ସୁଯୋଗକୁ ଦୃଷ୍ଟିରେ ରଖି କ୍ରମାଗତ କ୍ଷେପଣାସ୍ତ୍ର ମାଡ ଆରମ୍ଭ ହୋଇଯାଇଛି। ଏକ ବେସରକାରୀ ତଥ୍ୟରୁ ପ୍ରକାଶ ଯେ ୯ ହଜାରରୁ ଊର୍ଦ୍ଧ୍ୱ ଡ୍ରୋନ ଓ କ୍ଷେପଣାସ୍ତ୍ର ମାଡ କରିଛି ଇରାନ। ୬ ହଜାରରୁ ଊର୍ଦ୍ଧ୍ୱ ପ୍ରାସାଦ ଇସ୍ରାଏଲର ଧ୍ୱଂସ ହୋଇଛି। ଏଥିରୁ ସହଜରେ ଅନୁମାନ କରାଯାଇପାରେ କି ମୃତାହତଙ୍କ ସଂଖ୍ୟା କେତେ ହୋଇପାରେ। ଇସ୍ରାଏଲର କ୍ଷୟକ୍ଷତି ଖବରକୁ ସରକାର କଟକଣା ମାଧ୍ୟମରେ ଗୋପନ ରଖିଥିବାରୁ ପ୍ରକୃତ ଚିତ୍ର ସାମ୍ନାକୁ ଆସିପାରୁନାହିଁ। ତେବେ ମେଡିକାଲ ସୂତ୍ରରୁ ପ୍ରକାଶ ଯେ ୨୩୦୦ ଆହତ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଏହାଛଡ଼ା ସରକାରୀ ଉଦ୍ୟୋଗ ଓ ପ୍ରତିରକ୍ଷା କେନ୍ଦ୍ରର କ୍ଷୟକ୍ଷତିର ସ୍ପଷ୍ଟ ଚିତ୍ର ମିଳିନାହିଁ। ଏକଥା ସତ୍ୟ ଯେ ତେଲଆଭିଭ୍ ଓ ଜେରୁଜେଲମ ପରିସ୍ଥିତି ଅଣାୟତ୍ତ ହୋଇପଡିଥିବାରୁ ଦେଶଛାଡି ଚାଲିଯିବା ସକାଶେ ବିମାନ କେନ୍ଦ୍ରରେ ସାଧାରଣ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ବିମାନ ଚଳାଚଳ ବନ୍ଦ ରହିଥିବାରୁ ଉତ୍ତ୍ୟକ୍ତ ଲୋକେ ନେତାନ୍ୟାହୁଙ୍କ ନେତୃତ୍ୱ ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି। ଅନ୍ୟପକ୍ଷରେ ଲେବାନନ୍‌ରୁ ହେଜବୋଲ୍ଲା ପକ୍ଷରୁ ମଧ୍ୟ ଇସ୍ରାଏଲର ଉତ୍ତରାଞ୍ଚଳ ଉପରେ କ୍ରମାଗତ କ୍ଷେପଣାସ୍ତ୍ର ଓ ରକେଟ ମାଡ଼ ଜାରି ରହିଛି। ଏହି ଦୋହରା ଆକ୍ରମଣରେ ପରିସ୍ଥିତି ଦିନକୁ ଦିନ ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି। ଇସ୍ରାଏଲରେ ହେବାକୁ ଥିବା ଅକ୍ଟୋବର ନିର୍ବାଚନରେ ସଫଳତା ହାସଲ ପାଇଁ ଇରାନ ବିଜୟ ଥିଲା ନେତାନ୍ୟାହୁଙ୍କ ଯୋଜନାର ମୁଖ୍ୟ ଲକ୍ଷ୍ୟ। ହେଲେ ପରିସ୍ଥିତି ତାଙ୍କ ସପକ୍ଷରେ ନଥିବାରୁ ମର୍ଯ୍ୟାଦାର ସହ କିପରି ଯୁଦ୍ଧ ବିରାମ ହୋଇପାରିବ ସେ ନେଇ ଟ୍ରମ୍ପଙ୍କ ସହ ସେ ବିଚାର ବିମର୍ଷ କରିଛନ୍ତି।

ପ୍ରତିପକ୍ଷର ଶକ୍ତି, ସାମର୍ଥ୍ୟ ଓ ଯୁଦ୍ଧ ଲଢ଼ିବା କ୍ଷମତାକୁ ଠିକଣା ଭାବେ ଆକଳନ ନ କରି ହଠାତ୍ ଆକ୍ରମଣକୁ ଓହ୍ଲାଇ ପଡ଼ିବା ଉଭୟ ଇସ୍ରାଏଲ ଓ ଆମେରିକା ପାଇଁ ବିପଜ୍ଜନକ ହୋଇ ପଡିଛି। ଉଭୟ ଦେଶ ବିପୁଳ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଟ୍ରମ୍ପଙ୍କ ନେତୃତ୍ୱ ବିରୋଧରେ ମଧ୍ୟ ଆମେରିକାରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ତାଙ୍କ ଲୋକପ୍ରିୟତା ହାର କ୍ରମାଗତ ହ୍ରାସ ପାଇଥିବା ବେଳେ ବଜାର ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଦୁଇ ଦେଶର ନେତାଙ୍କ ପାଇଁ ଏହି ଯୁଦ୍ଧ ମର୍ଯ୍ୟାଦା ପ୍ରସଙ୍ଗ ହୋଇଥିବାରୁ ସେମାନେ କିଭଳି ସସମ୍ମାନେ ଇରାନକୁ ଯୁଦ୍ଧରୁ ନିବୃତ୍ତ କରାଇବେ ସେ ନେଇ ଯୋଜନା ପ୍ରସ୍ତୁତ କରିଛନ୍ତି। ଆମେରିକା ପକ୍ଷରୁ ତୁର୍କୀ, ଇଜିପ୍ଟ, ଓମାନ ଓ ପାକିସ୍ତାନ ଏହା ମଧ୍ୟରେ ଇରାନ ସହ ଯୋଗାଯୋଗ ଆରମ୍ଭ କରିଛନ୍ତି। ନିଜର ସର୍ବୋଚ୍ଚ ନେତାଙ୍କୁ ହରାଇବା ସହ ବିପୁଳ କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିବା ଇରାନ ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିବା ସକାଶେ ବଦ୍ଧପରିକର। ତେଣୁ ଇରାନ ପକ୍ଷରୁ ଯୁଦ୍ଧର କ୍ଷୟକ୍ଷତି ଭରଣା ଦାବି କରାଯିବା ସହ ସବୁଦିନ ସକାଶେ ଏହି ଯୁଦ୍ଧ ଘନଘଟା ବନ୍ଦ କରିବା ପାଇଁ ଆମେରିକୀୟ ସିନେଟ ଅନୁମୋଦିତ ନିଷ୍ପତ୍ତି ସର୍ବୋପରି ତେହେରାନର ପରମାଣୁ କାର୍ଯ୍ୟକ୍ରମକୁ କଟକଣା ମୁକ୍ତ ସକାଶେ ସର୍ତ୍ତ ଉପସ୍ଥାପନ କରିଛି। ଏହି କଠୋର ସର୍ତ୍ତକୁ ଆମେରିକା ଓ ଇସ୍ରାଏଲ କେତେଦୂର ଗ୍ରହଣ କରିବେ ତାହା ନେଇ ବିଭିନ୍ନ ମହଲରେ ସନ୍ଦେହ ଦୃଢ଼ୀଭୂତ ହୋଇଛି।

ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିସ୍ଥିତି କ୍ରମେ ନିୟନ୍ତ୍ରଣ ବାହାରକୁ ଯାଉଥିବା ବେଳେ ଆକ୍ରମଣକାରୀ ଆମେରିକା ଓ ଇସ୍ରାଏଲକୁ ସମଗ୍ର ବିଶ୍ୱରେ ଯେଉଁ ଆର୍ଥିକ ସଂକଟ ସୃଷ୍ଟି ହୋଇଛି ସେଥିପାଇଁ ଦାୟୀ କରାଯାଇଛି। ଏଠାରେ ଉଲ୍ଲେଖ କରାଯାଇପାରେ କି ୨୦୨୫ ଜୁନ୍‌ରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥିଲା। ୧୨ ଦିନର ଯୁଦ୍ଧ ପରେ ଇରାନର ପରମାଣୁ କେନ୍ଦ୍ର ଧ୍ୱଂସ କରିଛି ଦାବି କରି ଟ୍ରମ୍ପ ନିଜଆଡୁ ଯୁଦ୍ଧ ବିରାମ ଘୋଷଣା କରିଥିଲେ। ଏବେ କିନ୍ତୁ ସ୍ଥିତି ଭିନ୍ନ, ଇରାନର ରଣନୀତି ନିକଟରେ ଦୁଇନେତା ଏକ ପ୍ରକାର ହାର ମାନିଛନ୍ତି କହିଲେ ଭୁଲ୍ ହେବ ନାହିଁ।

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

## ଧ୍ୱଂସର ଦ୍ୱାରଦେଶରେ ମାନବିକତା

**ସମଗ୍ର ପଶ୍ଚିମ ଏସିଆ ଏବେ ଏକ ରକ୍ତାକ୍ତ ସଂଗ୍ରାମର ଭୂମିରେ ପରିଣତ ହୋଇଛି। ଏହି ଯୁଦ୍ଧର ପରିଣାମ ସ୍ୱରୂପ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଳପଥ ହର୍‌ମୁଜ୍ ପ୍ରଣାଳୀ (Strait of Hormuz) ଅବରୋଧ ହେବା ଫଳରେ ବିଶ୍ୱ ବାଣିଜ୍ୟ ଓ ଶକ୍ତି ଯୋଗାଣ ବ୍ୟାହତ ହୋଇଛି, ଯାହା ବିଶ୍ୱ ଅର୍ଥନୀତିକୁ ଏକ ଅସ୍ଥିର ଓ ଦୁର୍ଭିକ୍ଷଜନ୍ୟ ପରିସ୍ଥିତି ଆଡ଼କୁ ଠେଲି ଦେଇଛି**



ଓମ୍ ପ୍ରକାଶ ଦଳାଇ

ଏକବିଂଶ ଶତାବ୍ଦୀର ତୃତୀୟ ଦଶକରେ ସଂଘଟିତ ଏହି ଇରାନ-ଇସ୍ରାଏଲ-ଆମେରିକା ମହାସମର ବିଶ୍ୱ ଇତିହାସରେ ଏକ ସୁଦୂରପ୍ରସାରୀ ଓ ପ୍ରଳୟଙ୍କରୀ ଅଧ୍ୟାୟ ସୃଷ୍ଟି କରିଛି। ଏହି ସଂଘର୍ଷର ମୂଳବୀଜ ଇରାନର ଅପ୍ରତିହତ ପାରମାଣବିକ ସଶକ୍ତିକରଣ ଏବଂ ମଧ୍ୟ-ପ୍ରାଚ୍ୟରେ ନିଜର ଆଞ୍ଚଳିକ ପ୍ରାଧାନ୍ୟ ବିସ୍ତାର କରିବାର ଦୁର୍ବାର ଅଭିଳାଷ ମଧ୍ୟରେ ନିହିତ ଥିଲା। ଇସ୍ରାଏଲ ନିଜର ଜାତୀୟ ନିରାପତ୍ତା ଓ ଅସ୍ତିତ୍ୱ ରକ୍ଷା ପାଇଁ ଇରାନର ଗୁପ୍ତ ପାରମାଣବିକ ପ୍ରକଳ୍ପଗୁଡ଼ିକୁ ବିଧ୍ୱଂସ କରିବା ଲକ୍ଷ୍ୟରେ ଯେଉଁ ସାମରିକ ଅଭିଯାନ ଆରମ୍ଭ କଲା, ତାହା ଆମେରିକାର ପ୍ରତ୍ୟକ୍ଷ ସମର୍ଥନରେ ଏକ ପୂର୍ଣ୍ଣାଙ୍ଗ ଯୁଦ୍ଧର ରୂପ ଧାରଣ କରିଛି। ଇରାନର ରାଜନୈତିକ ଏବଂ ଆଦର୍ଶଗତ ଶୀର୍ଷ ନେତୃତ୍ୱଙ୍କ ବିନାଶ ଏହି ଅଗ୍ନିରେ ଘୃତ ସଦୃଶ କାର୍ଯ୍ୟ କରିଛି, ଯାହା ଫଳରେ ସମଗ୍ର ପଶ୍ଚିମ ଏସିଆ ଏବେ ଏକ ରକ୍ତାକ୍ତ ସଂଗ୍ରାମର ଭୂମିରେ ପରିଣତ ହୋଇଛି। ଏହି ଯୁଦ୍ଧର ପରିଣାମ ସ୍ୱରୂପ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଳପଥ ହର୍‌ମୁଜ୍ ପ୍ରଣାଳୀ (Strait of Hormuz) ଅବରୋଧ ହେବା ଫଳରେ ବିଶ୍ୱ ବାଣିଜ୍ୟ ଓ ଶକ୍ତି ଯୋଗାଣ ବ୍ୟାହତ ହୋଇଛି, ଯାହା ବିଶ୍ୱ ଅର୍ଥନୀତିକୁ ଏକ ଅସ୍ଥିର ଓ ଦୁର୍ଭିକ୍ଷଜନ୍ୟ ପରିସ୍ଥିତି ଆଡ଼କୁ ଠେଲି ଦେଇଛି। ଉଭୟ ପକ୍ଷରୁ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ମାଡ଼ରେ ଲକ୍ଷ ଲକ୍ଷ ସାଧାରଣ ଜୀବନ ବିପର୍ଯ୍ୟସ୍ତ ହୋଇଥିବାବେଳେ, ଏହା ଏକ ପାରମାଣବିକ ବିଭୀଷିକାର ଆଶଙ୍କାକୁ ବଢ଼ାଇ ଦେଇଛି। ଏହି ଯୁଦ୍ଧ କେବଳ ଭୂ-ଖଣ୍ଡର ସୀମା ନିର୍ଦ୍ଧାରଣ ପାଇଁ ନୁହେଁ; ବରଂ ବୈଶ୍ୱିକ କ୍ଷମତା ସନ୍ତୁଳନ ଓ ଆଦର୍ଶଗତ ସଂଘର୍ଷର ଏକ ଚରମ ପରିପ୍ରକାଶ, ଯାହା ବିଶ୍ୱ ଶାନ୍ତିକୁ ସମ୍ପୂର୍ଣ୍ଣ ରୂପେ ଭଣ୍ଡୁର କରିଦେଇଛି। ଏହି ତ୍ରିପାକ୍ଷିକ ମହାସମରର ଗମ୍ଭୀରତା କେବଳ ସୀମାନ୍ତରେ ସୀମିତ ନ ରହି, ଏହା ଏକ ବୈଶ୍ୱିକ ମାନବିକ ସଙ୍କଟ ଏବଂ ଅନ୍ତର୍ଜାତୀୟ ଅର୍ଥନୈତିକ ବିପର୍ଯ୍ୟୟର ରୂପ ଧାରଣ କରିଛି। ଇରାନର କଠୋରପନ୍ଥୀ ଶାସନ ବ୍ୟବସ୍ଥା ଓ ଇସ୍ରାଏଲର ଅପ୍ରତିହତ ସାମରିକ ପ୍ରତିକ୍ରିୟା ମଧ୍ୟରେ ଆମେରିକାର ସକ୍ରିୟ ସମ୍ପୃକ୍ତି ଏହି ସଂଘର୍ଷକୁ ଏକ ଆଦର୍ଶଗତ ଓ ସାମ୍ରାଜ୍ୟବାଦୀ ସଂଗ୍ରାମରେ ପରିଣତ କରିଛି। ଇରାନର ପାରମାଣବିକ ଉତ୍ପାଦନ କେନ୍ଦ୍ରଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ନିଶ୍ଚିହ୍ନ କରିବା ପାଇଁ ଇସ୍ରାଏଲ ଯେଉଁ ଅତ୍ୟାଧୁନିକ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ ଏବଂ ସାଇବର ଆକ୍ରମଣର ସହାୟତା ନେଇଛି, ତାହା ବିଶ୍ୱର ସମର କୌଶଳକୁ ଏକ ନୂତନ ଦିଗ ଦେଇଛି। ଏହାର ପ୍ରତିକ୍ରିୟାରେ ଇରାନ ପକ୍ଷରୁ ସମଗ୍ର ପାରସ୍ୟ ଉପସାଗରରେ ବିଛାଯାଇଥିବା ସାମୁଦ୍ରିକ ସୁଡ଼ଙ୍ଗ ଏବଂ ଆତ୍ମଘାତୀ ଡ୍ରୋନ୍ ସମଗ୍ର ବିଶ୍ୱର ଜଳପଥ ପରିବହନକୁ ସ୍ଥାଣୁ କରିଦେଇଛି। ଏହି ସାଂଘାତିକ ପରିସ୍ଥିତି ଯୋଗୁଁ ବିଶ୍ୱ ବଜାରରେ ଅଶୋଧିତ ତୈଳର ମୂଲ୍ୟରେ ଯେଉଁ ଅପ୍ରତ୍ୟାଶିତ ଅଭିବୃଦ୍ଧି ଘଟିଛି, ତାହା ବିକାଶଶୀଳ ରାଷ୍ଟ୍ରମାନଙ୍କର ଅର୍ଥନୈତିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଏହି ଯୁଦ୍ଧ କେବଳ ଶକ୍ତି ପ୍ରଦର୍ଶନର ମାଧ୍ୟମ ନୁହେଁ; ବରଂ ଏହା ଜାତିସଂଘର ଅକ୍ଷମତା ଏବଂ ବିଶ୍ୱ ଶାନ୍ତି ରକ୍ଷାକାରୀ ସଂସ୍ଥାଗୁଡ଼ିକର ବିଫଳତାକୁ ମଧ୍ୟ ପ୍ରତିପାଦିତ କରୁଛି। ଲକ୍ଷ ଲକ୍ଷ ଶରଣାର୍ଥୀଙ୍କ ପଳାୟନ ଏବଂ ପଡ଼ୋଶୀ ଆରବ ରାଷ୍ଟ୍ରଗୁଡ଼ିକର ରଣନୈତିକ ଦ୍ୱନ୍ଦ୍ୱ ସମଗ୍ର ମଧ୍ୟ-ପ୍ରାଚ୍ୟକୁ ଏକ ଅସ୍ଥିର ଅଗ୍ନିକୁଣ୍ଡରେ ପରିଣତ କରିଛି, ଯାହାର ପ୍ରଶମନ ପାଇଁ କୌଣସି କୂଟନୈତିକ ସମାଧାନ ବର୍ତ୍ତମାନ ସୁଦ୍ଧା ଦୃଶ୍ୟମାନ ହେଉନାହିଁ। ଏହାର ପରିସର ଏବେ କେବଳ ସ୍ଥଳଭାଗ କିମ୍ବା ଆକାଶମାର୍ଗରେ ସୀମିତ ନାହିଁ; ବରଂ ଏହା ଏକ ସାଇବର-ଇଲେକ୍ଟ୍ରୋନିକ ଯୁଦ୍ଧ (Cyber-Electronic Warfare)ର ଭୟଙ୍କର ରୂପ ଧାରଣ କରିଛି। ଇସ୍ରାଏଲର ଅତ୍ୟାଧୁନିକ ସାଇବର ଶକ୍ତି ଇରାନର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଓ ବିଦ୍ୟୁତ୍ ଗ୍ରୀଡ୍‌ସକୁ ଅଚଳ କରିଦେଇଥିବାବେଳେ, ପ୍ରତିବଦଳରେ ଇରାନ ଓ ତା'ର ସମର୍ଥିତ ସଂଗଠନଗୁଡ଼ିକ ବିଶ୍ୱର ବିଭିନ୍ନ ଆର୍ଥିକ ପ୍ରତିଷ୍ଠାନ ଉପରେ ଡିଜିଟାଲ୍ ଆକ୍ରମଣ ଜାରି ରଖିଛନ୍ତି। ଏହି ସଂଘର୍ଷରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଚାଳିତ ସ୍ୱୟଂଚାଳିତ ଡ୍ରୋନ୍ ବାହିନୀର ବ୍ୟବହାର ଯୁଦ୍ଧ କ୍ଷେତ୍ରକୁ ଅଧିକ ରକ୍ତାକ୍ତ ଓ ନିଷ୍ଠୁର କରିଦେଇଛି। ଆମେରିକାର ନୌସେନା ବାହିନୀ (Carrier Strike Groups) ପାରସ୍ୟ ଉପସାଗରରେ ମୁତୟନ ହେବା ପରେ ଏହା ଏକ ପ୍ରତ୍ୟକ୍ଷ ଆନ୍ତଃ-ମହାଦେଶୀୟ ସଂଘର୍ଷରେ ପରିଣତ ହୋଇଛି, ଯାହା ଚୀନ୍ ଏବଂ ରୁଷିଆ ଭଳି ମହାଶକ୍ତିମାନଙ୍କୁ ମଧ୍ୟ କୂଟନୈତିକ ସ୍ତରରେ ସକ୍ରିୟ ହେବାକୁ ବାଧ୍ୟ କରିଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଏହି ଯୁଦ୍ଧ ଯୋଗୁଁ ସୃଷ୍ଟି ହୋଇଥିବା ମାନବିକ ବିପର୍ଯ୍ୟୟ। ଇରାନର ପ୍ରମୁଖ ସହରଗୁଡ଼ିକରେ ଖାଦ୍ୟ ଓ ଔଷଧର ଘୋର ଅଭାବ ଦେଖାଦେଇଥିବା ବେଳେ, ଇସ୍ରାଏଲ ଉପରେ ହେଉଥିବା ନିରନ୍ତର କ୍ଷେପଣାସ୍ତ୍ର ବର୍ଷା ସାଧାରଣ ନାଗରିକଙ୍କ ଜୀବନକୁ ଅତିଷ୍ଠ କରିଦେଇଛି। ବିଶ୍ୱର ଯୋଗାଣ ଶୃଙ୍ଖଳ ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ପଡ଼ିଥିବାରୁ, ବିଭିନ୍ନ ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟରେ ଅହେତୁକ ବୃଦ୍ଧି ଘଟିଛି। ଏହି ଯୁଦ୍ଧ କେବଳ ରାଜନୈତିକ ସୀମା ନିର୍ଦ୍ଧାରଣ ପାଇଁ ନୁହେଁ; ବରଂ ଏହା ଆଧୁନିକ ସଭ୍ୟତାକୁ ଏକ ଅନ୍ଧକାରମୟ ଭବିଷ୍ୟତ ଆଡ଼କୁ ଠେଲି ଦେଉଛି, ଯେଉଁଠାରେ ଶାନ୍ତି ପାଇଁ କୌଣସି ସ୍ଥାନ ନାହିଁ। ଏହା ବର୍ତ୍ତମାନ ସମଗ୍ର ପଶ୍ଚିମ ଏସିଆର ସୀମା ଅତିକ୍ରମ କରି ଏକ ବୈଶ୍ୱିକ ମହାପ୍ରଳୟର ରୂପ ଧାରଣ କରିଛି। ଇରାନର ଭୂଗର୍ଭସ୍ଥ ପାରମାଣବିକ ଗବେଷଣାଗାରଗୁଡ଼ିକ ଉପରେ ଇସ୍ରାଏଲର 'ବଙ୍କର୍-ବଷ୍ଟର୍' କ୍ଷେପଣାସ୍ତ୍ର ମାଡ଼ ହେବା ପରେ, ସମଗ୍ର ଅଞ୍ଚଳରେ ରାଡିଓ-ଆକ୍ଟିଭ୍ ବିକିରଣର ଆଶଙ୍କା ଘନୀଭୂତ ହୋଇଛି। ଏହାର ପ୍ରତିକ୍ରିୟାରେ ଇରାନ ନିଜର ଅପ୍ରତିହତ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ବାହିନୀକୁ ସକ୍ରିୟ କରି ତେଲ୍ ଆଭିଭ୍ ଏବଂ ହାଇଫା ଭଳି ସହରଗୁଡ଼ିକୁ ଧ୍ୱଂସସ୍ତୂପରେ ପରିଣତ କରିବାକୁ ପ୍ରୟାସ କରୁଛି। ଏହି ଯୁଦ୍ଧରେ ଆମେରିକାର ପଞ୍ଚମ ନୌବାହିନୀ (Fifth Fleet) ସିଧାସଳଖ ସମ୍ପୃକ୍ତ ହେବା ଫଳରେ ଏହା ଏକ ଆନ୍ତଃ-ମହାଦେଶୀୟ ସାମରିକ ସଂଘର୍ଷରେ ପରିଣତ ହୋଇଛି, ଯାହା ବିଶ୍ୱର ଶକ୍ତି ସନ୍ତୁଳନକୁ ସମ୍ପୂର୍ଣ୍ଣ ରୂପେ ବିପର୍ଯ୍ୟସ୍ତ କରିଦେଇଛି।

ସବୁଠାରୁ ଭୟଙ୍କର ଦିଗ ହେଉଛି ଏହି ଯୁଦ୍ଧର ମାନବିକ ଏବଂ ପରିବେଶଗତ ପରିଣାମ। ଇରାନର ତୈଳ ସଂରକ୍ଷଣାଗାରଗୁଡ଼ିକରେ ଲାଗିଥିବା ନିଆଁ ଯୋଗୁଁ ଆକାଶ କଳାଧୂଆଁରେ ଆଚ୍ଛାଦିତ ହୋଇ ରହିଛି, ଯାହା ଏକ ପରିବେଶଗତ ବିପତ୍ତି ସୃଷ୍ଟି କରିଛି। ବିଶ୍ୱର ପ୍ରମୁଖ ଶକ୍ତିଗୁଡ଼ିକ ଯଥା ରୁଷିଆ ଏବଂ ଚୀନ୍‌ର ପରୋକ୍ଷ ସମର୍ଥନ ଇରାନ ପ୍ରତି ରହିଥିବାରୁ, ଏହା ଏକ ଶୀତଳ ଯୁଦ୍ଧରୁ ପୂର୍ଣ୍ଣାଙ୍ଗ ମହାଯୁଦ୍ଧ ଆଡ଼କୁ ଗତି କରୁଛି। ଲକ୍ଷ ଲକ୍ଷ ଶରଣାର୍ଥୀଙ୍କ ପଳାୟନ ଏବଂ ଅନ୍ତର୍ଜାତୀୟ ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀର କୃତ୍ରିମ ଅଭାବ ସାଧାରଣ ଜନଜୀବନକୁ ଅତିଷ୍ଠ କରିଦେଇଛି। ଏହି ଯୁଦ୍ଧ କେବଳ ଭୂଖଣ୍ଡ ଜୟ ପାଇଁ ନୁହେଁ; ବରଂ ଏହା ଏକ ପ୍ରଳୟଙ୍କରୀ ଅଧ୍ୟାୟ, ଯାହା ଆଧୁନିକ ସଭ୍ୟତାକୁ ଏକ ଅନିଶ୍ଚିତ ଅନ୍ଧକାର ଆଡ଼କୁ ଠେଲି ଦେଉଛି। ଏହି ଭୟଙ୍କର ତ୍ରିପାକ୍ଷିକ ସାମରିକ ସଂଘର୍ଷର ସ୍ଥାୟୀ ସମାଧାନ ପାଇଁ କେବଳ ଶକ୍ତି ପ୍ରଦର୍ଶନ ନୁହେଁ; ବରଂ ଏକ ଦୃଢ଼ ବହୁପାକ୍ଷିକ କୂଟନୈତିକ ହସ୍ତକ୍ଷେପ ଏବଂ ପାରସ୍ପରିକ ବୁଝାମଣାର ଆବଶ୍ୟକତା ରହିଛି। ପ୍ରଥମତଃ, ଜାତିସଂଘ ନିରାପତ୍ତା ପରିଷଦର ତତ୍ତ୍ୱାବଧାନରେ ଏକ ତୁରନ୍ତ ଅସ୍ତ୍ରବିରତି (Ceasefire) ଘୋଷଣା କରାଯାଇ ଉଭୟ ପକ୍ଷକୁ ଆଲୋଚନା ମେଜକୁ ଆଣିବାକୁ ହେବ, ଯେଉଁଠାରେ ଇରାନର ପାରମାଣବିକ କାର୍ଯ୍ୟକ୍ରମକୁ ଏକ ସ୍ୱଚ୍ଛ ଓ ଅନ୍ତର୍ଜାତୀୟ ନିରୀକ୍ଷଣ ବ୍ୟବସ୍ଥା ମଧ୍ୟରେ ସୀମିତ ରଖାଯିବ। ଏହାସହିତ, ଇସ୍ରାଏଲର ସୁରକ୍ଷା ସମ୍ପର୍କିତ ଅସ୍ତିତ୍ୱବାଦୀ ଆଶଙ୍କାକୁ ଦୂର କରିବା ପାଇଁ ଏକ ଆଞ୍ଚଳିକ ସୁରକ୍ଷା ଚୁକ୍ତି ସ୍ୱାକ୍ଷରିତ ହେବା ଆବଶ୍ୟକ, ଯାହା ମଧ୍ୟ-ପ୍ରାଚ୍ୟରେ ଏକ ଶାନ୍ତିପୂର୍ଣ୍ଣ ସହାବସ୍ଥାନର ପରିବେଶ ସୃଷ୍ଟି କରିବ। ଭାରତ ଭଳି ଏକ ନିରପେକ୍ଷ ଓ ପ୍ରଭାବଶାଳୀ ରାଷ୍ଟ୍ର ଏହି ସଂଘର୍ଷରେ ମଧ୍ୟସ୍ଥ (Mediator) ଭାବେ କାର୍ଯ୍ୟ କରି ଉଭୟ ପଶ୍ଚିମା ଶକ୍ତି ଏବଂ ଇରାନ ମଧ୍ୟରେ ଥିବା ଆଦର୍ଶଗତ ବିଦ୍ୱେଷକୁ ପ୍ରଶମିତ କରିପାରିବ। ବିଶ୍ୱ ଅର୍ଥନୀତିକୁ ରକ୍ଷା କରିବା ପାଇଁ ହର୍‌ମୁଜ୍ ପ୍ରଣାଳୀ ଭଳି ଗୁରୁତ୍ୱପୂର୍ଣ୍ଣ ଜଳପଥକୁ ଏକ 'ଯୁଦ୍ଧମୁକ୍ତ ଅଞ୍ଚଳ' ଭାବେ ଘୋଷଣା କରିବା ଏବଂ ମାନବିକ ସହାୟତା ପାଇଁ ସୀମା ଉନ୍ମୁକ୍ତ କରିବା ହିଁ ଏହି ମହାସଙ୍କଟର ଏକମାତ୍ର ମାନବୀୟ ସମାଧାନ।

ଅର୍ଥନୈତିକ ଦୁର୍ଗତିର ଏକ ପ୍ରମୁଖ କାରଣ ସାଜିଥିବା ପେଟ୍ରୋଲ ଦରର ଅହେତୁକ ଅଭିବୃଦ୍ଧି ସାମ୍ପ୍ରତିକ ସମୟରେ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ଏହି ମୂଲ୍ୟବୃଦ୍ଧିର ପଶ୍ଚାତ୍‌ରେ ବିଶ୍ୱସ୍ତରୀୟ ଭୂ-ରାଜନୈତିକ ଅସ୍ଥିରତା ତଥା ରୁଷ-ୟୁକ୍ରେନ ପରି ଭୀଷଣ ସମର ସଂଘର୍ଷ ଏକ ମୁଖ୍ୟ ନିୟାମକ ଭାବେ ଉଭା ହୋଇଛି। ଯୁଦ୍ଧ ଜନିତ କାରଣରୁ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳର ଯୋଗାଣ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସହ କ୍ରୁଡ୍ ଅଏଲ୍‌ର ମୂଲ୍ୟରେ ଆକାଶଚୁମ୍ବୀ ବେଗରେ ସଂସ୍କାର ପରିଲକ୍ଷିତ ହେଉଛି। ଏଥିସହିତ ଡଲାର ତୁଳନାରେ ଭାରତୀୟ ମୁଦ୍ରାର କ୍ରମାଗତ ଅବମୂଲ୍ୟାୟନ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଆରୋପିତ ଶୁଳ୍କ ଓ ଅବକାରୀ କରର ଭାରାକ୍ରାନ୍ତ ବୋଝ ଖାଉଟିଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରୁଛି। ପେଟ୍ରୋଲର ଏହି ସର୍ବଗ୍ରାସୀ ମୂଲ୍ୟବୃଦ୍ଧି କେବଳ ଗମନାଗମନ କ୍ଷେତ୍ରକୁ ପ୍ରଭାବିତ କରୁନାହିଁ; ବରଂ ପରିବହନ ବ୍ୟୟ ବୃଦ୍ଧି ମାଧ୍ୟମରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରକୁ ମଧ୍ୟ ସ୍ଫୀତ କରି ମଧ୍ୟବିତ୍ତ ଓ ନିମ୍ନବିତ୍ତ ବର୍ଗଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଉଛି। ସଂକ୍ଷେପରେ କହିବାକୁ ଗଲେ, ବୈଶ୍ୱିକ ଯୁଦ୍ଧର ବିଭୀଷିକା ଓ ଜଟିଳ ଅର୍ଥନୈତିକ ସମୀକରଣ ଯୋଗୁଁ ସୃଷ୍ଟ ଏହି ମୂଲ୍ୟବୃଦ୍ଧି ସାଧାରଣଜନତାଙ୍କ ପାଇଁ ଏକ "ନିରିଘାତ" ପ୍ରହାର ସଦୃଶ ହୋଇଛି।

ପିରିଜି ପୁର,
ବ୍ଲକ୍: କୃଷ୍ଣପ୍ରସାଦ, ପୁରୀ
ମୋ: ୭୦୭୭୫୬୩୭୭୧

## ଗଞ୍ଜେଇ ନୀତି-ନିଷେଧ, ବାସ୍ତବତା ଓ ନୂଆ ଚର୍ଚ୍ଚା

ସିତାଂଶୁ ଶେଖର ମିଶ୍ର

ଭାରତରେ ଗଞ୍ଜେଇ (କ୍ୟାନାବିସ) ସମ୍ପର୍କିତ ନୀତି ଦୀର୍ଘଦିନ ଧରି ନିଷେଧମୂଳକ ରହିଆସିଛି। ମାଦକ ଦ୍ରବ୍ୟ ନିୟନ୍ତ୍ରଣ ଆଇନ ଅନୁଯାୟୀ ଗଞ୍ଜେଇର ଚାଷ, ବ୍ୟବହାର ଓ ବ୍ୟବସାୟ ଉପରେ କଡ଼ା କଟକଣା ରହିଛି। ସମାଜରେ ଏହାକୁ ଏକ ମାଦକ ଓ ଅହିତକର ପଦାର୍ଥ ଭାବରେ ଦେଖାଯାଇଥିବାରୁ ସରକାର ଏହା ବିରୋଧରେ ଦୀର୍ଘଦିନ ଧରି ବିଭିନ୍ନ ଅଭିଯାନ ଚଳାଇ ଆସୁଛନ୍ତି।

କିନ୍ତୁ ଏହା ସହିତ ଆଉ ଗୋଟିଏ ପକ୍ଷ ମଧ୍ୟ ରହିଛି-ଗଞ୍ଜେଇର କିଛି ଗୁରୁତ୍ୱପୂର୍ଣ୍ଣ ଔଷଧୀୟ ଓ ଶିଳ୍ପ ଉପଯୋଗ ଥିବାକୁ ବୈଜ୍ଞାନିକ ଅନୁସନ୍ଧାନ ସୂଚିତ କରିଛି। ଏହି ପରିପ୍ରେକ୍ଷୀରେ ଦେଶର କିଛି ରାଜ୍ୟ ଏହାକୁ ନେଇ ନୂଆ ଭାବରେ ଚିନ୍ତା କରୁଥିବାରୁ ଗଞ୍ଜେଇ ନୀତି ପୁଣିଥରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଉଠିଛି।

ଭାରତରେ ୧୯୮୫ ମସିହାରେ ପ୍ରବର୍ତ୍ତିତ ଏନ୍‌ଡିପିଏସ୍ (ନାର୍କୋଟିକ୍ ଡ୍ରଗ୍ସ ଏଣ୍ଡ ସାଇକୋଟ୍ରୋପିକ୍ ସବ୍‌ଷ୍ଟାନ୍ସେସ୍) ଆକ୍ଟ ଅନୁସାରେ ଗଞ୍ଜେଇ ଚାଷ ଓ ବ୍ୟବସାୟ ଉପରେ ସାଧାରଣତଃ ପ୍ରତିବନ୍ଧକ ରହିଛି। ତଥାପି ଆଇନରେ କିଛି ବିଶେଷ ପରିସ୍ଥିତିରେ-ବିଶେଷତଃ ଔଷଧ, ଶିଳ୍ପ ଓ ଗବେଷଣା ଉଦ୍ଦେଶ୍ୟରେ-ରାଜ୍ୟ ସରକାରମାନେ ନିୟନ୍ତ୍ରିତ ଚାଷକୁ ଅନୁମତି ଦେଇପାରିବେ ବୋଲି ବ୍ୟବସ୍ଥା ରହିଛି। ଏହି ଆଇନ ବ୍ୟବସ୍ଥାକୁ ଆଧାର କରି ଦେଶର କିଛି ରାଜ୍ୟ ସରକାର ଶୋଧ ଓ ଶିଳ୍ପ ଉପଯୋଗ ପାଇଁ ଗଞ୍ଜେଇ କିମ୍ବା ହେମ୍ପ ଚାଷକୁ ସୀମିତ ଭାବରେ ଅନୁମତି ଦେବା ଦିଗରେ ପଦକ୍ଷେପ ନେଇଛନ୍ତି।

ଏହି କ୍ଷେତ୍ରରେ ଉତ୍ତରାଖଣ୍ଡ ପ୍ରଥମ ପଦକ୍ଷେପ ନେଇଥିବା ରାଜ୍ୟ ଭାବେ ପରିଚିତ। ଉତ୍ତରାଖଣ୍ଡ ରାଜ୍ୟ ସରକାର ୨୦୧୬ ମସିହାରେ ଉତ୍ପାଦ ବିଭାଗ ମାଧ୍ୟମରେ ଜାରି କରିଥିବା ପତ୍ର ସଂଖ୍ୟା ୬୩୯/୩୩/୨୦୧୬/୦୪(୦୨)୨୦୧, ତାରିଖ ୦୫.୧୨.୨୦୧୬ ଅନୁଯାୟୀ, ଶିଳ୍ପ ଉଦ୍ଦେଶ୍ୟରେ ହେମ୍ପ ଚାଷକୁ ନୀତିଗତ ଭାବରେ ଅନୁମତି ଦେଇଥିଲେ। ପରେ ପତ୍ର ସଂଖ୍ୟା ୫୮୧/୨୩/୨୦୧୮/୦୪(୧୧)/୨୦୧୨, ତାରିଖ ୨୯.୦୫.୨୦୧୮ ମାଧ୍ୟମରେ ଚାଷ ନମୁନାରେ ଟିଏଚ୍‌ସି ପରିମାଣ ପରୀକ୍ଷା ପାଇଁ ଅଧିକୃତ ପରୀକ୍ଷାଗାର ନିର୍ଦ୍ଧାରଣ କରାଯାଇଥିଲା। ଏହା ମାଧ୍ୟମରେ ନିୟନ୍ତ୍ରିତ ଓ ବୈଜ୍ଞାନିକ ପଦ୍ଧତିରେ ହେମ୍ପ ଚାଷ ଆରମ୍ଭ ହୋଇଥିଲା।



ଏହା ସହ ଉତ୍ତରପ୍ରଦେଶ ସରକାର ୨୦୧୮ ମସିହାରେ "ଉତ୍ତର ପ୍ରଦେଶ ଏକ୍ସାଇଜ୍ (ରିସର୍ଚ୍ଚ ଓରିଏଣ୍ଟେଡ୍ କଲ୍ଟିଭେସନ୍ ଅଫ୍ ହେମ୍ପ ଟୁ ଡେଭେଲପ୍ ମେଡିସିନାଲ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ୍ ଗ୍ରେଡ୍ ପ୍ଲାଣ୍ଟ ଅଫ୍ ହେମ୍ପ) ରୁଲ୍ସ, ୨୦୧୮" ନାମରେ ନିୟମ ପ୍ରବର୍ତ୍ତନ କରିଥିଲା। ଏହି ନିୟମ ଅନୁଯାୟୀ ଗବେଷଣା ସଂସ୍ଥା ଓ ଅନୁମୋଦିତ ସଂଗଠନମାନେ ଔଷଧୀୟ ଓ ଶିଳ୍ପ ଉଦ୍ଦେଶ୍ୟରେ ହେମ୍ପ ଚାଷ କରିପାରିବେ। ଏଥିରେ ଚାଷ ହୋଇଥିବା ଗଛରୁ ପ୍ରଧାନତଃ ଫାଇବର ଓ ବୀଜର ବ୍ୟବହାରକୁ ଅନୁମତି ଦିଆଯାଇଛି।

ସମ୍ପ୍ରତି ହିମାଚଳ ପ୍ରଦେଶ ମଧ୍ୟ ଔଷଧୀୟ ଓ ଶିଳ୍ପ ଉଦ୍ଦେଶ୍ୟରେ ନିୟନ୍ତ୍ରିତ ଗଞ୍ଜେଇ ଚାଷ ଆରମ୍ଭ କରିବା ଦିଗରେ ପଦକ୍ଷେପ ନେଇଛି। ଏହି ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏନ୍‌ଡିପିଏସ୍ ନିୟମରେ ସଂଶୋଧନ ଆଣିବା ଓ ନିୟନ୍ତ୍ରିତ ଚାଷ ପାଇଁ ଏକ ନୀତି ତିଆରି କରିବା ଦିଗରେ କାର୍ଯ୍ୟ କରୁଛି। ଏହା ସହ କେତେକ ରାଜ୍ୟ, ଯଥା ମଧ୍ୟପ୍ରଦେଶ ମଧ୍ୟ ଗଞ୍ଜେଇର ଔଷଧୀୟ ଓ ଶିଳ୍ପ ସମ୍ଭାବନାକୁ ନେଇ ଅଧ୍ୟୟନ ଆରମ୍ଭ କରିଛି।

ବୈଜ୍ଞାନିକ ମହଲର ମତାନୁସାରେ କ୍ୟାନାବିସ ଗଛର କିଛି ଉପାଦାନ ବେଦନା ନିୟନ୍ତ୍ରଣ, କ୍ୟାନ୍ସର ରୋଗୀଙ୍କ ଚିକିତ୍ସାର ସହାୟକ ଔଷଧ। ଏହା ଅପସ୍ମାର ରୋଗ ଓ ମନୋଚାପ ନିୟନ୍ତ୍ରଣ ଭଳି କିଛି ଚିକିତ୍ସାକ୍ଷେତ୍ରରେ ଉପକାରୀ ହୋଇପାରେ। ବିଶ୍ୱର ଅନେକ ଦେଶ ଏହି କାରଣରୁ ଔଷଧୀୟ ଗଞ୍ଜେଇ ବ୍ୟବହାରକୁ ନିୟନ୍ତ୍ରିତ ଭାବରେ ମାନ୍ୟତା ଦେଇଛନ୍ତି। ତେଣୁ ଏହାକୁ କେବଳ ଏକ ମାଦକ ପଦାର୍ଥ ଭାବେ ନୁହେଁ; ବରଂ ଏକ ସମ୍ଭାବ୍ୟ ଔଷଧୀୟ ସମ୍ପଦ ଭାବରେ ମଧ୍ୟ ଦେଖାଯାଉଛି।

ଅନ୍ୟ ପକ୍ଷରୁ ବାସ୍ତବତା ହେଲା—ନିଷେଧ ଥିବା ସତ୍ତ୍ୱେ ଦେଶର ଅନେକ ଅଞ୍ଚଳରେ ଗଞ୍ଜେଇ ଚାଷ ଗୁପ୍ତ ଭାବରେ ହୋଇଆସୁଛି। ପୁଲିସ ଓ ଅନ୍ୟାନ୍ୟ ବିଭାଗ ନିୟମିତ ଭାବରେ ଏହା ଉପରେ ଅଭିଯାନ ଚାଲାଇଥିଲେ ମଧ୍ୟ ସମସ୍ୟା ପୂର୍ଣ୍ଣରୂପେ ନିୟନ୍ତ୍ରଣ ହୋଇପାରି ନାହିଁ। ଏହି ଅବୈଧ ବ୍ୟବସାୟ ଫଳରେ ସରକାର କୌଣସି ରାଜସ୍ୱ ଲାଭ କରୁ ନ ଥିବାବେଳେ ଅନେକ ସମୟରେ ଅସାଧୁ ଚକ୍ର ଓ ଦୁର୍ନୀତି ପ୍ରବୃତ୍ତି ଏଥିରୁ ଲାଭବାନ ହେଉଥିବା ଅଭିଯୋଗ ମଧ୍ୟ ଉଠିଥାଏ। ତେଣୁ କିଛି ଅର୍ଥନୀତିବିତ୍ ଓ ନୀତି ଗବେଷକମାନେ ମତ ପ୍ରକାଶ କରୁଛନ୍ତି ଯେ ନିୟନ୍ତ୍ରିତ ଓ ନିୟମିତ ପଦ୍ଧତିରେ ଚାଷକୁ ଅନୁମତି ଦିଆଯାଇ ପାରିଲେ ଏକ ପକ୍ଷରୁ ଅବୈଧ ବ୍ୟବସାୟ ହ୍ରାସ ପାଇପାରିବ ଓ ଅନ୍ୟ ପକ୍ଷରୁ ସରକାରଙ୍କୁ କିଛି ରାଜସ୍ୱ ମିଳିପାରିବ।

ହେଲେ ଏହା ବିରୋଧରେ ମଧ୍ୟ ଶକ୍ତ ଯୁକ୍ତି ରହିଛି। ସମାଜବିଜ୍ଞାନୀ ଓ ଚିକିତ୍ସକମାନେ ସଚେତନ କରିଛନ୍ତି ଯେ ଗଞ୍ଜେଇର ଅତ୍ୟଧିକ ବ୍ୟବହାର ଯୁବପିଢ଼ିର ମନୋସ୍ୱାସ୍ଥ୍ୟ ଓ ସାମାଜିକ ଜୀବନ ଉପରେ କୁପ୍ରଭାବ ପକାଇପାରେ। ତେଣୁ ଏହାକୁ ଅନିୟନ୍ତ୍ରିତ ଭାବେ ମାନ୍ୟତା ଦେବା ଉଚିତ୍ ନୁହେଁ ବୋଲି ସେମାନେ ମତ ପ୍ରକାଶ କରନ୍ତି। ଯେକୌଣସି ନୀତି ଗଠନ ସମୟରେ ସାମାଜିକ ସ୍ୱାସ୍ଥ୍ୟ, ଆଇନ-ଶୃଙ୍ଖଳା ଓ ଯୁବ ସମାଜର ଭବିଷ୍ୟତକୁ ସମାନ ଗୁରୁତ୍ୱ ଦେବା ଆବଶ୍ୟକ।

ଏହି ପରିସ୍ଥିତିରେ ଆବଶ୍ୟକ ହେଉଛି ଭାବନା କିମ୍ବା ପୂର୍ବାଗ୍ରହ ଆଧାରିତ ନୁହେଁ; ବରଂ ବୈଜ୍ଞାନିକ ତଥ୍ୟ ଓ ପ୍ରମାଣ ଆଧାରିତ ନୀତି ଗଠନ। ଯଦି ଗଞ୍ଜେଇର ଔଷଧୀୟ ଓ ଶିଳ୍ପ ଉପଯୋଗ ସତ୍ୟପରୀକ୍ଷିତ ଭାବରେ ଉପକାରୀ ପ୍ରମାଣିତ ହୁଏ, ତେବେ ନିୟନ୍ତ୍ରିତ ଓ ପ୍ରତିଷ୍ଠିତ ପଦ୍ଧତିରେ ଏହାକୁ ଆଇନ ମାର୍ଗରେ ଆଣିବା ବିଷୟରେ ଚିନ୍ତା କରାଯାଇପାରେ। ସେଥିସହିତ କଡ଼ା ନିୟମ, ନିୟନ୍ତ୍ରଣ ଓ ସଚେତନତା ଅଭିଯାନ ମାଧ୍ୟମରେ ଏହାର ଅପବ୍ୟବହାରକୁ ରୋକିବା ମଧ୍ୟ ଆବଶ୍ୟକ।

ତେଣୁ ଏତିକି କୁହାଯାଇ ପାରେ, ଗଞ୍ଜେଇ ନୀତିକୁ ନେଇ ଦେଶରେ ଏକ ସମତୁଳିତ ଓ ବିବେଚନାଶୀଳ ଆଲୋଚନା ଆବଶ୍ୟକ। ନିଷେଧ ଓ ମାନ୍ୟତା-ଏହି ଦୁଇ ପର୍ଯ୍ୟାୟ ମଧ୍ୟରେ ସମାଜର ସ୍ୱାସ୍ଥ୍ୟ, ଆଇନ ସୁରକ୍ଷା ଓ ଅର୍ଥନୈତିକ ହିତକୁ ସମନ୍ୱୟ କରି ଯଦି ଏକ ସୁସ୍ପଷ୍ଟ ଓ ଦାୟିତ୍ୱଶୀଳ ନୀତି ଗଠନ କରାଯାଏ, ତେବେ ଏହା ଦେଶ ଓ ସମାଜ ପାଇଁ ଅଧିକ ଉପକାରୀ ସାବ୍ୟସ୍ତ ହୋଇପାରିବ।

ଶାନ୍ତିନଗର, ସୋନପୁର
ମୋ: ୮୧୪୪୮ ୭୦୭୨୯



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଓଡ଼ିଆ ଘରର ବୋହୂ ସାଜିଲେ ବିଦେଶୀ ଝିଅ

**ଭଦ୍ରକ/ବାସୁଦେବପୁର, ୧୩।୩(ସମିସ)**




ପ୍ରେମ ମାନେନା ଜାତି ଅଜାତି, ପାଖ କି ଦୂର। ଦେଖାଦିଏ ନାହିଁ ଧନୀ-ଗରିବର ପ୍ରତି ବନ୍ଧକ। ଓଡ଼ିଆ ପୁଅର ଦୀର୍ଘ ୫ ବର୍ଷର ପ୍ରେମ ଶେଷରେ ସାକାର ରୂପ ନେଇଛି। ବିବାହ ବନ୍ଧନରେ ବାନ୍ଧିହେଲେ ଓଡ଼ିଆ ଯୁବକ ଏବଂ ୟୁରୋପ ମହାଦେଶ କ୍ରୋଏସିଆ ଦେଶର ଯୁବତୀ। ୟୁରୋପୀୟ ଯୁବତୀ ଓଡ଼ିଆ ପରିବାରର ଘରଣୀ ପାଲଟି ଯାଇଛନ୍ତି। ସବୁ ବନ୍ଧନକୁ ଛିଡ଼ାଇ ବିଦେଶୀ ଝିଅ ଓଡ଼ିଆ ଘରର ବୋହୂ ସାଜିଛନ୍ତି।

ସୂଚନା ଅନୁସାରେ, ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ନୂଆଗାଁ ପଞ୍ଚାୟତ ଉହାଡ ଗାଁର ସନାତନ ସେଠୀ ଓ କମଳା ସେଠୀଙ୍କ ପୁଅ ଶୁକଦେବ। ବାଲେଶ୍ୱରର ସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ ମ୍ୟାନେଜମେଣ୍ଟ ଷ୍ଟଡିରୁ ପାସ କରିବା ପରେ ମାଲଦୀପରେ ଚାକିରି ଜୀବନ ଆରମ୍ଭ କରିଥିଲେ। ରେଷ୍ଟୁରାଣ୍ଟରେ ଚାକିରି କରୁଥିବା ବେଳେ ସେହି ରେଷ୍ଟୁରାଣ୍ଟକୁ ୟୁରୋପର କ୍ରୋଏସିଆର ଡାୟାନା (ବାପା) ଏବଂ ଜାଦ୍ରଭ (ମାଆ)ଙ୍କଙ୍କର ଏକମାତ୍ର କନ୍ୟା 'ତମରା' ବୁଲିବାକୁ ଆସିଥିଲେ। ଶୁକଦେବ ଏବଂ ତମରା ଉଭୟଙ୍କ ମଧ୍ୟରେ ହୋଇଥିଲା ଭେଟ। ଦୁହିଁଙ୍କ ମଧ୍ୟରେ ସୃଷ୍ଟି ହୋଇଥିଲା ପ୍ରେମ ସମ୍ପର୍କ। ତମରା ହୃଦୟରେ ସୃଷ୍ଟି କରିଥିଲେ ସ୍ୱତନ୍ତ୍ର ଜାଗା। ତମରାଙ୍କୁ ଜୀବନ ସାଥୀ କରିବାକୁ ନିଷ୍ପତ୍ତି ନେଇଥିଲେ ଶୁକଦେବ। ତମରାଙ୍କୁ ଶୁକଦେବ ପ୍ରେମ କରିବାକୁ ଦେଇଥିଲେ ପ୍ରସ୍ତାବ। ତାଙ୍କୁ ପାଇବାକୁ ଶୁକଦେବ ମାଲଦୀପ ଛାଡ଼ିଦେଇଥିଲେ। ସୁଦୂର ୟୁରୋପରେ ଗୋଟିଏ ରେଷ୍ଟୁରାଣ୍ଟ କରି ସୁପରଭାଇଜର ଭାବେ ଶୁକଦେବ କାମ କଲେ। ପ୍ରେମ କ୍ଷେତ୍ରରେ ସବୁ ସମ୍ଭବ। ଦିନ ପରେ ଦିନ ଗଡ଼ିଚାଲିଲା। ଦିନ ଯେତିକି ଗଡ଼ି ଚାଲିଛି ସମ୍ପର୍କ ସେତିକି ନିବିଡ ହେବାରେ ଲାଗିଛି। ଏହା ମଧ୍ୟରେ ଅତିକ୍ରମ କଲା ୫ ବର୍ଷ। ପ୍ରେମକୁ ସାକାର ରୂପ ଦେବାକୁ ଶୁକଦେବ ବାପା ଓ ମାଆଙ୍କୁ ରାଜି କରାଇଥିଲେ। ଭାରତର ସଂସ୍କୃତି ଏବଂ ଓଡ଼ିଶାର ପରମ୍ପରରାରେ।

ଓଡ଼ିଶାର ଚାଲିଚଳଣୀ, ବେଶଭୁଷା, ହିନ୍ଦୁ ରୀତିନୀତି ବିଷୟରେ ସମ୍ପୂର୍ଣ୍ଣ ବୁଝାଇଥିଲେ ତମରାଙ୍କୁ। ପରେ ଓଡ଼ିଶାକୁ ଭଲ ପାଇ ବସିଲେ ବିଦେଶିନୀ ତମରା। ଓଡିଆ ପରମ୍ପର ଅନୁସାରେ ବିବାହ କରିବାକୁ ତମରା ନେଇଥିଲେ ନିଷ୍ପତ୍ତି। ପ୍ରଥମେ ବିଦେଶୀ ପରିବାର ଟିକେ ଅସନ୍ତୋଷ ପ୍ରକାଶ କରିଥିଲେ। ସମସ୍ତ ପ୍ରକାର ପ୍ରତିବନ୍ଧକକୁ ଏଡ଼ାଇ ପରିବାର ଅନୁମତି ଦେଲେ ବିବାହ କରିବାକୁ। ପରେ ତମରା ସୁଦୂର ୟୁରୋପରୁ ଆସି ଦିଲ୍ଲୀରେ ପହଞ୍ଚିଥିଲେ ଏକା ଏକା। ଶୁକଦେବ ଭାରତର ବିଭିନ୍ନ ସ୍ଥାନ ବୁଲାଇବା ସହ ଘରକୁ ଆଣିଥିଲେ ଗାଁର ପରିବେଶର ଖାପଖୁଆଇ ଚଳିବା ପାଇଁ। ପଣ୍ଡିତଙ୍କୁ ଜାତକ ଦେଖାଇ ଲଗ୍ନ ପ୍ରସ୍ତୁତ କରିଥିଲେ। ଶୁଭ ବିବାହ ପାଇଁ ହୋଇଥିଲା ଦିନ ଧାର୍ଯ୍ୟ। ମାଙ୍ଗଳିକ କାର୍ଯ୍ୟ ପରେ ମାର୍ଚ୍ଚ ମାସ ୯ ତାରିଖ ସୋମବାର ବାଜିଲା ବାଜା। ରୋଶଣି, ବରଯାତ୍ରୀ ଦଳ ସବୁକିଛି ସାମିଲ କରାଗଲା। ଗୁଡୁସ୍ଥିତ ବଳଦେଜୀଉ ମଣ୍ଡପରେ ପହଞ୍ଚିଲେ ବର। ପଣ୍ଡିତମାନଙ୍କ ବେଦମନ୍ତ୍ର ଅଗ୍ନି ହୋମ ନିଆଁକୁ ସାକ୍ଷୀ ରଖି ବିବାହ ଆରମ୍ଭ ହୋଇଥିଲା। ବେଦମନ୍ତ୍ର ଧ୍ୱନିରେ ବେଦି ବସି ତମରା ମଥାରେ ସିନ୍ଦୂର ଦେଇଥିଲେ ଶୁକଦେବ। ସାତ ଜନମକୁ ଜୀବନ ସାଥୀ ହେବା ନେଇଥିଲେ ନିଷ୍ପତ୍ତି। ତମରାଙ୍କ ବାପା ଭାବେ ସ୍ଥାନୀୟ ଅଞ୍ଚଳର ଶ୍ରୀଧର ମାଝି କନ୍ୟାଦାନ କରିଥିଲେ। ଜୀବନ ସାଥୀ ଭାବରେ ଶୁକଦେବ ପାଇ ବହୁତ ଖୁସି। ତମରା ଓଡ଼ିଶାର ସଂସ୍କୃତିକୁ ଖୁବ ଭଲ ପାଆନ୍ତି। ବିବାହ ଭୋଜିରେ ମେଳି ହୋଇଥିଲେ ଶହ ଶହ ଲୋକ। ଦେଖିବାକୁ ଲୋକଙ୍କ ମଧ୍ୟରେ ଉତ୍ସୁକତା ଭରିଥିଲା। କିଏ ସେଲଫି ନେଉଛନ୍ତି ତ କିଏ ଫଟୋ ଉଠାଇ ମଜା ନେଉଛନ୍ତି। ଓଡ଼ିଶା ସଂସ୍କୃତି ପରମ୍ପରାକୁ ଭଲ ପାଇ ଜଣେ ଓଡ଼ିଆଣୀ ଭାବରେ ବୋହୂ ହେବାର ସୁଯୋଗ ମିଳିଥିବାରୁ ବହୁତ ଖୁସି ଥିବା କହିଛନ୍ତି। ବିଦେଶୀ ଝିଅ ଓଡିଆ ଘରର ବୋହୂ ହୋଇଥିବାରୁ ପରିବାର ସମସ୍ତେ ଖୁସି ହେବା ସହ ଗ୍ରାମବାସୀ ଖୁସିଥିବା ଦେଖିବାକୁ ମିଳିଛି। ବିବାହ ପରେ ୟୁରୋପକୁ ଯିବା ସହ ୫ ବର୍ଷ ପରେ ଓଡ଼ିଶାରେ ରହିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି ଶୁକଦେବ।

## ଜିଲ୍ଲାର ୧, ୫୮, ୨୫୧ କୃଷକଙ୍କୁ ୩୧ କୋଟି ୬୫ ଲକ୍ଷ ସହାୟତା ରାଶି



**ଭଦ୍ରକ, ୧୩।୩(ସମିସ):** ପ୍ରଧାନମନ୍ତ୍ରୀ କିସାନ ସମ୍ମାନ ନିଧି (ପି.ଏମ୍-କିସାନ) ଯୋଜନାର ୨୨ତମ କିସ୍ତି ସହାୟତା ରାଶି ପ୍ରଦାନ ଅବସରରେ ଭଦ୍ରକ ଜିଲ୍ଲା ଓ ବ୍ଲକ ସ୍ତରରେ ପି.ଏମ୍-କିସାନ ଉତ୍ସବ ଦିବସ ପାଳନ କରାଯାଇଛି। ଜିଲ୍ଲାପାଳ ଦିଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରିଣୀ ପ୍ରୀତିରେଖା ମହାଲିକ, ଜିଲ୍ଲା କୃଷି ଅଧିକାରୀ ଶଶିଭୂଷଣ ମହାପାତ୍ର ଓ ବରିଷ୍ଠ ବୈଜ୍ଞାନିକ ଡ଼.ସଞ୍ଜୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କୃଷକମାନଙ୍କ ପାଇଁ ପି.ଏମ୍-କିସାନ ଯୋଜନାର ଗୁରୁତ୍ୱ ଓ ଲାଭ ସମ୍ପର୍କରେ ଅବଗତ କରାଯାଇଥିଲା। ସୂଚନାଯୋଗ୍ୟ ଯେ ଭଦ୍ରକ ଜିଲ୍ଲାର ୧, ୫୮, ୨୫୧ ଜଣ ଜମିଧାରୀ କୃଷକଙ୍କୁ ପ୍ରତିଜଣଙ୍କୁ ୨, ୦୦୦ ଟଙ୍କା ହିସାବରେ ମୋଟ ୩୧ କୋଟି ୬୫ ଲକ୍ଷ ୨ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ସହାୟତା ରାଶି କୃଷକମାନଙ୍କର କୃଷି କାର୍ଯ୍ୟକଳାପକୁ ସୁଦୃଢ କରିବା ସହ ତାଙ୍କ ଆର୍ôଥକ ସଶକ୍ତୀକରଣରେ ସହାୟକ ହେବ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା।

## ପୋକ୍ସୋ ଆଇନ ସଚେତନତା ଶିବିର

**ବାରିକପୁର, ୧୩।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପିଏମଶ୍ରୀ ହାଇସ୍କୁଲଠାରେ ପୋକ୍ସୋ ଆଇନକୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦେବଦତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକ ଯୋଗ ଦେଇଥିଲେ। ସାମ୍ପ୍ରତିକ ସମୟରେ ମହିଳା ହିଂସା ବୃଦ୍ଧି ପାଉଥିବା ବେଳେ ନାବାଳିକା ଓ ଯୁବତୀମାନେ ମଧ୍ୟ ଅନେକ କ୍ଷେତ୍ରରେ ଯୌନ ଶୋଷଣର ଶିକାର ହେଉଛନ୍ତି। ତେଣୁ ପୋକ୍ସୋ ଆଇନ ଅନୁଯାୟୀ ଅପରାଧୀମାନେ କେଉଁଭଳି ଦଣ୍ଡ ପାଇବେ ସେନେଇ ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଗୋଷ୍ଠୀ ସହକାରୀ ଶିକ୍ଷା ଅଧିକାରିଣୀ ମଞ୍ଜୁଳା ନାୟକ, ପଞ୍ଚସଖା ଶିକ୍ଷାସେତୁ ସଭାପତି କରୁଣାକର ତରାଇ, ଅନୂସୟା ବାରିକ ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ ଥାନା ଅଧିକାରିଣୀ ଛାତ୍ରୀଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ।



ଶିକ୍ଷକ ତାପସ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ଇତିଶ୍ରୀ ନିବେଦିତା ସାହା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ଧଳ, ସ୍ମୃତିରେଖା ନାୟକଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

**ସଂଘବଦ୍ଧ ଆକ୍ରମଣରେ ଯୁବକ ଅର୍କମଣ୍ୟ**

## ମାସେ ପରେ ବି ଅଭିଯୁକ୍ତଙ୍କୁ ଧରୁନି ପୁଲିସ

**ଭଣ୍ଡାରିପୋଖରୀ, ୧୩।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ଗାଁର ବିଷ୍ଣୁଚରଣ ବିଶ୍ୱାଳଙ୍କୁ ନିଜ ଗାଁର କେତେକ ଯୁବକ ସଂଘବଦ୍ଧ ଆକ୍ରମଣ କରି ଅକର୍ମଣ୍ୟ କରିଦେଇଥିôବା ଅଭିଯୋଗରେ ଧାମନଗର ଥାନାରେ ରୁଜୁ ହୋଇଥିବା ମାମଲାରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ବିଷ୍ଣୁଙ୍କ ପତ୍ନୀ ବେବିଲତା ଶୁକ୍ରବାର ଭଦ୍ରକ ଏସ୍‌ପିଙ୍କୁ ସାକ୍ଷାତ କରି ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ଗୁହାରି କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗାଁର ସରସ୍ୱତୀ ପୂଜା ପାଇଁ ସାଥୀ ଯୁବକ ବିଷ୍ଣୁଙ୍କଠାରୁ ଚାନ୍ଦା ଦାବି କରିଥିଲେ। ଭୁବନେଶ୍ୱରରେ ରହି କାର୍ଯ୍ୟ କରୁଥିବା ବିଷ୍ଣୁ ଚାନ୍ଦା ଦେଇପାରି ନଥିଲେ। ଗତ ଫେବୃୟାରୀ ୧୬ ତାରିଖରେ ବିଷ୍ଣୁ ଘରକୁ ଆସିଥିବା ବେଳେ ଚାନ୍ଦା ପାଇଁ ବଚସା ହୋଇଥିଲା। ଯୁବକମାନେ ବିଷ୍ଣୁଙ୍କୁ ଲୁହା ରଡ ଓ ବାଡି ସହାୟତାରେ ଆକ୍ରମଣ କରି ଲହୁଲୁହାଣ କରିପକାଇଥିଲେ। ଏଥିରେ ବିଷ୍ଣୁଙ୍କ ଦୁଇଗୋଡ ଭାଙ୍ଗିଯିବା ସହ ଛାତି,



ମେରୁଦଣ୍ଡରେ ଗଭୀର ଆଘାତ ଲାଗିଥିଲା। ଆକ୍ରମଣରେ ସଞ୍ଜ୍ଞାହୀନ ହୋଇପଡ଼ିଥିବା ବିଷ୍ଣୁଙ୍କୁ ଯୁବକମାନେ ୧୬ ନଂ ଜାତୀୟ ରାଜପଥକୁ ନେଇ ସଡକ ଦୁର୍ଘଟଣା ରୂପ ଦେଇ ୧୧୨ ଆମ୍ବୁଲାନ୍ସ ଯୋଗେ ଭଦ୍ରକ ମେଡିକାଲକୁ ପଠାଇ ଦେଇଥିଲେ। ପିତା ଅମୂଲ୍ୟ ବିଶ୍ୱାଳଙ୍କ ଅଭିଯୋଗକ୍ରମେ ଧାମନଗର ଥାନାରେ ବିକି ସାହୁ, ଲିପୁ ବେହେରା, ଧନ ମହାନ୍ତି, ରଞ୍ଜନ ନାୟକ, ପିଙ୍କନ ଦାସ, ଭୁଆ ବେହେରା, ଟୁବୁଲା ଦାସଙ୍କ ସମେତ ଅନ୍ୟ ଅଜଣା ୫ ଜଣଙ୍କ ନାମରେ ଏକ ମାମଲା ସଙ୍ଗୀନ ଦଫାରେ ରୁଜୁ ହୋଇଥିଲା। ଅନ୍ୟପଟେ, ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ପଠାଇ ଦିଆଯାଇଥିଲା। ଆକ୍ରମଣ ମାସକ ପରେ ମଧ୍ୟ ବିଷ୍ଣୁ ବିଛଣାରେ ପଡ଼ିରହି ଚିକିତ୍ସିତ ହେଉଛନ୍ତି ବୋଲି ପତ୍ନୀ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ମାତ୍ର ପୁଲିସ ଜଣେ ହେଲେ ଅଭିଯୁକ୍ତଙ୍କୁ ଗିରଫ କରିନାହିଁ ବୋଲି ବେବିଲତା ଏସପିଙ୍କୁ ଜଣାଇଛନ୍ତି। ଭଦ୍ରକ ଏସ୍‌ପି ମନୋଜ ରାଉତ ଗିରଫଦାରୀ ନହେବା ଘଟଣାରେ ବିରକ୍ତି ପ୍ରକାଶ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

## ଧାନ କିଣା ବିଳମ୍ବ; ଧାରଣାରେ ଚାଷୀ



**ଅସୁରାଳି, ୧୩।୩(ସମିସ):** ଧାମନଗର ବ୍ଲକ ପାଳସାହି ସେବା ସମିତି ଅଧୀନରେ ଥିବା ଚାଷୀମାନେ ଧାନ ବିକ୍ରୟ ପାଇଁ ଦୀର୍ଘଦିନ ଧରି ଅପେକ୍ଷା ପରେ ଆଜି ସମବାୟ ସମିତିରେ ତାଲା ପକାଇ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ୮ ଶହରୁ ଅଧିକ ଚାଷୀ ପଞ୍ଜୀକରଣ କରିଥିବା ସତ୍ତ୍ୱେ ୩ ଶହରୁ ଅଧିକଙ୍କ ପାଇଁ ବିକ୍ରୟ ତାରିଖ ନିର୍ଦ୍ଧାରଣ ହୋଇଥିଲା। କିନ୍ତୁ ସମବାୟ ସମିତିର ସମ୍ପାଦକ ଧାନ ଉଠାଉ ନାହାନ୍ତି କିମ୍ବା ମିଲର ମାନଙ୍କର ଦେଖା ନାହିଁ। ଶତାଧିକ ଚାଷୀଙ୍କର ବିକ୍ରୟ ପାଇଁ ନିର୍ଦ୍ଧାରିତ ଟୋକନ ତାରିଖ ଶେଷ ହେବାକୁ ବସିଲାଣି। ଏହାର ପରିଣାମରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବ୍ୟାପିଛି। ସେମାନଙ୍କ ମୁଖ୍ୟ ଦାବି ରହିଛି ଯେ ଧାନ କଣ୍ଟା ତୁରନ୍ତ ଆରମ୍ଭ କରାଯାଉ, ଟୋକନ ତାରିଖ ବୃଦ୍ଧି କରାଯାଉ। କିଛିଦିନ ପୂର୍ବରୁ ଚାଷୀମାନେ ରାସ୍ତାରୋକ ମଧ୍ୟ କରିଥିଲେ। ଧାମନଗର ବ୍ଲକର ପାଳସାହି ସେବା ସମିତି ଅଧୀନରେ ଥିବା ଚାଷୀମାନଙ୍କ ଅସନ୍ତୋଷ ଏବେ ଆନ୍ଦୋଳନର ରୂପ ନେଇଛି।

## ଅଗ୍ନିକାଣ୍ଡରେ ୬ ବଖରା ଘର ପୋଡ଼ି ପାଉଁଶ

**ଧାମନଗର, ୧୩।୩(ସମିସ):** ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତ ଇଛଦା ଗ୍ରାମର ଜେନାସାହିଠାରେ ଗୁରୁବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ୪ପରିବାରର ୬ବଖରା ଘର ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯିବା ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଦମକଳ ବାହିନୀ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଧାମନଗରରୁ ଦମକଳ ଗାଡି ଆସିବା ଆଗରୁ ଅଗ୍ନିକାଣ୍ଡରେ ଗ୍ରାମର ଅଭିରାମ ଜେନା, ନାରାୟଣ ଜେନା, ବେଲ ଜେନା ଏବଂ କାଞ୍ଚନ ଜେନାଙ୍କ ଘର ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇସାରିଥିଲା। ଅଗ୍ନିକାଣ୍ଡ କିପରି ଘଟିଲା ତାହା ଅସ୍ପଷ୍ଟ ରହିଛି। ଖବର ପାଇ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ ଅଗ୍ନି ବିପନ୍ନ ପରିବାର ବର୍ଗଙ୍କୁ ଭେଟି ଲୁଗାପଟା ଯୋଗାଇ ଦେବା ସହ ଖାଦ୍ୟ ବ୍ୟବସ୍ଥା କରିଛନ୍ତି। ସମିତିସଭ୍ୟ ସୁଦୀପ୍ତ ଖଟୁଆ, ନାଏବ ସରପଞ୍ଚ ଗୌରାଙ୍ଗ ଦାଶ, ସମିତି ସଭାପତି ଅଭିମନ୍ୟୁ ସ୍ୱାଇଁ, ପ୍ରଫୁଲ୍ଲ ପାତ୍ର, ସୁରେନ୍ଦ୍ର ନନ୍ଦୀ, ଗଜେନ୍ଦ୍ର ଜେନା ସମେତ ସ୍ଥାନୀୟ ନେତୃବୃନ୍ଦ ଅଗ୍ନିବିପନ୍ନ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ସରକାରୀ ସ୍ତରରେ କିପରି ବିପନ୍ନ ପରିବାରକୁ ସାହାଯ୍ୟ କରାଯାଇପାରିବ ସେ ସମ୍ପର୍କରେ ପ୍ରଶାସନ ସହ ଫୋନ ମାଧ୍ୟମରେ ଯୋଗାଯୋଗ କରିଛନ୍ତି।



## ୨ ଟ୍ରାକ୍ଟର ସହ ହାଇୱା ଜବତ

**ବନ୍ତ/ଆଗରପଡ଼ା, ୧୩।୩(ସମିସ):** ଭଦ୍ରକ-ଆନନ୍ଦପୁର ୫୩ନଂ ରଜ୍ୟ ରାଜପଥରେ ଚଢ଼ଉ କରାଯାଇ ବନ୍ତ ପୁଲିସ୍ ପକ୍ଷରୁ ୨ଟି ଟ୍ରାକ୍ଟର ଓ ଗୋଟିଏ ବାଲି ବୋଝେଇ ହାଇୱା ଜବତ କରାଯାଇଛି। ଥାନାଧିକାରୀ ସୁପ୍ରକାଶ ମହାନ୍ତିଙ୍କ ନେତୃତ୍ୱରେ ଗଠନ ହୋଇଥିବା ଏକ ସ୍ୱତନ୍ତ୍ର ଟିମ୍ ପକ୍ଷରୁ ଚଢ଼ଉ କରାଯାଇ ନିକଟସ୍ଥ କେନ୍ଦୁଝର ଜିଲ୍ଲା ହାଟଡିହି ତହସିଲ ଅଞ୍ଚଳର ବିଭିନ୍ନ ବେଆଇନ ବାଲି ଘାଟରୁ ବାଲି ଉତ୍ତୋଳନ କରାଯାଇ ଭଦ୍ରକ-ଆନନ୍ଦପୁର ରାସ୍ତାରେ ପରିବହନ କରାଯାଉଥିବା ବେଳେ ପୁଲିସ୍ ସେମାନଙ୍କୁ ଅଟକାଇ ବାଲି ଚାଲାଣ ପାଇଁ କାଗଜପତ୍ର ତନଖି କରିଥିଲା। ଏହି ସମୟରେ ଚାଳକମାନେ କୌଣସି ଉପଯୁକ୍ତ କାଗଜପତ୍ର ଦେଖାଇ ନପାରିବାରୁ ଗାଡ଼ିଗୁଡ଼ିକୁ ପୁଲିସ ଘଟଣାସ୍ଥଳରୁ ଜବତ କରି ଥାନାକୁ ନେବା ସହ ୨ଟି ପୃଥକ ମାମଲା ରୁଜୁ କରିଥିବା ଜଣାପଡ଼ିଛି।

## ପ୍ରଥମରୁ ଅଷ୍ଟମ ଶ୍ରେଣୀ ବାର୍ଷିକ ପରୀକ୍ଷା ଶେଷ

**ଦୋଳସାହି, ୧୩।୩(ସମିସ):** ଚଳିତବର୍ଷର ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କର ବାର୍ଷିକ ପରୀକ୍ଷା ୯ରୁ ଆରମ୍ଭ ହୋଇ ୧୩ ତାରିଖରେ ଶେଷ ହୋଇଛି। ତିହିଡ଼ି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନରେ ୨୪୩ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୬ ହଜାର ୯ ଶହ ୭୬ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ଏବିଓ ଲକ୍ଷ୍ମୀପ୍ରିୟା ମାଝୀ ସୂଚନା ଦେଇଛନ୍ତି। ଏହି ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧୀନ ଦୋଳସାହି ରାମନାରାୟଣ ଉଚ୍ଚ ବିଦ୍ୟାଳୟ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨ଜଣ ପରୀକ୍ଷାର୍ଥୀ ଅଂଶଗ୍ରହଣ କରି ନଥିବା କହିଛନ୍ତି ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଧୀର ରଞ୍ଜନ ତରାଇ। ଏହି ସମସ୍ତ ବିଦ୍ୟାଳୟର ଅନୁଷ୍ଠିତ ହେଉଥିବା ପରୀକ୍ଷା ଶାନ୍ତିଶୃଙ୍ଖଳାରେ ହୋଇଥିବା ଜଣାପଡ଼ିଛି।

## ବାଦି ପାଲା ଉଦ୍‌ଘାଟିତ

**ବାରିକପୁର, ୧୩।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ସାରଣାସ୍ଥିତ ଗାୟକ କଳାକାର ଅନିରୁଦ୍ଧ ପାଣିଗ୍ରାହୀ ପ୍ରାଚୀ ପୀଠରେ ବାର୍ଷିକ ବାଦି ପାଲା ଗତକାଲି ଉଦଘାଟିତ ହୋଇଯାଇଛି। ଗାୟକ ଲମ୍ବୋଦର ବେହେରା ଓ ସତ୍ୟନାରାୟଣ ଜେନାଙ୍କ ମଧ୍ୟରେ ପ୍ରତିଯୋଗିତା ମୂଳକ ପାଲା ଅନୁଷ୍ଠିତ ହେଉଛି। ପାଲା ଦେଖିବାକୁ ଗ୍ରାମ ସମେତ ଜଳହରି, ମାଳଦା, ନପଙ୍ଗ, ଜୋରାଗଡ଼ିଆ, ରାଢୋ, ରହଣିଆ, ଷୋଳମପୁର ପ୍ରମୁଖ ଗ୍ରାମର ଶହଶହ ଲୋକ ପୀଠକୁ ଆସୁଛନ୍ତି। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଗ୍ରାମବାସୀଙ୍କ ସହାୟତାରେ ଲୋକ କଳା ବାଦି ପାଲା ଉତ୍ସବ ଅନୁଷ୍ଠିତ ହେଉଛି।

## ମହିଳା ଉଦ୍ୟୋଗୀ ସମ୍ବର୍ଦ୍ଧିତ

**ବାରିକପୁର, ୧୩।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ରାଢୋ ଗ୍ରାମର ମହିଳା ଉଦ୍ୟୋଗୀ ମମତା ସାମଲ ସମ୍ବର୍ଦ୍ଧିତ ହୋଇଛନ୍ତି। ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ଭଦ୍ରକ କୃଷି ବିଜ୍ଞାନ କେନ୍ଦ୍ରଠାରେ ଆୟୋଜିତ ହୋଇଥିବା ଉତ୍ସବରେ ମହିଳାଙ୍କୁ ସମ୍ମାନିତ କରାଯାଇଛି। ପାରମ୍ପରିକ କୃଷି ଓ ଅନ୍ୟାନ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ନାବାର୍ଡ ଜିଲ୍ଲା ପରିଚାଳକ ଦୀପକ କୁମାର ସାହୁ ତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ କୃଷି, ଉଦ୍ୟାନ କୃଷି, ନାବାର୍ଡ ଓ ଅନ୍ୟାନ୍ୟ ବିଭାଗର ପଦାଧିକାରୀ ମାନେ ଉପସ୍ଥିତ ଥିଲେ।



## ଅନ୍ତର୍ଜାତୀୟ ମହିଳା ଦିବସ ସମାରୋହ

**ଧାମନଗର, ୧୩।୩(ସମିସ):** ଚଳିତ ମାସ ୮ରୁ ୧୪ ଯାଏ ଅନ୍ତର୍ଜାତୀୟ ମହିଳା ଦିବସ ମହାସମାରୋହରେ ପାଳିତ ହେଉଛି। ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପକ୍ଷରୁ ଏନଏସି କଲ୍ୟାଣ ମଣ୍ଡପରେ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ନାୟକଙ୍କ ସଞ୍ଚାଳନରେ ଅନୁଷ୍ଠିତ ସମାରୋହରେ ପରିମଳ ଓ ବର୍ଜ୍ୟବସ୍ତୁ ପରିଚାଳନାରେ ଆଗଧାଡ଼ିରେ କାର୍ଯ୍ୟ କରୁଥିବା ମହିଳାଙ୍କୁ ସମ୍ମାନିତ କରାଯାଇଛି। ମୁଖ୍ୟଅତିଥି ଭାବେ ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଓସିମ ଏଜଦାନି କାଦୀରି ଓ ଅନ୍ୟ କାଉନସିଲର ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ, ସସ୍ମିତା ନାୟକ, ହିସାବ ରକ୍ଷକ ମୁନ୍ ମୁନ୍ ବୈଷାକ, ସୁଶାନ୍ତ ବଳ, ବିଜୟ ଦାସ, ମନୋଜ ଦାସ ପ୍ରମୁଖ ଉପସ୍ଥିତ ଥିବା ବେଳେ ଶରତ ଦାସ ଧନ୍ୟବାଦ ଦେଇଥିଲେ।

## ଅନ୍ତର୍ଜାତୀୟ ଟିଲୋ କପ୍ କ୍ରିକେଟ: ଫାଇନାଲରେ ଏନ୍‌ସିସି ଓଡ଼ିଶା



**ବନ୍ତ/ଆଗରପଡ଼ା, ୧୩।୩(ସମିସ):** ବନ୍ତ ବ୍ଲକ ଟିଲୋ ହନୁମାନଜୀଉ ମିନିଷ୍ଟାଡିୟମ୍‌ରେ ଟିଲୋ ଆଥଲେଟିକ୍ ଆସୋସିଏସନ ଦ୍ୱାରା ଆୟୋଜିତ ୩୦ତମ ଅନ୍ତର୍ଜାତୀୟ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଆୟୋଜିତ ପ୍ରଥମ ସେମିଫାଇନାଲରେ ଏନ୍‌ସିସି, ଓଡ଼ିଶା ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ରାଜେଶ ଧୂପରଙ୍କ ୨୮ ବଲରୁ ୪୭ ରନ(୩ଚୌକା ଓ ୩ଛକା) ଓ ସୌମ୍ୟ ଲେଙ୍କାଙ୍କ ୨୧ବଲରୁ ୩୬ରନ(୩ଚୌକା ଓ ୨ଛକା) ସହାୟତାରେ ଏନ୍‌ସିସି, ଓଡ଼ିଶା ନିର୍ଦ୍ଧାରିତ ୨୦ ଓଭରରେ ୯ୱିକେଟ ହରାଇ ସମୁଦାୟ ୧୭୧ରନ ସଂଗ୍ରହ କରିଥିଲା। ୧୭୨ ରନ ଲକ୍ଷ୍ୟକୁ ପୂରଣ କରିବାକୁ ଯାଇ ନେକ୍ସଏଜ, ହାଇଦରାବାଦ ୨୦ ଓଭରରେ ବିବେକ ସିଂହଙ୍କ ୩୧ବଲରୁ ୪୫ରନ (୩ଚୌକା ଓ ୩ଛକା) ଏବଂ ସୁବାସ ସିଂହଙ୍କ ୩୮ ବଲରୁ୪୩ରନ (୩ଚୌକା ଓ ୨ଛକା) ସହାୟତାରେ ୭ୱିକେଟ ହରାଇ ୧୪୯ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା। ଏନ୍‌ସିସିର ରାମଚନ୍ଦ୍ର ବେହେରା ୩ ଓଭର ବୋଲିଂ କରି ୧୬ ରନ ବିନିମୟରେ ୩ଟି ୱିକେଟ ଅକ୍ତିଆର କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ନେକ୍ସଏଜ, ହାଇଦରାବାଦକୁ ୨୨ରନରେ ପରାସ୍ତ କରି ଏନ୍‌ସିସି, ଓଡ଼ିଶା ପ୍ରଥମ ଦଳ ଭାବେ ଟିଲୋ ଆଥେଲେଟିକ୍ ଆସୋସିଏସନ ଦ୍ୱାରା ଆୟୋଜିତ ୩୦ତମ ଅନ୍ତର୍ଜାତୀୟ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ବିଭୂପ୍ରସାଦ ମିଶ୍ର ଓ ଅଶୋକ ରାଉତ ମ୍ୟାଚ୍ ପରିଚାଳନା କରିଥିବା ବେଳେ ସ୍କୋରର ଦାୟିତ୍ୱ ସୌରଜିତ ସାହୁ ନିର୍ବାହ କରିଥିଲେ। ଭାଷ୍ୟକାର ଦାୟିତ୍ୱ ରାଜ ନିର୍ବାହ କରିଥିଲେ।

## ଅଲ୍‌ଓଡ଼ିଶା କ୍ରିକେଟ୍: ଫାଇନାଲରେ ହିଟ୍‌ମାଇଣ୍ଡ ଆଗରପଡ଼ା

**ବନ୍ତ/ଆଗରପଡ଼ା, ୧୩।୩(ସମିସ)**




ବନ୍ତ ବ୍ଲକ ଅନ୍ତର୍ଗତ ଆଳମଙ୍ଗା କ୍ରିକେଟ୍ ପଡ଼ିଆରେ ମା' ମନ୍ତ୍ରବାସୁଳି କ୍ରିକେଟ୍ କ୍ଲବ୍ ଆଳମଙ୍ଗା ପକ୍ଷରୁ ଅଲଓଡ଼ିଶା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବନ୍ତ ଥାନାଧିକାରୀ ସୁପ୍ରକାଶ ମହାନ୍ତି ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ କେନ୍ଦୁଆପଦା ସରପଞ୍ଚ ପ୍ରମୋଦ ଜେନା, ସେଣ୍ଡତିରା ସରପଞ୍ଚ ପ୍ରଶାନ୍ତ ଦାସ, ଭଣ୍ଡାରିପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରତିକାନ୍ତ ବେହେରା, କ୍ଲବ୍ ସଭାପତି ଅନୁପ ବେହେରା, ସମ୍ପାଦକ ରଞ୍ଜନ ବେଜ, ଅନୁରାଗ ବେହେରା ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଟିମ୍ ଅଂଶଗ୍ରହଣ କରିଥିବା ବେଳେ ଆଜି ୪ଟି ଟିମ୍‌କୁ ନେଇ ୩ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି।

ପ୍ରଥମ କ୍ୱାର୍ଟର ମ୍ୟାଚରେ ଫେମସ ୧୧ ବାଲେଶ୍ୱର ଓ ହିଟ୍ ମାଇଣ୍ଡ ଆଗରପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଫେମସ୧୧ ବାଲେଶ୍ୱର ପ୍ରଥମେ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ହିଟ୍ ମାଇଣ୍ଡ ଆଗରପଡ଼ା ୭ ଓଭରରେ ୭ ୱିକେଟ ବିନିମୟରେ ୧୧୪ ରନ୍ ସଂଗ୍ରହ କରିଥିବା ବେଳେ ଫେମସ ୧୧ ବାଲେଶ୍ୱର ୭ ଓଭରରେ ୩ ୱିକେଟ ହରାଇ ମାତ୍ର ୭୮ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲେ। ଦ୍ୱିତୀୟ କ୍ୱାର୍ଟର ମ୍ୟାଚ୍‌ରେ ଷ୍ଟାର ୧୧ ସିଉଳି ପୁରୀ ଓ ହିତ୍ରିକ ୧୧ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ହିତ୍ରିକ ୧୧ କଟକ ପ୍ରଥମେ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିବା ବେଳେ ଷ୍ଟାର ୧୧ ସିଉଳିପୁରୀ ବ୍ୟାଟିଂ କରି ନିର୍ଦ୍ଧାରିତ ୭ ଓଭରରେ ୬ ୱିକେଟ ବିନିମୟରେ ୯୩ ରନ୍ ସଂଗ୍ରହ କରିଥିବା ବେଳେ ହିତ୍ରିକ ୧୧ କଟକ ୬ ଓଭର ବିନିମୟରେ ୧ ୱିକେଟ ହରାଇ ୯୫ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ପ୍ରଥମ ସେମିଫାଇନାଲ ହିଟ୍‌ମାଇଣ୍ଡ ଆଗରପଡ଼ା ଓ ହିତ୍ରିକ ୧୧ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ହିତ୍ରିକ ୧୧ କଟକ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିବା ବେଳେ ହିଟ୍ ମାଇଣ୍ଡ ଆଗରପଡ଼ା ୭ ଓଭରରେ ୨ ୱିକେଟ୍ ବିନିମୟରେ ୯୬ ରନ୍ ସଂଗ୍ରହ କରିଥିଲା। ଅପରପକ୍ଷ ନିର୍ଦ୍ଧାରିତ ୭ ଓଭରରେ ୪ ୱିକେଟ୍ ହରାଇ ମାତ୍ର ୬୦ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ହିଟ୍ ମାଇଣ୍ଡ ଆଗରପଡ଼ା ବିଜୟ ହାସଲକରି ପ୍ରଥମ ଟିମ୍ ଭାବରେ ଫାଇନାଲରେ ପ୍ରବେଶ କରିଛି। ଉକ୍ତ ଟୁର୍ଣ୍ଣାମେଣ୍ଟରେ ଅମ୍ପାୟାର ବବୁଲ ସାହୁ, ସୁଧାଂଶୁ ଶେଖର ଲେଙ୍କା, ଭାଷ୍ୟକାର ବୁଦ୍ଧଦେବ ମହାରଣା, ଚନ୍ଦ୍ରକାନ୍ତ ବେହେରା, ସ୍କୋରର ସୌମ୍ୟରଞ୍ଜନ ରାଉଳ, ମନୀଷ ଧଳ କାର୍ଯ୍ୟ ତୁଲାଇଥିଲେ।

## ପ୍ରସିଦ୍ଧ ଭବାନୀପୁର ମେଳଣ ଉଦ୍‌ଯାପିତ



**ଧର୍ମଶାଳା,୧୩।୩(ସମିସ):** ଧର୍ମଶାଳା ବ୍ଲକ ଭବାନୀପୁର ପଞ୍ଚାୟତ ମେଳଣ ଗତକାଲି ସନ୍ଧ୍ୟାରୁ ଆରମ୍ଭ ହୋଇ ଆଜି ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ମେଳଣ କମିଟି ପକ୍ଷରୁ ଆୟୋଜିତ ଏହି ମେଳଣ ଉତ୍ସବରେ ସମାଜସେବୀ ମିନତୀ ସାହୁ ଓ ଧର୍ମଶାଳା ଥାନା ଅଧିକାରିଣୀ ଚିନ୍ମୟୀ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ବିଳମ୍ବିତ ରାତିରେ ଭବାନୀପୁର ମଠ ବିମାନ ବାଜାବାଣ, ସଂକୀର୍ତ୍ତନ ରୋଷଣୀରେ ଆସି ମେଳଣପଡ଼ିଆ ଚାରରେ ବିରାଜମାନ କରିଥିଲେ। ପରେ ତୋରମୁହାଁ, ଚହଟା, ବାଲିଗରି, ନରସିଂହପୁର, ଗୋପାଳପୁର ଆଦି ସ୍ଥାନରୁ ୧୫ଟି ବଡ଼ବିମାନ ଯୋଗଦେଇ ହୋଲି ଖେଳିଥିଲେ। ଅପରହ୍ନ ୪ଟା ସୁଦ୍ଧା ସମସ୍ତ ବିମାନ ଚାରରେ ବସିବା ପରେ କମିଟି ପକ୍ଷରୁ ସମସ୍ତ ବିମାନରେ ବିରାଜମାନ ଠାକୁରଙ୍କୁ ଭୋଗ ଲଗାଯାଇଥିଲା। ଚଳିତ ବର୍ଷ ଅଶ୍ଳୀଳ ନୃତ୍ୟ ଓ ବାଦ୍ୟ ଉପରେ ମେଳଣ କମିଟି ପକ୍ଷରୁ ରୋକ ଲଗାଯାଇଥିଲା। ଏହି ମେଳଣକୁ କମିଟିର ସଭାପତି ତଥା ସରପଞ୍ଚ ଜ୍ୟୋତିର୍ମୟୀ ନାୟକ, ଉପସଭାପତି ଦାମୋଦର ନାୟକ, ସମ୍ପାଦକ ଆଲୋକ ଲେଙ୍କା, ସହସମ୍ପାଦକ ଉମାକାନ୍ତ ମୁଦୁଲି, କୋଷାଧ୍ୟକ୍ଷ ଶରତଚନ୍ଦ୍ର ନାୟକ, ସଦସ୍ୟ ଅକ୍ଷୟ ମହାନ୍ତି, ଶ୍ୟାମସୁନ୍ଦର ବାରିକ, ଗୋପାଳ ନାୟକ, ନୃସିଂହ ମଲିକ, କେଶବ ନାୟକ, ପ୍ରାଣକୃଷ୍ଣ ବିଶ୍ୱାଳ, ବାପି ନାୟକ, ରବିନ୍ଦ୍ର ନାୟକ, ଭାଗ୍ୟଧର ମଲିକ, ବିଦ୍ୟାଧର ସାମଲ, ମୁରଲୀ ନାୟକ, କେଶବ ନାୟକ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

## ଜେସିବି ସହ ପୋକ୍‌ଲିନ ଓ ୨ଟି ଟ୍ରାକ୍ଟର ଜବତ



**ରାଜଘାଟ,୧୩।୩(ସମିସ):** ବସ୍ତା ଥାନା, କୁଡ଼ିଆ ପଞ୍ଚାୟତ ଅନ୍ତର୍ଗତ ବେଗୁନିଆ ଗ୍ରାମରେ ବେଆଇନ ମାଟି ଖନନ ବେଳେ ବ୍ୟବହୃତ ଜେସିବି, ପୋକଲିନ ଓ ୨ଟି ଟ୍ରାକ୍ଟରକୁ ଖଣି ବିଭାଗ ଜବତ କରିଛି। ସୂଚନା ଅନୁସାରେ ଗତକାଲି ଉକ୍ତ ଗ୍ରାମର ଗୋଟିଏ ପୋଖରୀରୁ ଜେସିବି ଓ ପୋକଲିନ(ଚେନ୍ ମେସିନ) ଦ୍ୱାରା ମାଟି ଖନନ ହୋଇ ଟ୍ରାକ୍ଟର ଯୋଗେ ବିଭିନ୍ନ ସ୍ଥାନକୁ ନିଆଯାଉଥିଲା। ଅଭିଯୋଗ ପାଇ କନିଷ୍ଠ ଖଣି ଅଧିକାରୀ ସତ୍ୟଚିନ୍ମୟ ଜେନା ଏବଂ ତାପସ ବେହେରା ସଦଳବଳ ଚଢ଼ଉ କରିଥିଲେ। ମାଟି ଖନନ ଓ ପରିବହନର ଅନୁମତି ନଥିବାରୁ ଅଧିକାରୀ ଦ୍ୱୟ ଘଟଣା ସ୍ଥଳରୁ ଗୋଟିଏ ଜେସିବି, ପୋକଲିନ ଓ ୨ଟି ଟ୍ରାକ୍ଟରକୁ ଖଣି ବିଭାଗ ଜବତ କରି ବସ୍ତା ଥାନାରେ ଜିମା ଦେଇଛନ୍ତି।

## ଦଧିବାମନଜୀଉ ମେଳଣ ଉଦ୍‌ଯାପିତ



**ପାଣିକୋଇଲି,୧୩।୩(ସମିସ):** କୋରାଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର କରଦା ହରିହାଟ ପଡିଆଠାରେ ୧୮ ତମ ଦଧିବାମନ ଜୀଉ ମେଳଣ ଆଜି ଉଦ୍‌ଯାପିତ ହୋଇଛି। ଥାନପତି ମଦନମୋହନ ଜୀଉ ଓ ଦଧିବାମନ ଜୀଉଙ୍କ ସମେତ ଗୋପାଳପୁରର ଗୋପିନାଥ ଜୀଉ ଓ ରାଧାକାନ୍ତ ଜୀଉ, ପଥରପଦା ମଦନମୋହନ ଜୀଉ ଆଦି ୫ଟି ବିମାନ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପଥରପଦା ମଦନମୋହନ ଜୀଉଙ୍କ ନିକଟରେ ମେଲୋଡି ପରିବେଷଣ କରାଯାଇଥିଲା। ବିଶେଷକରି ଯୁବତୀଙ୍କ ସଂକୀର୍ତ୍ତନ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଘୋଡ଼ାନାଚ, ବାଡି ଖେଳ ଓ ବିଭିନ୍ନ ଦୋକାନ ବଜାର ଓ କୁନି କୁନି ପିଲାଙ୍କ ଖେଳ ଭକ୍ତ ଓ ଦର୍ଶକଙ୍କୁ ବିଭୋର କରିଥିଲା। ଚତୁର୍ଦ୍ଦିଗରୁ ବିମାନ ଆସି ହରିହାଟ ପାଖରେ ପହଞ୍ଚିବା ପରେ ଦଧିବାମନ ଜୀଉ ମେଳଣ କମିଟି ଦ୍ୱାରା ସେମାନଙ୍କୁ ଭୋଗ ବିଦାକି ଦିଆଯାଇଥିଲା। ଆଇନ ଶୃଙ୍ଖଳା ରକ୍ଷା ରକ୍ଷା ପାଇଁ ପାଣିକୋଇଲି ପୁଲିସ ପକ୍ଷରୁ ସୁବନ୍ଦୋବସ୍ତ କରାଯାଇଥିଲା। ମେଳଣ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମର ବହୁ ବ୍ୟକ୍ତି ଅଂଶ ଗ୍ରହଣ କରି କାର୍ଯ୍ୟକ୍ରର ସୁପରିଚାଳନା କରିଥିଲେ।

# ଓଡ଼ିଶା ସୀମାରେ ବଙ୍ଗ ମାଫିଆଙ୍କ ରାଜୁତି

### ପ୍ରତିବାଦ କଲେ ମିଳୁଛି ଧମକ

**ଜଳେଶ୍ୱର ବ୍ଲକ୍,୧୩।୩(ସମିସ)**

ଦିନକୁ ଦିନ ଓଡ଼ିଶା ସୀମାବର୍ତ୍ତି ଗାଁ ମାନଙ୍କରେ ବଢ଼ିଚାଲିଛି ବଙ୍ଗ ବାଲି, ମାଟି ମାଫିଙ୍କ ରାଜୁତି। ସ୍ଥାନୀୟ କିଛି ଦଲାଲଙ୍କୁ ହାତ କରି ଓଡ଼ିଶାରୁ ପଶ୍ଚିମବଙ୍ଗକୁ ବେଆଇନ୍ ଭାବେ ବୋହି ନେଉଛନ୍ତି ଲଘୁ ଖଣିଜ ଦ୍ରବ୍ୟ। ପ୍ରତିବାଦ କଲେ ମିଳୁଛି ଧମକ। ଏହି ପରି ଏକ ଘଟଣା ଘଟୁଛି ଜଳେଶ୍ୱର ତହସିଲ ଅନ୍ତର୍ଗତ ରାଇବଣିଆ ଥାନା ଦକ୍ଷିଣ ପ୍ରହରାଜପୁର ଗ୍ରାମ ପଞ୍ଚାୟତର ଗୁଆଗଡ଼ିଆ ଗ୍ରାମରେ। ପରିବେଶ ଆଇନକୁ ଖୋଲା ଉଲ୍ଲଙ୍ଘନ କରି ପଶ୍ଚିମବଙ୍ଗର ବାଲି, ମାଟି, କାଠ ମାଫିଆମାନେ ଓଡ଼ିଶା ଭିତରୁ ମୂଲ୍ୟବାନ ଉର୍ବର ମାଟି, ବାଲି, ବୋହିନେବା ସହ ଜଙ୍ଗଲ ଉଜାଡ଼ିବାରେ ତିଳେ ମାତ୍ର ପଛଘୁଞ୍ଚା ଦେଉନାହାନ୍ତି। ଆଉ ସବୁ ଦେଖି ଚୁପ୍ ବସୁଛନ୍ତି ଓଡ଼ିଶା ପ୍ରଶାସନର ଅଧିକାରୀମାନେ। ଗତ ମାର୍ଚ୍ଚ ୮ ତାରିଖରେ ଗୁଆଗଡ଼ିଆ ନିବାସୀ ସୁବୋଧ କୁମାର ପ୍ରଧାନଙ୍କ ଉର୍ବର ପାଳ ମାଟିରୁ ବେଆଇନ ଭାବେ ମାଟି ଖୋଳି ନେଉଥିବା ବେଳେ ୫ରୁ ଊର୍ଦ୍ଧ୍ୱ କଇଁଛ ଟ୍ରାକ୍ଟର ଚକରେ ଚାପି ହୋଇ କ୍ଷତବିକ୍ଷତ ହୋଇଥିବାର ଦେଖି ମାଗୁଣିଆପଡ଼ା ଗ୍ରାମର ସମାଜସେବୀ ନରହରି ପ୍ରଧାନ ପ୍ରତିବାଦ କରିଥିଲେ। ବେଆଇନ୍ ମାଟି ଚାଲାଣ ଓ ଜଙ୍ଗଲ ଜାତୀୟ ଜୀବ କଇଁଛର ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରତିବାଦ କରିବା ସହିତ ଜଳେଶ୍ୱର ତହସିଲଦାର, ସ୍ଥାନୀୟ ଫରେଷ୍ଟର ଏବଂ ଥାନା ଅଧିକାରୀଙ୍କୁ ଅବଗତ କରାଇ ଥିଲେ। ଫଳସ୍ୱରୂପ ତାଙ୍କୁ ଆଜି ଧମକ ମିଳିଥିବା ସେ ଅଭିଯୋଗ କରିଛନ୍ତି।



ଅଭିଯୋଗ ଅନୁଯାୟୀ ଆଜି ନରହରି ସକାଳ ୭.୩୦ରେ ଦକ୍ଷିଣ ପ୍ରହରାଜପୁର ଗ୍ରାମରୁ ଜଳେଶ୍ୱର ଯିବା ସମୟରେ ତାଙ୍କୁ ଉକ୍ତ ପଶ୍ଚିମବଙ୍ଗ ସୁନାକଣିଆ ଗ୍ରାମର ସୁଧୀର କୁମାର ଘୋଷ ରାସ୍ତା ଉପରେ ଅଟକାଇ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ କହିଥିଲେ ଯେ ତୋର କ'ଣ ହେଲା, ମୁଁ ମାଟି, ବାଲି, କାଠ, ମଦ ସବୁ ଓଡ଼ିଶାରୁ ନେବି। ଅଧିକ କହିଲେ ଜୀବନରୁ ଉଡ଼ାଇ ଦେବି ବୋଲି କହିଥିବା ନରହରି ପ୍ରଧାନ ରାଇବଣିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହିତ ନିଜ ଜୀବନ ପ୍ରତି ବିପଦ ରହିଥିବାରୁ ସୁରକ୍ଷା ଯୋଗାଇ ଦେବାକୁ ଗୁହାରି କରିଛନ୍ତି।

## ନୀଳାଚଳ ଇସ୍ପାତ ନିଗମରେ ମହିଳା ଦିବସ

**ଦାନଗଦି,୧୩।୩(ସମିସ):** ନୀଳାଚଳ ଇସ୍ପାତ ନିଗମ (ଏନ୍‌ଆଇଏନଏଲ୍) ପକ୍ଷରୁ କମ୍ପାନୀର ମହିଳା କର୍ମଚାରୀମାନଙ୍କ ଅମୂଲ୍ୟ ଅବଦାନକୁ ସମ୍ମାନ ଜଣାଇ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଏନଆଇଏନଏଲ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ପଦ୍ମପାଳଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଶୁଭାରମ୍ଭ ଏକ କେକ୍ କଟା ଉତ୍ସବରୁ ହୋଇଥିଲା। ଏହି ଅବସରରେ ମହିଳା କର୍ମଚାରୀମାନଙ୍କ ମଧ୍ୟରେ ବିଭିନ୍ନ ମଜାଦାର ପ୍ରତିଯୋଗିତା ଏବଂ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯାହା ପ୍ଲାଣ୍ଟ ପରିସରରେ ଏକ ଆନନ୍ଦମୟ ଓ ସମାବେଶୀ ପରିବେଶ ସୃଷ୍ଟି କରିଥିଲା।

## ବଳରାମପୁର ମୌଜାରୁ ଜବରଦଖଲ ଉଚ୍ଛେଦ

**କବାଟବନ୍ଧ,୧୩।୩(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ତାଳଜଙ୍ଗ ପଞ୍ଚାୟତ ଅଧୀନ ବଳରାମପୁର ତଳଗଡ଼ ଗ୍ରାମରେ ପ୍ରଶାସନ ପକ୍ଷରୁ ଜବର ଦଖଲ ଉଚ୍ଛେଦ କରାଯାଇଛି। ଶୁକ୍ରବାର ଏକଜ୍ୟୁକେଟିଭ ମାଜିଷ୍ଟ୍ରେଟ ତଥା ଧର୍ମଶାଳା ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାଶଙ୍କ ଉପସ୍ଥିତରେ ଜବର ଦଖଲ ମୁକ୍ତ କରାଯାଇଛି। ବଳରାମପୁର ତଳଗଡ଼ ଗାଁ ନିକଟରେ ଏକ ପାର୍କ ନିର୍ମାଣ ହେଉଛି। ପାର୍କ ସଂଲଗ୍ନ ଅଞ୍ଚଳରେ ଦୀର୍ଘ ପ୍ରାୟ ୨୦ ବର୍ଷ ଧରି ସ୍ଥାନୀୟ ବଳରାମପୁର ତଳଗଡ଼ ଗ୍ରାମର ପ୍ରମୋଦ କୁମାର ମିଶ୍ର ସରକାରୀ ଜମିକୁ ଆବଦ୍ଧ କରି ରଖିଥିଲେ। ଏହି ଆବଦ୍ଧ ଅଞ୍ଚଳରେ ସେ ଘୁଷୁରି ଚାଷ କରି ସ୍ଥାନୀୟ ଅଞ୍ଚଳରେ ପ୍ରଦୂଷଣ କରିବା ସହିତ ଲୋକମାନେ ବିଭିନ୍ନ ଅସୁବିଧାରେ ସମ୍ମୁଖୀନ ହେଉଥିଲେ। ଏନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଜବର ଦଖଲକାରୀ ଏହାକୁ ଭ୍ରୁକ୍ଷେପ କରୁ ନ ଥିଲେ। ବଳରାମପୁର-୨ ରାଜସ୍ୱ କାର୍ଯ୍ୟାଳୟ ଅଧୀନ ତାଳଜଙ୍ଗ ମୌଜାର ପ୍ଲଟ ନମ୍ବର ୧୦୧୦ରେ ରକ୍ଷିତ କିସମ ସରକାରୀ ଜମି ରହିଛି। ଜବର ଦଖଲକାରୀ ଉକ୍ତ ପ୍ଲଟର ୭୫ ଡେସିମିଲ ଜମିକୁ କବଜା କରିବା ସହିତ ଦୀର୍ଘ ଦିନ ଧରି ତାର ବାଡ଼ ଦେଇ ଆବଦ୍ଧ କରି ରଖିଥିଲେ। ଏନେଇ ଏନକ୍ରୋଚମେଣ୍ଟ କେସ ନମ୍ବର ୧୫୩/୨୫-୨୬ରେ ମାମଲା ହୋଇଥିଲା। ପାର୍କ ନିର୍ମାଣ ପାଇଁ ପ୍ରତିବନ୍ଧକ ଯୋଗୁଁ ଏହାକୁ ଜବର ଦଖଲ ମୁକ୍ତ କରିବା ପାଇଁ ପ୍ରଶାସନ ପକ୍ଷରୁ ଚିଠି ହୋଇଥିଲା। ମାତ୍ର ଜବର ଦଖଲକାରୀ ଉକ୍ତ ସ୍ଥାନ ନ ଛାଡ଼ିବାରୁ ପ୍ରଶାସନ ପକ୍ଷରୁ ଏହାକୁ ଭାଙ୍ଗି ଦିଆଯାଇ ଜବର ଦଖଲ ମୁକ୍ତ କରାଯାଇଛି। ଏହି ଉଚ୍ଛେଦ ପ୍ରକ୍ରିୟାରେ ଏକଜ୍ୟୁକେଟିଭ ମାଜିଷ୍ଟ୍ରେଟ ତଥା ଧର୍ମଶାଳା ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାଶଙ୍କ ସହିତ ବଳରାମପୁର ରାଜସ୍ୱ ନିରୀକ୍ଷକ ସନ୍ଦୀପ କୁମାର ମହାନ୍ତି, ରେଖିଦେଇପୁର ରାଜସ୍ୱ ନିରୀକ୍ଷକ ମାଧବାନନ୍ଦ ହାଇବ୍ରୁ, କାଏମା ରାଜସ୍ୱ ନିରୀକ୍ଷକ ମାନସ ବେଜ, ରାଜସ୍ୱ ନିରୀକ୍ଷକ ସୁପରଭାଇଜର ମହେଶ୍ୱର ପଣ୍ଡା ଉପସ୍ଥିତ ରହିବା ସମେତ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ଜେନାପୁର ପୁଲିସ ଉପସ୍ଥିତ ଥିଲେ।



## ଅଗ୍ନିକାଣ୍ଡରେ ଜଳିଗଲା ଲକ୍ଷାଧିକ ଟଙ୍କାର ସମ୍ପତ୍ତି

**ସିମୁଳିଆ,୧୩।୩(ସମିସ):** ଗତକାଲି ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପାଉଁଶ ହୋଇଯାଇଛି। ଏଥିରେ ସାତ ବଖରା ଘର ପୋଡ଼ି ପାଉଁଶ ହୋଇଛି। ଅନ୍ୟପକ୍ଷରେ ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଛନ୍ତି ପରିବାରର ତିନି ସଦସ୍ୟ। ସିମୁଳିଆ ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଶ୍ୟାମସୁନ୍ଦରପୁର ବଳ ସାହିର ରାମଚନ୍ଦ୍ର ବଳଙ୍କ ପରିବାର ଗୁରୁବାର ରାତିରେ ଖାଇପିଇ ଶୋଇଥିଲେ। ବିଳମ୍ବିତ ରାତିରେ ଘରେ ନିଆଁ ଲାଗି ଯାଇଥିଲା। ଗ୍ରାମବାସୀ ନିଆଁ ଲାଗିଯାଇଥିବା ଦେଖି ପରିବାରର ତିନି ଜଣ ସଦସ୍ୟଙ୍କୁ ଉଦ୍ଧାର କରିଥିଲେ। ମାତ୍ର ଘରେ ଥିବା କୌଣସି ଜିନିଷ ଉଦ୍ଧାର କରି ପାରି ନ ଥିଲେ। ଅଗ୍ନିକାଣ୍ଡରେ ଘରେ ଥିବା ଧାନ, ଚାଉଳ, ଲୁଗାପଟା, ସୁନା ଅଳଙ୍କାର, ଆସବାବ ପତ୍ର, ମୋଟର ସାଇକଲ ଓ ସାଇକଲ ସମେତ ଦୁର୍ଘଟଣାରେ ମଝିଆ ପୁଅର ଅପରେସନ ନିମନ୍ତେ ରଖିଥିବା ନଗଦ ୫୦ହଜାର ଟଙ୍କା ପୋଡ଼ି ଯାଇଛି। ଖବର ପାଇ ଚରମ୍ପା ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସେତେବେଳକୁ ସବୁ ପୋଡ଼ି ପାଉଁଶ ହୋଇଯାଇଥିଲା। ପ୍ରକାଶ ଥାଉକି ରାମଚନ୍ଦ୍ର ବଳଙ୍କ ଚାରି ପୁଅ ମଧ୍ୟରୁ ମଝିଆ ପୁଅ ଟ୍ରକ୍ ଦୁର୍ଘଟଣାରେ କଟକ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ଏ ଅସମୟରେ ବିପନ୍ନ ପରିବାରକୁ ସହାୟତା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## କୃତ୍ରିମ ଅଭାବ ଓ କଳାବଜାର ରୋକିବାକୁ ଜିଲ୍ଲା କଂଗ୍ରେସର ଦାବିପତ୍ର

**ଭଦ୍ରକ, ୧୩।୩(ସମିସ):** ମଧ୍ୟପ୍ରାଚ୍ୟରେ ଇରାନ-ଆମେରିକା, ଇସ୍ରାଏଲ ଯୁଦ୍ଧ ପାଇଁ ସମଗ୍ର ବିଶ୍ୱରେ ତୈଳ ସଂକଟ ଦେଖାଦେଇଛି। ବିଶେଷକରି ରନ୍ଧନ ଗ୍ୟାସ କ୍ଷେତ୍ରରେ ଗୁରୁତର ସମସ୍ୟା ଦେଖିବାକୁ ମିଳୁଛି। ରୋଷେଇ ଓ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର କ୍ଷେତ୍ରରେ ୬୦ ଟଙ୍କା ବୃଦ୍ଧି ହୋଇଛି। ଯୁଦ୍ଧ ଆଳରେ ବିଭିନ୍ନ ଗ୍ୟାସ ଏଜେନ୍ସି କଳାବଜାରୀ ଆରମ୍ଭ କରି ଦେବା ସହ କୃତ୍ରିମ ଅଭାବ ସୃଷ୍ଟି କରୁଛନ୍ତି। ଏକ୍ଷେତ୍ରରେ ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ଗ୍ୟାସ ଯୋଗାଣ ସ୍ୱାଭାବିକ କରିବାକୁ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଦାବି କରିବା ସହ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁଙ୍କୁ ଏକ ସ୍ମାରକପତ୍ର ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ମହାନ୍ତିଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଛି। ଗ୍ୟାସ ସିଲିଣ୍ଡର ବୁକିଂ ଅବଧିକୁ ୧୫ ଦିନରୁ ସରକାର ୨୫ଦିନକୁ ବୃଦ୍ଧି କରିଛନ୍ତି। ଏହାଦ୍ୱାରା ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ହେଟେଲ ଶିଳ୍ପ ଓ ବିଭିନ୍ନ କ୍ଷେତ୍ରରେ ପୁଞ୍ଜି ନିବେଶକାରୀ ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି। ଇତିମଧ୍ୟରେ ଗ୍ୟାସକୁ ବିପୁଳ ପରିମାଣରେ ମହଜୁଦ ରଖି କୃତ୍ରିମ ଅଭାବ ସୃଷ୍ଟି କରିବାପରି ଘଟଣା ନଜରକୁ ଆସୁଛି। ଯାହାକି ଏଲପିଜି ବ୍ୟବହାରକାରୀଙ୍କୁ ଚିନ୍ତାଗ୍ରସ୍ତ କରିଛି। ତେଣୁ ଜିଲ୍ଲା ପ୍ରଶାସନ ତୁରନ୍ତ ଗ୍ୟାସ ଯୋଗାଣକୁ ଉପଯୁକ୍ତ ଭାବେ ପରିଚାଳନା କରିବାକୁ କଂଗ୍ରେସ ଦାବି କରିଛି। ଜିଲ୍ଲା ସଭାପତି ଶ୍ରୀ ମହାନ୍ତିଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସମୟରେ ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ଜିଲ୍ଲା ଉପସଭାପତି ପ୍ରଦ୍ୟୁମ୍ନ ଦାସ, ଅଭିଷେକ ରାଉତ, ଜ୍ୟୋସ୍ନାରାଣୀ ପତି, ରାଜ୍ୟ ଦଳିତ ସେଲ ସାଧାରଣ ସମ୍ପାଦକ ରାଜେନ୍ଦ୍ରପ୍ରସାଦ ଯେନା, ଜିଲ୍ଲା କୋଷାଧ୍ୟକ୍ଷ ବିଜୟ ବାରିକ, ବ୍ଲକ ସଭାପତ ଶୁଭାଶିଷ ମଲ୍ଲିକ, ରମେଶ ବେହେରା, ନାରୀନେତ୍ରୀ ଶର୍ମିଷ୍ଠା ପଣ୍ଡା, ସ୍ୱାସ୍ଥିକା ପଣ୍ଡା, ଜନକୀ ମଲ୍ଲିକ, ଧରିତ୍ରୀ ଜେନା, ପ୍ରମିଳା ମଲ୍ଲିକ, ଯୁବନେତା ବଳରାମ ରାଉତ, ବିଦ୍ୟାଧର ଯେନା, ଆଲୋକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



## 'ଫେକର' ପକ୍ଷରୁ ୩ ଶହ ଯକ୍ଷ୍ମା ରୋଗୀଙ୍କୁ ସ୍ୱାସ୍ଥ୍ୟ କିଟ୍ ବଣ୍ଟନ



**ଭଦ୍ରକ, ୧୩।୩(ସମିସ):** ବେଦାନ୍ତ ଗ୍ରୁପ୍ ଅଫ କମ୍ପାନୀ ଅଧୀନ ଫେକର (ଫେରୋ ଆଲୟଜ୍ କର୍ପୋରେସନ୍ ଲିମିଟେଡ୍) ପକ୍ଷରୁ ଆଜି ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ପୁଷ୍ଟିକର ଟିବି(ଯକ୍ଷ୍ମା) କିଟ୍ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ପଦକ୍ଷେପ ଓଡ଼ିଶା ସରକାରଙ୍କ ସହଯୋଗରେ ନିକ୍ଷୟ ମିତ୍ର ପ୍ରକଳ୍ପ ଅଧୀନରେ କରାଯାଇଛି। ଆସନ୍ତା ୨୦୩୦ ସୁଦ୍ଧା ଭାରତରୁ ଯକ୍ଷ୍ମା ଦୂର କରିବା ଏହାର ଲକ୍ଷ୍ୟ। ଫେକର ପକ୍ଷରୁ ଚିହ୍ନଟ ହୋଇଥିବା ୩୦୦ ଟିବି ବା ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର କିଟ୍ ସହାୟତା ପ୍ରଦାନ କରିଛି। ସୂଚନାଯୋଗ୍ୟ, ୩୦୦ ଜଣ ଯକ୍ଷ୍ମରୋଗୀଙ୍କୁ ବେଦାନ୍ତ ଫେକର ଦ୍ୱାରା ପୋଷ୍ୟ ଭାବେ ଗ୍ରହଣ କରାଯାଇଛି। ରୋଗୀମାନଙ୍କୁ ସେମାନଙ୍କ ଚିକିତ୍ସା ଅବଧିରେ ପର୍ଯ୍ୟାପ୍ତ ପୁଷ୍ଟିକର ସହାୟତା ପାଇବା ନିଶ୍ଚିତ କରିବା ପାଇଁ ଡିସେମ୍ବର ୨୦୨୫ରୁ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ମୋଟ ୧୨୦୦ଟି ପୁଷ୍ଟିକର ଟିବି କିଟ୍ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରମୋଦ ପହରାଜ, ଜିଲ୍ଲା ଯକ୍ଷ୍ମା ଅଧିକାରୀ ଡାକ୍ତର ସନ୍ତୋଷ ପୃଷ୍ଟି, ଫେକର କମ୍ପାନୀର ସିଏଚ୍‌ଏସଇଓ ସୁନିତି ଧଳ, ଫେକର କମ୍ପାନୀର ଡେପୁଟି ସିଏଚ୍‌ଏସଇଓ ସୌମ୍ୟରଞ୍ଜନ ନାୟକ ଓ ଫେକର କମ୍ପାନୀର ଡେପୁଟି ସିଏସ୍‌ଆର ହେଡ୍ ରଶ୍ମି ବଳଙ୍କ ସମେତ କମ୍ପାନୀର ଅନ୍ୟ ପଦାଧିକାରୀ ଓ ମୁଖ୍ୟ ଚିକିତ୍ସାଳୟ କର୍ମଚାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଯକ୍ଷ୍ମା ସଂଯୋଜକ ନିବାସ ରଂଜନ ପାଢୀ ସଂଯୋଜନା କରିଥିବା ବେଳେ ସୁବାସିନୀ ପାଣିଗ୍ରାହୀ, ରାଜେଶ ସାହୁ, ସତ୍ୟଜିତ ଯତି, ସ୍ମିତାରାଣୀ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# କୁହିକା ହାଟ ପ୍ଲଟ୍‌ରେ ବେଆଇନ ଗୃହ ନିର୍ମାଣ



### ମାମଲା କୋର୍ଟରେ ଥିବା ସତ୍ତ୍ୱେ କାର୍ଯ୍ୟ ଚାଲିଥିବା ଅଭିଯୋଗ

**କାଳିଆପାଣି,୧୩।୩(ସମିସ)**

ସୁକିନ୍ଦା ବ୍ଲକ ଅନ୍ତର୍ଗତ କୁହିକା ପଞ୍ଚାୟତରେ ବେଆଇନ ଭାବରେ ଗୃହ ନିର୍ମାଣ ହେଉଥିବା ଅଭିଯୋଗକୁ ନେଇ ଅଞ୍ଚଳରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ସାର୍ବଜନୀନ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇଆସୁଥିବା କୁହିକା ସାପ୍ତାହିକ ହାଟ ପ୍ଲଟ ଉପରେ ଏହି ଗୃହ ନିର୍ମାଣ ହେଉଥିବାକୁ ନେଇ ସ୍ଥାନୀୟ ଲୋକମାନେ ପ୍ରଶ୍ନ ଉଠାଇଛନ୍ତି।

ସୂଚନା ଅନୁଯାୟୀ, କୁହିକା ପଞ୍ଚାୟତର ସାପ୍ତାହିକ ହାଟ ଦୀର୍ଘ ବର୍ଷ ଧରି ଏହି ସ୍ଥାନରେ ହୋଇଆସୁଛି ଏବଂ ଏହା ଅଞ୍ଚଳର ଲୋକଙ୍କ ପାଇଁ ଏକ ମୁଖ୍ୟ ବ୍ୟବସାୟିକ କେନ୍ଦ୍ର ଭାବେ ପରିଚିତ। କିନ୍ତୁ କୁହିକା ଗ୍ରାମର ଜଣେ ପ୍ରଭାବଶାଳୀ ବ୍ୟକ୍ତି ଖାତା ନମ୍ବର ୨୯୨ ଓ ପ୍ଲଟ ନମ୍ବର ୧୪୪୬ ଉପରେ ଜବରଦଖଲ କରି ଗୃହ ନିର୍ମାଣ କରୁଥିବା ଅଭିଯୋଗ ଆସିଛି। ଏହି ଜମି ସମ୍ପର୍କରେ ୨୦୧୪ ମସିହାରେ ସେତେବେଳର ସରପଞ୍ଚ ଓ ପଞ୍ଚାୟତର କିଛି ପ୍ରମୁଖ ବ୍ୟକ୍ତି ଅଭିଯୋଗ ଆଣିଥିଲେ। ଏହି ମାମଲାକୁ ନେଇ ଆଇନଗତ ପ୍ରକ୍ରିୟା ଆରମ୍ଭ ହୋଇଥିବା ସହ ଏହା ଏପର୍ଯ୍ୟନ୍ତ କୋର୍ଟରେ ବିଚାରାଧୀନ ଅବସ୍ଥାରେ ରହିଛି। ତଥାପି ପ୍ରାୟ ୧୨ ବର୍ଷ ପରେ ପୁନର୍ବାର ଉକ୍ତ ପ୍ଲଟ ଉପରେ ଜବରଦଖଲ କରି ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାମ ଆରମ୍ଭ ହୋଇଥିବା ଅଭିଯୋଗ ହେଉଛି।

ମାମଲା କୋର୍ଟରେ ବିଚାରାଧୀନ ଥିବା ସତ୍ତ୍ୱେ କିପରି ଏପରି ନିର୍ମାଣ କାର୍ଯ୍ୟ ଚାଲିଛି ବୋଲି ସ୍ଥାନୀୟ ଲୋକମାନେ ପ୍ରଶ୍ନ କରୁଛନ୍ତି। ସମ୍ପୃକ୍ତ ପ୍ରଶାସନ ଓ ରେଭେନ୍ୟୁ ବିଭାଗ ଏହାକୁ ନେଇ ନିରବ ରହିଥିବା ନେଇ ମଧ୍ୟ ସାଧାରଣରେ ଆଲୋଚନା ଚାଲିଛି। ବିଶେଷ କରି ସୁକିନ୍ଦା ତହସିଲ ପକ୍ଷରୁ ଏହି ମାମଲାରେ କୌଣସି କଠୋର ପଦକ୍ଷେପ ନିଆଯାଇନଥିବାରୁ ଅଞ୍ଚଳରେ ଅସନ୍ତୋଷ ବଢ଼ିବାକୁ ଲାଗିଛି। କିଛିଦିନ ପୂର୍ବରୁ କାଳିଆପାଣି ଖଣି ଅଞ୍ଚଳରେ ଆଶିଷ ଜେନାଙ୍କ ଘର ଭାଙ୍ଗିବା ଘଟଣାରେ ପ୍ରଶାସନ ଯେପରି ତତ୍ପରତା ଦେଖାଇଥିଲା, ସେହି ପରି କଠୋର ଭାବ ଏଠାରେ ଦେଖିବାକୁ ମିଳୁନଥିବା ନେଇ ଲୋକମାନେ ପ୍ରଶ୍ନ ଉଠାଇଛନ୍ତି। ଏହାକୁ ନେଇ କୁହିକା ଓ ପାଖପାଖି ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସାର୍ବଜନୀନ ହାଟ ଜମିର ସୁରକ୍ଷା ଓ ଅବୈଧ ନିର୍ମାଣ ଉପରେ ଶୀଘ୍ର ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକମାନେ ପ୍ରଶାସନଙ୍କୁ ଦାବି କରିଛନ୍ତି।

## ଦୁଇଟି ଦୋକାନରୁ ଚୋରି

**ପାଣିକୋଇଲି,୧୩।୩(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ଶର୍ମା ହୋଟେଲ ନିକଟରେ ଥିବା ଦୁଇଟି ଦେକାନରୁ ଗୁରୁବାର ବିଳମ୍ବିତ ରାତ୍ରୀରେ ଚୋରି ହୋଇଛି। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଘଟଣାସ୍ଥଳେ ପହଞ୍ଚି ତଦନ୍ତ ଜାରି ରଖିଛି। ଏବେ ଦିନକୁ ଦିନ ଚୋରି ବୃଦ୍ଧି ପୁଲିସ ମୁଣ୍ଡ ବ୍ୟଥା କାରଣ ପାଲଟିଛି। ଜିଲ୍ଲା ପୁଲିସ ମୁଖ୍ୟାଳୟ ପାଣିକୋଇଲିରେ ଥାଇ ମଧ୍ୟ ଚୋର କି ଚୋରି ସମାଗ୍ରୀ ଉଦ୍ଧାର କରିବାରେ ପୁଲିସ ବିଫଳ ହୋଇଛି। ପରୋକ୍ଷରେ ଚୋରମାନେ ପୁଲିସକୁ ଚ୍ୟାଲେଂଜ ଦେଇ ଚୋରି କରୁଛନ୍ତି। ପ୍ରକାଶଯେ ଅଳତିରି ଗ୍ରାମର ଦାମୋଦର ବିଶ୍ୱାଳଙ୍କ ଶର୍ମା ହୋଟେଲ ନିକଟରେ ଏକ ତେଜରାତି ଦୋକାନ ରହିଛି। ଗୁରୁବାର ବିଳମ୍ବିତ ରାତ୍ରୀରେ କେହି ଦୃବୃର୍ତ୍ତ କବାଟ ଭାଙ୍ଗି ନଗଦ ୨୦ ହଜାର ଟଙ୍କା ସହିତ ସଉଦା ଚୋରି କରିନେଇଛି। ସେହିପରି ପାଖରେ ଥିବା ବିଶ୍ୱଜିତ ଓଝାଙ୍କ ତେଜରାତି ଦେକାନରୁ କବାଟ ଭାଙ୍ଗି ମଧ୍ୟ ଚୋରି ହୋଇଛି। ନଗଦ ୧୦ ହଜାର ଟଙ୍କା ସହ ସମଗ୍ରୀ ଚୋରି ହୋଇଥି ଅଭିଯୋଗ ହୋଇଛି। ଅଭିଯୋଗ ପରେ ଏଏସଆଇ ନିର୍ମଳ ଚୌଧୁରୀ ଘଟଣାସ୍ଥଳେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

### ଅଧ୍ୟକ୍ଷଙ୍କ ଅନୁପସ୍ଥିତି ଓ ମୌଳିକ ସମସ୍ୟା

## ଭଦ୍ରକ ସ୍ୱୟଂଶାସିତ କଲେଜରେ ଜଳିଲା ନିଆଁ

**ଭଦ୍ରକ, ୧୩।୩(ସମିସ):** ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ନୂଆ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିବା ପରେ ନିୟମିତ ଅଫିସକୁ ଆସୁ ନଥିବା ଓ ଛାତ୍ରଛାତ୍ରୀଙ୍କ ଆପତ୍ତି ଅଭିଯୋଗକୁ ଅଣଦେଖା କରୁଥିବା ନେଇ ଆଜି କଲେଜରେ ନିଆଁ ଜଳିଛି। ଶୁକ୍ରବାର ପୂର୍ବାହ୍ନରେ ଛାତ୍ରଛାତ୍ରୀମାନେ କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ନିଆଁ ଜାଳି ନାରାବାଜି ଦେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେହିଭଳି ଉତ୍ୟକ୍ତ ଛାତ୍ରଛାତ୍ରୀ କଲେଜ ପରିସରରେ ଥିବା ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଏମାନଙ୍କ ଅଭିଯୋଗ ହେଲା, ନୂଆ ଅଧ୍ୟକ୍ଷ କଲେଜରେ ଦାୟିତ୍ୱ ନେବା ପରଠାରୁ ଅଫିସକୁ ଆସୁନାହାନ୍ତି। ତାଙ୍କ କାର୍ଯ୍ୟାଳୟରେ ତାଲା ପଡି ରହୁଛି। ପିଲାମାନେ ସେମାନଙ୍କ ଆପତ୍ତି ଅଭିଯୋଗ ଜଣାଇ ପାରୁନାହାନ୍ତି। ଏପରିକି ପାସ୍‌ଆଉଟ ଛାତ୍ର କିମ୍ବା ଅଧ୍ୟୟନରତ ଛାତ୍ରମାନେ ସେମାନଙ୍କ ସ୍କଲରସିପ୍, ସାର୍ଟିଫିକେଟ ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଅଧ୍ୟକ୍ଷଙ୍କୁ ଜଣାଇବାକୁ ଆସି ନିରାଶ ହୋଇ ଫେରିବାକୁ ପଡୁଛି। ଅଧ୍ୟକ୍ଷ ତାଙ୍କ ଅନୁପସ୍ଥିତିରେ ଅନ୍ୟଜଣେ କାହାକୁ ଦାୟିତ୍ୱ ଦେଇ ନଥିବାରୁ ଏଭଳି ସମସ୍ୟା ଉପୁଜିଥିବାର ଆନ୍ଦୋଳନରତ ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। ସେହିପରି କଲେଜ ମଧ୍ୟକୁ ଅଣଛାତ୍ରମାନେ ପ୍ରବେଶ କରି ଛାତ୍ରୀମାନଙ୍କୁ କମେଣ୍ଟ ଦେବା ଓ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରିଥିବାର ଅଭିଯୋଗ କରିବା ସହ କଲେଜ କ୍ୟାମ୍ପସ୍‌ରେ ନିଶାଦ୍ରବ୍ୟ, ଡ୍ରଗ୍ସ ସେବନ ଚାଲିଥିବା ଅଭିଯୋଗ ହେଉଛି। କଲେଜ କର୍ତ୍ତୃପକ୍ଷ ଓ ପୁଲିସର ଉଦାସୀନତାକୁ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି। ତେବେ ଖବର ଲେଖା ହେବା ସମୟରୁ କଲେଜ କର୍ତ୍ତୃପକ୍ଷ ଓ ପ୍ରାକ୍ତନ ଛାତ୍ର ସଂସଦ, ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ଏଭଳି ସ୍ଥିତି ନେଇ ବୈଠକ ବସି ଆଲୋଚନା ଚାଲିଥିବାର ଜଣାଯାଇଛି।



## ଡିଜେ ଗାଡ଼ି ପ୍ରତି ଅଙ୍କୁଶ ରହୁନି

# ବଢୁଛି ଶବ୍ଦ ପ୍ରଦୂଷଣ, ଦୁର୍ଘଟଣା ଆଶଙ୍କା

ବାଲିଆପାଳ, ୧୩।୩(ସମସ)

ଏବେ ବିବାହ ଋତୁ ଚାଲିଥିବାବେଳେ ଏଥିରେ ବ୍ୟାପକ ଭାବେ ଡିଜେ ବ୍ୟବହୃତ ହେଉଛି। ନିୟମ ଥିଲେ ବି ଏଥିପ୍ରତି ଅଙ୍କୁଶ ରହୁନି। ଫଳରେ ବିବାହ ଶୋଭାଯାତ୍ରା, ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସାଧାରଣ ସଭା ସମୟରେ ଡିଜେ ବ୍ୟବହାର ହ୍ରାସ ପାଉନାହିଁ। ଶବ୍ଦ ପ୍ରଦୂଷଣ ନିୟମ ସଂକ୍ରାନ୍ତରେ ରାଜ୍ୟ ସରକାର ଏକାଧିକ ମାର୍ଗଦର୍ଶିକା ଜାରି କରିଥିବାବେଳେ ଏହାକୁ କାଁ ଭାଁ ପାଳନ କରାଯାଉଛି। କୌଣସି କ୍ଷେତ୍ରରେ ୬୫ ଡେସିବେଲରୁ ଅଧିକ ଶବ୍ଦକୁ ଅନୁମତି ନଥିବାବେଳେ ଏହାକୁ କେହି ମାନୁନାହାନ୍ତି। ଫଳରେ ଶବ୍ଦ ପ୍ରଦୂଷଣ ବଢ଼ିବାରେ ଲାଗିଛି।

ସେହିପରି ଗାଁ ଗହଳିଠାରୁ ଆରମ୍ଭ କରି




ସହର ଓ ସହରତଳି ଅଞ୍ଚଳରେ ବଡ଼ ଓ ଅଧିକ ଉଚ୍ଚତା ବିଶିଷ୍ଟ ଡିଜେ ଗାଡ଼ି ଗ୍ରାମାଞ୍ଚଳରେ ଯିବା ସମୟରେ ବିଦ୍ୟୁତ୍ ତାର ଲାଗି ଦୁର୍ଘଟଣାର ଆଶଙ୍କା ମଧ୍ୟ ରହିଛି। ସ୍ଥାନୀୟ ଥାନା ତଥା ବାଲିଆପାଳ ପ୍ରଶାସନର ବିନା ଅନୁମତିରେ କେହି ବି ଡିଜେ କିମ୍ବା ଉଚ୍ଚ ଶବ୍ଦଯୁକ୍ତ ମାଇକ୍ ବଜାଇ ପାରିବେ ନାହିଁ। କେବଳ ସୀମିତ ଶବ୍ଦଯୁକ୍ତ ଯନ୍ତ୍ରପାତିକୁ ଅନୁମତି ମିଳିଥାଏ। ହେଲେ ଏହାକୁ କେହି ମାନୁନାହାନ୍ତି। ତେଣୁ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଏ ନେଇ ବାଲିଆପାଳ ଥାନା ଅଧିକାରୀଙ୍କୁ ବାୟୁ ଓ ଶବ୍ଦର ମାନ ଉପରେ ଦୃଷ୍ଟି ଦେବା ଜରୁରୀ। ଏହାଛଡ଼ା ଡିଜେ ଗାଡ଼ି ଗୁଡ଼ିକ ଅତ୍ୟଧିକ ଲମ୍ବା ଓ ଉଚ୍ଚତା ରହିବାରୁ ରାସ୍ତାରେ ଯିବା ସମୟ ସମୟରେ ବିଦ୍ୟୁତ୍ ତାର ସ୍ପର୍ଶରେ ଆସି ଅନେକଙ୍କ ମୃତ୍ୟୁ ହେବା ନଜର ରହିଛି। ଏ ଦିଗରେ ପରିବହନ ବିଭାଗର ମଧ୍ୟ ଦାୟିତ୍ୱ ସୁଚାରୁରୂପେ ପାଳନ କରାଯାଉନଥିବା ଅଭିଯୋଗ ହେଉଛି। ସେହିପରି ଫିଟ୍‌ନେସ ଓ ଅନୁମତି ଉପରେ କଡ଼ାକଡ଼ି ନିୟମ ପାଳନ କରାଯିବା ଦରକାର। ଡିଜେର ବିକଟାଳ ଶବ୍ଦ ବୟସ୍କ ବ୍ୟକ୍ତି, ଦୁର୍ବଳ ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଉଥିବା ଅଭିଯୋଗ ହେଉଛି।

## ବହୁଜନ ନାୟକ କାଂଶୀରାମଙ୍କ ୯୨ତମ ଜୟନ୍ତୀ

ବାଲେଶ୍ୱର, ୧୩।୩(ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶ ଓ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗର ଅଧ୍ୟକ୍ଷ ମାନସ କୁମାର ମଲ୍ଲିକଙ୍କ ଆହ୍ୱାନକ୍ରମେ ଆଜି ବିଧାନଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ସଦର ବ୍ଲକ ବର୍ଦ୍ଧନପୁର ପଞ୍ଚାୟତର ଦଳେଇ ସାହି ଠାରେ ବହୁଜନ ନାୟକ କାଂସୀରାମଙ୍କର ୯୨ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ କାଂସିରାମଙ୍କ ଜୀବନଶୈଳୀ, ଦଳିତ ନିଷ୍ପେସିତ, ନଜଜାତି ଓ ସଂଖ୍ୟାଲଘୁଙ୍କର ଉତ୍‌ଥାନ ପାଇଁ କାଂସୀରାମଙ୍କ ଅବଦାନ ସ୍ମରଣୀୟ ବୋଲି ମତ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ପ୍ରଭାକର ମଲିକ, ଗୌରାଙ୍ଗ ଦଳେଇ, ମହେଶ୍ୱର ଦଳେଇ, କଣ୍ଠରୁ ଦଳେଇ, ପ୍ରମିଳା ଦଳେଇ, ନୟନା ଦଳେଇ, ଝୁନୁ ଦଳେଇ, ଭଗବତୀ ମାଝୀ, ସାଗରୀ ଦଳେଇ, ମମତା ଦଳେଇ, ପଞ୍ଚ ଦଳେଇ, ରୀତା ଦଳେଇ, ବାସନ୍ତୀ ଦଳେଇ, କବିତା ଦଳେଇ, ମଙ୍ଗଳିଆ ଦଳେଇ ପ୍ରମୁଖଙ୍କ ଯୋଗଦେଇଥିଲେ।



## ଏଲ୍‌ପିଜି ସଙ୍କଟ ଓ ଦରବୃଦ୍ଧିକୁ ନେଇ କଂଗ୍ରେସର ପ୍ରତିବାଦ

ବାଲେଶ୍ୱର, ୧୩।୩(ସମିସ): ଉଭୟ ଘରୋଇ ଓ ବାଣିଜ୍ୟିକ ରନ୍ଧନ ଗ୍ୟାସର କୃତ୍ରିମ ସଙ୍କଟ ଏବଂ ଦରବୃଦ୍ଧି ବିରୋଧରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଇଛି। ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ପିଛା ୬୦ ଟଙ୍କା ବୃଦ୍ଧି କରାଯାଇଥିବା ବେଳେ ବାଣିଜ୍ୟିକ ସିଲିଣ୍ଡର ବିତରଣ ପ୍ରାୟତଃ ବନ୍ଦ କରାଯାଇଛି। ଯାହା ବିଜେପିର ଡବଲ ଇଞ୍ଜିନ ସରକାରର ସିଧା ସଳଖ ଗରିବଙ୍କ ହାଣ୍ଡିଶାଳ ଉପରେ ମାଡ଼ ବୋଲି ଚର୍ଚ୍ଚା କଂଗ୍ରେସ ପକ୍ଷରୁ କୁହାଯାଇଛି। ଏହାର ପ୍ରତିବାଦରେ ଆଜି ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସଙ୍କ ନେତୃତ୍ୱରେ ୭ ଦଫା ସମ୍ବଳିତ ଏକ ସ୍ମାରକପତ୍ର ବାଲେଶ୍ୱର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଏହାକୁ ଗ୍ରହଣ କରିଥିଲେ। ରନ୍ଧନ ଗ୍ୟାସର ସୁଷମ ବଣ୍ଟନ ଓ ପର୍ଯ୍ୟାପ୍ତ ମହଜୁଦ ରଖିବା, ରନ୍ଧନ ଗ୍ୟାସ ଏବଂ ଅନ୍ୟାନ୍ୟ ସାମଗ୍ରୀର କଳାବଜାରକୁ ରୋକିବା, ଏ ଦିଗରେ ସ୍ୱତନ୍ତ୍ର ତଦାରଖ ଟିମ୍ ଗଠନ କରିବା ଇତ୍ୟାଦି ସମ୍ପର୍କରେ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି।



ଆଜିର ଏହି ପ୍ରତିବାଦରେ ଜିଲ୍ଲା କଂଗ୍ରେସ ଉପସଭାପତି ସରୋଜ ଲେଙ୍କା, ଉର୍ମିଳା ମାଝୀ, ନାରୀନେତ୍ରୀ ଅର୍ଚ୍ଚନା ନନ୍ଦୀ, ଜ୍ୟୋତ୍ସ୍ନା ସେନାପତି, କୁମୁଦିନୀ ଦାସ, ଶକୁନ୍ତଳା ଦାସ, ସାଇନା ବେଗମ୍, ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ତୁଷାରକାନ୍ତି ତପସ୍ୱୀ, ବିଜୟ ମହାନ୍ତି, ନିଶିତ୍ ବାରିକ, ଆଶିଷ ପଟ୍ଟନାୟକ, ଦେବଦତ୍ତ ଦାସ, ଟାଉନ କଂଗ୍ରେସ ସଭାପତି ଅନୁପ ସ୍ୱାଇଁ, କହ୍ନେଇ ବେହେରା, ସକ୍ ଏକ ଭୋଳ, ଅଜୟ ଜେନା, ଶେଖ୍ ଅଜଗର, ସନ୍ନ୍ୟାସୀ ମନ୍ତ୍ରୀ, ରାଜେନ୍ଦ୍ର ଚୌଧୁରୀ, ବିଦ୍ୟାଧର ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

## ପରିବେଶ ପରିଚାଳନାରେ ଉନ୍ନତି ଓ ଜୈବ ବିବିଧତା

ବାଲେଶ୍ୱର, ୧୩।୩(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ପରିବେଶ ପରିଚାଳନାର ଉନ୍ନତି ଓ ଜୈବ ବିବିଧତା ସଂରକ୍ଷଣ' ସମ୍ପର୍କିତ ଦୁଇଦିନିଆ ଅନ୍ତର୍ଜାତୀୟ ସମ୍ମେଳନ ଆଜି ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ ଏହି ସମ୍ମେଳନ ମାର୍ଚ୍ଚ ୧୪ ପର୍ଯ୍ୟନ୍ତ ଚାଲିବ। ଏଥିରେ ଦେଶ ଓ ବିଦେଶର ବିଭିନ୍ନ ପ୍ରତିଷ୍ଠିତ ପରିବେଶ ବିଜ୍ଞାନୀ, ଗବେଷକ ଓ ବିଶେଷଜ୍ଞମାନେ ଯୋଗଦେଇ ପରିବେଶ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଚର୍ଚ୍ଚା କରିଛନ୍ତି। ଉଦ୍‌ଘାଟନୀ ଅଧିବେଶନରେ ସମ୍ମେଳନର ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ଉଦ୍‌ଘାଟନୀ ଅଧିବେଶନରେ ଅଧ୍ୟକ୍ଷତା କରି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ପ୍ରାକୃତିକ ସମ୍ପଦର ଅସଂଗଠିତ ପରିଚାଳନାର ଗୁରୁତର ପରିଣାମ ବିଷୟରେ ଆଲୋକପାତ କରିଥିଲେ। ସେ ଭୂଗର୍ଭ ଜଳର ସୁଚିନ୍ତିତ ପରିଚାଳନା ଓ ଜୈବ ବିବିଧତା ସହ ସମନ୍ୱୟ ରଖି ସ୍ଥାୟୀ ଉନ୍ନତି ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପୁନଃନବୀକରଣ ଶକ୍ତିର ପ୍ରଚାର, ପ୍ଲାଷ୍ଟିକ ଓ ଜୀବାଶ୍ମ ଇନ୍ଧନର ବ୍ୟବହାର କମ୍ କରି ପୃଥିବୀ ମାତାଙ୍କ ସୁରକ୍ଷା ପାଇଁ ସମସ୍ତଙ୍କୁ ଦାୟିତ୍ୱଶୀଳ ଓ ପ୍ରତିବଦ୍ଧ ହେବାକୁ ସେ ଆହ୍ୱାନ କରିଥିଲେ। ମୁଖ୍ୟଅତିଥି ଭାବେ ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଅପୂର୍ବ ରତନ ଘୋଷ ଯୋଗଦେଇ କୀଟନାଶକ ବ୍ୟବହାର ଓ ବୃଦ୍ଧିଶୀଳ ବାୟୁପ୍ରଦୂଷଣର କୁପ୍ରଭାବ ନେଇ ଚିନ୍ତା ବ୍ୟକ୍ତ କରିଥିଲେ।




ମୁଖ୍ୟବକ୍ତା ଭାବେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ, ବିଶାଖାପାଟନମ୍, ପୂର୍ବତନ ପ୍ରଫେସର ଜ୍ୟାକବ ସୋଲୋମନ ରାଜୁ ଆଲୁରି ଯୋଗଦେଇ, ଜଳବାୟୁ ପରିବର୍ତ୍ତନରେ ପ୍ରଜାତି ଓ ପରିସ୍ଥିତିତନ୍ତ୍ର ଉପରେ ପଡୁଥିବା ପ୍ରଭାବ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ସ୍ୱାଗତ ଭାଷଣ ରଖିଥିଲେ। ପରିବେଶ ବିଜ୍ଞାନ ବିଭାଗର ମୁଖ୍ୟ ଏବଂ ଏହି ଆନ୍ତର୍ଜାତିକ ସମ୍ମିଳନୀର ସମନ୍ୱୟକାରୀ ପ୍ରଫେସର ପ୍ରକାଶ ଚନ୍ଦ୍ର ମିଶ୍ର ସମ୍ମେଳନର ବିଷୟବସ୍ତୁ ଓ ଆମନ୍ତ୍ରିତ ଅତିଥିମାନଙ୍କ ପରିଚୟ ଦେଇଥିଲେ। ଶେଷରେ, ଆୟୋଜକ ସଚିବ ତଥା ପରିବେଶ ବିଜ୍ଞାନ ବିଭାଗର ସହାୟକ ଅଧ୍ୟାପକ ଡ଼କ୍ଟର ମିହିର ତନୟ ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ଦୁଇଦିନିଆ ସମ୍ମେଳନରେ ପାଞ୍ଚଟି ପ୍ରାୟୋଗିକ ଅଧିବେଶନ ଆୟୋଜିତ ହେବାକୁ ଯୋଜନା ରହିଛି। କୋରିଆ ସାଧାରଣତନ୍ତ୍ର, ଯୁକ୍ତରାଷ୍ଟ୍ର ଆମେରିକା, ତାଇୱାନ ଓ କାନାଡାରୁ ଆସିଥିବା ବିଶେଷଜ୍ଞମାନଙ୍କ ସହ ଓଡ଼ିଶା, ପଶ୍ଚିମବଙ୍ଗ, କର୍ଣ୍ଣାଟକ ଓ ଆନ୍ଧ୍ରପ୍ରଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟର ଶିକ୍ଷାବିତ୍ ଓ ଗବେଷକମାନେ ଏହି ଅନ୍ତର୍ଜାତୀୟ ଆଲୋଚନାରେ ଅଂଶଗ୍ରହଣ କରୁଛନ୍ତି। ଏହି କାର୍ଯ୍ୟକ୍ରମ ଆୟୋଜକ ସଚିବ ଡକ୍ଟର ମିହିର ତନୟ ଦାସ ଓ ସହାୟକ ଅଧ୍ୟାପିକା ଶିବାନୀ ହାଂସଦାଙ୍କ ସଂଯୋଜନାରେ ସଞ୍ଚାଳିତ ହୋଇଥିଲା।

## ପ୍ରଗତିଶ୍ରୀ ମହିଳା ସମିତି ପକ୍ଷରୁ ବିଶ୍ୱ ମହିଳା ସପ୍ତାହ




ବାଲେଶ୍ୱର, ୧୩।୩(ସମିସ): ସହଦେବଖୁଣ୍ଟା ବ୍ୟାସକବି ନଗରସ୍ଥିତ ଛଚିନା ସାହିରେ ଅନ୍ତର୍ଜାତୀୟ ମହିଳା ସପ୍ତାହ ପାଳନ ଅବସରରେ 'ପ୍ରଗତିଶ୍ରୀ ମହିଳା ସମିତି' ଓ 'ଗୁରୁକୂଳ ଯୋଗକେନ୍ଦ୍ର'ର ମିଳିତ ସହଯୋଗରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ମାମିନା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉତ୍କଳ ମହିଳା ସମିତିର ଜିଲ୍ଲା ସଭାନେତ୍ରୀ ବନ୍ଦନା ବିଶ୍ୱାସ, ସାମାଜିକ କର୍ମୀ ଗୌରୀରାଣୀ ଉପାଧ୍ୟାୟ, ସିପିଆଇ ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀ ଓ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ ଯୋଗଦେଇ ବିଶ୍ୱ ମହିଳା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ଅନ୍ଧବିଶ୍ୱାସ ଓ କୁସଂସ୍କାର ପରିତ୍ୟାଗ କରି ମହିଳାମାନେ ସମ୍ବିଧାନ ପ୍ରଦତ୍ତ ସମସ୍ତ ଅଧିକାର ଓ ଦେଶପ୍ରତି କର୍ତ୍ତବ୍ୟକୁ ସୁସମ୍ପାଦନ କରିବାକୁ ବକ୍ତାମାନେ ମହିଳାମାନଙ୍କୁ ପରାମର୍ଶ ଦେଇଥିଲେ। ସମିତି ପକ୍ଷରୁ ନିହାରିକା ପଟ୍ଟନାୟକ ଓ ସୁସ୍ମିତା ଦାସ ମଙ୍ଗରାଜ ଓ ଯୋଗକେନ୍ଦ୍ର ପକ୍ଷରୁ ଇତିଶ୍ରୀ ବେଜ ମହିଳାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରି ଐକ୍ୟବଦ୍ଧ ହେବାକୁ କହିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପ୍ରତିମା ପରିଡ଼ା ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସରିତା ରାୟ ଓ ରାନୀ ଜେନା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କନକ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## ଏଫ୍‌ଏମ୍ କଲେଜ ଅଧ୍ୟାପକ-କର୍ମଚାରୀ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍

ବାଲେଶ୍ୱର, ୧୩।୩(ସମିସ): ଫକୀର ମୋହନ କଲେଜରେ ପ୍ରଥମଥର ପାଇଁ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ, ଡକ୍ଟର ଦୀନେଶ ଚନ୍ଦ୍ର ଦାସ ଓ ଫକୀର ମୋହନ ଯୁକ୍ତ ଦୁଇ ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସୋନାଲିସା ମହାନ୍ତିଙ୍କ ମିଳିତ ପ୍ରୟାସ ଓ ସଂଯୋଜକ ପ୍ରଫେସର ଡ. ଅଭିଜିତ୍ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁଇ ମହାବିଦ୍ୟାଳୟ ମଧ୍ୟରେ ଏକ ଦିବା ରାତ୍ର କ୍ରିକେଟ ମ୍ୟାଚ୍ ଫକୀର ମୋହନ କଲେଜ ପଡ଼ିଆରେ ହୋଇଯାଇଛି। ଦୁଇ ଅନୁଷ୍ଠାନ ମଧ୍ୟରେ ଉତ୍ତମ ସମନ୍ୱୟ ପ୍ରତିଷ୍ଠା ଓ ଭାଇଚାରାର ଉନ୍ନତି ହିଁ ଏହି ଖେଳର ଉଦ୍ଦେଶ୍ୟ ବୋଲି ଅଧ୍ୟକ୍ଷ ଡ. ଦୀନେଶ ଚନ୍ଦ୍ର ଦାସ ନିଜର ମତ ରଖିଥିଲେ। ମୁଖ୍ୟ ଅତିଥି ଭାବେ ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରର ଉପ ନିର୍ଦ୍ଦେଶକ ବୈଜ୍ଞାନିକ ଡ. ନୀଳାଦ୍ରି ରୟ ଯୋଗଦେଇ ବିଜେତା ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧିନାୟକ ଡ. ସୁଶାନ୍ତ କୁମାର ବାଗଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଦାସ ପ୍ରତ୍ୟେକ ବର୍ଷ ଏହିପରି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଦୁଇ ମହାବିଦ୍ୟାଳୟ ମଧ୍ୟରେ ହେବ ବୋଲି ଘୋଷଣା କରିଥିଲେ। ଉକ୍ତ ଐତିହାସିକ ମ୍ୟାଚ୍‌ରେ ଫକୀର ମୋହନ ଯୁକ୍ତ ଦୁଇ କଲେଜ କ୍ରିକେଟ ଦଳର ଅଧିନାୟକ ଲକ୍ଷ୍ମୀ ନାରାୟଣ ନାୟକ ଓ ଯୁକ୍ତ ତିନିର ସୁଶାନ୍ତ କୁମାର ବାଗଙ୍କ ସମେତ ସମସ୍ତ ଖେଳାଳି ଉପସ୍ଥିତ ଥିଲେ। ଏଥିରେ ସହଯୋଗ କରିଥିଲେ ଫକୀର ମୋହନ କଲେଜ ଯୁକ୍ତ ଦୁଇର ପ୍ରଶାସନିକ ଅଧିକାରୀ ଡକ୍ଟର ସନ୍ତୋଷ କୁମାର ରାଉତ, ଯୁକ୍ତ ତିନିର ପ୍ରଫେସର ଡକ୍ଟର ଫିରୋଜ କୁମାର ପାଢ଼ୀ, ଅନିରୁଦ୍ଧ ବେହେରା, ସହକାରୀ ପ୍ରଫେସର ଡକ୍ଟର ମୌସୁମୀ ଦାସ ପଟ୍ଟନାୟକ, ଡକ୍ଟର ଜୟଶ୍ରୀ ମିଶ୍ର, ଡକ୍ଟର ମିନତୀ ସେଠୀ, ସୁଜିତ କୁମାର ଦାସ, ଅପର୍ଣ୍ଣା ସେଠୀ, ସେକ୍ସନ ଅଧିକାରୀ ବଳରାମ ନାୟକ, ପ୍ରଦୀପ କୁମାର ଶତପଥୀଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।




## ନୀଳଗିରି କଂଗେସ କାର୍ଯ୍ୟକର୍ତ୍ତାଙ୍କ ପ୍ରଥମ ବୈଠକ



ନୀଳଗିରି, ୧୩।୩(ସମିସ): ବାଲେଶ୍ୱର ଜିଲ୍ଲାରେ ସଭାପତିର ରାଜନେତା ସତ୍ୟଶିବ ଦାସଙ୍କ ମାର୍ଗଦର୍ଶନରେ ନୀଳଗିରି ବ୍ଲକ ରେ ପ୍ରଥମ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନ ୧୧ଟା ସମୟରେ ଭଉଁରିଆବାଡ ପଞ୍ଚାୟତ ଗୋଡିଶୁଳ ସ୍ଥିତ ମିକୋ ଟୁରିଜିମ ପାର୍କ ଠାରେ ନୀଳଗିରି କଂଗ୍ରେସର ବହୁ ତୁଙ୍ଗ ଏବଂ ଯୁବନେତୃବୃନ୍ଦଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ସଭାରେ ବରିଷ୍ଠ କଂଗ୍ରେସନେତା ତଥା ବିଧାୟକ ପ୍ରାର୍ଥୀ ଇଂ ଦୀପ୍ତିକାନ୍ତ ମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସମରେନ୍ଦ୍ର ଦାସ, ରାଜ୍ୟ କିଶାନକଂଗ୍ରେସ ତଥା ଜିଲ୍ଲା ସାଧାରଣସମ୍ପାଦକ ଯଶୋଦାନନ୍ଦନ ସିଂହ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରାମକୃଷ୍ଣ ଜେନା, ଜିଲ୍ଲା ସାଧାରଣସମ୍ପାଦକ ଯୋଗେଶ୍ୱର ବେହେରା, କଂଗ୍ରେସ ନଗରସଭାପତି ଉପେନ୍ଦ୍ର ବେହେରା, ନରସିଂହପୁର ପଞ୍ଚାୟତର ବରିଷ୍ଠନେତା ସନାତନ ଜେନା, ବରିଷ୍ଠ କଂଗ୍ରେସନେତା ଅଶ୍ୱିନୀ ଦାସ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ରୁକ୍ମଣୀ ସିଂ, ପୂର୍ବତନ ଛାତ୍ରକଂଗ୍ରେସ ସଭାପତି ଅଶ୍ୱିନୀ କୁମାର ପାତ୍ର, ଜିଲ୍ଲା କଂଗ୍ରେସକମିଟି ସମ୍ପାଦକ ରାସବିହାରୀ ମହାପାତ୍ର, ପୂର୍ବତନ ବ୍ଲକ ମହିଳା ସଭାପତି ବାସନ୍ତୀ ସିଂ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ଯଶୋଦା ନାୟକ, ଜିଲ୍ଲା କମିଟି ସମ୍ପାଦକ ପ୍ରଦୀପ ବେହେରା, ଉମେଶ ଧଳ, କାର୍ତ୍ତିକ ଚନ୍ଦ୍ର ପଶା, ସୁରେନ୍ଦ୍ର ଦାସ, ପୂର୍ବତନ ସରପଞ୍ଚ ଧୀରେନ୍ଦ୍ର ନାୟକ, ରତିକାନ୍ତ ବେହେରା ସହିତ ବହୁବରିଷ୍ଠ ନେତାଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। ଆଗାମୀ ଦିନରେ ପ୍ରତି ପଞ୍ଚାୟତରେ ପହଞ୍ଚି ଦଳକୁ ତୃଣମୂଳ ସ୍ତରରେ ସଂଗଠିତକରି ଲୋକଙ୍କ ସମସ୍ୟା ସମାଧାନ କରିବାଦିଗରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିବା ବେଳେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ ପ୍ରତି ବ୍ଲକରେ ପଞ୍ଚାୟତସମିତି ଦଖଲ କରିବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟପକ୍ଷରେ ସାଧାରଣରେ ଆଲୋଚନା ହେଉଛିକି ନୀଳଗିରି କଂଗ୍ରେସ ଆଗାମୀ ଦିନରେ ପ୍ରତି ପଞ୍ଚାୟତରେ ସଂଗଠିତକରିବା ବହୁ କଷ୍ଟସାଧ୍ୟ ବୋଲି ଆଲୋଚନା ହେଉଛି।

## ନ୍ୟୁ କମଳା ଜୁଏଲାରୀ ପକ୍ଷରୁ ଲଟେରୀ ଉଠାଣ




ବାଲିଆପାଳ, ୧୩।୩(ସମସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଜଗନ୍ନାଥ ମନ୍ଦିର ରୋଡ୍‌ରେ ନୂଆ କରି ଖୋଲିଥିବା ନ୍ୟୁ କମଳା ଜୁଏଲାରୀ ପକ୍ଷରୁ ଲଟେରୀ ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ୟୋମକେଶ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବସ୍ତା ଏସ୍‌ଡିପିଓ ମାନସ ଦେଓ ଯୋଗଦେଇ ଏହି ଲଟାରୀ ଉଠାଣ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସିମୁଳିଆ ବଜାର ଠାରେ ୭୦ ବର୍ଷଧରି ଗ୍ରାହକଙ୍କ ସହିତ ଜଡ଼ିତ ଥିବା ଏହି ଜୁଏଲାରୀ ଫେବୃଆରୀ ୨୭ ତାରିଖରେ ନ୍ୟୁ କମଳା ଜୁଏଲାରୀ ନାମରେ ଏକ ଶାଖା ଜଗନ୍ନାଥ ମନ୍ଦିର ରୋଡ୍‌ରେ ଖୋଲିଛି। ଖୋଲିବା ଦିନଠାରୁ ଗ୍ରାହକମାନଙ୍କୁ ଆକୃଷ୍ଟ କରିବା ପାଇଁ ଜୁଏଲାରୀ ପକ୍ଷରୁ ଲକି ଡ୍ର' କୁପନର ସୁବିଧା ରଖାଯାଇଥିଲା। ଅତିଥିଙ୍କ ଗହଣରେ ପ୍ରଥମ ବିଜେତା ଭାବେ ବିଲ ନଂ ୧୩୭୨ର ଭାଗ୍ୟଶାଳୀ ବିଜେତା ଭାବେ ପ୍ରତାପପୁରର ଜଗନ୍ନାଥ ବେହେରା ଇଲେକ୍ଟ୍ରି ସ୍କୁଟି, ଦ୍ୱିତୀୟ ବିଜେତା ଭାବେ ବିଲ୍ ନଂ ୧୩୨୬ର ଦେବାଶିଷ ଜେନା ୪୩ ଇଞ୍ଚର ଏଲ୍‌ସିଡି ଟିଭି ଏବଂ ତୃତୀୟ ବିଜେତା ଭାବେ ବିଲ ନଂ ୧୭୪୧ର ଜଳେଶ୍ୱରର ସସ୍ମିତା ୱାସିଂ ମେସିନ୍ ଜିତିଥିବା ଘୋଷଣା କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ବାଲିଆପାଳ ଇସ୍କନ ମନ୍ଦିରର ମୁଖ୍ୟ ଗୁରୁ ଲାବଣ୍ୟ ପ୍ରଭୁ, ମଧୁପୁରା ସରପଞ୍ଚ ଲମ୍ବୋଦର ମାହାନା, ଦେଉଳା ସରପଞ୍ଚ ସୋରଜ କୁମାର ପିଳା, ସମାଜସେବୀ ମୁରଲୀ ମୋହନ ସାହୁ, ଇ ସୁଶାନ୍ତ ଚକ୍ରବର୍ତ୍ତୀ, ପ୍ରଫୁଲ୍ଲ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ଜୁଏଲାରୀର ପରିଚାଳକ ଦେବବ୍ରତ କାମିଳାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପିଇବା ପାଣି ପାଇଁ ଡହଳବିକଳ ଶ୍ୟାମନଗରବାସୀ

ଜଳେଶ୍ୱର ବ୍ଲକ, ୧୩।୩(ସମିସ)

ଜଳେଶ୍ୱର ବ୍ଲକର ଏକ ଉପାନ୍ତ ଆଦିବାସୀ ବହୁଳ ଶ୍ୟାମନଗର ଗ୍ରାମ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଉତ୍କଟ ହେଲାଣି ଆଗକୁ ଗ୍ରୀଷ୍ମ ଋତୁରେ ଏହା ଆହୁରି ସଂଗୀନ ହେବାକୁ ଯାଉଛି। ସତେ ଯେମିତି ବସୁଧା ଯୋଜନା ଏଠାରେ ଫେଲ ମାରିଛି। କାରଣ ଶ୍ୟାମନଗର ଗ୍ରାମ ପଞ୍ଚାୟତର କିଛି ସ୍ଥାନରେ ଯଦିବା ବସୁଧା ଓଭର ହେଡ୍ ପାଣି ଟାଙ୍କି ନିର୍ମାଣ ହୋଇଛି, କିନ୍ତୁ ତାହା ଏବେ ଅକାମୀ ହେବାକୁ ବସିଲାଣି। ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଭିତିରି ସମ୍ପର୍କ ପାଇଁ ନିମ୍ନମାନର କାର୍ଯ୍ୟ ଯୋଗୁଁ ନବନିର୍ମିତ ଚନ୍ଦ୍ରପୁର, ଏବଂ କାନପୁର ଗ୍ରାମରେ ନିର୍ମାଣ ହୋଇଥିବା ବସୁଧା ଟାଙ୍କିରୁ ଅନବରତ ପାଣି ଝରୁଛି। ତତ୍ ସହିତ ଆଜି ବି ଅନେକ ଲୋକଙ୍କ ଘରେ ପହଞ୍ଚି ପାରିନି ଟ୍ୟାପ୍ ପାଣି। ଠିକ୍ ସେହିପରି ଶ୍ୟାମ ନଗର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରହିଥିବା ଓଭର ହେଡ୍ ବସୁଧା ପମ୍ପ ହାଉସର ମଟର ଖରାପ ଓ ଭୂତଳ ଜଳ ସ୍ତର ନିମ୍ନ ଗାମୀ ହେବା ଦ୍ୱାରା ଘଡ଼ଘଡ଼ା, ରଞ୍ଜା, ଫୁଲଝରି, ଗରୁଡ଼ବସା, ରଘୁନାଥପୁର, ଧାନଘେରା, ସରାଳିବସା, ନୂଆଁସାହି ଗ୍ରାମରେ ଆଜିବି ରହିଛି ଜଳ ସଙ୍କଟ। ସେଥିପାଇଁ ସମିତି ସଭ୍ୟ ଏବଂ ଜିଲ୍ଲାପରିଷଦ ହାତ ପାଣ୍ଠିରୁ ନୂତନ ନଳକୂପ ପାଇଁ ପ୍ରସ୍ତାବ ଦିଆଯାଇ ଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ନିଷ୍କ୍ରିୟତା ଯୋଗୁଁ ନୂତନ ନଳକୂପ ଖନନ ହୋଇପାରୁନାହିଁ। ଠିକ୍ ସେହିପର ଶ୍ୟାମନଗର ଗ୍ରାମ ପଞ୍ଚାୟତର କୁଶଗଡ଼, ଛୋଟ ହଳଦୀଗୁଣ୍ଡି ଗାଁମାନଙ୍କୁ ପିଇବା ପାଣି ପାଇଁ ଏକ ଓଭର୍ ହେଡ୍ ବସୁଧା ପାଣି ଟାଙ୍କି ପାଇଁ ବୋର୍‌ୱେଲ ଓ ଟ୍ରାନ୍ସଫର୍ମର ବସିଥିଲେ ମଧ୍ୟ ଟାଙ୍କି ହେବାର ଆଶା ଆଶାରେ ରହିଛି। ଯାହା ଫଳରେ ଆଜି ସେଠାକାର ଲୋକେ ନାଳ, ପୋଖରୀରୁ ପାଣି ଆଣି ପିଉଛନ୍ତି। ଶ୍ୟାମନଗର ଗ୍ରାମ ପଞ୍ଚାୟତର ପିଇବା ପାଣିର ସମସ୍ୟା ନେଇ ଗ୍ରାମ ପଞ୍ଚାୟତର ସରପଞ୍ଚ ଗିରିଜା ଶଙ୍କର ସାସମଲ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କୁ ଜଣାଇବା ସହିତ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ଆଗକୁ ଯଦି ଶ୍ୟାମନଗର ଗ୍ରାମ ପଞ୍ଚାୟତର ବିଭିନ୍ନ ଗାଁ ମାନଙ୍କରେ ପିଇବା ପାଣିର ସମସ୍ୟା ସମାଧାନ ନ କରନ୍ତି ତାହେଲେ ଗ୍ରାମ ପଞ୍ଚାୟତର ଦୁଇ ହଜାରରୁ ଊର୍ଦ୍ଧ୍ୱ ଆଦିବାସୀ ଲୋକେ ପାଣି ପାଇଁ ବ୍ଲକ କାର୍ଯ୍ୟାଳୟ ଘେରଉ କରିବାକୁ ଚେତାବନୀ ଦେଇଛନ୍ତି।



## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଆର୍ଥିକ ସ୍ଥିତି ଭଲ ରହିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ।

**ବୃଷ:** ଅଚାନକ ଖୁସି ଖବର ପାଇବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ପୈତୃକ ସମ୍ପତ୍ତିକୁ ନେଇ କିଛି ବିବାଦ ଦେଖାଯାଇପାରେ। କୌଣସି ଶୁଭ ଖବର ମିଳିପାରେ।

**ମିଥୁନ:** ସାମାଜିକ କାର୍ଯ୍ୟରେ ସାମିଲ ରହି ପାରନ୍ତି। ଲୋକସମ୍ପର୍କ ବୃଦ୍ଧି ପାଇବ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିପାରେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ। ରାଜନୀତିରେ ସଫଳତା ମିଳିପାରେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଚାନକ ଖୁସି ଖବର ମିଳିପାରେ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। କଥାରେ ମଧୁରତା ରକ୍ଷା କରିବେ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ଦାନ ଧର୍ମ କରନ୍ତୁ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିପାରେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଅଚାନକ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**କୁମ୍ଭ:** ଅଫିସ୍ କାମ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଘରେ ପୂଜାପାଠ ଆୟୋଜନ ହେବ। ଯାନବାହନ କ୍ରୟର ଯୋଗ ଅଛି। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ଯାତ୍ରା କରିବେ। ଧାର କରଜରୁ ନିବୃତ୍ତ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ।

## ଆଜିର ଇତିହାସ

- ୧୮୭୯ - ବିଶ୍ୱ ପ୍ରସିଦ୍ଧ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ୍‌ଙ୍କ ଜନ୍ମ।
- ୧୮୮୩- ମହାନ୍ ଦାର୍ଶନିକ କାର୍ଲ ମାର୍କସ୍‌ଙ୍କ ଦେହାନ୍ତ।
- ୧୯୩୧- ପ୍ରଥମ ସବାକ୍ ଚଳଚ୍ଚିତ୍ର 'ଆଲମଆରା'ର ପ୍ରଦର୍ଶନ କଲା।
- ୧୯୯୮ - ସୋନିଆ ଗାନ୍ଧୀ ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସର ଅଧକ୍ଷା ହେଲେ।



# ସଲମାନ୍‌ଙ୍କ ନାୟିକା ହେବେ ସାମନ୍ଥା !

ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍ ଏବେ ତାଙ୍କ ଫିଲ୍ମ 'ବ୍ୟାଟଲ୍ ଅଫ୍ ଗଲବାନ୍'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହା ଏପ୍ରିଲ୍ ୧୭ରେ ପରଦାକୁ ଆସିବ। କିଛି ଦିନ ପୂର୍ବରୁ ସଲମାନ୍ ହିଟ୍ ଫିଲ୍ମ ନିର୍ମାତା ରାଜ୍ ଓ ଡିକେଙ୍କ ଏକ ପ୍ରୋଜେକ୍ଟରେ ନଜର ଆସିବେ ବୋଲି ଅନେକ ରିପୋର୍ଟରେ ପ୍ରକାଶ ପାଇଥିଲା। ତେବେ ରାଜ୍ ଓ ଡିକେଙ୍କର ଏକ ସୁପର୍‌ହିରୋ ଫିଲ୍ମରେ ସଲମାନ୍ ନଜର ଆସିବେ ବୋଲି ଏହି ରିପୋର୍ଟରେ କୁହାଯାଇଥିଲା। ଏହା ଏବେ ପ୍ରାରମ୍ଭିକସ୍ତରରେ ଥିବା ଜଣାପଡ଼ିଛି। ଇତିମଧ୍ୟରେ ଏହି ପ୍ରୋଜେକ୍ଟକୁ ନେଇ ଆଉ ଏକ ଖବର ଆସିଛି। ରାଜ୍‌ଙ୍କ ପତ୍ନୀ ସାମନ୍ଥା ରୁଥ୍ ପ୍ରଭୁ ଏଥିରେ ସଲମାନ୍‌ଙ୍କ ବିପକ୍ଷରେ ନଜର ଆସିବେ ବୋଲି କୁହାଯାଉଛି। ଏହି ଭୂମିକା ପାଇଁ ସାମନ୍ଥା ହିଁ ଫିଟ୍ ହେବେ ବୋଲି ରାଜ୍ ଓ ଡିକେ ଭାବୁଛନ୍ତି। ସାମନ୍ଥା ଏହାପୂର୍ବରୁ ରାଜ୍ ଓ ଡିକେଙ୍କ ସହ 'ଦ ଫ୍ୟାମିଲି ମ୍ୟାନ୍' ଓ 'ସିଟାଡେଲ: ହନିବନି'ରେ କାମ କରିଥିଲେ।



# ହାର୍ ମାନିଛି ବୟସ
## ୬୦ରେ ଲାଗୁଛନ୍ତି ୩୫ ଭଳି



ସିଙ୍ଗାପୁରର ଲୋକପ୍ରିୟ ମଡେଲ ତଥା ଫଟୋଗ୍ରାଫର ଚୁଆଣ୍ଡୋ ଟ୍ୟାନ୍ ନିକଟରେ ତାଙ୍କର ୬୦ ତମ ଜନ୍ମଦିନ ପାଳନ କରିଛନ୍ତି। ହେଲେ ୬୦ ବର୍ଷ ବୟସରେ ସେ ୩୫ ବର୍ଷ ବୟସ୍କଙ୍କ ଭଳି ଲାଗୁଛନ୍ତି। ତାଙ୍କର ଏହି ଫିଟ୍ ଲୁକ୍‌କୁ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଛନ୍ତି। ସାମାଜିକ ଗଣମାଧ୍ୟମରେ ଲୋକେ ତାଙ୍କୁ ଭାମ୍ପେୟାର କହିବାକୁ ପଛାଇ ନାହାନ୍ତି। ସେ ସାମାଜିକ ଗଣମାଧ୍ୟମରେ 'ଏଜ୍‌ଲେସ୍' ବା ବୟସହୀନ ମଡେଲ ଭାବେ ଚର୍ଚ୍ଚା ସାଉଁଟୁଛନ୍ତି। ସେହିପରି ଟ୍ୟାନ୍ ଜନ୍ମଦିନରେ ଏକ ବିଶେଷ ପୋଷ୍ଟ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି। ତାଙ୍କ ଜନ୍ମଦିନ ଅବସରରେ ସେ ୬୦ଟି ବେଲୁନ୍ ସହିତ ଛିଡ଼ା ହୋଇଥିବାର ନଜର ଆସିଛନ୍ତି। ଏହା ସହିତ ସେ ଏକ ଭାବବିହ୍ୱଳ କଲା ଭଳି ବାର୍ତ୍ତା ମଧ୍ୟ ସେୟାର୍ କରିଛନ୍ତି। ସେ କହିଛନ୍ତି, ସମୟ ହେଉଛି ପ୍ରକୃତ ସମ୍ପତ୍ତି। ଅବଶ୍ୟ ସେ ୬୦ ବର୍ଷ ବୟସରେ ବି ଏତେ ଯୁବସୁଲଭ ଦେଖାଯିବା କୌଣସି ଯାଦୁବିଦ୍ୟା ନୁହେଁ ବୋଲି ସେ କହିଛନ୍ତି। ଜିନ୍ ଏବଂ ସ୍ୱାସ୍ଥ୍ୟକର ଜୀବନଶୈଳୀ ଆପଣାଇବାର ଏହାର ପରିଣାମ ବୋଲି ସେ କହିଛନ୍ତି। ଫିଟ୍ ରହିବାର ପ୍ରକୃତ ରହସ୍ୟ ଅନୁଶାସନ, ସନ୍ତୁଳିତ ଜୀବନଶୈଳୀରେ ଲୁଚି ରହିଥିବା ସେ କୁହନ୍ତି। ସକାଳେ ସେ ପ୍ରୋଟିନ୍ ସେକ୍ କିମ୍ବା ଓଟ୍‌ମିଲ ସହିତ ଅଣ୍ଡା, ମହୁ ଏବଂ ଆଭାକାଡୋ ଖାଆନ୍ତି। ମଧ୍ୟାହ୍ନ ଓ ରାତ୍ରିଭୋଜନରେ ଷ୍ଟିମ୍ ତଥା ଗ୍ରିଲ୍ଡ ଚିକେନ ତଥା ମାଛ, ଭାତ ଓ ସୁପ୍ ଖାଆନ୍ତି। ସେ ନିଶାସେବନ, ଧୂମପାନ, କଫି, ମିଠା ପାନୀୟ ଆଦି ଖାଇ ନ ଥାନ୍ତି। ଏହାସହ ସପ୍ତାହକୁ ୩-୫ ଦିନ ଷ୍ଟ୍ରେନ୍ଥ ଟ୍ରେନିଂ, କାର୍ଡିଓ, ସୁଇମିଙ୍ଗ କରିଥାନ୍ତି। ବର୍ତ୍ତମାନ ବୟସର ପ୍ରଭାବ ସେ ଧୀରେ ଧୀରେ ଅନୁଭବ କରୁଥିବା ଟ୍ୟାନ୍ ସ୍ୱୀକାର କରିଛନ୍ତି। ଏକ ସାକ୍ଷାତକାରେ ଟ୍ୟାନ୍ କହିଛନ୍ତି, ପୂର୍ବ ତୁଳନାରେ ନିଜକୁ ଶକ୍ତିବାନ ଓ ଫିଟ୍ ରଖିବା ପାଇଁ ଏବେ ତାଙ୍କୁ ଅଧିକ ପରିଶ୍ରମ କରିବାକୁ ପଡୁଛି। ଏହା ସତ୍ତ୍ୱେ ବି ତାଙ୍କ ବିଶ୍ୱାସ ରହିଛି ଯେ, ସକାରାତ୍ମକ ଚିନ୍ତାଧାରା, କମ୍ ଚାପ ଏବଂ ପ୍ରକୃତିର ନିକଟତର ରହିବା ହିଁ ଦୀର୍ଘାୟୁ ଓ ସୁସ୍ଥ ଜୀବନ ପାଇଁ ଖୁବ୍ ଜରୁରି।



# ନାଇଟ୍ ସିଫ୍ଟରେ କାମ କରୁଥିବା ଲୋକଙ୍କୁ ଏହି ରୋଗ ଆଶଙ୍କା

ଆଇଟି ସେକ୍ଟର, ହେଲଥ୍ କେୟାର୍, ମିଡିଆ, କଲ୍ ସେଣ୍ଟର ଏବଂ ଅନ୍ୟ କିଛି କ୍ଷେତ୍ରରେ ଲକ୍ଷାଧିକ ଲୋକ ରାତିରେ କାମ କରନ୍ତି। ତା'ସହ ଦିନରେ ସେମାନେ ବିଶ୍ରାମ ନେବାକୁ ଯଥାସମ୍ଭବ ଚେଷ୍ଟା କରନ୍ତି। ତେବେ ରାତିରେ କାମ କରିବା ଦ୍ୱାରା ନିଦ୍ରାଚକ୍ର ଠିକ୍ ରହେ ନାହିଁ ଏବଂ ଶରୀରକୁ ପର୍ଯ୍ୟାପ୍ତ ବିଶ୍ରାମ ମିଳି ନ ଥାଏ। ଏହାର ପ୍ରଭାବ ମସ୍ତିଷ୍କ, ହରମୋନ୍, ହୃଦୟ ଏବଂ ପାଚନକ୍ରିୟା ଉପରେ ପଡ଼ିପାରେ। ସେହିପରି ନାଇଟ୍ ସିଫ୍ଟରେ କାମ କରୁଥିବା ଲୋକଙ୍କଠାରେ ଥକ୍କାପଣ, ଅବସାଦ, ମେଦବହୁଳତା, ହୃଦ୍ ସମ୍ବନ୍ଧିତ ରୋଗ ଦେଖା ଦେବାର ଆଶଙ୍କା ବଢ଼ିଯାଏ। ତେଣୁ ଏଭଳି ଲୋକ ନିଜ ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ନେବା ସହିତ ଜୀବନଶୈଳୀରେ ସନ୍ତୁଳନ ରକ୍ଷା କରିବା ଉଚିତ। ମଣିଷ ଶରୀର ଦିନରେ କାମ କରିବା ଏବଂ ରାତିରେ ବିଶ୍ରାମ ନେବା ପାଇଁ ଉଦ୍ଦିଷ୍ଟ। ଏଭଳି କ୍ଷେତ୍ରରେ ଯେତେବେଳେ ଏହି ସନ୍ତୁଳନ ବିଗିଡ଼ି ଯାଏ, ଏହାର ପ୍ରଭାବ ଧୀରେ ଧୀରେ ସ୍ୱାସ୍ଥ୍ୟ ଉପରେ ଦେଖିବାକୁ ମିଳେ। ଅନେକ ଗବେଷଣାରେ ଏକଥା ସାମ୍ନାକୁ ଆସିଛି ଯେ, ଲଗାତାର ନାଇଟ୍ ସିଫ୍ଟ କରିବା ଦ୍ୱାରା ଶରୀରରେ ଅନେକ ସମସ୍ୟା ସୃଷ୍ଟି ହୋଇପାରେ। ସେହିପରି ବାରମ୍ବାର ଥକ୍କା ଲାଗୁଥିବା ନାଇଟ୍ ସିଫ୍ଟରେ କାମ କରୁଥିବା ଲୋକେ କହିଥାନ୍ତି। ରାତି ତମାମ କାମ କରିବା ପରେ ଦିନରେ ଶୋଇବାକୁ ଚେଷ୍ଟା କରିବା ଦ୍ୱାରା ଭଲରେ ନିଦ ହୋଇ ନ ଥାଏ। ଏଭଳି ସ୍ଥିତିରେ ଲୋକଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ଥକ୍କା ଲାଗେ। ନିଦ ପୂରା ନ ହେବାର ପ୍ରଭାବ ପ୍ରଥମେ ମସ୍ତିଷ୍କ ଉପରେ ପଡ଼ିଥାଏ। ଏଭଳି ଲୋକଙ୍କଠାରେ ସାଧାରଣତଃ ଚିଡ଼୍‌ଚିଡାପଣ ଦେଖା ଦେବା ସହ ଧ୍ୟାନ କେନ୍ଦ୍ରିତ କରିବାରେ ସମସ୍ୟା ହୋଇ ଥାଏ। ଦୀର୍ଘ ଦିନ ଧରି ନାଇଟ୍ ସିଫ୍ଟରେ କାମ ଦ୍ୱାରା ମାନସିକ ସ୍ୱାସ୍ଥ୍ୟ ଉପରେ ବି ପ୍ରଭାବ ପଡ଼ିଥାଏ। ଅନେକ ଗବେଷଣାରେ ଏକଥା ବି କୁହାଯାଇଛି, ନାଇଟ୍ ସିଫ୍ଟରେ କାମ କରୁଥିବା ଲୋକଙ୍କଠାରେ ମାନସିକ ଚାପ ଓ ଅବସାଦ ବୃଦ୍ଧି ପାଇଥାଏ। ଏହାବାଦ୍ ଏହାର ପ୍ରଭାବ ଶରୀରର ମେଟାବଲିଜିମ୍ ଉପରେ ବି ପଡ଼ିଥାଏ। ରାତିରେ କାମ କରିବା ବେଳେ ଲୋକେ ମୁଖ୍ୟତଃ ଅସ୍ୱାସ୍ଥ୍ୟକର ସ୍ନାକ୍ସ ଏବଂ ଅଧିକ କେଫିନ୍‌ର ସେବନ କରନ୍ତି। ଏହାଦ୍ୱାରା ଓଜନ ବୃଦ୍ଧି ଏବଂ ମୋଟାପଣ ସମସ୍ୟା ଦେଖା ଦେବା ଆଶଙ୍କା ଥାଏ। ଏହି ମୋଟାପଣ ଭବିଷ୍ୟତରେ ମଧୁମେହ ଏବଂ ହୃଦୟ ସହିତ ଜଡ଼ିତ ରୋଗର ବିପଦ ବୃଦ୍ଧି କରିପାରେ। କେବଳ ସେତିକି ନୁହେଁ, ନାଇଟ୍ ସିଫ୍ଟର ପ୍ରଭାବ ପାଚନତନ୍ତ୍ର ଉପରେ ବି ଦେଖିବାକୁ ମିଳିଛି। ବିଳମ୍ବିତ ରାତ୍ରି ଏବଂ ଅନିୟମିତ ସମୟରେ ଭୋଜନ କରିବା ଦ୍ୱାରା ଏସିଡିଟି, ଗ୍ୟାସ୍ ଏବଂ ପେଟ ସହ ଜଡ଼ିତ ଅନେକ ସମସ୍ୟା ସୃଷ୍ଟି ହୋଇପାରେ। ଅନ୍ୟପଟେ ପର୍ଯ୍ୟାପ୍ତ ନିଦ୍ରାଭାବ ଯୋଗୁଁ ରୋଗ ସହିତ ଲଢ଼ିବାର କ୍ଷମତା ବି ହ୍ରାସ ପାଏ। ଏଭଳି ଲୋକେ ଶୀଘ୍ର ରୋଗାକ୍ରାନ୍ତ ହେବା ସହ ସେମାନଙ୍କର ରୋଗପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ।

## ପ୍ରହେଳିକା

- ଗୁଣୁଗୁଣୁ ଗୁଣୁ ଶବଦ କରି
ଉଡ଼ି ବୁଲେ ଫୁଲ ପାଖେ
ଶୋଷିନେଇ ମହୁ ଫୁଲ ଦେହରୁ
ଫେଣାରେ ସାଇତି ରଖେ
ବଡ ପରିଶ୍ରମୀ ଟିକି ଜୀବଟି
ନାଆଁଟି ତାହାର କହି ଦେବଟି

ଉତ୍ତର- ମହୁମାଛି

- କୁଳୁକୁଳୁ କୁଳୁ ନାଦରେ
ମୁହଁ ତଳକୁ କରି
ବହିଯାଉ ଅଛି ମାଟିରେ
ମିଠା ଜଳକୁ ଧରି
କେତେ ଗାଆଁଗଣ୍ଡା ପଡ଼ିଆ
ପାଟ ଜଙ୍ଗଲ ଡେଇଁ
ସରାଗେ ଧାଉଁଛି ନଦୀରେ
ଦିନେ ମିଶିବା ପାଇଁ
ପାହାଡ଼ରୁ ଜାତ ନାଆଁଟି ତାର
କହିବାକୁ ଜମା ଡେରି ନ କର।

ଉତ୍ତର- ଝରଣା



- କୁହୁକୁହୁ କୁହୁ ରାବରେ ସିଏ
ପଞ୍ଚମ ସୁରରେ ଗାଏ
ବଡ଼ ସରାଗରେ ଗୁଡୁଲା ଆମରି
କାନ ଡେରି ଶୁଣୁଥାଏ
ବସନ୍ତର ମିତ ସିଏ
ନାଆଁଟି କହିବ କିଏ ?

ଉତ୍ତର-କୋଇଲି

ଜଗଦୀଶ ସାହୁ
ସଞ୍ଜପଡ଼ା, ହିନ୍ଦୋଳ, ଢେଙ୍କାନାଳ

## ଥମିଯାଉ ଯୁଦ୍ଧ



ତପନ କୁମାର ସ୍ୱାଇଁ

କାହିଁକି ଦେଉଛ ଧରାକୁ କଷଣ
ଯୁଦ୍ଧ ଘନଘଟା କରି,
ଗୋଳା ବାରୁଦରେ କାହିଁକି ଜାଳୁଛ
ଗଛ,ଲତା,ବନ,ଗିରି।
ଆକାଶେ ଛୁଟୁଛି ମିଶାଇଲ ନିଆଁ
ଯୁଦ୍ଧ ଜାହାଜର ଧାଡ଼ି,
ମାଟିରେ ଗର୍ଜୁଛି ତୋପ କମାଣର
ମିଶାଇଲ୍ ଭରା ଗାଡ଼ି।
ନିରିହ ଜନତା ବନ, ପଶୁ,ପକ୍ଷୀ
ସକଳେ ଗଲେଣି ନାଶ,
କିଏ ମରୁଅଛି ଭୋକ ବିକଳରେ
କିଏ ହରାଉଛି ବାସ।
ଯୁଗ ଯୁଗ ଧରି ଠିଆ ହୋଇଥିଲା
ମନ୍ଦିର,ମସଜିଦ, ଗୀର୍ଜା
କେତେ ଶିଳାଲେଖ ପୂର୍ବସୁରିଙ୍କର
ପାଉଥିଲା ଆହା ପୂଜା।
ସବୁ ମିଶିଗଲା ମାଟିର ପିଠିରେ
ଧୂଳିର ପାହାଡ଼ ହୋଇ,
କିଏ ସେ ଜିତିଛି କହିଲ ଜଣିଏ
ହିଂସାର ମାରଗେ ଯାଇ।
ଏହି କିବା ଶିକ୍ଷା ମଣିଷ ଜାତିର
ପଶୁଠାରୁ ହୀନ ମତି,
ଗର୍ବ ଅହଙ୍କାରେ ମତ ପ୍ରାୟେ ହୁଏ
କାନନେ ଯେସନ ହାତୀ।
ଫେରିଆସ ଯୀଶୁ, ମହମ୍ମଦ,ବୁଦ୍ଧ
ଶାନ୍ତିର ବାରତା ଆଣି,
ସଦ୍ ବୁଦ୍ଧି ଦିଅ ସବୁରି ମନରେ
ଶୁଣାଅ ଧର୍ମ ବାଣୀ।
ଥମିଯାଉ ଯୁଦ୍ଧ ଫେରିଆସୁ ଶାନ୍ତି
ଜଗତ କଲ୍ୟାଣ ହେଉ,
ସବୁରି ମନରେ ଦୟା,ଶାନ୍ତି,କ୍ଷମା
ଦିଅ ଆହେ ମହାବାହୁ। ■

ଅଇବିଲି, ତିର୍ତ୍ତୋଲ, ଜଗତସିଂହପୁର

## ଆ ରେ ସକାଳ ଆ...

ଆ ରେ ସକାଳ ଆ
ସୂରୁଯକୁ କହ ସଅଳ ଉଠିବ
ତା'କୁ ଦେଖିଦେଲେ ଫୁଲଟି ଫୁଟିବ
କହ କୁନା ମୁନା ନ ଶୋଇ ଆଉରେ
ଯା ରେ ପଢ଼ିବ ଯା।
ଆ ରେ ସକାଳ ଆ
ତୋତେ ଦେଖିଦେଲେ ତୁଟିବ ଅନ୍ଧାର
ଶୁଭିବ ଡାକଟି ଏବେ ତ ଗଞ୍ଜାର
ଚାଷୀ ଭାଇଟିକୁ କହିଦେଏ ଥରେ
କ୍ଷେତ ଆଡ଼କୁରେ ଯା।
ଆରେ ସକାଳ ଆ
ଗାଆଁ ମନ୍ଦିରରୁ ଶୁଭିବ ଆଳତି
ଫୁଟିବରେ ଫୁଲ ଟଗର ମାଳତୀ
ଲାଗିଯିବେ ସବୁ କାମପାଇଟିରେ
କରିବେନି ଆଉ ନା।
ଆରେ ସକାଳ ଆ
କିଚିରିମିଚିରି କଲେଣି ଚଢ଼େଇ
ଖବରକାଗଜ କେ ପଢ଼େ ଗଡ଼େଇ
ଚଳଚଞ୍ଚଳ ହେଲାଣି ଧରଣୀ
ବାଃ ବାଃ ବାଃ ବାଃ। ■



ନୀଳମଣି ଚାନ୍ଦ

ମନ୍ତ୍ରୀମାନୋର,ଗୋଠପାଟଣା
ଭୁବନେଶ୍ୱର



## ସୁମନ

# ଘୁମୁରୁ ଘୁମୁରୁ ହେଉଛି ପାରା





ଡ. କାଳିକିଙ୍କର

ଜେଜେ ଓ ଜେଜେମା ସହର ଛାଡ଼ି ଗାଁ ଘରେ ରହିବାକୁ ଆସିଲେ। ତେବେ ସହର ଛାଡ଼ି ଗାଁକୁ ଆସିଲାବେଳେ ପୁଅ ବୋହୂ ଅନେକ ବୁଝେଇଲେ। କହିଲେ ଏ ସହରରେ ଘର ଜଗିବାକୁ ବାହାରେ ଚବିଶ ଘଣ୍ଟା ସିକ୍ୟୁରିଟି ଅଛନ୍ତି। ଗାଁରେ ତୁମକୁ କିଏ ଜଗିବ। ସହରରେ ଘର ଭିତରେ ଆମ ଜେକ କୁକୁର ଅଛି। ତେଣୁ ତୁମେ ଗାଁକୁ ଯାଅନାହିଁ। ହଇରାଣ ହେବ। ଗାଁର ପୁଣି ମାଟି ଘର। ଯେଉଁ ଭାଗରେ ଟିକିଏ ପକ୍କା ହୋଇଛି ସେଠି ତ ପାରାମାନେ ଉପଦ୍ରବ କରୁଥିବେ। ମାଟି ଘରେ ତ ମୂଷା ତାଙ୍କ ଆସ୍ଥାନ ଜମେଇ ଥିବେ। ଜେଜେ ଓ ଜେଜେମା କିନ୍ତୁ ଗାଁକୁ ଫେରିଲେ। ଘରେ ସତରେ ମୂଷାମାନେ ଅନେକ ଗାତ ଖୋଳିଥିଲେ। ପକ୍କାଘର କଡ଼ରେ ପାରାମାନେ ଘୁମୁରି ଘୁମୁରି ହେଉଥାନ୍ତି। ସେମାନେ କାଟି କୁଟା ଆଣି ବସା କରିଥାନ୍ତି। ଜେଜେ ଓ ଜେଜେମା ସେସବୁ ସଫା କଲେ। ମୂଷା ଗାତ ବୁଜେଇଲେ। ଧୀରେ ଧୀରେ ସେମାନେ ରହିବାକୁ ଲାଗିଲେ ଯେ ରାତିରେ ଖଡ଼-ଖାଡ଼ ହେଲେ ନିଦ ଭାଙ୍ଗିଲା ଜେଜେ ଓ ଜେଜେମା ଭାବିଲେ ଯେ ସତରେ କ'ଣ ଗାଁର ଘରେ ସୁରକ୍ଷା ନାହିଁ? ବାହାରେ କିଛି କୁକୁର ବିଲେଇ ବୁଲୁ ଥାଆନ୍ତି। ଜେଜେ ଓ ଜେଜେମାଙ୍କ ପାଖକୁ ସେମାନେ ଆସି କହିଲେ- ଆମେ ଅଛୁ- ସୁରକ୍ଷା ଦେବୁ। ଆମକୁ ଖାଇବାକୁ ଦିଅ- ଟିକିଏ ଭଲପାଇବା ଦିଅ। ଘୁମୁରୁ ଘୁମୁରୁ ହେଉଥାନ୍ତି ପାରା। କହିଲେ ନା,ନା - ଏ ବିଲେଇ ପୁଣ୍ଟୁ ଓ ଚେଣ୍ଟୁ ବହୁତ ଦୁଷ୍ଟ। ତାଙ୍କୁ ଘରେ ପୂରେଇ ଦିଅନା। ଜେଜେ ଓ ଜେଜେମା ବିଲେଇ ପୁଣ୍ଟୁ, ଚେଣ୍ଟୁଙ୍କୁ କ୍ଷୀର ଓ ମାଛ ଭାତ ଦେଲେ। ସେମାନେ ରହିଲେ ଯେ ମୂଷାମାନେ ପଳେଇଲେ। ଏବେ କାଳୁ ଓ ନାଲୁ ଆସି ଆଗ ଗୋଡ଼ ଲମ୍ବେଇ କହିଲେ- ଆମକୁ ଖାଇବାକୁ ଦିଅ। ଦୂର ଦୂର କହି ଘଉଡ଼େଇ ଦିଅନା। ଆମେ ରାତିରେ ତୁମକୁ ସୁରକ୍ଷା ଦେବୁ। କାହାକୁ ଆସିବାକୁ ଦେବୁନି। ବାଃ ବଢ଼ିଆ ତ। ରାତିରେ ଘର ବାରଣ୍ଡାରେ ଶୋଇଲେ କାଳୁ ଓ ନାଲୁ। କେହି ଆସିଲେ ଭୁ ଭୁ କରି ଘଉଡ଼ାଇ ଦେଲେ। ଘୁମୁରୁ ଘୁମୁରୁ ହେଉଛି ପାରା। ପେଣ୍ଟୁ ଓ ଚେଣ୍ଟୁ ସେମାନଙ୍କୁ ଦେଖୁଥାନ୍ତି। ତେବେ ସେମାନେ ଉଚ୍ଚରେ ବସା ବାନ୍ଧି ରହୁଥିବାରୁ ତାଙ୍କର କିଛି କରି ପାରୁ ନ ଥାନ୍ତି ପେଣ୍ଟୁ ଓ ଚେଣ୍ଟୁ। ଜେଜେ ଓ ଜେଜେମା ତୀର୍ଥରେ ଯିବେ ବାହାରିଲେ। ପେଣ୍ଟୁ, ଚେଣ୍ଟୁ, କାଳୁ ଓ ନାଲୁକୁ ବୁଝେଇ କହିଲେ- ଦୁଇ ସପ୍ତାହ ଆମେ ଘରେ ରହିବୁନି। ତୁମେ ସବୁ ନିଜେ ପରିଶ୍ରମ କରି ନିଶ୍ଚୟ ଚଳି ପାରିବ। ପେଣ୍ଟୁ ଓ ଚେଣ୍ଟୁ ବାହାରେ କିଛି ଶୀକାର କରି ନିଜପାଇଁ ଖାଦ୍ୟ ଯୋଗାଡ଼ କରିବ। କାଳୁ ଓ ନାଲୁ ପାଇଁ ପଡ଼ୋଶୀ ଘରେ କହି ଯାଉଛୁ। ବିସ୍କୁଟ୍ କିଣି ଦେଇ ଯାଉଛୁ। ଯେମିତି ଯାହା ସେମାନେ ଦେବେ ଖାଇବ ଓ ଘର ଜଗିବ। ମ୍ୟାଉଁ ମ୍ୟାଉଁ ଓ ଭୁ ଭୁ କରି ପେଣ୍ଟୁ, ଚେଣ୍ଟୁ, କାଳୁ ଓ ନାଲୁ ହଁ ଭରିଲେ। ପନ୍ଦର ଦିନ ପରେ ଜେଜେ ଓ ଜେଜେମା ଫେରିଲେ। ଦେଖିଲେ ଯେ କିଏ ଖାଦ୍ୟରେ ବିଷ ଦେଇ ତାଙ୍କର ପେଣ୍ଟୁ, ଚେଣ୍ଟୁ, କାଳୁ ଓ ନାଲୁକୁ ମାରି ଦେଇଛି। କେବଳ ଘୁମୁରୁ ଘୁମୁରୁ ହେଉଛି ପାରା। ଜେଜେ ଓ ଜେଜେମା ପଚାରିଲେ -ଆମର ଏ ନିରୀହ ଛୁଆଙ୍କୁ କିଏ ମାରିଲାରେ ? ଘୁମୁରୁ ଘୁମୁରୁ ହୋଇ ପାରାମାନେ କହିଲେ- ନିର୍ଦ୍ଦୟ ମଣିଷ। ଜେଜେମା ଆଖିରୁ ଲୁହ ପୋଛି କହିଲେ- ଚାଲ ଗାତ ଖୋଳି ଆମର ଏ ପିଲାମାନଙ୍କୁ ମାଟିରେ ପୋତି ତାଙ୍କୁ ବଞ୍ଚେଇ ରଖିବା। ଜେଜେ କହିଲେ କେମିତି ? ଘୁମୁରୁ ଘୁମୁରୁ ହୋଇ ପାରା କହିଲେ ସେ ମାଟିରେ ଚାରୋଟି ଫଳ ଗଛ ଲଗେଇ ଦିଅନ୍ତୁ। ସେ ଗଛର ନାଁ ଦିଅନ୍ତୁ ପେଣ୍ଟୁ, ଚେଣ୍ଟୁ, କାଳୁ ଓ ନାଲୁ। ତାହାହିଁ କଲେ ଜେଜେ ଓ ଜେଜେମା। ସେ ଚାରୋଟି ଗଛ ବଡ଼ ହୋଇ ଫଳ ଦେଉଛି। ସହରରୁ ପୁଅ, ବୋହୂ, ନାତି, ନାତୁଣୀ ଆସି ଫଳ ଖାଉଛନ୍ତି ଓ ସାଥିରେ ନେଇ ଯାଉଛନ୍ତି। ଜେଜେ ଜେଜେମା ଏ ସଂସାର ଛାଡି ଚାଲିଗଲେଣି କିନ୍ତୁ ସବୁଦିନ ଘୁମୁରୁ ଘୁମୁରୁ ହେଉଛନ୍ତି ପାରାମାନେ। କହୁଛନ୍ତି- ଭଲପାଇବାର ଶେଷ ନାହିଁ। ■

ସୌଭାଗିନୀ ନିବାସ, ରଟିଲୋ, ରେଞ୍ଚ, ପୁରୀ

## ତୁଳୀ ଅଙ୍କନ ଛୁଆଙ୍କ





ଶାଶ୍ୱତ କୁମାର ନାୟକ ଶର୍ମା
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ, ନିମାପଡ଼ା





ଦିପ୍ତିମୟୀ ହାଁସଦା
ଚତୁର୍ଥ ଶ୍ରେଣୀ
ସରକାରୀ ପ୍ରାଥମିକ ବିଦ୍ୟାଳୟ
ବଡସିଙ୍ଗାରିଆ, ମୟୂରଭଞ୍ଜ





ପ୍ରିୟାଂଶୁ ଦାଶ
ଦଶମ ଶ୍ରେଣୀ
ମଡର୍ଣ୍ଣ ପବ୍ଲିକ୍ ସ୍କୁଲ
ବାଲେଶ୍ୱର





ମାଇରା ମହାନ୍ତି
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ୟୁନିଟ୍-୮, ଭୁବନେଶ୍ୱର



## ଟିମ୍ ଇଣ୍ଡିଆର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ

# ଏବେ ଆଇପିଏଲ୍ ଉପରେ ନଜର




ନୂଆଦିଲ୍ଲୀ,୧୩।୩(ଏଜେନ୍ସି)

ଭାରତରେ କ୍ରିକେଟର ଲୋକପ୍ରିୟତା ସର୍ବାଧିକ। ଯାହା ଫଳରେ କ୍ରିକେଟପ୍ରେମୀ ସର୍ବଦା ସେମାନଙ୍କ ପ୍ରିୟ ଖେଳାଳି ଓ ଟିମ୍ ସମ୍ପର୍କରେ ଖବର ରଖିଥାନ୍ତି। ନିକଟରେ ଭାରତ ଓ ଶ୍ରୀଲଙ୍କାରେ ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଘରୋଇ ଦଳ ଭାବେ ଭାରତ ପ୍ରଥମଥର ଚାମ୍ପିଅନ ହୋଇଛି। ଏହା ଭାରତୀୟ ସମର୍ଥକଙ୍କୁ ବେଶ ଆନନ୍ଦ ଦେଇଛି। ଇରାନ ବନାମ ଇଜ୍ରାଏଲ-ଆମେରିକା ଯୁଦ୍ଧ ଫଳରେ ତୈଳ ଓ ଇନ୍ଧନ ଗ୍ୟାସ ସଙ୍କଟ ସତ୍ତ୍ୱେ ଭାରତୀୟ ସମର୍ଥକ କ୍ରିକେଟ ଦଳର ତୃତୀୟ ଟାଇଟଲ ବିଜୟକୁ ଉତ୍ସବ ଭାବେ ପାଳନ କରିଛନ୍ତି। ଭାରତୀୟ ବଜାର ମଧ୍ୟ ବେଶ ଲାଭବାନ ହୋଇଛି। କ୍ରିକେଟ ଖେଳ ହେଲେ ଅନେକ ବ୍ୟକ୍ତି ଓ ପେସାଦାରଙ୍କ ଘର ଚଳୁଛି। ଏହା କେବଳ ଖେଳାଳି କିମ୍ବା ଏହାକୁ ପରିଚାଳନା କରୁଥିବା ବ୍ୟକ୍ତିବିଶେଷଙ୍କ ଆୟର ମାଧ୍ୟମ ହୋଇ ରହିନାହିଁ। ସମାଜର ଅନେକ ଶ୍ରେଣୀର ଲୋକ ଓ ସରକାର କ୍ରିକେଟ ଖେଳରୁ ଲାଭବାନ ହେଉଛନ୍ତି। ଭାରତ ସରକାର ଓ ଭାରତୀୟ ସମାଜକୁ ସବୁଠାରୁ ଅଧିକ ଲାଭ ମିଳିଥାଏ ଇଣ୍ଡିଆନ ପ୍ରିମିୟର ଲିଗ୍ ଘରୋଇ ଟି-୨୦ କ୍ରିକେଟରେ। ଏବେ ଟି-୨୦ ବିଶ୍ୱକପ୍ ପରେ ଭାରତୀୟ ଦଳର କାର୍ଯ୍ୟକ୍ରମ ମେ ମାସ ପର୍ଯ୍ୟନ୍ତ ନାହିଁ। ଏହି ସମୟରେ ଅର୍ଥାତ୍ ମାର୍ଚ୍ଚ ୨୮ରୁ ମେ ୩୧ ତାରିଖ ମଧ୍ୟରେ ଇଣ୍ଡିଆନ୍ ପ୍ରିମିୟର ଲିଗ୍ ଖେଳାଯିବ। ଏବେ ଭାରତୀୟ ତଥା ବିଶ୍ୱର କିଛି କ୍ରିକେଟପ୍ରେମୀଙ୍କ ନଜର ଏହି ଟୁର୍ଣ୍ଣାମେଣ୍ଟ ଉପରେ ରହିବ। ଆଇପିଏଲର ତୀବ୍ର ପ୍ରତିଦ୍ୱନ୍ଦ୍ୱିତା, ପ୍ରତ୍ୟେକ ମ୍ୟାଚ୍‌ରେ ରୋମାଞ୍ଚ ଓ ରେକର୍ଡ କ୍ରିକେଟପ୍ରେମୀଙ୍କୁ ଖୁବ୍ ଆମୋଦିତ କରିବ। ଆଇପିଏଲ୍ ଏଥର ନିଶ୍ଚିତ ଲୋକପ୍ରିୟତାର ଆଉ ଏକ ରେକର୍ଡ ଭାଙ୍ଗିବ ବୋଲି ଆଶା କରାଯାଉଛି।

ଆଇପିଏଲ୍‌ର ଚଳିତ ସଂସ୍କରଣରେ ପୂର୍ବରପରି ୧୦ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଏଥର ୬୫ ଦିନ ଯାଏ ଏହି ଟୁର୍ଣ୍ଣାମେଣ୍ଟ ଚାଲିବ ଓ ଏଥିରେ ୮୪ଟି ମ୍ୟାଚ୍ ଖେଳାଯିବ। ମାର୍ଚ୍ଚ ୨୮ରୁ ଆରମ୍ଭ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟ ଲାଗି ପ୍ରଥମ ୨୦ ଦିନର କାର୍ଯ୍ୟକ୍ରମ ଘୋଷଣା କରାଯାଇଛି। ବାଂଲାଦେଶର ମୁସ୍ତାଫିଜୁର ରହମନଙ୍କୁ କୋଲକାତା ନାଇଟ୍ ରାଇଡର୍ସ ବିଦା କରିବା ଘଟଣା ବେଶ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଥିଲା। ଏହାର ପ୍ରଭାବ ବାଂଲାଦେଶ ଉପରେ ପଡ଼ିଥିଲା ଓ ଏହି ଦେଶ ଟି-୨୦ ବିଶ୍ୱକପରୁ ଓହରିଯାଇଥିଲା। ଏହାକୁ ନେଇ ପାକିସ୍ତାନ ନାଟକବାଜି କରିବାକୁ ପଛାଇ ନ ଥିଲା। ଶେଷରେ ବାଂଲାଦେଶର ଖେଳାଳିମାନେ ଖୁବ୍ ନିରାଶ ହୋଇଥିଲେ। ଏଡି ଘଟଣା ଏବେ ଆଇପିଏଲ୍ ଆରମ୍ଭ ହେବା ଯାଏ ନିଶ୍ଚିତ ଚର୍ଚ୍ଚାରେ ରହିବ।

### ଖେଳିବ ୧୦ ଟେଷ୍ଟ, ୨୦ ଦିନିକିଆ, ୩୩ ଟି-୨୦

ଘରୋଇ କ୍ରିକେଟ ଓ ଟି-୨୦ ବିଶ୍ୱକପ୍ ପରେ ଭାରତର ସର୍ବାଧିକ ଖେଳାଳି ଆଇପିଏଲ୍‌ରେ ଅଂଶଗ୍ରହଣ କରିବେ। ଏହା ପରେ ଅର୍ଥାତ ଜୁନ୍ ମାସରୁ ଏହି ଖେଳାଳିମାନେ ବିଭିନ୍ନ ଦେଶ ସହ ଭିନ୍ନ ଭିନ୍ନ କାଟାଗୋରୀରେ ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ବିସିସିଆଇ ଭାରତୀୟ ବରିଷ୍ଠ ଦଳର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଛି। ଚଳିତବର୍ଷ ଜୁନ୍‌ମାସରୁ ଆସନ୍ତାବର୍ଷ ଆଇପିଏଲ୍ ସିଜନ-୨୦ ଆରମ୍ଭ ହେବା ପର୍ଯ୍ୟନ୍ତ ସିନିୟର ଦଳର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ରହିଛି। ଏହା ମଧ୍ୟରେ ଭାରତ ବରିଷ୍ଠ କ୍ରିକେଟ ଦଳ ୧୦ଟି ଟେଷ୍ଟ, ୨୦ଟି ଦିନିକିଆ ଓ ୩୩ଟି ଟି-୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଉଭୟ ଦେଶ ଓ ଦେଶ ବାହାରେ ଏହି ଖେଳ ହେବ।

ଭାରତ ଘରୋଇ ମାଟିରେ ଆଫଗାନିସ୍ତାନ ସହ ଜୁନ୍ ୬ରୁ ୨୦ ତାରିଖ ମଧ୍ୟରେ ପ୍ରଥମେ ୩ଟି ଦିନିକିଆ ଓ ଗୋଟିଏ ଟେଷ୍ଟ ଖେଳିବାର କାର୍ଯ୍ୟକ୍ରମ ରହିଛି। ଜୁନ୍ ଶେଷ ଭାଗରେ ଆୟର୍ଲାଣ୍ଡକୁ ଏକ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ଖେଳିବାକୁ ପଡ଼ିବ। ଜୁଲାଇ ୧ରୁ ୧୯ ମଧ୍ୟରେ ଇଂଲଣ୍ଡରେ ଦଳ ୩ଟି ଦିନିକିଆ ଓ ୫ଟି ଟି-୨୦ ଖେଳିବାକୁ ଯିବ। ଜୁଲାଇ-ଅଗଷ୍ଟରେ ଶ୍ରୀଲଙ୍କା ସହ ୨ଟି ଟେଷ୍ଟ ଓ ଅତିରିକ୍ତ ୩ଟି ଟି-୨୦ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହା ପରେ ସ୍ଥଗିତ ହୋଇଥିବା ବାଂଲାଦେଶ ଗସ୍ତ ପୁନର୍ବାର ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ୩ଟି ଦିନିକିଆ ଓ ୩ଟି ଟି-୨୦ ଖେଳିବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ଏହି ଗସ୍ତ କାର୍ଯ୍ୟକ୍ରମ ଆୟୋଜିତ ହେବ କି ନାହିଁ ତାହା ସରକାରଙ୍କ ଉପରେ ନିର୍ଭର କରିବ। ଏହି ସମୟରେ ବା ସେପ୍ଟେମ୍ବରରେ ଆଫଗାନିସ୍ତାନ ସହ ଏକ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ୟୁଏଇରେ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏ ସବୁକି କିପରି ଏକସଙ୍ଗେ ଆୟୋଜନ କରିବ ତାହା ସମୟ କହିବ।

ସେପ୍ଟେମ୍ବରରେ ଜିମ୍ବାୱେ ସହ ୩ଟି ଟି-୨୦ ସିରିଜ୍ ଖେଳିବାର କାର୍ଯ୍ୟକ୍ରମ ଥିଲେ ମଧ୍ୟ ଏହାକୁ ସ୍ୱୀକୃତି ମିଳିନାହିଁ। ଏହି ସମୟରେ ଏକ ୮ ମ୍ୟାଚ୍ ବିଶିଷ୍ଟ ସୀମିତ ଓଭର ସିରିଜ୍ ଖେଳିବାକୁ ୱେଷ୍ଟଇଣ୍ଡିଜ୍ କ୍ରିକେଟ ଦଳ ଭାରତ ଆସିବ। ଅକ୍ଟୋବର ଯାଏ ଆୟୋଜିତ ହେବାକୁ ଥିବା ଏହି ସିରିଜ୍‌ରେ ୩ଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହି ସମୟରେ ଜାପାନରେ ଏସିଆନ ଗେମ୍ସ ଆୟୋଜିତ ହେବ। ଏଥିରେ ସ୍ୱର୍ଣ୍ଣପଦକ ବିଜେତା ଭାରତର ଟି-୨୦ ଦଳ ଅଂଶଗ୍ରହଣ କରିବ। ସେପ୍ଟେମ୍ବର ୨୫ରୁ ଅକ୍ଟୋବର ୩ ତାରିଖଯାଏ ଆୟୋଜିତ ହେବାକୁ ଥିବା ଏସିଆନ ଗେମ୍ସରେ ଟି-୨୦ ଦଳ ଏବଂ ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ୍ ସହ ଦିନିକିଆ ଦଳ ଏକ ସଙ୍ଗେ ଖେଳିବାର କାର୍ଯ୍ୟକ୍ରମ ରହିଛି।

ୱେଷ୍ଟଇଣ୍ଡିଜ୍ ଟୁର୍ ଶେଷରେ ଭାରତୀୟ ଦଳ ଅକ୍ଟୋବର ୧୮ରୁ ଏକ ପୂର୍ଣ୍ଣାଙ୍ଗ ଟୁର୍ ଲାଗି ନ୍ୟୁଜିଲାଣ୍ଡରେ ପହଞ୍ଚିବ। ଏହି ସିରିଜ୍‌ରେ ୫ଟି ଦିନିକିଆ, ୫ଟି ଟି-୨୦ ଓ ୨ଟି ଟେଷ୍ଟ ଖେଳାଯିବ। ଏହି ଗସ୍ତ ପରେ ଡିସେମ୍ବର ପ୍ରଥମ ସପ୍ତାହରେ ଭାରତ ସ୍ୱଦେଶ ଫେରିବାର କାର୍ଯ୍ୟକ୍ରମ ରହିଛି। ଘରୋଇ ମାଟିରେ ଶ୍ରୀଲଙ୍କା ସହ ୩ଟି ଲେଖାଏଁ ଦିନିକିଆ ଓ ଟି-୨୦ ଖେଳିବାର କାର୍ଯ୍ୟକ୍ରମ ରହିଥିଲେ ମଧ୍ୟ ଏହି ଗସ୍ତ ଚୂଡାନ୍ତ ହୋଇନାହିଁ। କିନ୍ତୁ ୨୦୨୭ ଜାନୁଆରୀ-ଫେବୃଆରୀରେ ଭାରତରେ ବର୍ଡର-ଗାଭାସ୍କର ଟ୍ରଫି ଖେଳିବାକୁ ଅଷ୍ଟ୍ରେଲିଆ ଆସିବ। ଏହି ସିରିଜ୍ ପରେ ଆଇପିଏଲ୍‌ର ୨୦ତମ ସଂସ୍କରଣ ମାର୍ଚ୍ଚରୁ ମେ ମାସ୍ ମଧ୍ୟରେ ଆୟୋଜିତ ହେବ।

● ପିଏସ୍‌ଏଲ ଛାଡ଼ିଲେ, ଆଇପିଏଲ୍‌ରେ ଖେଳିବେ

## କେକେଆରରେ ମୁଜାରବାନି



କୋଲକାତା,୧୩।୩(ଏଜେନ୍ସି): ନିକଟରେ ଶେଷ ହୋଇଥିବା ଟି-୨୦ ବିଶ୍ୱକପ୍‌ରେ ଚମକ ଦେଖାଇଥିବା ଜିମ୍ବାୱେର ଫାଷ୍ଟ ବୋଲର ବ୍ଲେସିଂ ମୁଜାରବାନି ଚଳିତ ସିଜନରେ କେକେଆର୍ ପକ୍ଷରୁ ଆଇପିଏଲ୍‌ରେ ଖେଳିବେ। ଏଥିଲାଗି ସେ ପାକିସ୍ତାନ ସୁପର ଲିଗ୍ କଣ୍ଟ୍ରାକ୍ଟକୁ ରଦ୍ଦ କରିଦେଇଛନ୍ତି ଓ ମାର୍ଚ୍ଚ ୧୭ରେ ଦଳ ସହ ଯୋଗଦେବେ ବୋଲି ତାଙ୍କ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି। ପିଏସ୍‌ଏଲ୍ ନିଲାମିରେ ତାଙ୍କୁ କେହି କିଣି ନ ଥିଲେ। କିନ୍ତୁ ପରେ ଇସ୍‌ଲାମାବାଦ ୟୁନାଇଟେଡ୍ ତାଙ୍କ ସହ ରାଜିନାମା କରିଥିଲା। କେକେଆର୍ ପକ୍ଷରୁ ପ୍ରସ୍ତାବ ଯିବା ପରେ ସେ ପିଏସ୍‌ଏଲ୍ ଛାଡ଼ିଦେଇଥିଲେ। ଚଳିତ ବିଶ୍ୱକପ୍‌ରେ ୬ ଫୁଟ ୮ ଇଞ୍ଚ ଉଚ୍ଚତାବିଶିଷ୍ଟ ଏହି ବୋଲର ୧୩ଟି ୱିକେଟ ନେଇଥିଲେ। ତାଙ୍କଠାରୁ କେବଳ ଯଶପ୍ରୀତ୍ ବୁମରା ଓ ବରୁଣ ଚକ୍ରବର୍ତ୍ତୀ ଗୋଟିଏ ଅଧିକା ବା ୧୪ଟି ଲେଖାଏଁ ୱିକେଟ ପାଇଥିଲେ। ଜିମ୍ବାୱେ ପକ୍ଷରୁ ୨୦୧୭ରୁ ଖେଳିଆସୁଥିବା ଏହି ଫାଷ୍ଟ ବୋଲର ୮୯ଟି ଟି-୨୦ ମ୍ୟାଚ୍‌ରେ ୧୦୬ଟି ୱିକେଟ ନେଇଛନ୍ତି। ସେ ବିଶ୍ୱର ଅନ୍ୟ ଫ୍ରାଞ୍ଚାଇଜ୍ ଲିଗ୍ କ୍ରିକେଟ ଖେଳିଥିଲାବେଳେ ୨୦୨୫ରେ ଜଣେ ବଦଳ ଖେଳାଳିଭାବେ ଆର୍‌ସିବିରେ ଯୋଗଦେଇଥିଲେ। କେକେଆର୍ ମୁସ୍ତାଫିଜୁର ରହମନଙ୍କୁ ବାଦ୍ ଦେଇଛି। ଏବେ ମାଥିଶା ପତିରାଣା ଆହତ ସମସ୍ୟାରୁ ମୁକଳି ନାହାନ୍ତି। ଏଣୁ ଦଳ ବାଧ ହୋଇ ଆଉ ଜଣେ ଫାଷ୍ଟ ବୋଲରଙ୍କୁ ଦଳରେ ସାମିଲ କରିଛି। ମାର୍ଚ୍ଚ ୨୯ରେ ମୁମ୍ବାଇ ଇଣ୍ଡିଆନ୍ସ ସହ ଖେଳି କେକେଆର ଅଭିଯାନ ଆରମ୍ଭ କରିବ।

## ସାଦାକତ୍, ଆଘାଙ୍କ ଅର୍ଦ୍ଧଶତକ

ଢାକା,୧୩।୩(ଏଜେନ୍ସି): ଭ୍ରମଣକାରୀ ପାକିସ୍ତାନ ଓ ବାଂଲାଦେଶ ମଧ୍ୟରେ ଏଠାରେ ଆଜି ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ବର୍ଷା ବାଧକ ସାଜିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୨୭୪ ରନ୍‌ରେ ଅଲଆଉଟ ହୋଇଥିଲେ। ଜବାବରେ ବାଂଲାଦେଶ ୬.୩ ଓଭରରେ ୩ ୱିକେଟ ହରାଇ ୨୭ ରନ୍ କରିଥିଲାବେଳେ ବର୍ଷା ଯୋଗୁଁ ଖେଳ ବନ୍ଦ ରହିଥିଲା। ପାକ୍ ଅଧିନାୟକ ସାହିନ ଶାହ ଆଫ୍ରିଦୀ ଘାତକ ବୋଲିଂ କରି ୨ଟି, ମହମ୍ମଦ୍ ୱାସିମ ଜୁନିଅର ଗୋଟିଏ ୱିକେଟ ନେଇଥିଲେ। ପୂର୍ବରୁ ଜୀବନର ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଖେଳୁଥିବା ମାଜ୍ ସାଦାକତ ବିସ୍ଫୋରକ ଅର୍ଦ୍ଧଶତକ (୭୫ରନ୍, ୪୬ବଲ୍, ୬ଚୌକା, ୫ଛକା) ଓ ସଲମାନ ଅଲି ଆଘା ୬୨ ବଲ୍‌ରୁ ୬୪ ରନ୍ କରିଥିଲେ। ମହମ୍ମଦ୍ ରିଜୱାନ ୪୪ ଓ ସାହିବଜାଦା ଫରହାନ ୩୧ ରନ୍‌ର ଯୋଗଦାନ ଦେଇଥିଲେ। ବାଂଲାଦେଶର ରିଶାଦ ହୋସେନ ୩ଟି ଓ ଅଧିନାୟକ ମେହଦୀ ହାସନ ମିରାଜ ୨ଟି ୱିକେଟ ନେଇଥିଲେ। ପ୍ରଥମ ଦିନିକିଆରେ ବାଂଲାଦେଶ ୮ ୱିକେଟରେ ଜିତିଥିଲା।

ୱାର୍ଲ୍ଡ ପାରାଆଥଲେଟିକ୍ସ

## ସୁମିତଙ୍କୁ ଜାଭେଲିନ୍‌ରେ ସ୍ୱର୍ଣ୍ଣ




ନୂଆଦିଲ୍ଲୀ,୧୩।୩(ଏଜେନ୍ସି): ଡବଲ ପାରାଅଲିମ୍ପିକ୍ସ ଗୋଲ୍ଡ ମେଡାଲିଷ୍ଟ ସୁମିତ ଆଣ୍ଟିଲ ଏଠାରେ ଚାଲିଥିବା ପାରାଆଥଲେଟିକସ ଗ୍ରାଁ ପ୍ରି'ର ପୁରୁଷ ଜାଭେଲିନ୍ ଥ୍ରୋ' (ଏଫ୍୪୩/ଏଫ୍୪୪/ଏଫ୍୬୫)ରେ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଏହି ଇଭେଣ୍ଟରେ ସେ ୬୯.୨୫ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି ପ୍ରଥମରେ ରହିବା ସହ ଆଉ ଏକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ପୁଷ୍ପେନ୍ଦ୍ର ସିଂ ୫୬.୯୧ ମିଟର ଦୂରତାକୁ ଫିଙ୍ଗି ଦ୍ୱିତୀୟ ଓ ପୁନମ ରାମ ୪୯.୪୮ ମିଟର ଦୂରତାକୁ ଫିଙ୍ଗି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ହରିୟାଣା ସୋନିପତର ବାସିନ୍ଦା ୩ଥର ୱାର୍ଲ୍ଡ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ବିଜୟୀ ହୋଇଥିଲାବେଳେ ଚଳିତବର୍ଷ ଜାପାନରେ ହେବାକୁ ଥିବା ଏସିଆନ୍ ପାରା ଗେମ୍ସରେ ୭୫ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗିବେ ବୋଲି ଆଶା ରଖିଛନ୍ତି।

## ଜାଭେଲିନ୍‌ରେ ଡୁ ପ୍ଲାଣ୍ଟିସ୍‌ଙ୍କ ୧୫ତମ ବିଶ୍ୱରେକର୍ଡ



ଉପ୍ସସାଲା,ସ୍ୱିଡେନ୍,୧୩।୩(ଏଜେନ୍ସି): ଘରୋଇ ମାଟିରେ ପୁରୁଷ ଜାଭେଲିନ୍ ଫିଙ୍ଗାଳି ଅର୍ମାଣ୍ଡ ଡୁ ପ୍ଲାଣ୍ଟିସ୍ ତାଙ୍କ କ୍ୟାରିୟରର ୧୫ତମ ବିଶ୍ୱରେକର୍ଡ ସୃଷ୍ଟି କରିଛନ୍ତି। ଏଠାରେ ସେ ୬.୩୧ ମିଟରକୁ ଡେଇଁ ନିଜ ନାମରେ ଥିବା ବିଶ୍ୱରେକର୍ଡକୁ ଭାଙ୍ଗିଦେଇଥିଲେ। ଏଠାରେ ସେ ୪ଟି ଜମ୍ପରେ ଏହି ରେକର୍ଡ କରିଛନ୍ତି। ପ୍ରଥମେ ୫.୬୫ ମିଟର, ୫.୯୦ ମିଟର ଓ ୬.୦୮ ମିଟରକୁ ଡେଇଁବା ପରେ ତାଙ୍କୁ ବିଶ୍ୱରେକର୍ଡ କରିବାକୁ ସୁଯୋଗ ଦିଆଯାଇଥିଲା। ସେ ତାଙ୍କ ପ୍ରଥମ ଆଟେମ୍ପ୍‌ଟରେ ୬.୩୧ ମିଟ୍‌ର ଉଚ୍ଚତାକୁ ଲମ୍ଫ ପ୍ରଦାନ କରି ପୁଣିଥରେ ନିଜ ବିଶ୍ୱରେକର୍ଡ ଭାଙ୍ଗିବାରେ ସମର୍ଥ ହୋଇଛନ୍ତି। ଷ୍ଟକ୍‌ହୋମ୍‌ରେ ୨୦୨୫ ଜୁନ୍ ମାସରେ ଅନୁଷ୍ଠିତ ଇଭେଣ୍ଟରେ ସେ ୬.୨୮ ମିଟର ଉଚ୍ଚତାକୁ ଡେଇଁ ସେ ତାଙ୍କ ସର୍ବଶେଷ ରେକର୍ଡ ପ୍ରତିଷ୍ଠା କରିଥିଲେ। ଏହା ମୋ ହୋମ୍‌ଟାଉନ୍। ମୋତେ ସବୁଠାରୁ ଅଧିକ ସମର୍ଥନ ଏଠାରେ ମିଳିଥାଏ। ଏଣୁ ସର୍ବାଧିକ ସଫଳତା ପାଇବା ମୋ ଲାଗି ସହଜ ହୋଇଥାଏ। ଘରୋଇ ମାଟିରେ ସେ ଦ୍ୱିତୀୟଥର ବିଶ୍ୱରେକର୍ଡ କରିଛନ୍ତି।

## ଏଆଇଏଫ୍ଏଫ୍‌ର ପୂର୍ବତନ ସମ୍ପାଦକ କୁଶାଲଙ୍କ ପରଲୋକ



ପଣଜୀ,୧୩।୩(ଏଜେନ୍ସି): ଦୀର୍ଘ ୧୨ ବର୍ଷଧରି ସର୍ବଭାରତୀୟ ଫୁଟବଲ ମହାସଂଘର ସମ୍ପାଦକ ରହିଥିବା କୁଶାଲ ଦାସଙ୍କର ଆଜି ୬୬ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ୨୦୧୦ରୁ ୨୦୨୨ ଯାଏ ଏହି ପଦବୀରେ ରହିଥିଲେ। ତାଙ୍କ ସମୟରେ ଭାରତରେ ଫିଫା ୧୭ ବର୍ଷରୁ କମ୍ ଫୁଟବଲ ପ୍ରତିଯୋଗିତା ୨୦୧୭ରେ ଆୟୋଜିତ ହୋଇଥିଲା। ଏହି ବର୍ଷ ମଧ୍ୟ ଭାରତରେ ପ୍ରଥମ ମହିଳା ଫୁଟବଲ ଲିଗ୍ ଅନୁଷ୍ଠିତ ହୋଇଥିଲା। ୨୦୨୨ରେ ଏଏଫ୍‌ସି ମହିଳା ଏସିଆ କପ୍ ଆୟୋଜିତ ହେବା ପରେ କୁଶାଲ ଦାସ ଦାୟିତ୍ୱରୁ ଅପସରି ଯାଇଥିଲେ। ତାଙ୍କ ବିୟୋଗରେ ଏଆଇଏଫ୍ଏଫ୍ ସଭାପତି କଲ୍ୟାଣ ଚୌବେ, ଡେପୁଟି ସେକ୍ରେଟାରୀ ଜେନେରାଲ ଏମ୍ ସତ୍ୟନାରାୟଣ ପ୍ରମୁଖ ଦୁଃଖ ପ୍ରକାଶ କରିଛନ୍ତି। ପେସାରେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଭାବେ ଜୀବନ ଆରମ୍ଭ କରିଥିବା କୁଶାଲ ଦୁବାଇରେ ଆଇସିସିର ଚିଫ୍ ଫାଇନାନ୍‌ସିଆଲ ଅଫିସର ରହିବା ସହ ଅନେକ ଅନ୍ତର୍ଜାତୀୟ ସଂଗଠନରେ କାମ କରିଥିଲେ।

ମହିଳା ବିଶ୍ୱକପ୍ ହକି ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ

## ଭାରତ-ଇଂଲଣ୍ଡ ଫାଇନାଲରେ ମୁକାବିଲା




ହାଇଦ୍ରାବାଦ୍,୧୩।୩(ଏଜେନ୍ସି): ଭାରତ ଓ ଇଂଲଣ୍ଡ ମଧ୍ୟରେ ଏଠାରେ ଚାଲିଥିବା ମହିଳା ବିଶ୍ୱକପ୍ ହକି ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ହେବ। ଆଜି ଖେଳାଯାଇଥିବା ସେମିଫାଇନାଲରେ ଇଟାଲୀକୁ ୧-୦ ଗୋଲରେ ପରାସ୍ତ କରି ଭାରତ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ପୂର୍ବରୁ ସ୍କଟଲାଣ୍ଡକୁ ହରାଇ ଇଂଲଣ୍ଡ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଭାରତ ଓ ଇଂଲଣ୍ଡ ଫାଇନାଲ ମୁକାବିଲା ଆସନ୍ତାକାଲି ଅନୁଷ୍ଠିତ ହେବ। ଦ୍ୱିତୀୟ ସେମିଫାଇନାଲର ପ୍ରଥମାର୍ଦ୍ଧ ଖେଳ ଶେଷସୁଦ୍ଧା କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ତୃତୀୟ କ୍ୱାର୍ଟରରେ ମନୀଷା ଚୋହାନ ଗୋଲ ସ୍କୋର କରି ଭାରତକୁ ଅଗ୍ରଣୀ କରାଇଥିଲେ। ପୂର୍ବରୁ ଭାରତ ଓ ସ୍କଟଲାଣ୍ଡ ଗୋଟିଏ ଗ୍ରୁପ୍‌ରେ ସମାନ ୭ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ଗ୍ରୁପ୍‌ରେ ପ୍ରଥମ ସ୍ଥାନ ଅଧିକାର କରି ଭାରତ ଫାଇନାଲ ପୂର୍ବରୁ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିସାରିଛି।

ଇଣ୍ଡିଆନ୍ ୱେଲ୍ସ ଓପନ

## ସେମିରେ ୟୁକି ଭାମ୍ବ୍ରୀ

ଇଣ୍ଡିଆନ୍ ୱେଲ୍ସ,୧୩।୩(ଏଜେନ୍ସି): ଭାରତର ୟୁକି ଭାମ୍ବ୍ରୀ ଓ ସ୍ୱିଡେନର ଆନ୍ଦ୍ରେ ଗୋରାନସନ ଏଠାରେ ଚାଲିଥିବା ଇଣ୍ଡିଆନ ୱେଲ୍ସ ଓପନ ପୁରୁଷ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଭାମ୍ବ୍ରୀ-ଗୋରାନସନଙ୍କ ଯୋଡି ୬-୩, ୭-୬ରେ ଆଲେକଜାଣ୍ଡର ଏରଲର ଓ ଆନ୍ଦ୍ରିଆ ଭାଭାସୋରୀଙ୍କ ଯୋଡିକୁ ହରାଇ ପ୍ରଥମଥର କୌଣସି ଏକ ଏଟିପି ମାଷ୍ଟର୍ସ-୧୦୦୦ ଟେନିସ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗତବର୍ଷ ଏହି ଟୁର୍ଣ୍ଣାମେଣ୍ଟ ସହ ଦୁଇଥର ସେ ଏଟିପି ମାଷ୍ଟର୍ସ-୧୦୦୦ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। କିନ୍ତୁ ସେମିଫାଇନାଲରେ ସେ ତାଙ୍କ କ୍ୟାରିୟରରେ ପ୍ରଥମଥର ପ୍ରବେଶ କରିଛନ୍ତି। ସେହିପରି ମହିଳା ଏକକରେ ଇଗା ସ୍ୱିଆଟେକଙ୍କୁ ପରାସ୍ତ କରି ଏଲିନା ଭିଟୋଲିନା ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱର ନଂ-୧ ଖେଳାଳି ଆରିନା ସାବାଲେଙ୍କା ମଧ୍ୟ ସେମିକୁ ଉଠିଛନ୍ତି। ପୁରୁଷ ବିଭାଗରେ ଜାନିକ ସିନର, ଆଲେକ୍‌ଜାଣ୍ଡର ଜ୍ୱେରେଭ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି।

## ବିଳାସ ରାଉତରାୟ ରାଜ୍ୟସ୍ତରୀୟ ଫୁଟବଲ ଉଦ୍‌ଯାପିତ



ଭୁବନେଶ୍ୱର,୧୩।୩(ସମିସ): ଏଠାରେ ଚାଲିଥିବା ରାଜ୍ୟସ୍ତରୀୟ ବିଳାସ ରାଉତରାୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କଟକର ପ୍ରତାପ କ୍ଲବ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଫାଇନାଲରେ ପ୍ରତାପ କ୍ଲବ୍ ସହ ଜଟଣୀର ଫ୍ରେଣ୍ଡସ ପାରାଡାଇଜ୍ ନିର୍ଦ୍ଧାରିତ ସମୟ ଖେଳରେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ସମାନ ସ୍ତରରେ ରହିଥିଲେ। କିନ୍ତୁ ଟାଇବ୍ରେକରରେ ସମାନ ସ୍ତରରେ ରହିବା ପରେ ସଡନଡେଥ୍‌ରେ ପ୍ରତାପ କ୍ଲବ୍ ୭-୬ ଗୋଲରେ ୟୁନାଇଟେଡ୍ ପାରାଡାଇଜ୍‌କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଖେଳ ଶେଷରେ ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି, ରଞ୍ଜିତ ମହାପାତ୍ର ଓ ବିଳାସ ରାଉତରାୟ ଫାଉଣ୍ଡେସନର ଅଧ୍ୟକ୍ଷ ବସନ୍ତ ରାଉତରାୟ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିଅନ କଟକ ଦଳକୁ ଟ୍ରଫି ସହ ୨୦,୦୦୦ ଟଙ୍କା ଓ ରନର୍ସ ଅପ୍ ଜଟଣୀ ଦଳକୁ କପ୍ ସହ ୧୫,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ପୂର୍ବରୁ ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ କଟକର ଦଳ ୪-୩ ଗୋଲରେ ଜାରକା ୟୁନାଇଟେଡ୍ କ୍ଲବ୍‌କୁ ଓ ଜଟଣୀ ଦଳ ୟୁନାଇଟେଡ୍ କ୍ଲବ୍, ଗଣ୍ଡରପୁରକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ।

ପ୍ରଶାନ୍ତ ମହାପାତ୍ର-ଶୁଭାଶିଷ ଭୂୟାଁ ସ୍ମାରକୀ କ୍ରିକେଟ

## ବିଶ୍ୱଭୂଷଣଙ୍କ ଶତକରେ କିଶୋର ସ୍ପୋର୍ଟିଂ ବିଜୟୀ




ଭୁବନେଶ୍ୱର,୧୩।୩(ସମିସ)

ସ୍ଥାନୀୟ ବିଜେବି କଲେଜ ଗ୍ରାଉଣ୍ଡରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆରମ୍ଭ ହୋଇଛି ପ୍ରଶାନ୍ତ ମହାପାତ୍ର ଓ ଶୁଭାଶିଷ ଭୂୟାଁ ସ୍ମାରକୀ ଖୀମ୍‌ଜୀ କପ୍ ମୁକ୍ତେଶ୍ୱର ସିନିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଶୁକ୍ରବାର ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ୍‌ରେ କିଶୋର ସ୍ପୋର୍ଟିଂ ୪୮ ରନରେ କଟକର ନିମପୁର ସ୍ପୋର୍ଟିଂକୁ ପରାସ୍ତ କରି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି କିଶୋର ପ୍ରଥମେ ବ୍ୟାଟିଂ କରି ୩୯.୩ ଓଭରରେ ୨୮୧ ରନକରି ଅଲଆଉଟ ହୋଇଥିଲା। ଜବାବରେ ନିମପୁର ସ୍ପୋର୍ଟିଂ ୩୫.୧ ଓଭରରେ ୨୩୩ ରନ କରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ନିମପୁର ତରଫରୁ ଅଧିନାୟକ ଆନନ୍ଦ କୁମାର ସର୍ବାଧିକ ୬୨, ପ୍ରବୀଣ ଯାଦବ ୫୪ ରନ ସଂଗ୍ରହ କରି ଆଉଟ ହୋଇଥିବା ବେଳେ କିଶୋର ତରଫରୁ ଆର ଦେବା ସର୍ବାଧିକ ୩, ବି ଶିବା ଓ ବିଶ୍ୱଭୂଷଣ ବିହାରୀ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା କିଶୋର ତରଫରୁ ବିଶ୍ୱଭୂଷଣ ବିହାରୀ ସର୍ବାଧିକ ୧୦୩ ରନର ଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆକ୍ରମ ୪୪, ନରସିଂହ ତ୍ରିପାଠୀ ୩୩, ଦୁର୍ଗା ପି ବେହେରା ୩୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ନିମ୍‌ପୁର ତରଫରୁ ଅଙ୍କିତ କେ ବେହେରା ସର୍ବାଧିକ ୪, ଆନନ୍ଦ କୁମରୀ ଓ ପ୍ରବୀଣ ଯାଦବ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଶତକ ହାସଲ କରିବା ସହ ମୂଲ୍ୟବାନ ଦୁଇ ୱିକେଟ ଅକ୍ତିଆର କରିଥିବା ବିଶ୍ୱଭୂଷଣ ବିହାରୀ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରାଜ୍ୟ ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା ମୁଖ୍ୟ ଅତିଥି ଏବଂ ଖିମଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମଜୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଜଗନ୍ନାଥ ପ୍ରଧାନ, ଅମରେଶ ଜେନା, ଭୁବନେଶ୍ୱର ଆଥଲେଟିକ ଆସୋସିଏସନ ସମ୍ପାଦକ ସୌର୍ଯ୍ୟ ରଞ୍ଜନ ପରିଡ଼ା, ପ୍ରତାପ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମୁକ୍ତେଶ୍ୱର କ୍ଲବ ସଭାପତି ତଥା ଏକାମ୍ର ବିଧାୟକ ବାବୁ ସିଂ, କାର୍ଯ୍ୟକାରୀ ସଭାପତି ଗୁରଜିତ ସିଂ ଚୋହାନ, ସମ୍ପାଦକ ଗୌର ପ୍ରସାଦ ନନ୍ଦ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୨.୨୦ ● ପାଉଣ୍ଡ ୧୨୩.୨୦
- ୟୁରୋ ୧୦୬.୨୫ ● ୟେନ୍ ୦.୫୮

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୪୭,୯୩୦ (ନୂଆଦିଲ୍ଲୀ)
- ରୁପା : ୨,୬୬,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୪,୫୬୩.୦୦
- ନିଫ୍ଟି ୨୩,୧୫୧.୦୦

## ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଟଳିବ ତୈଳ ସଙ୍କଟ !

## ରୁଷ ତେଲ କିଣିବାକୁ ସବୁ ଦେଶଙ୍କୁ ଟ୍ରମ୍ପଙ୍କ ଅନୁମତି

ୱାଶିଂଟନ୍,୧୩।୩(ଏଜେନ୍ସି): ଇରାନ ସହିତ ଆମେରିକା-ଇସ୍ରାଏଲ ଯୁଦ୍ଧ ଯୋଗୁଁ ସାରା ବିଶ୍ୱରେ ଅଶୋଧିତ ତୈଳ ମୂଲ୍ୟ ୧୦୦ ଡଲାର ଉପରେ ବୃଦ୍ଧି ପାଇଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଟ୍ରମ୍ପ୍ ପ୍ରଶାସନ ଅସ୍ଥାୟୀ ଭାବରେ ଅନ୍ୟ ଦେଶମାନଙ୍କୁ ରୁଷରୁ ତେଲ କିଣିବାକୁ ଅନୁମତି ଦେଇଛି।ବର୍ତ୍ତମାନ

### ୩୦ ଦିନର ଛାଡ ପ୍ରଦାନ କଲା ୱାଶିଂଟନ୍

### ଇରାନ୍‌ର ଚେତାବନୀ କ୍ରୁଡ୍ ୨୦୦ ଡଲାର ଟପିବ

ପରିସ୍ଥିତିରେ ଅନେକ ରୁଷୀୟ ତୈଳ ଟ୍ୟାଙ୍କର ସମୁଦ୍ରରେ ଫସି ରହିଛି। ପୂର୍ବରୁ ଆମେରିକା ଭାରତ ଉପରେ ରୁଷରୁ ଅଶୋଧିତ ତୈଳ କିଣିବା ପାଇଁ କଟକଣାକୁ କୋହଳ କରିବାକୁ ପ୍ରସ୍ତାବ ଦେଇଥିଲା। ତଥାପି, ଭାରତୀୟ ଅଧିକାରୀମାନେ କହିଛନ୍ତି ଯେ ଭାରତ କୌଣସି ଦେଶର ତେଲ କିଣିବା ଉପରେ ନିର୍ଭରଶୀଳ ନୁହେଁ। ଇରାନ ଚେତାବନୀ ଦେଇଛି ଯେ ଅଶୋଧିତ ତୈଳ ମୂଲ୍ୟ ୨୦୦ ଡଲାର ପହଞ୍ଚିପାରେ।

ଆମେରିକୀୟ ଟ୍ରେଜେରୀ ବିଭାଗ ଗୁରୁବାର ଏକ ଲାଇସେନ୍ସ ଜାରି କରିଛି। ଏହା ଅଧୀନରେ, ମାର୍ଚ୍ଚ ୧୨ ପୂର୍ବରୁ ଜାହାଜରେ ଲୋଡ୍ ହୋଇଥିବା ରୁଷୀୟ ଅଶୋଧିତ ତୈଳ ଏବଂ ପେଟ୍ରୋଲିୟମ୍ ଉତ୍ପାଦଗୁଡ଼ିକୁ ବିତରଣ ଏବଂ ବିକ୍ରି କରାଯାଇପାରିବ। ଏହି ଛାଡ କେବଳ ଏପ୍ରିଲ ୧୧ ତାରିଖ ପର୍ଯ୍ୟନ୍ତ ବୈଧ। ଆମେରିକୀୟ ଟ୍ରେଜେରୀ ସଚିବ ସ୍କଟ୍ ବେସାଣ୍ଟ କହିଛନ୍ତି ଯେ ବୃଦ୍ଧି ପାଉଥିବା ମୂଲ୍ୟକୁ ରୋକିବା ପାଇଁ ବିଶ୍ୱ ତୈଳ ଯୋଗାଣ ବୃଦ୍ଧି କରିବା ଏହାର ଉଦ୍ଦେଶ୍ୟ। ଆମେରିକୀୟ ଅର୍ଥ ସଚିବ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି ଯେ ରାଷ୍ଟ୍ରପତି ଟ୍ରମ୍ପ୍ ବିଶ୍ୱ ଶକ୍ତି ବଜାରରେ ସ୍ଥିରତା ଆଣିବାକୁ ଚାହୁଁଛନ୍ତି। ସେ କହିଛନ୍ତି ଯେ ଏହା ଏକ କ୍ଷଣସ୍ଥାୟୀ ନିଷ୍ପତ୍ତି ଏବଂ ରୁଷକୁ କୌଣସି ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଲାଭ ପ୍ରଦାନ କରିବନାହିଁ। ବେସାଣ୍ଟଙ୍କ ଅନୁଯାୟୀ, ରୁଷର ରାଜସ୍ୱର ଏକ ବଡ଼ ଅଂଶ ତୈଳ ନିଷ୍କାସନ ସମୟରେ ଆଦାୟ କରାଯାଉଥିବା ଟିକସରୁ ଆସିଥାଏ, ଯେତେବେଳେ କି ଏହି ଛାଡ଼ କେବଳ ପରିବହନରେ ଥିବା ତେଲ ପାଇଁ ପ୍ରଯୁଜ୍ୟ।



### କାହିଁକି ମନ ବଦଳାଇଲା ଆମେରିକା

ଇରାନ ଏବଂ ଆମେରିକା-ଇସ୍ରାଏଲ ମଧ୍ୟରେ ଯୁଦ୍ଧ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତୈଳ ପଥ ହରମୁଜ୍ ପ୍ରଣାଳୀ ଦେଇ ଯୋଗାଣ ବାଧାପ୍ରାପ୍ତ କରିଛି। ବିଶ୍ୱର ପ୍ରାୟ ୨୦% ତେଲ ଏହି ପଥ ଦେଇ ଗତି କରେ। ଭାରତ ଭଳି ଦେଶ ଏହି ପଥ ଦେଇ ସେମାନଙ୍କର ତେଲ ଆବଶ୍ୟକତାର ପ୍ରାୟ ଅଧା ତେଲ ଆମଦାନୀ କରିଥାଏ। ସାମ୍ପ୍ରତିକ ସମୟରେ ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୧୨୦ ଡଲାର ପାଖାପାଖି ପହଞ୍ଚିଛି। ଇରାନ ଚେତାବନୀ ଦେଇଛି ଯେ ମୂଲ୍ୟ ୨୦୦ ଡଲାର ପହଞ୍ଚିପାରେ। ଏପରି ପରିସ୍ଥିତିରେ, ବଜାରରେ ରୁଷୀୟ ତୈଳର ଆଗମନ ଯୋଗାଣ ବୃଦ୍ଧି କରିବ, ଯାହା ଫଳରେ ମୂଲ୍ୟ ହ୍ରାସ ପାଇବ। ଯେତେବେଳେ ରୁଷ ଫେବୃଆରୀ ୨୦୨୨ରେ ୟୁକ୍ରେନ ଉପରେ ଆକ୍ରମଣ କରିଥିଲା, ପାଶ୍ଚାତ୍ୟ ଦେଶମାନେ ବିଶ୍ୱାସ କରିଥିଲେ ଯେ ରୁଷ ତୈଳ ଏବଂ ଗ୍ୟାସ ବିକ୍ରି କରି ଯୁଦ୍ଧକୁ ପାଣ୍ଠି ଯୋଗାଉଛି। ଏହି ପାଣ୍ଠିକୁ ବନ୍ଦ କରିବା ପାଇଁ ଆମେରିକା ଏବଂ ୟୁରୋପ ରୁଷଠାରୁ ତୈଳ କ୍ରୟ ଉପରେ କଟକଣା ଲଗାଇବା ଆରମ୍ଭ କରିଥିଲେ।

## ଏଲ୍‌ପିଜି ସଙ୍କଟରେ ସ୍ୱିଗୀ ଜୋମାଟୋର ଅର୍ଡର କମିଲା

ନୂଆଦିଲ୍ଲୀ,୧୩।୩(ଏଜେନ୍ସି): ଇରାନ-ଆମେରିକା ଯୁଦ୍ଧ ମଧ୍ୟରେ ଭାରତରେ ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ଅଭାବ ଖାଦ୍ୟ ଶିଳ୍ପକୁ ମଧ୍ୟ ପ୍ରଭାବିତ କରୁଛି। ଦେଶର ଅନେକ ସହରରେ ରେସ୍ତୋରାଁ ଏବଂ କ୍ଲାଉଡ୍ କିଚେନ୍ ଗ୍ୟାସ୍ ଅଭାବର ସମ୍ମୁଖୀନ ହେଉଛନ୍ତି। ପରିସ୍ଥିତି ଏମିତି ହୋଇଛି ଯେ, ସ୍ୱିଗି ଏବଂ ଜୋମାଟୋ ଭଳି ଖାଦ୍ୟ ଡେଲିଭରି ପ୍ଲାଟଫର୍ମରେ ଅର୍ଡର ହଠାତ୍ ହ୍ରାସ ପାଇଛି। ଗିଗ୍ କର୍ମଚାରୀମାନେ ରିପୋର୍ଟ କରିଛନ୍ତି ଯେ ରେସ୍ତୋରା ମେନୁ ସଙ୍କୁଚିତ ହୋଇଯାଇଥିବା କିମ୍ବା ରେସ୍ତୋରାଁ ବନ୍ଦ ହୋଇଯାଇଥିବାରୁ ଦୈନିକ ଅର୍ଡର ୩୦ରୁ ୫-୧୦ କୁ ହ୍ରାସ ପାଇଛି। ରୁଟି, ଦୋସା ଏବଂ ପୁରୀ ଭଳି ଗ୍ୟାସ-ସଘନ ଖାଦ୍ୟ ମେନୁରୁ ହଟାଇ ଦିଆଯାଇଛି, ଯାହା ଲୋକଙ୍କୁ ସେମାନଙ୍କର ପ୍ରିୟ ଖାଦ୍ୟ ଅର୍ଡର କରିବାରୁ ବାରଣ କରୁଛି। ଗିଗ୍ ଏବଂ ପ୍ଲାଟଫର୍ମ ସେବା କର୍ମଚାରୀ ସଂଘ କହିଛି ଯେ ଜୋମାଟୋ ଏବଂ ସ୍ୱିଗି ଭଳି ପ୍ଲାଟଫର୍ମରେ ୫୦-୬୦% ଖାଦ୍ୟ ଡେଲିଭରି ଅର୍ଡର ବାତିଲ କରାଯାଉଛି। ଅନେକ ଡେଲିଭରି ପାର୍ଟନର ଯେଉଁମାନେ ପୂର୍ବରୁ ଏକାଧିକ ଡେଲିଭରି କରି ବହୁତ ରୋଜଗାର କରୁଥିଲେ, ସେମାନେ ଏବେ ଦିନକୁ କେବଳ ୪-୫ଟି ଖାଦ୍ୟ ଡେଲିଭରି କରୁଛନ୍ତି, ଯାହା ସେମାନଙ୍କୁ ଆର୍ଥିକ ସମସ୍ୟାର ସମ୍ମୁଖୀନ କରାଉଛି। ଏହାକୁ ଦୃଷ୍ଟିରେ ରଖି ସଂଘ ସରକାରଙ୍କ ସମ୍ମୁଖରେ ପ୍ରଭାବିତ ଗିଗ୍ କର୍ମଚାରୀଙ୍କୁ ତୁରନ୍ତ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି କରିଛି।

**ମେନୁରୁ ହଟିଲା ରୁଟି, ଦୋସା, ପୁରୀ**

## ତୈଳ ସର୍‌ଚାର୍ଜ ଲଗାଇ ଭଡ଼ା ବଢ଼ାଇଲା ଇଣ୍ଡିଗୋ

ନୂଆଦିଲ୍ଲୀ,୧୩।୩(ଏଜେନ୍ସି): ଇରାନ୍ ଯୁଦ୍ଧ ପ୍ରଭାବରେ ଦେଶରେ ଶକ୍ତି ସଙ୍କଟ ମଧ୍ୟରେ ଏୟାର ଇଣ୍ଡିଆ ପରେ ଇଣ୍ଡିଗୋ ଏୟାର ଲାଇନ୍ସ ଏହାର ଯାତ୍ରୀ ଭଡ଼ାରେ ବୃଦ୍ଧି ଘଟାଇଛି।ବିମାନ କମ୍ପାନୀ ଏହାର ସମସ୍ତ ଘରୋଇ ଏବଂ ଅନ୍ତର୍ଜାତୀୟ ବିମାନ ଯାତ୍ରାରେ ଇନ୍ଧନ ସରଚାର୍ଜ ଲାଗୁ କରିବ। ବିମାନ ଟର୍ବାଇନ୍ ଇନ୍ଧନ (ଏଟିଏଫ୍) ର ମୂଲ୍ୟ ବୃଦ୍ଧି ଯୋଗୁଁ ବିମାନ କମ୍ପାନୀ ଘରୋଇ ଉଡ଼ାଣରେ ୪୨୫ ଟଙ୍କା ଏବଂ ଅନ୍ତର୍ଜାତୀୟ ଉଡ଼ାଣରେ ଯାତ୍ରୀଙ୍କଠାରୁ ରେ ୨୩୦୦ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଶୁଳ୍କ ଅସୁଲ କରିବ। ଏୟାରଲାଇନ୍ସ କହିଛି ଯେ ଇରାନ ଏବଂ ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ଜେଟ୍ ଇନ୍ଧନର ମୂଲ୍ୟ ୮୫% ବୃଦ୍ଧି ପାଇଛି। ଫଳସ୍ୱରୂପ, ଘରୋଇ ଏବଂ ଅନ୍ତର୍ଜାତୀୟ ବିମାନ ଟିକଟରେ ୪୨୫ ଟଙ୍କା ରୁ ୨୩୦୦ ଟଙ୍କା ପର୍ଯ୍ୟନ୍ତ ସରଚାର୍ଜ ଲାଗୁ ହେବ। ନୂତନ ଟିକଟ ମୂଲ୍ୟ ଶୁକ୍ରବାର ମଧ୍ୟରାତ୍ରରୁ କାର୍ଯ୍ୟକାରୀ ହେବ।



**ଘରୋଇ ଉଡ଼ାଣ ୪୨୫ ଟଙ୍କା, ଅନ୍ତର୍ଜାତୀୟରେ ୨୩୦୦ ଟଙ୍କା ମହଙ୍ଗା**

## ଆସୋଚାମ୍ ଇଣ୍ଡିଆ ମାଇନ୍ସ ଆଣ୍ଡ ମିନେରାଲ୍ସ କନକ୍ଲେଭ୍ ୨୦୨୬





ଭୁବନେଶ୍ୱର,୧୩।୩(ସମିସ): ଭାରତୀୟ ବାଣିଜ୍ୟ ଏବଂ ଶିଳ୍ପ ସଂଘ (ଆସୋଚାମ୍) ପକ୍ଷରୁ ଇଣ୍ଡିଆ ମାଇନ୍ସ ଆଣ୍ଡ ମିନେରାଲ୍ସ କନକ୍ଲେଭ୍ ୨୦୨୬ ଅନୁଷ୍ଠିତ ହୋଇଯାଇଛି। ନୀତି ସଂସ୍କାର, ସ୍ଥାୟୀତ୍ୱ ଏବଂ ରଣନୈତିକ ସୁରକ୍ଷା ମାଧ୍ୟମରେ ରୂପାନ୍ତରକୁ ଆକାର ଦେବା' ବିଷୟବସ୍ତୁ ଉପରେ ଆଧାରିତ ଏହି କନକ୍ଲେଭରେ ଭାରତର ଖଣି ଏବଂ ଖଣିଜ କ୍ଷେତ୍ରର ଭବିଷ୍ୟତ ଉପରେ ବିଚାର ବିମର୍ଶ କରିବା ପାଇଁ ନୀତି ନିର୍ଦ୍ଧାରକ, ଶିଳ୍ପ ନେତା, ନିୟାମକ ଏବଂ ପ୍ରଯୁକ୍ତିବିଦ୍ୟା ଉଦ୍ଭାବକମାନେ ଏକତ୍ରୀତ ହୋଇଛନ୍ତି। କନକ୍ଲେଭରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତୀୟ ଖଣି ବ୍ୟୁରୋର ଆଞ୍ଚଳିକ ଖଣି ନିୟନ୍ତ୍ରକ ଅରୁଣ କୁମାର କହିଛନ୍ତି ଯେ ଭାରତର ୫ ଟ୍ରିଲିୟନ ଡଲାର ଅର୍ଥନୀତି ହେବାର ଆକାଂକ୍ଷା ଖଣିଜ ପଦାର୍ଥର ଚାହିଦାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ, ବିଶେଷକରି ସ୍ୱଚ୍ଛ ଶକ୍ତି ଏବଂ ଶିଳ୍ପ ଅଭିବୃଦ୍ଧି ପାଇଁ ଆବଶ୍ୟକ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ। ସେ ଉଲ୍ଲେଖ କରିଛନ୍ତି ଯେ ସରକାର ଖଣି କ୍ଷେତ୍ରରେ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଅନେକ ସଂସ୍କାର ଗ୍ରହଣ କରିଛନ୍ତି, ଯାହା ନିୟମାବଳୀରୁ ସୁବିଧାକରଣକୁ ସ୍ପଷ୍ଟ ପରିବର୍ତ୍ତନକୁ ଚିହ୍ନିତ କରୁଛି। ଏଥିରେ ଆସୋଚାମ ଓଡ଼ିଶା ରାଜ୍ୟ ବିକାଶ ପରିଷଦର ସହାଧ୍ୟକ୍ଷ ଏବଂ ଏସଏନଏମ ଗ୍ରୁପ୍‌ର ଅଧ୍ୟକ୍ଷ ପ୍ରବୋଧ ମହାନ୍ତି, ଆସୋଚାମ ଓଡ଼ିଶା ରାଜ୍ୟ ଖଣି ଏବଂ ଖଣିଜ ପଦାର୍ଥ ବିକାଶ ପରିଷଦର ସଦସ୍ୟ ଏବଂ ଜେଏସଡବ୍ଲୁ ଷ୍ଟିଲର ବ୍ୟବସାୟ ମୁଖ୍ୟ (ଓଡ଼ିଶା ବ୍ୟବସାୟ) ପ୍ରସନ୍ନ କୁମାର ପଣ୍ଡା, ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର(ଜେଏସପି)ର ଖଣିଜ ନିଲାମ, ରଣନୀତି, ମିଶ୍ରଣ ଏବଂ ଅଧିଗ୍ରହଣ ମୁଖ୍ୟ ମନୀଷ ସିଙ୍ଗଲା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରସ୍ତାବିତ ଆଇପିଓ ପାଇଁ ମଧ୍ୟସ୍ଥି ଚୟନ ପ୍ରକ୍ରିୟା ଶେଷ କଲା ଏନ୍‌ଏସ୍‌ଇ

ମୁମ୍ବଇ,୧୩।୩: ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ (ଏନଏସଇ) ଏହାର ପ୍ରସ୍ତାବିତ ଇନିସିଆଲ ପବ୍ଲିକ ଅଫରିଙ୍ଗ (ଆଇପିଓ) ପାଇଁ ମର୍ଚ୍ଚାଂଟ ବ୍ୟାଙ୍କର, ଲ' ଫାର୍ମ ଓ ଅନ୍ୟ ମଧ୍ୟସ୍ଥିମାନଙ୍କ ଚୟନ ପ୍ରକ୍ରିୟା ଆଜି ଶେଷ କରିଛି। ଏହି ଚୟନ ପ୍ରକ୍ରିୟା ଏନଏସଇର ଆଇପିଓ କମିଟି ଦ୍ୱାରା ଅନୁମୋଦିତ ଢାଂଚା ଓ ମୂଲ୍ୟାୟନ ପଦ୍ଧତି ଅନୁଯାୟୀ କାର୍ଯ୍ୟକାରୀ ହୋଇଥିଲା ଏବଂ ଏହାକୁ ଏକ ସଂଗଠିତ, ସ୍ୱଚ୍ଛ ଓ ପ୍ରତିଯୋଗିତାମୂଳକ ପ୍ରକ୍ରିୟା ମାଧ୍ୟମରେ ପରିଚାଳନା କରାଯାଇଛି। ଏହି ପ୍ରକ୍ରିୟାରେ ୨୦ଟି ମର୍ଚ୍ଚାଣ୍ଟ ବ୍ୟାଙ୍କର ଯେପରିକି କୋଟାକ ମହିନ୍ଦ୍ରା କ୍ୟାପିଟାଲ କମ୍ପାନୀ ଲିମିଟେଡ, ଜେଏମ ଫାଇନାନ୍ସିଆଲ ଲିମିଟେଡ, ଆକ୍ସିସ କ୍ୟାପିଟାଲ ଲିମିଟେଡ, ଆଇଆଇଏଫଏଲ କ୍ୟାପିଟାଲ ସର୍ଭିସେସ ଲିମିଟେଡ, ଓସୱାଲ ଇନଭେଷ୍ଟମେଂଟ ଆଡ୍‌ଭାଇଜର୍ସ ଲିମିଟେଡ, ଆଇସିଆଇସିଆଇ ସିକ୍ୟୁରିଟିଜ ଲିମିଟେଡ, ଏସବିଆଇ କ୍ୟାପିଟାଲ ମାର୍କେଟ୍‌ସ ଲିମିଟେଡ, ନୁଭାମା ୱେଲ୍‌ଥ ମ୍ୟାନେଜମେଂଟ ଲିଃ, ଏଚଡିଏଫସି ବ୍ୟାଙ୍କ ଲିମିଟେଡ, ଆଭେଣ୍ଡସ କ୍ୟାପିଟାଲ ପ୍ରାଇଭେଟ ଲିମିଟେଡ, ମୋର୍‌ଗାନ ଷ୍ଟାନଲି ଇଣ୍ଡିଆ କମ୍ପାନୀ ପ୍ରାଇଭେଟ ଲିଃ, ସିଟିଗ୍ରୁପ ଗ୍ଲୋବାଲ ମାର୍କେଟ୍‌ସ ଇଣ୍ଡିଆ ପ୍ରା.ଲିଃ, ଜେ.ପି. ମୋର୍ଗାନ ଇଣ୍ଡିଆ ପ୍ରା.ଲିଃ, ଏଚଏସବିସି ସିକ୍ୟୁରିଟିଜ ଆଣ୍ଡ କ୍ୟାପିଟାଲ ମାର୍କେଟ୍‌ସ (ଇଣ୍ଡିଆ) ପ୍ରା.ଲିଃ, ଆଇଡିବିଆଇ କ୍ୟାପିଟାଲ ମାର୍କେଟ୍‌ସ ଆଣ୍ଡ ସିକ୍ୟୁରିଟିଜ ଲିମିଟେଡ, ଫାଂଟୋମାଥ୍ କ୍ୟାପିଟାଲ ଆଡ୍‌ଭାଇଜର୍ସ ପ୍ରା. ଲିଃ ଓ ଇକ୍ୱିରସ କ୍ୟାପିଟାଲ ପ୍ରା.ଲିଃ ଆଦି ଚୟନ ହୋଇଛନ୍ତି।

## ନ୍ୟାସନାଲ ଇନ୍‌ଭେଷ୍ଟର କନେକ୍ଟ- ପ୍ରୟୋଗ ୨୦୨୬

ଭୁବନେଶ୍ୱର, ୧୩।୩: ସଫ୍ଟୱେର ଟେକ୍ନୋଲୋଜି ପାର୍କ ଅଫ ଇଣ୍ଡିଆ (ଏସ୍‌ଟିପିଆଇ) ଭୁବନେଶ୍ୱର ଏବଂ ଏହାର ଏମର୍ଜିଂ ଟେକ୍ନୋଲୋଜିସ୍ (ଏମ୍‌ଟେକ୍ ସିଓଇ) କ୍ଷେତ୍ରରେ ଥିବା ସିଓଇ ନ୍ୟାସନାଲ ଇନ୍‌ଭେଷ୍ଟର କନେକ୍ଟ ପ୍ରୋଗ୍ରାମ- ପ୍ରୟୋଗ (ପିଆର୍‌ଏୱାଇଓଜି) ଆୟୋଜନ କରିଥିଲେ ଯେଉଁଥିରେ ନୀତି ନିର୍ଦ୍ଧାରକ, ଭେଞ୍ଚର କ୍ୟାପିଟାଲିଷ୍ଟ, ଆଞ୍ଜେଲ ପୁଞ୍ଜିନିବେଶକ, ଶିଳ୍ପ ଜଗତର ପ୍ରମୁଖ ବ୍ୟକ୍ତିତ୍ୱ ଏବଂ ନୂତନ ପ୍ରଯୁକ୍ତି ଷ୍ଟାର୍ଟଅପ୍‌ଗୁଡକ ଓଡ଼ିଶାରେ ନବସୃଜନ ଏବଂ ପୁଞ୍ଜିନିବେଶ ପରିବ୍ୟବସ୍ଥା ସୁଦୃଢ଼ କରିବାକୁ ଗୋଟିଏ ମଞ୍ଚରେ ଏକତ୍ରିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ରଶ୍ମିତା ପଣ୍ଡା ଏମ୍‌ଏସଏମ୍‌ଇ ବିଭାଗର (କମିଶନର-ତଥା-ଶାସନ ସଚିବ,ଏମ୍‌ଏସଏମ୍‌ଇ ବିଭାଗ) ଓ ଚେୟାରପର୍ସନ ତଥା ସିଇଓ, ଷ୍ଟାର୍ଟଅପ୍ ଓଡ଼ିଶା ଏବଂ ତାଙ୍କ ସହିତ ବରିଷ୍ଠ ସରକାରୀ ପଦାଧିକାରୀ, ପୁଞ୍ଜିନିବେଶକାରୀ, ମାର୍ଗଦର୍ଶକ, ଶିଳ୍ପ ଜଗତର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଓ ଷ୍ଟାର୍ଟଅପ୍ ପ୍ରତିଷ୍ଠାତାମାନେ ଯୋଗଦେଇଥିଲେ। ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରି ଡାଇରେକ୍ଟର, ଏସ୍‌ଟିପିଆଇ ମାନଓ ରଞ୍ଜନ ପଣ୍ଡା,ଡାଇରେକ୍ଟର, ଏସ୍‌ଟିପିଆଇ ଭୁବନେଶ୍ୱର ବୈଶ୍ୱିକ ନବସୃଜନ ଦୃଶ୍ୟପଟ୍ଟରେ ଭାରତରଉଲ୍ଲେଖନୀୟ ପ୍ରଗତି ସମ୍ପର୍କରେ ଆଲୋକପାତ କରିଥିଲେ।

## ଭୁବନେଶ୍ୱରରେ ଜିନ୍ଦଲ ପାନ୍ଥରର 'ଶାନ୍ତ ସିଟି, ସେଫ ସିଟି' ଅଭିଯାନ

SHAANT CITY
SAFE CITY
Powered by Jindal Panther
Mazboot bhi.. zimmedaar bhi

ଭୁବନେଶ୍ୱର, ୧୩।୩ (ସମିସ) : ଜିନ୍ଦଲ ପାନ୍ଥର, ଜିନ୍ଦଲ ଷ୍ଟିଲର ରିଟେଲ ବ୍ରାଣ୍ଡ ପକ୍ଷରୁ ଆଜି ଭୁବନେଶ୍ୱରରେ 'ଶାନ୍ତ ସିଟି, ସେଫ ସିଟି' ଅଭିଯାନର ଶୁଭାରମ୍ଭ କରାଯାଇଛି। ସହରର ୮୭% ବାସିନ୍ଦା ଟ୍ରାଫିକ୍ ଶବ୍ଦକୁ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ବୋଲି ମାନୁଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିବା ପରେ ଏହି ପଦକ୍ଷେପ ନିଆଯାଇଛି। ଏହି ଅଭିଯାନର ଲକ୍ଷ୍ୟ ହେଉଛି ସହରାଞ୍ଚଳର ଦୁଇଟି ପ୍ରମୁଖ ସମସ୍ୟା ଶବ୍ଦ ପ୍ରଦୁଷଣ ଏବଂ ସଡ଼କ ସୁରକ୍ଷାକୁ ମୁକାବିଲା କରିବା। ଏହି ବିଷୟରେ ଗଭୀର ଅଭିଯାନ ସମ୍ପର୍କରେ ମତବ୍ୟକ୍ତ କରି ଗୌତମ ମାଲହୋତ୍ରା, ସିଇଓ, ଜିନ୍ଦଲ ଷ୍ଟିଲ କହିଛନ୍ତି, ଭାରତୀୟ ସହର ଗୁଡ଼ିକରେ ଟ୍ରାଫିକର ଘନତ୍ୱ ବୃଦ୍ଧି ପାଇଛି, ତଥାପି ଶବ୍ଦ ପ୍ରଦୁଷଣ ସହରୀ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ପାଇଁ ଏକ ବଡ଼ ବିପଦ ହୋଇ ରହିଥିଲେ ମଧ୍ୟ ଏହା ଉପରେ ଆଲୋଚନା ଖୁବ୍ କମ୍ ହେଉଛି। 'ଶାନ୍ତ ସିଟି, ସେଫ ସିଟି' ହେଉଛି ଏହି ଆଲୋଚନାରେ ସାଧାରଣ ଜନତାଙ୍କୁ ସାମିଲ କରିବାର ଏକ ବଡ଼ ପ୍ରୟାସ।

## ଟିପିସିଓଡିଏଲ୍‌କୁ ସିଆଇଆଇ ଓଡ଼ିଶା ପୁରସ୍କାର





ଭୁବନେଶ୍ୱର,୧୩।୩(ସମିସ):ଭୁବନେଶ୍ୱରଠାରେ ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଓଡ଼ିଶା ପକ୍ଷରୁ ଆୟୋଜିତ ୩୮ତମ ରାଜ୍ୟସ୍ତରୀୟ କ୍ୟୁସି ସର୍କଲ ସମ୍ମିଳନୀ ୨୦୨୫ରେ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍)କୁ ଇଣ୍ଡଷ୍ଟ୍ରିଆଲ୍ ରିଲେସନ୍ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ' ପାଇଁ ସମ୍ମାନିତ କରାଯାଇଛି। ଭୁବନେଶ୍ୱରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ପୁରସ୍କାର ବିତରଣ ଉତ୍ସବରେ କମ୍ପାନୀକୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଶା ସରକାରଙ୍କ ଶିଳ୍ପ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସିଆଇଆଇ ଓଡ଼ିଶା ଷ୍ଟେଟ୍ କାଉନସିଲ୍‌ର ଅଧ୍ୟକ୍ଷ ଅନିଲ କୁମାର ସିଂ ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ମଧ୍ୟ ଉପସ୍ଥିତ ଥିଲେ। ଏହି ସଫଳତା ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂ କହିଛନ୍ତି ଯେ, ସିଆଇଆଇ ପକ୍ଷରୁ ମିଳିଥିବା ଏହି ସମ୍ମାନ ଟିପିସିଓଡିଏଲ୍ ପାଇଁ ଏକ ଅତ୍ୟନ୍ତ ଗର୍ବର ବିଷୟ। ସୁଦୃଢ଼ ଓ ପ୍ରଗତିଶୀଳ ଇଣ୍ଡଷ୍ଟ୍ରିଆଲ୍ ରିଲେସନ୍ ହିଁ ଏକ ସଂସ୍ଥାର ମୂଳଦୁଆ ହୋଇଥାଏ। ଆମର ଏଚଆର୍ ବିଭାଗ ଏବଂ କର୍ମଚାରୀମାନେ ପରସ୍ପର ମଧ୍ୟରେ ବିଶ୍ୱାସ ଓ ସହଯୋଗ ବଜାୟ ରଖିବା ସହ କାର୍ଯ୍ୟଧାରାରେ ନିରନ୍ତର ଉନ୍ନତି ଆଣିବା ପାଇଁ ମିଳିତ ଭାବେ କାର୍ଯ୍ୟ କରିଆସିଛନ୍ତି।

## ଗୋଲ୍ଡ ଇଟିଏଫ୍‌ରେ ନିବେଶ ୭୮% କମିଲା

### ମୂଲ୍ୟରେ ଅସ୍ଥିରତାକୁ ନେଇ ଚିନ୍ତାରେ ନିବେଶକ

ନୂଆଦିଲ୍ଲୀ,୧୩।୩(ଏଜେନ୍ସି): ଫେବୃଆରୀରେ ଗୋଲ୍ଡ ଏକ୍ସଚେଞ୍ଜ ଟ୍ରେଡେଡ୍ ଫଣ୍ଡ (ଇଟିଏଫ୍)ରେ ନିବେଶକଙ୍କ ଆଗ୍ରହ ହ୍ରାସ ପାଇଛି। ଆସୋସିଏସନ୍ ଅଫ୍ ମ୍ୟୁଚୁଆଲ୍ ଫଣ୍ଡ ଇନ୍ ଇଣ୍ଡିଆ (ଏଏମ୍‌ଏଫ୍‌ଆଇ)ର ସଦ୍ୟତମ ତଥ୍ୟ ଅନୁଯାୟୀ, ଫେବୃଆରୀରେ ଗୋଲ୍ଡ ଇଟିଏଫ୍‌ରେ ପ୍ରାୟ ୫,୨୫୫ କୋଟି ଟଙ୍କା ନିବେଶ ହୋଇଥିଲା। ଏହା ଜାନୁଆରୀ ତୁଳନାରେ ଯଥେଷ୍ଟ କମ୍, ଯେତେବେଳେ କି ଏହି ମାସରେ ଗୋଲ୍ଡ ଇଟିଏଫ୍‌ରେ ରେକର୍ଡ ୨୪,୦୩୯.୯୬ କୋଟି ଟଙ୍କା ନିବଶେ କରାଯାଇଥିଲା। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଜାନୁଆରୀରେ ବ୍ୟାପକ କିଣାବିକା ପରେ ନିବେଶକମାନେ ନିବେଶରୁ ବିରତି ନେଇଥିଲେ। ଏହା ନିବେଶରେ ହ୍ରାସ ନୁହେଁ, ବରଂ ସୁନା ମୂଲ୍ୟରେ ହ୍ରାସ ଯୋଗୁ ମୂଲ୍ୟରେ ଅସ୍ଥିରତା ନେଇ ନିବେଶକଙ୍କୁ ଚିନ୍ତାରେ ପକାଇଛି।



ବର୍ଷ ଆରମ୍ଭରେ ଅର୍ଥାତ୍ ଜାନୁଆରୀରେ ଗୋଲ୍ଡ ଇଟିଏଫ୍‌ରେ ଏକ ବଡ଼ ବୃଦ୍ଧି ଦେଖାଯାଇଥିଲା। ସେହି ସମୟରେ ସୁନାରେ ନିବେଶ ପ୍ରାୟ ଇକ୍ୱିଟି ମ୍ୟୁଚୁଆଲ୍ ଫଣ୍ଡ (ଷ୍ଟକ୍ ବଜାର-ଆଧାରିତ ପାଣ୍ଠି) ସ୍ତରରେ ପହଞ୍ଚିଥିଲା। ସାରା ବିଶ୍ୱରେ ଚାଲିଥିବା ଭୂ-ରାଜନୈତିକ ଉତ୍ତେଜନା ଏବଂ ଷ୍ଟକ୍ ବଜାରରେ ଅସ୍ଥିରତା ଯୋଗୁଁ ନିବେଶକମାନେ ସୁନାକୁ ଏକ ନିରାପଦ ଆଶ୍ରୟସ୍ଥଳ ଭାବରେ ବାଛିଥିଲେ। ବଜାର ବିଶେଷଜ୍ଞମାନେ ଫେବୃଆରୀ ମାସରେ ହ୍ରାସକୁ ଏକ ସ୍ୱାଭାବିକ ବିରତି ଭାବରେ ବିବେଚନା କରୁଛନ୍ତି। ବଜାର ବିଶେଷଜ୍ଞଙ୍କ ଅନୁଯାୟୀ, ଫେବୃଆରୀ ମାସରେ ନିବେଶ ହ୍ରାସର ମୁଖ୍ୟ କାରଣ ସ୍ଥିରତା କିମ୍ବା ସୁନା ମୂଲ୍ୟରେ ସାମାନ୍ୟ ପରିବର୍ତ୍ତନ ହୋଇପାରେ। ଯେତେବେଳେ ମୂଲ୍ୟ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଏ କିମ୍ବା ନିବେଶକମାନେ ପୂର୍ବରୁ ବହୁ ପରିମାଣର ସୁନା କିଣି ସାରିଛନ୍ତି, ସେମାନେ ନୂତନ କ୍ରୟ କରିବା ପାଇଁ ସଠିକ୍ ସୁଯୋଗକୁ ଅପେକ୍ଷା କରନ୍ତି। ଏହାବ୍ୟତୀତ, ଷ୍ଟକ୍ ବଜାରର କିଛି କ୍ଷେତ୍ରର ପୁନରୁଦ୍ଧାର ମଧ୍ୟ ନିବେଶକଙ୍କ ଧ୍ୟାନ ସୁନାରୁ ହଟାଇ ଇକ୍ୱିଟି ଆଡକୁ ଫେରାଇଆଣିଛି।

### ଗୋଲ୍ଡ ଇଟିଏଫ୍ କ'ଣ ?

ଏକ ଏକ୍ସଚେଞ୍ଜ-ଟ୍ରାଡେଡ୍ ଫଣ୍ଡ ସୁନାର ଅସ୍ଥିର ମୂଲ୍ୟ ଉପରେ ଆଧାରିତ। ଗୋଟିଏ ଗୋଲ୍ଡ ଇଟିଏଫ୍ ୟୁନିଟ୍ ୧ ଗ୍ରାମ ସୁନାକୁ ପ୍ରତିନିଧିତ୍ୱ କରେ ଏବଂ ତାହା ସମ୍ପୂର୍ଣ୍ଣ ଶୁଦ୍ଧ। ଷ୍ଟକ୍ ପରି ବିଏସ୍‌ଇ ଏବଂ ଏନ୍‌ଏସ୍‌ଇରେ ଗୋଲ୍ଡ ଇଟିଏଫ୍‌ଗୁଡ଼ିକୁ କିଣା ଏବଂ ବିକ୍ରି କରାଯାଇପାରିବ। ତଥାପି, ଆପଣ ସୁନା ପାଆନ୍ତିନାହିଁ। ଯେତେବେଳେ ଆପଣ ପ୍ରତ୍ୟାହାର କରିବାକୁ ଚାହାଁନ୍ତି, ଆପଣ ବର୍ତ୍ତମାନର ସୁନା ମୂଲ୍ୟ ସହିତ ସମାନ ଅର୍ଥ ପାଇବେ।